ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ମେ ୫/୨୦୨୬ (୧୬ ପୃଷ୍ଠା) | Bhubaneswar, Tuesday, May 5/2026 | Page 16 | ₹ 7.00 | SAMBALPUR
୫୨ଶ ଭାଗ ୧୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 159 | ମୂଲ୍ୟ ₹୭/-




**ରାଗିଗଲେ କଙ୍ଗନା**

ନିକଟରେ ରାହୁଲ ଗାନ୍ଧୀ ଓ ତାଙ୍କ ସମ୍ପର୍କରେ ଭାଇରାଲ ରିପୋର୍ଟକୁ ନେଇ କ୍ଷୁବ୍ଧ ହେବା ସହ ଏହା ଗୁଜବ ବୋଲି କହିଛନ୍ତି କଙ୍ଗନା ରାଣାଓ୍ୱତ।

୦୪

୧୬

**ପୁରନଙ୍କ ପ୍ରଭାବୀ ବ୍ୟାଟିଂ**

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ରଭାବୀ ବ୍ୟାଟିଂ କରିଛନ୍ତି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ନିକୋଲାସ ପୁରନ।



# ପଶ୍ଚିମବଙ୍ଗରେ ପଦ୍ମ

## ଦିଦି ଗଲେ ଫୁଲ ଫୁଟିଲା, ତାମିଲନାଡୁରେ ଟିଭିକେର 'ବିଜୟ', ଆସାମରେ ପୁଣି ଭାଜପା, କେରଳରେ ୟୁଡିଏଫ୍, ପଣ୍ଡିଚେରୀରେ ଏନ୍‌ଡିଏ

ନୂଆଦିଲ୍ଲୀ,୪।୫

ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ ଏବଂ କେରଳ ସହ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଦେଶବ୍ୟାପୀ ବିଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଛି। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ଅଗ୍ରସରକୁ ଭାଜପା ଗତିରୋଧ କରି ଶାସକ ଚେୟାରରେ ବସିଯାଇଛି। ୨୦୨୬ର ଏହି ନିର୍ବାଚନ ମମତା ବାନାର୍ଜୀଙ୍କୁ କ୍ଷମତାଚ୍ୟୁତ କରିବା ସହ ତାଙ୍କୁ ପରାଜିତ କରାଇଛି। ଆସାମରେ ଗୈରିକ ଦଳ ପୁନର୍ବାର କ୍ଷମତାକୁ ଫେରିଥିବା ବେଳେ ପଣ୍ଡିଚେରୀରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପୁନଶ୍ଚ ଜିତାପଟ କରିଛି। କେରଳରେ କଂଗ୍ରେସ ପରିଚାଳିତ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡିଏଫ୍) ପିନରାୟୀ ବିଜୟନଙ୍କ ଲେଫ୍ଟ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏଲ୍‌ଡିଏଫ୍)କୁ ହରାଇ ଦେଇଛି। ସଦ୍ୟ ସମାପ୍ତ ନିର୍ବାଚନରେ ସମଗ୍ର ଦେଶବାସୀଙ୍କୁ ଚକିତ କରି ସିନେ ହିରୋରୁ ରାଜନୈତିକ ଷ୍ଟାର ପାଲଟିଥିବ ବିଜୟଙ୍କ ତାମିଲାଗା ☞ପୃଷ୍ଠା–୪

| ପଶ୍ଚିମବଙ୍ଗ | |
|---|---|
| ମୋଟ ଆସନ ୨୯୪ | |
| ଭାଜପା | ୨୦୮ |
| ଟିଏମ୍‌ସି | ୭୯ |
| କଂଗ୍ରେସ | ୦୨ |
| ବାମଦଳ | ୦୨ |
| ଅନ୍ୟାନ୍ୟ | ୦୨ |



| ତାମିଲନାଡୁ | |
|---|---|
| ମୋଟ ଆସନ ୨୩୪ | |
| ଟିଭିକେ | ୧୦୭ |
| ଡିଏମ୍‌କେ+ | ୭୪ |
| ଏଆଇଏଡିଏମ୍‌କେ+ | ୫୩ |
| ଅନ୍ୟାନ୍ୟ | ୦୧ |



| କେରଳ | |
|---|---|
| ମୋଟ ଆସନ ୧୪୦ | |
| ୟୁଡିଏଫ୍ | ୮୯ |
| ଏଲ୍‌ଡିଏଫ୍ | ୩୫ |
| ଭାଜପା+ | ୦୩ |
| ଅନ୍ୟାନ୍ୟ | ୧୩ |



| ଆସାମ | |
|---|---|
| ମୋଟ ଆସନ ୧୨୬ | |
| ଭାଜପା+ | ୧୦୨ |
| କଂଗ୍ରେସ+ | ୨୧ |
| ଏଆଇୟୁଡିଏଫ୍ | ୦୨ |
| ଅନ୍ୟାନ୍ୟ | ୦୧ |



| ପଣ୍ଡିଚେରୀ | |
|---|---|
| ମୋଟ ଆସନ ୩୦ | |
| ଏନ୍‌ଆର୍‌ସି+ | ୧୮ |
| କଂଗ୍ରେସ+ | ୦୬ |
| ଟିଭିକେ+ | ୦୩ |
| ଅନ୍ୟାନ୍ୟ | ୦୩ |



ପ୍ରଦତ୍ତ ତଥ୍ୟ: ବିଜୟ ଓ ଆଗୁଆର ପରିସଂଖ୍ୟାନ

# ମମତା, ଷ୍ଟାଲିନ୍ ହାରିଲେ

## ମୁଖ୍ୟମନ୍ତ୍ରୀ ଥାଇ ବି ମିଳିଲାନି ଜନସମର୍ଥନ



ମମତା ବାନାର୍ଜୀ



ଏମ୍.କେ. ଷ୍ଟାଲିନ୍

ଭୁବନେଶ୍ୱର,୪।୫

ଭାରତୀୟ ଗଣତନ୍ତ୍ରରେ ଜନତାଙ୍କ ରାୟ ସବୁଠାରୁ ଶକ୍ତିଶାଳୀ। ଅନେକ ସମୟରେ ଶାସକମାନେ ନିଜ ଶକ୍ତି ଓ ପଦବୀ ବଳରେ ବିଜୟୀ ହେବାର ଦୃଢ଼ ବିଶ୍ୱାସ ରଖିଥାନ୍ତି, କିନ୍ତୁ ଭୋଟରମାନେ ସେମାନଙ୍କୁ ପରାଜୟର ସ୍ୱାଦ ଚଖେଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଥାଇ ନିଜ ଆସନରୁ ହାରିବା ଭଳି କିଛି ଚର୍ଚ୍ଚିତ ଘଟଣା ଘଟିଛି। ସେହି ମୁଖ୍ୟମନ୍ତ୍ରୀମାନଙ୍କ ତାଲିକାରେ ଏବେ ଯୋଡ଼ି ହୋଇଯାଇଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ସୋମବାର ଭୋଟ ଗଣତିରେ ଏହି ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଡିଏମ୍‌କେ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ଷ୍ଟାଲିନ ନିଜର ପାରମ୍ପରିକ ଗଡ଼ କୋଲାଥୁର ଆସନରୁ ପରାଜିତ ହୋଇଛନ୍ତି। ଅଭିନେତା ବିଜୟଙ୍କ ଦଳ 'ଟିଭିକେ'ର ପ୍ରାର୍ଥୀ ଭି.ଏସ୍. ବାବୁଙ୍କଠାରୁ ସେ ୧୮,୭୯୫ ଭୋଟରେ ହାରିଯାଇଛନ୍ତି। ସେହିପରି ମମତା ଭବାନୀପୁର ଆସନରୁ ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ୧୫,୧୦୫ ଭୋଟ ବ୍ୟବଧାନରେ ହାରିଯାଇଛନ୍ତି। ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

ନେତା ମତଦାତା




# ତାମିଲନାଡୁରେ ବିଜୟଙ୍କ ଅଭ୍ୟୁଦୟ



ହାଇଦ୍ରାବାଦ/ଚେନ୍ନାଇ,୪।୫(ପି.ଟି.)

ଅଭିନେତାରୁ ରାଜନେତା ହୋଇଥିବା ଜୋଶେଫ୍ ବିଜୟ ନୂଆ ଦଳ ତାମିଲାଗା ଭେଟ୍ରି କାଝାଗମ୍ (ଟିଭିକେ) ଗଠନ କରିବାର ମାତ୍ର ୨ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ତାମିଲନାଡୁ ବିଧାନସଭା ନିର୍ବାଚନ ଲଢ଼ି ବିପୁଳ ବିଜୟ ସହ ସରକାର ଗଢ଼ିବାକୁ ଯାଉଛି। ପ୍ରଥମ ପଦାର୍ପଣରେ ଟିଭିକେର ଏଭଳି ବଡ଼ ସଫଳତା ସାରା ଦେଶକୁ ବିସ୍ମିତ କରିଛି। ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକପ୍ରିୟ ତେଲୁଗୁ ନେତା ଏନ୍.ଟି. ରାମାରାଓ (ଏନ୍‌ଟିଆର୍) ଏବଂ ବିଜୟଙ୍କ ମଧ୍ୟରେ ଅନନ୍ୟ ସମାନତା ଦେଖିବାକୁ ମିଳିଛି। ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ପ୍ରତିଷ୍ଠାତା ଏନ୍‌ଟିଆର୍ ଦଳ ଗଢ଼ିବାର ୨ ବର୍ଷ ମଧ୍ୟରେ ନିର୍ବାଚନୀ ସଫଳତା ହାସଲ କରିଥିଲେ। ତାମିଲନାଡୁରେ ୧୯୭୭ରେ ଏମ୍.ଜି. ରାମଚନ୍ଦ୍ରନ୍ (ଏମ୍‌ଜିଆର୍) ରାଜନୀତିକୁ ନୂଆ ରୂପ ଦେଇଥିବାବେଳେ ୪୯ ବର୍ଷ ପରେ ବିଜୟ ରାଜ୍ୟର ପ୍ରଥମ ଅଭିନେତାରୁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଏମ୍‌ଜିଆର୍ ସିଧାସଳଖ ସିନେମା ଜଗତରୁ ଆସି ୧୯୭୭ ବିଧାନସଭା ନିର୍ବାଚନରେ ନିଜ ଦଳକୁ ବିପୁଳ ବିଜୟ ଦେବା ସହ ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ୧୯୮୭ରେ ପରଲୋକ ଘଟିବା ପର୍ଯ୍ୟନ୍ତ ୧ ଦଶନ୍ଧି ଧରି କ୍ଷମତାରେ ରହିଥିଲେ।

ତାମିଲନାଡୁରେ ମୁଖ୍ୟତଃ ୨ ଦଳ ଡିଏମ୍‌କେ ଏବଂ ଏଆଇଏଡିଏମ୍‌କେ ମଧ୍ୟରେ ଦୀର୍ଘବର୍ଷ ଧରି କ୍ଷମତା ବଦଳ ଲାଗି ରହିଥିବାବେଳେ ଏଥର ସେଥିରେ ବ୍ୟତିକ୍ରମ ଘଟିଛି। କ୍ଷମତାରେ ଥିବା ଡିଏମ୍‌କେ ଏଥର ପୁଣିଥରେ ବିଜୟୀ ହୋଇ ସରକାର ଗଢ଼ିବା ଆଶା କରାଯାଉଥିଲା। କେବଳ ଆକ୍ସିସ୍ ମାଇଁ ଇଣ୍ଡିଆକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଏକ୍‌ଜିଟ୍ ପୋଲ୍ ଡିଏମ୍‌କେ ସପକ୍ଷରେ ମତ ଦେଇଥିଲେ। ତେବେ ସବୁ କଳ୍ପନାଜଳ୍ପନାକୁ ବଦଳାଇ ଦେଇ ଲୋକପ୍ରିୟ ତାମିଲ ସୁପରଷ୍ଟାର ବିଜୟଙ୍କ ଦଳ ୯୭ ଆସନ ଜିତିବା ସହ ୧୦ଟିରେ ଆଗରେ ରହିଛି। ଡିଏମ୍‌କେ ୭୪ରେ ସୀମିତ ରହିଥିବାବେଳେ ବିରୋଧୀ ଦଳ ଏଆଇଏଡିଏମ୍‌କେ ୫୩ ଆସନରେ ଆଗରେ ରହିଛି। ଏପରିକି ମୁଖ୍ୟମନ୍ତ୍ରୀ ଥାଇ ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ନିର୍ବାଚନ ହାରିଯାଇଛନ୍ତି।

ନିର୍ବାଚନ ପୂର୍ବରୁ ଥଲପତି ବିଜୟୀ ଭୋଟରମାନଙ୍କୁ ବହୁ ବଡ଼ ପ୍ରତିଶ୍ରୁତି ଦେଇଥିଲେ, ଯାହା ତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇପାରେ ବୋଲି କୁହାଯାଉଛି। ସେ ପ୍ରତି ହିତାଧିକାରୀଙ୍କୁ ବିବାହ ବେଳେ ୧.୧୨ ଲକ୍ଷ ଟଙ୍କାର ସୁନା ଦେବେ ବୋଲି କହିବା ସହ ମହିଳାମାନଙ୍କୁ ପ୍ରତି ମାସରେ ୨,୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଟିଭିକେ କ୍ଷମତାକୁ ଆସିଲେ ପ୍ରତି ପରିବାରକୁ ବର୍ଷକୁ ୬ଟି ରନ୍ଧନ ଗ୍ୟାସ୍ ସିଲିଣ୍ଡର ମାଗଣାରେ ଯୋଗାଇଦେବେ ବୋଲି ବିଜୟ କହିଥିଲେ। ଏବେ ଟିଭିକେ ବିଧାନସଭାରେ ଏକକ ସଂଖ୍ୟାଗରିଷ୍ଠ ଦଳ ହେବା ସହ ସରକାର ଗଢ଼ିବାକୁ ଯାଉଥିବାବେଳେ, ବିଜୟ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବାରେ କେତେଦୂର ସଫଳ ହେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ। ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ସରକାର ଗଢ଼ିବା ପାଇଁ କୁହୁକ ସଂଖ୍ୟା ୧୧୮ ହୋଇଥିବାବେଳେ ଖବର ଲେଖାହେଲା ବେଳକୁ ବିଜୟଙ୍କ ଦଳ ୯୭ ଟି ଆସନ ଜିତିବା ସହ ୧୦ଟିରେ ଆଗୁଆ ରହିଛି। ସଂଖ୍ୟାଗରିଷ୍ଠତାଠାରୁ ଟିଭିକେ ଅଳ୍ପ କେତେକ ଆସନ ପଛରେ ରହିଛି। ସରକାର ଗଢ଼ିବାକୁ ହେଲେ ବିଜୟଙ୍କ ଦଳକୁ ଅନ୍ୟ ଦଳର ସହାୟତା ନେବାକୁ ପଡ଼ିବ।

# ଟିଏମ୍‌ସିର ୧୫ ବର୍ଷ ଶାସନର ଅନ୍ତ

କୋଲକାତା,୪।୫(ପି.ଟି.)

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ରାଜ୍ୟ ରାଜନୀତିରେ ବଡ଼ ପରିବର୍ତ୍ତନ ଆଣିଛି। ଏଠାରେ ଭାଜପା ବିପୁଳ ବିଜୟ ହାସଲ ସହ ପ୍ରଥମ ଥର ପାଇଁ ରାଜ୍ୟରେ ସରକାର ଗଢ଼ିବାକୁ ଯାଉଛି। ୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମ୍ୟାଜିକ୍ ସଂଖ୍ୟା ୧୪୮ ହୋଇଥିବାବେଳେ ଗୈରିକ ଦଳ ୧୯୩ ଆସନ ଜିତିବା ସହ ୧୫ଟିରେ ଆଗୁଆ ରହିଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୧୫ ବର୍ଷ ଶାସନର ଅନ୍ତ ଘଟିବାକୁ ଯାଉଛି। ଏହି ଦଳ ୬୮ଟିରେ ଜିତିବା ସହ ୧୧ଟିରେ ଆଗରେ ରହିଛି। ଏପରିକି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭବାନୀପୁର ଆସନରେ ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ହାରିଯାଇଛନ୍ତି।

ପଶ୍ଚିମବଙ୍ଗରେ ୨ ପର୍ଯ୍ୟାୟରେ ଏପ୍ରିଲ ୨୩ ଓ ୨୯ରେ ଭୋଟଗ୍ରହଣ ହୋଇଥିବାବେଳେ ସର୍ବାଧିକ ୯୨ ପ୍ରତିଶତରୁ ଅଧିକ ମତଦାନ ହୋଇଥିଲା। ରାଜ୍ୟରେ ଚତୁର୍ଥ ଥର ପାଇଁ କ୍ଷମତା ବଜାୟ ରଖିବାକୁ ଟିଏମ୍‌ସି ଲକ୍ଷ୍ୟ ରଖିଥିବାବେଳେ ବିରୋଧୀ ଦଳ ଭାଜପା ସେଠାରେ କ୍ଷମତା ଦଖଲ କରିବାକୁ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା କରୁଥିଲା। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଓ ଭାଜପାର କେନ୍ଦ୍ରୀୟ ନେତୃତ୍ୱ ପଶ୍ଚିମବଙ୍ଗରେ ମାରାଥନ ପ୍ରଚାର କରିଥିଲେ। ଅଧିକାଂଶ ଏକ୍‌ଜିଟ୍ ପୋଲ୍ ଭାଜପା ସପକ୍ଷରେ ମତ ଦେଇଥିବାବେଳେ ୨ଟି ସଂସ୍ଥା ମମତାଙ୍କ ଟିଏମ୍‌ସି ଜିତିବ ବୋଲି ପୂର୍ବାନୁମାନ କରିଥିଲେ। ତେଣୁ ମମତା କ୍ଷମତା ବଜାୟ ରଖୁଛନ୍ତି କି ନାହିଁ ତାହାକୁ ନେଇ ଶେଷ ପର୍ଯ୍ୟନ୍ତ ଲୋକଙ୍କ ମନରେ ଉତ୍କଣ୍ଠା ଲାଗିରହିଥିଲା।

୨୦୨୧ ନିର୍ବାଚନରେ ୩୮ ପ୍ରତିଶତ ଭୋଟ ସହ ଭାଜପା ୭୭ ଆସନ ଜିତିଥିବାବେଳେ ଏଥର ଭୋଟ ଶେୟାର ପ୍ରାୟ ୪୫ ପ୍ରତିଶତକୁ ବଢ଼ିଛି। ଅନ୍ୟପକ୍ଷରେ ଗତ ବିଧାନସଭା ନିର୍ବାଚନରେ ଶାସକ ଟିଏମ୍‌ସି ୪୮ ପ୍ରତିଶତ ଭୋଟ ପାଇଥିବାବେଳେ ଏଥର ତାହା ପାଖାପାଖି ୪୦.୪୯ ପ୍ରତିଶତକୁ ହ୍ରାସ ପାଇଛି। ନନ୍ଦିଗ୍ରାମ ଆସନରେ ମଧ୍ୟ ଶୁଭେନ୍ଦୁ ଅଧିକାରୀ ଟିଏମ୍‌ସିର ପବିତ୍ର କରଙ୍କଠାରୁ ୧,୫୦୦ରୁ ବିଜୟୀ ହୋଇଛନ୍ତି।



ଆସାମ ବିଧାନସଭା ନିର୍ବାଚନରେ ଭାଜପାର ବିଜୟ ପରେ ଗୁଆହାଟୀସ୍ଥିତ ଦଳର ମୁଖ୍ୟାଳୟରେ ଦଳୀୟ କର୍ମୀମାନେ ଉତ୍ସବ ମନାଉଛନ୍ତି।

# କେରଳମ୍‌ରେ କ୍ଷମତାକୁ ଫେରିଲା ୟୁଡିଏଫ୍

ଥିରୁଭାନନ୍ତପୁରମ୍,୪।୫

କେରଳମ୍ ବିଧାନସଭା ନିର୍ବାଚନରେ ବାମଦଳ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ପରାଜୟର ସମ୍ମୁଖୀନ ହୋଇଥିବାବେଳେ କଂଗ୍ରେସ ନେତୃତ୍ୱରେ ୟୁଡିଏଫ୍ କ୍ଷମତାକୁ ଫେରିବାକୁ ଯାଉଛି। ୧୪୦ ଆସନ ବିଶିଷ୍ଟ କେରଳମ୍ ବିଧାନସଭାରେ ୟୁଡିଏଫ୍ ୯୯ ଆସନ ଜିତି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିବାବେଳେ ଏଲ୍‌ଡିଏଫ୍ ୩୫ ଆସନରେ ସୀମିତ ରହିଛି। ଭାଜପା ୩ଟି ଆସନ ଜିତିଥିବାବେଳେ ଅନ୍ୟ ଦଳକୁ ୩ ଆସନ ଯାଇଛି। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ନେତୃତ୍ୱରେ ୨୦୧୬ରୁ କେରଳରେ ଏଲ୍‌ଡିଏଫ୍ ସରକାର ଶାସନରେ ରହିଥିଲା। ଏଥର ତୃତୀୟ ଥର ପାଇଁ କ୍ଷମତା ହାସଲ କରିବାକୁ ଲଢୁଥିବା ଏଲ୍‌ଡିଏଫ୍ ପରାଜିତ ହୋଇଛି। ଚଳିତ ନିର୍ବାଚନରେ କଂଗ୍ରେସ ୬୩ ଆସନ ଜିତିଥିବାବେଳେ ସିପିଆଇ(ଏମ୍) ୨୫ ଆସନ ଜିତି ଗୋଟିଏରେ ଆଗରେ ରହିଛି। ସିପିଆଇ ୭ ଆସନ ଜିତିଥିବାବେଳେ ଇଣ୍ଡିଆନ୍ ୟୁନିୟନ ମୁସ୍‌ଲିମ୍ ଲିଗ୍ (ଆଇୟୁଏମ୍‌ଏଲ୍) ୨୦ ଆସନରେ ବିଜୟୀ ହୋଇଛି। ବିଜୟନଙ୍କ କ୍ୟାବିନେଟ୍‌ର ୨୧ ମନ୍ତ୍ରୀଙ୍କ ମଧ୍ୟରୁ ୧୩ ହାରିଯାଇଛନ୍ତି।



କେରଳ ନିର୍ବାଚନରେ ୟୁଡିଏଫ୍‌ର ବିଜୟ ପରେ ଥିରୁଭାନନ୍ତପୁରମ୍‌ସ୍ଥିତ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦଳୀୟ ନେତାମାନେ ଖୁସି ମନାଉଛନ୍ତି।

## ପ୍ରମୁଖ ବିଜୟୀ

- ➩ବିଜୟ (ଟିଭିକେ) ପେରୁମ୍ବୁର, ତିରୁଚିରାପଲ୍ଲୀ(ପୂର୍ବ)
- ➩ଇ.କେ.ପାଲାନିସ୍ୱାମୀ (ଏଆଇଡିଏମ୍‌କେ) ଏଡାପାଡ଼ି
- ➩ସେନ୍ଥି ବାଲାଜି (ଡିଏମ୍‌କେ) କୋଏମ୍ବାଟୁର ସାଉଥ୍
- ➩ମଧାର ବଧୁଚରୁଦ୍ଦିନ୍ (ଟିଭିକେ) ମଦୁରାଇ ସେଣ୍ଟ୍ରାଲ
- ➩ହୁମାୟୁନ୍ କବୀର(ଏଜେୟୁପି) ନଓଡ଼ା, ରେଜିନାନଗର
- ➩ନିବେଦିତା ଚୌଧୁରୀ (ଟିଏମ୍‌ସି) ହାଓଡା ଦକ୍ଷିଣ
- ➩ହିମନ୍ତନାଥ ଗୋସ୍ୱାମୀ(ଭାଜପା) ଜୋରହାଟ

## ପ୍ରମୁଖ ପରାଜିତ

- ➩ମମତା ବାନାର୍ଜୀ(ଟିଏମ୍‌ସି) ଭବାନୀପୁର
- ➩ଏମ୍.କେ. ଷ୍ଟାଲିନ୍(ଡିଏମ୍‌କେ) କୋଲାଥୁର
- ➩ଗୌରବ ଗୋଗୋଇ(କଂଗ୍ରେସ) ଜୋରହାଟ
- ➩ଶୁଭାଶିଷ ଚକ୍ରବର୍ତ୍ତୀ(ଟିଏମ୍‌ସି) ବେହେଲା ପୂର୍ବ
- ➩ସାଓନି ସିଂ ରାୟ (ଟିଏମ୍‌ସି) ମୁର୍ଶିଦାବାଦ

# ଆସାମରେ ଭାଜପାର ହ୍ୟାଟ୍ରିକ୍

ଗୁଆହାଟୀ,୪।୫(ପି.ଟି.)

ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଆସାମର ୧୨୬ ଆସନ ବିଶିଷ୍ଟ ବିଧାନସଭାରେ ଭାଜପା ନେତୃତ୍ୱରେ ଏନ୍‌ଡିଏ କ୍ରମାଗତ ତୃତୀୟ ଥର ପାଇଁ ବିଜୟୀ ହୋଇ ହ୍ୟାଟ୍ରିକ୍ କରିବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ନେତୃତ୍ୱରେ ଭାଜପା ଶତାଧିକ ଆସନରେ ଜିତି ପୁନର୍ବାର ସରକାର ଗଢ଼ିବାକୁ ଯାଉଛି। ତେବେ ୧୦ ବର୍ଷ ପରେ ପୁଣିଥରେ କ୍ଷମତାକୁ ଫେରିବା ଲାଗି ଆଶା ରଖିଥିବା କଂଗ୍ରେସ ପରାଜୟର ସମ୍ମୁଖୀନ ହୋଇଛି। ଏପରିକି ଦଳର ବରିଷ୍ଠ ନେତା ଗୌରବ ଗୋଗୋଇ ମଧ୍ୟ ନିର୍ବାଚନ ହାରିଯାଇଛନ୍ତି। ନିର୍ବାଚନରେ ଭାଜପା ବିଜୟୀ ହେବ ବୋଲି ପ୍ରାୟ ସବୁ ଏକ୍‌ଜିଟ୍ ପୋଲ୍ ପୂର୍ବାନୁମାନ କରିଥିଲେ।

ଆସାମ ନିର୍ବାଚନରେ ଏନ୍‌ଡିଏ ୧୦୨ ଆସନରେ ବିଜୟୀ ହୋଇଥିବାବେଳେ କଂଗେସ ୨୧ ଏବଂ ଅନ୍ୟାନ୍ୟ ଦଳ ୩ଟି ଆସନରେ ଜିତିଛନ୍ତି। ମୁଖ୍ୟମନ୍ତ୍ରୀ ହିମନ୍ତ ଜାଲୁକବାରି ଆସନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୮୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ତାଙ୍କ କ୍ୟାବିନେଟ୍‌ର ପିଜୁଶ ହଜାରିକା, ରାନୋଜ ପେଗୁ, ଅଜନ୍ତା ନିଓଗ ଏବଂ ଅତୁଲ ବୋରା ପ୍ରମୁଖ ବିଜୟୀ ହୋଇଛନ୍ତି। ହଜାରିକା ଜଗିରୋଡ୍ ଆସନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ବବୁଲ୍ ଦାସଙ୍କୁ ୯୩,୫୮୪ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରେ ଅନ୍ୟ ସହଯୋଗୀ ଦଳ ହେଲେ ଆସମ ଗଣ ପରିଷଦ (ଏଜିପି) ଏବଂ ବୋଡୋ ପିପୁଲ୍ସ ଫ୍ରଣ୍ଟ (ବିପିଏଫ୍)। ଭାଜପା ୯୦ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ଏଜିପି ୨୬ ଏବଂ ବିପିଏଫ୍ ୧୧ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ବିରୋଧୀ ମେଣ୍ଟରୁ କଂଗ୍ରେସ ୯୯, ରାଇଜୋର ଦଳ ୧୩, ଆସାମ ଜାତୀୟ ପରିଷଦ ୧୦, ସିପିଆଇ(ଏମ୍) ୩ ଏବଂ ଅଲ୍ ପାର୍ଟି ହିଲ୍ ଲିଡର୍ସ କନ୍‌ଫରେନ୍ସ ୨ଟି ଆସନରେ ପ୍ରାର୍ଥୀ ଦେଇଥିଲା।

# ଜନଶକ୍ତିର ବିଜୟ ହୋଇଛି: ମୋଦି

ନୂଆଦିଲ୍ଲୀ,୪।୫

ପଶ୍ଚିମବଙ୍ଗ ନିର୍ବାଚନ ସବୁଦିନ ପାଇଁ ମନେ ରହିବ ବୋଲି ଫଳାଫଳ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଜନଶକ୍ତିର ବିଜୟ ହୋଇଛି ଓ ଭାଜପାର ସୁଶାସନ ରାଜନୀତି ଜିତିଛି। ପଶ୍ଚିମବଙ୍ଗରେ ପଦ୍ମ ଫୁଟିଛି ବୋଲି ପ୍ରଧାନମନ୍ତ୍ରୀ ସୋମବାର ସନ୍ଧ୍ୟାରେ କହିବା ସହ ରାଜ୍ୟର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ମଥାନତ କରୁଛି ବୋଲି କହିଛନ୍ତି। ପଶ୍ଚିମବଙ୍ଗରେ ଭାଜପାକୁ ମିଳିଥିବା ବିପୁଳ ଜନମତକୁ ପ୍ରଧାନମନ୍ତ୍ରୀ ଅଭୂତପୂର୍ବ କହିବା ସହ ଭାଜପା ରାଜ୍ୟବାସୀଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ ସବୁପ୍ରକାର ପ୍ରୟାସ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ତାମିଲନାଡୁରେ ଟିଭିକେର ବିଜୟ ପରେ ଉତ୍ସାହିତ ଦଳୀୟ ସମର୍ଥକମାନେ ବିଜୟଙ୍କ ପୋଷ୍ଟର ଧରିଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମମତା, ଷ୍ଟାଲିନ୍...

ଏଭଳି ଘଟଣା ୨୦୨୪ରେ ଓଡ଼ିଶାରେ ଘଟିଥିଲା। ୨୪ ବର୍ଷ ଧରି ଓଡ଼ିଶାର ଶାସନ ଗାଦିରେ ବସିଥିବା ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକ ଦୁଇଟି ଆସନରୁ ଲଢ଼ିଥିଲେ। ହିଞ୍ଜିଳିରୁ ସେ ଜିତିଥିଲେ ମଧ୍ୟ କଣ୍ଟାବାଞ୍ଜି ଆସନରୁ ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗଙ୍କଠାରୁ ୧୬,୩୪୪ ଭୋଟ୍‌ରେ ପରାଜିତ ହୋଇଥିଲେ। ଜଣେ ସିଟିଂ ସିଏମ୍‌ଙ୍କ ପାଇଁ ଓଡ଼ିଶା ଇତିହାସରେ ଏହା ଏକ ବିରଳ ଘଟଣା ଥିଲା।

ଭାଜପା ମଧ୍ୟ ଏଭଳି ସ୍ଥିତିର ସମ୍ମୁଖୀନ ହୋଇଛି। ୨୦୨୨ ଉତ୍ତରାଖଣ୍ଡ ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ପାଇ ସରକାର ଗଠନ କରିଥିଲେ ମଧ୍ୟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ନିଜର ଖଟିମା ଆସନରୁ କଂଗ୍ରେସ ପ୍ରାର୍ଥୀ ଭୁବନ ଚନ୍ଦ୍ର କାପ୍ରିଙ୍କଠାରୁ ୬,୫୭୯ ଭୋଟରେ ହାରିଯାଇଥିଲେ। ପରେ ସେ ଉପ-ନିର୍ବାଚନ ଜିତି ପୁଣି ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହି ତାଲିକାରେ ଯୋଡ଼ି ହୋଇଯାଇଥିଲେ ଆଉ ଜଣେ ପ୍ରଭାବଶାଳୀ ନେତ୍ରୀ ତଥା ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ୨୦୨୧ରେ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ବିପୁଳ ବିଜୟ ହାସଲ କରିଥିଲେ ସୁଦ୍ଧା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନନ୍ଦିଗ୍ରାମ ଆସନରେ ଭାଜପାର ଶୁଭେନ୍ଦୁ ଅଧିକାରୀଙ୍କଠାରୁ ପରାଜିତ ହୋଇଥିଲେ। ଏହା ଏକ ହାଇଭୋଲଟେଜ୍ ମୁକାବିଲା ଥିଲା, ଯେଉଁଥିରେ ସେ ମାତ୍ର ୧,୯୫୬ ଭୋଟରେ ହାରିଥିଲେ। ଏହାର ୩ ବର୍ଷ ପୂର୍ବରୁ ଅର୍ଥାତ୍ କର୍ନାଟକ ନିର୍ବାଚନରେ ତତ୍କାଳୀନ କଂଗ୍ରେସ ମୁଖ୍ୟମନ୍ତ୍ରୀ ସିଦ୍ଧାରାମୈୟା ଦୁଇଟି ଆସନରୁ ଲଢ଼ିଥିଲେ। ବାଦାମି ଆସନରୁ ସେ ଅତି କଷ୍ଟରେ ଜିତିଥିବା ବେଳେ ଚାମୁଣ୍ଡେଶ୍ୱରୀ ଆସନରୁ ଜେଡିଏସ୍ ପ୍ରାର୍ଥୀ ଜି.ଟି. ଦେବେଗୌଡ଼ାଙ୍କଠାରୁ ପ୍ରାୟ ୩୬,୦୦୦ ଭୋଟ୍‌ରେ ପରାଜିତ ହୋଇଥିଲେ। ସମାନ ଘଟଣା ଗୋଆରେ ମଧ୍ୟ ଘଟିଥିଲା। ୨୦୧୭ ଗୋଆ ବିଧାନସଭା ନିର୍ବାଚନରେ ଭାଜପା ନେତା ତଥା ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀକାନ୍ତ ପାର୍ସେକର ନିଜର ମାନ୍ଦ୍ରେମ ଆସନରୁ କଂଗ୍ରେସ ପ୍ରାର୍ଥୀ ଦୟାନନ୍ଦ ସୋପଟେଙ୍କଠାରୁ ୭,୧୧୯ ଭୋଟରେ ପରାଜିତ ହୋଇଥିଲେ। ସେହି ସମୟରେ ତାଙ୍କ ମନ୍ତ୍ରିମଣ୍ଡଳର ୬ ଜଣ କ୍ୟାବିନେଟ୍ ମନ୍ତ୍ରୀ ମଧ୍ୟ ହାରିଯାଇଥିଲେ। ୨୦୨୨ରୁ ପାର୍ସେକର ଭାଜପାଠାରୁ ଦୂରେଇ ଯାଇଛନ୍ତି।

୨୦୧୭ରେ ଉତ୍ତରାଖଣ୍ଡରେ ମଧ୍ୟ ଏଭଳି ବଡ଼ ଭୋଟ ବିପର୍ଯ୍ୟୟ ଘଟିଥିଲା। କଂଗ୍ରେସ ନେତା ତଥା ମୁଖ୍ୟମନ୍ତ୍ରୀ ହରିଶ ରାୱତ ହରିଦ୍ୱାର ଗ୍ରାମୀଣ ଏବଂ କିଚ୍ଛା ଏହି ଦୁଇଟିଯାକ ଆସନରୁ ପରାଜୟ ବରଣ କରିଥିଲେ। କିନ୍ତୁ ଅନେକଙ୍କୁ ୨୦୧୧ ପଶ୍ଚିମବଙ୍ଗ ନିର୍ବାଚନ ଚକିତ କରିଥିଲା। ପଶ୍ଚିମବଙ୍ଗରେ ୩୪ ବର୍ଷର ବାମପନ୍ଥୀ ଶାସନର ପତନ ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ ନିଜ ଯାଦବପୁର ଆସନରୁ ଟିଏମ୍‌ସିର ମନୀଷ ଗୁପ୍ତାଙ୍କଠାରୁ ୧୬,୬୮୪ ଭୋଟରେ ହାରିଯାଇଥିଲେ। ରୋଚକ କଥା ହେଉଛି, ମନୀଷ ଗୁପ୍ତା ପୂର୍ବରୁ ବୁଦ୍ଧଦେବଙ୍କ ସରକାରରେ 'ମୁଖ୍ୟ ଶାସନ ସଚିବ' ଭାବେ କାର୍ଯ୍ୟ କରିଥିଲେ।

ଏହି ତାଲିକାର ଆଉ ୨ଟି ବଡ଼ ନାମ ହେଲା ଶିବୁ ସୋରେନ ଏବଂ ଜେ. ଜୟଲଳିତା। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଥାଇ ଶିବୁ ସୋରେନଙ୍କୁ ୨୦୦୯ରେ ତାମାର ଆସନରୁ ଉପ-ନିର୍ବାଚନ ଲଢ଼ିବାକୁ ପଡ଼ିଥିଲା। ଏଥିରେ ସେ ଝାଡ଼ଖଣ୍ଡ ପାର୍ଟିର ପ୍ରାର୍ଥୀ ଗୋପାଳ କୃଷ୍ଣ ପାତର (ଯିଏ 'ରାଜା ପିଟର' ନାମରେ ପରିଚିତ)ଙ୍କଠାରୁ ପ୍ରାୟ ୯,୦୦୦ ଭୋଟ ବ୍ୟବଧାନରେ ହାରିଯାଇଥିଲେ। ଫଳରେ ସାମ୍ବିଧାନିକ ନିୟମ ଅନୁସାରେ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା। ସେହିପରି ୧୯୯୬ରେ ତାମିଲନାଡୁ ଇତିହାସରେ ସବୁଠାରୁ ବଡ଼ ରାଜନୈତିକ ପରାଜୟ ଘଟିଥିଲା। ମୁଖ୍ୟମନ୍ତ୍ରୀ ଜୟଲଳିତା ବରଗୁର ଆସନରୁ ଡିଏମ୍‌କେର ନୂଆ ପ୍ରାର୍ଥୀ ଇ.ଜି. ସୁଗଭାନମ୍‌ଙ୍କଠାରୁ ୮,୩୬୬ ଭୋଟରେ ହାରିଥିଲେ ଏବଂ ତାଙ୍କ ଦଳ ସାରା ରାଜ୍ୟରେ ମାତ୍ର ୪ଟି ଆସନରେ ସୀମିତ ରହିଥିଲା।

କିଛି ପୁରୁଣା ଘଟଣାକୁ ଦେଖିଲେ, ତ୍ରିଭୁବନ ନାରାୟଣ ସିଂ (ଟି.ଏନ୍. ସିଂ)ଙ୍କ ନାମ ଆସେ। ସେ ୧୯୭୦ ଅକ୍ଟୋବରରେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ହେବା ବେଳେ ବିଧାନସଭାର ସଦସ୍ୟ ନଥିଲେ। କଂଗ୍ରେସ (ଓ) ଦଳର ପ୍ରତିନିଧିତ୍ୱ କରୁଥିବା ତ୍ରିଭୁବନ ୧୯୭୧ରେ ମନିରାମ ଆସନରୁ ଉପନିର୍ବାଚନ ଲଢ଼ି କଂଗ୍ରେସ (ଆଇ) ପ୍ରାର୍ଥୀ ରାମକୃଷ୍ଣ ଦ୍ୱିବେଦୀଙ୍କଠାରୁ ୬,୦୦୦ରୁ ଅଧିକ ଭୋଟ୍‌ରେ ପରାଜିତ ହୋଇଥିଲେ। ସେ ହେଉଛନ୍ତି ଭାରତର ପ୍ରଥମ ସିଟିଂ ମୁଖ୍ୟମନ୍ତ୍ରୀ, ଯିଏ ଉପନିର୍ବାଚନ ହାରିବା ପରେ ପଦରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ସେହିପରି ୧୯୬୭ ମସିହା ତାମିଲନାଡୁ (ତତ୍କାଳୀନ ମାଡ୍ରାସ ରାଜ୍ୟ) ପାଇଁ ଏକ ଯୁଗାନ୍ତକାରୀ ବର୍ଷ ଥିଲା, ଯେଉଁଠି ପ୍ରଥମ ଥର ପାଇଁ କଂଗ୍ରେସ ଶାସନର ଅନ୍ତ ଘଟିଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏମ୍. ଭକ୍ତବତ୍ସଲମ୍ ଶ୍ରୀପେରୁମ୍ବୁଦୁର ଆସନରୁ ନିର୍ବାଚନ ଲଢ଼ି ଡିଏମ୍‌କେ ପ୍ରାର୍ଥୀ ଡି. ରାଜରତ୍ନମଙ୍କଠାରୁ ପରାଜିତ ହୋଇଥିଲେ। ଏହି ପରାଜୟ ସହିତ ତାମିଲନାଡୁରେ କଂଗ୍ରେସ ଶାସନ ଏମିତି ଭାବେ ଶେଷ ହେଲା ଯେ, ଆଜି ପର୍ଯ୍ୟନ୍ତ ସେଠାରେ କଂଗ୍ରେସ ନିଜ ବଳରେ ସରକାର ଗଠନ କରିପାରିନାହିଁ। ସେହିବର୍ଷ ଅର୍ଥାତ୍ ୧୯୬୭ରେ ପଶ୍ଚିମବଙ୍ଗରେ ଜନ ଅସନ୍ତୋଷର ଶିକାର ହୋଇଥିଲେ ଅପରାଜେୟ ନେତା ଭାବେ ଜଣାଶୁଣା ପ୍ରଫୁଲ୍ଲ ଚନ୍ଦ୍ର ସେନ। ସେ ମୁଖ୍ୟମନ୍ତ୍ରୀ ଥାଇ ଆରାମବାଗ ଆସନରୁ ତାଙ୍କ ପୂର୍ବତନ ସହଯୋଗୀ ଅଜୟ ମୁଖାର୍ଜୀ (ଯିଏ ବଙ୍ଗଳା କଂଗ୍ରେସ ଗଠନ କରିଥିଲେ)ଙ୍କଠାରୁ ପରାସ୍ତ ହୋଇଥିଲେ। ଏହି ପରାଜୟ ପଶ୍ଚିମବଙ୍ଗରେ କଂଗ୍ରେସର ପ୍ରଭାବ ହ୍ରାସ କରିଥିଲା ଏବଂ ପରବର୍ତ୍ତୀ ସମୟରେ ବାମପନ୍ଥୀ ଶାସନର ଭିତ୍ତିଭୂମି ସ୍ଥାପନ କରିଥିଲା। ସ୍ୱାଧୀନ ଭାରତର ଏକ ଘଟଣା ଦେଖିଲେ, ୧୯୫୨ରେ ମାଡ୍ରାସ ରାଜ୍ୟର (ଯାହା ମଧ୍ୟରେ ଆନ୍ଧ୍ର, କର୍ନାଟକ ଓ ତାମିଲନାଡୁର କିଛି ଅଂଶ ଥିଲା) ମୁଖ୍ୟମନ୍ତ୍ରୀ ପି.ଏସ୍. କୁମାରସ୍ୱାମୀ ରାଜା ଶ୍ରୀବିଲିପୁଥୁର ଆସନରୁ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଥିଲେ। ଜଣେ ସିଟିଂ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚନ ହାରିବାରେ ସେ ଥିଲେ ସ୍ୱାଧୀନ ଭାରତର ପ୍ରଥମ ନେତା। ପରବର୍ତ୍ତୀ ସମୟରେ ତାଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବେ ମଧ୍ୟ ନିଯୁକ୍ତ କରାଯାଇଥିଲା।

| ମୁଖ୍ୟମନ୍ତ୍ରୀଙ୍କ ନାମ | ରାଜ୍ୟ | ନିର୍ବାଚନ ବର୍ଷ | ନିର୍ବାଚନମଣ୍ଡଳୀ |
|---|---|---|---|
| ଏମ.କେ. ଷ୍ଟାଲିନ | ତାମିଲନାଡୁ | ୨୦୨୬ | କୋଲାଥୁର |
| ନବୀନ ପଟ୍ଟନାୟକ | ଓଡ଼ିଶା | ୨୦୨୪ | କଣ୍ଟାବାଞ୍ଜି |
| ପୁଷ୍କର ସିଂ ଧାମୀ | ଉତ୍ତରାଖଣ୍ଡ | ୨୦୨୨ | ଖଟିମା |
| ମମତା ବାନାର୍ଜୀ | ପଶ୍ଚିମବଙ୍ଗ | ୨୦୨୧ | ନନ୍ଦୀଗ୍ରାମ |
| ସିଦ୍ଧାରାମୈୟା | କର୍ନାଟକ | ୨୦୧୮ | ଚାମୁଣ୍ଡେଶ୍ୱରୀ |
| ଲକ୍ଷ୍ମୀକାନ୍ତ ପାର୍ସେକର | ଗୋଆ | ୨୦୧୭ | ମାନ୍ଦ୍ରେମ |
| ହରିଶ ରାୱତ | ଉତ୍ତରାଖଣ୍ଡ | ୨୦୧୭ | ହରିଦ୍ୱାର ଗ୍ରାମୀଣ ଓ କିଚ୍ଛା |
| ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ | ପଶ୍ଚିମବଙ୍ଗ | ୨୦୧୧ | ଯାଦବପୁର |
| ଶିବୁ ସୋରେନ | ଝାଡ଼ଖଣ୍ଡ | ୨୦୦୯ | ତାମାର (ଉପନିର୍ବାଚନ) |
| ଜେ. ଜୟଲଳିତା | ତାମିଲନାଡୁ | ୧୯୯୬ | ବରଗୁର |
| ଟି.ଏନ୍. ସିଂ | ଉତ୍ତର ପ୍ରଦେଶ | ୧୯୭୧ | ମନିରାମ (ଉପନିର୍ବାଚନ) |
| ଏମ୍. ଭକ୍ତବତ୍ସଲମ୍ | ତାମିଲନାଡୁ | ୧୯୬୭ | ଶ୍ରୀପେରୁମ୍ବୁଦୁର |
| ପ୍ରଫୁଲ୍ଲ ଚନ୍ଦ୍ର ସେନ | ପଶ୍ଚିମବଙ୍ଗ | ୧୯୬୭ | ଆରାମବାଗ |
| ପି.ଏସ୍. କୁମାରସ୍ୱାମୀ ରାଜା | ମାଡ୍ରାସ ରାଜ୍ୟ | ୧୯୫୨ | ଶ୍ରୀବିଲିପୁଥୁର |

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ମେ ୫/୨୦୨୬ | Bhubaneswar, Tuesday, May 5/2026 | ପୃଷ୍ଠା-୩

# ହାଇଓ୍ୱା ପଛକୁ ପିଟିଲା ବୋଲେରୋ, ୫ ମୃତ

## ବିବାହ ଭୋଜିଖାଇ ଫେରିବା ବେଳେ ଦୁର୍ଘଟଣା

### ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଲେଖାଏ ସହାୟତା

ଯାଜପୁର/ଧର୍ମଶାଳା/ଚଢ଼େଇଧରା, ୪।୫(ହର୍ଷବର୍ଦ୍ଧନ ବେହେରା/ବଟକୃଷ୍ଣ ପରିଡ଼ା/ଦିଲ୍ଲୀପ କୁମାର ପରିଡ଼ା)

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ବରଡ଼ା ଛକ ପେଟ୍ରୋଲ ପମ୍ପ୍ ସମ୍ମୁଖରେ ସୋମବାର ସକାଳ ପ୍ରାୟ ସାଢ଼େ ୯ଟାରେ ଏକ ସଡ଼କ ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୯ ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଶାସନର କାନ୍ଦ ପୂର୍ତ୍ତି(୪୫), ନମିତା ନାଏକ(୩୫), ଗୀତା ପୂର୍ତ୍ତି(୩୮), ବର୍ଲା ମୁଣ୍ଡା(୩୫) ଓ ମାଳତୀ ମୁଣ୍ଡା(୧୪)। ଏଥିରେ ବୋଲେରୋ ଡ୍ରାଇଭର ଜୟନ୍ତ ସାହୁ(୨୫), ଜୀବନ ପୂର୍ତ୍ତି(୨୭), ଜମୁନୀ କୁଲି(୩୨), ଲକ୍ଷ୍ମୀ ତିରିଆ(୩୯), ଲଭ୍ଲି ସୋରେନ(୨୮), ଉପେନ୍ଦ୍ର ମୁଣ୍ଡା(୨୯) ଓ ରତ୍ନାକର ମୁଣ୍ଡା(୩୯)ଙ୍କ ସହ ୨ ଶିଶୁକନ୍ୟା ଯମୁନା କୁଲି(୪) ଓ କଲ୍ୟାଣୀ କୁଲି(ଦେଢବର୍ଷ) ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ବଡ଼ଚଣା ଓ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଯାଜପୁର ରୋଡ୍ ଏସ୍‌ଡିପିଓ ଶରତ କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ନିରୀକ୍ଷଣ କରିଥିଲେ।



ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା ବୋଲେରୋ।

ସୂଚନା ଅନୁସାରେ, ବୋଲେରୋ (ନଂ.ଓଡି ୦୨ଏଇ ୦୪୨୯)ରେ ବଡ଼ଚଣା ଥାନା ପୁରୁଷୋତ୍ତମପୁର ଶାସନ ଗାଁରୁ ଏକ ପରିବାରର ୧୫ ଜଣ ସଦସ୍ୟ କେନ୍ଦୁଝର ଅଞ୍ଚଳକୁ ବାହାଘରକୁ ଯାଇ ଫେରୁଥିଲେ। ସୋମବାର ସକାଳେ ସେମାନେ ବରଡ଼ା ଛକ ନିକଟରେ ପହଞ୍ଚିଥିବାବେଳେ ରାସ୍ତାପାର୍ଶ୍ୱରେ ଠିଆ ହୋଇଥିବା ଏକ ଚିପ୍ସ ବୋଝେଇ ହାଇଓ୍ୱା ପଛ ପଟରେ ବୋଲେରୋ ଧକ୍କା ଦେଇଥିଲା। ବୋଲେରୋରେ ବସିଥିବା ଯାତ୍ରୀମାନେ ଏଣେତେଣେ ଛିଟିକି ପଡ଼ିଥିଲେ। ଏହା ଦେଖି ଚିପ୍ସ ବୋଝେଇ ହାଇଓ୍ୱାକୁ ନେଇ ଡ୍ରାଇଭର ସେଠାରୁ ଦ୍ରୁତଗତିରେ ପଳାଇ ଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ମୃତଦେହଗୁଡ଼ିକ ☞ପୃଷ୍ଠା-୭

# ଡଲାର ତୁଳନାରେ ଟଙ୍କାର ସର୍ବକାଳୀନ ମୂଲ୍ୟ ହ୍ରାସ

### ୧ ଡଲାର = ୯୫.୨୩ ଟଙ୍କା

ମୁମ୍ବାଇ,୪।୫

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟ ସୋମବାର ୩୯ ପଇସା ହ୍ରାସ ପାଇ ସର୍ବକାଳୀନ ନିମ୍ନ ସ୍ତରରେ ପହଞ୍ଚିଛି। ୧ ଡଲାର ମୂଲ୍ୟ ସୋମବାର ୯୫ ଟଙ୍କା ୨୩ ପଇସା ହୋଇଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗିରହିଥିବାରୁ ବିଶ୍ୱ ଷ୍ଟକ୍ ମାର୍କେଟରେ ଅସ୍ଥିରତା, ତୈଳ ଦରରେ ଅତ୍ୟଧିକ ବୃଦ୍ଧି ଏବଂ ମୁଦ୍ରାସ୍ଫୀତି ବଢ଼ିବା ଓ ଆର୍ଥିକ ମାନ୍ଦାବସ୍ଥା ଦେବା ଆଶଙ୍କା ରହିଥିବାରୁ ଭାରତୀୟ ମୁଦ୍ରା ମୂଲ୍ୟ ହ୍ରାସ ପାଇ ଚାଲିଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ ଯୋଗୁ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଥିବାବେଳେ ବ୍ରେଣ୍ଟ ତୈଳ ବ୍ୟାରେଲ୍ ପ୍ରତି ଦର ପାଖାପାଖି ୧୧୦ ଡଲାର ରହିଛି। ଫଳରେ ଭାରତ ଭଳି ତୈଳ ଆମଦାନୀ କରୁଥିବା ଦେଶଗୁଡ଼ିକର ଅର୍ଥନୀତି ପ୍ରଭାବିତ ହୋଇଛି। ଭୂରାଜନୈତିକ ଅସ୍ଥିରତା ବଢ଼ିବା ସହ ଅବାରିତ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ନିବେଶକମାନଙ୍କ ମନୋବଳକୁ ଦୁର୍ବଳ କରିଦେଇଥିବା ଫରେକ୍ସ ଟ୍ରେଡରମାନେ ମତ ଦେଇଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ ମାର୍କେଟରେ ସୋମବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୪.୯୫ରୁ ଆରମ୍ଭ ହୋଇ କାରବାର ଶେଷ ବେଳକୁ ୯୫.୨୩ରେ ପହଞ୍ଚିଥିଲା। ପୂର୍ବ କାରବାର ଦିବସ ତୁଳନାରେ ଟଙ୍କା ମୂଲ୍ୟ ୩୯ ପଇସା ହ୍ରାସ ପାଇଛି। ଗତ ଗୁରୁବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୪.୮୪ ରହିଥିଲା। ମହାରାଷ୍ଟ୍ର ଦିବସ ପାଇଁ ଶୁକ୍ରବାର ଷ୍ଟକ୍ ମାର୍କେଟ ଓ ମୁଦ୍ରା ବଜାର ବନ୍ଦ ରହିଥିବାବେଳେ ଶନିବାର ଓ ରବିବାର ବନ୍ଦ ଥିଲା।

# ଓଡ଼ିଶା ବିଚାରପତିଙ୍କ ନକାରାତ୍ମକ ସର୍ତ୍ତକୁ ସୁପ୍ରିମ୍ କୋର୍ଟଙ୍କ ଭର୍ତ୍ସନା

କଟକ, ୪।୫(କାର୍ତ୍ତିକ ସାହୁ)



ରାୟଗଡ଼ା ଜିଲା କାଶୀପୁର ଥାନା ଭଙ୍ଗାରୁଜା ଘଟଣାରେ ଗିରଫ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ନିମନ୍ତେ ଓଡ଼ିଶା ହାଇକୋର୍ଟ ୨୦୨୫ ମେ ୯ତାରିଖରେ ଦେଇଥିବା ଆଦେଶକୁ ସୋମବାର ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ଏକ ନିର୍ଦ୍ଦିଷ୍ଟ ଜାତିର ଅଭିଯୁକ୍ତଙ୍କୁ ଜାମିନ ପାଇଁ ଥାନା ସଫା କରିବା ଭଳି ସର୍ତ୍ତ ରଖାଯିବା ଘଟଣାରେ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଆଧାର କରି ପ୍ରଧାନବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଘଟଣାକୁ ନିଜ ଆଡୁ(ସୋ ମୋଟୋ) ଗ୍ରହଣ କରି ଏଭଳି ସର୍ତ୍ତକୁ ଅବୈଧ ବା ନଲ୍ ଆଣ୍ଡ ଭଏଡ୍ ଘୋଷଣା କରିଛନ୍ତି। ଏଥିସହିତ ଏଭଳି କ୍ରୁର ପ୍ରଥାକୁ ବନ୍ଦ କରିବାକୁ ଅଦାଲତଗୁଡ଼ିକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ସର୍ବୋଚ୍ଚ ଅଦାଲତ କହିଛନ୍ତି, ଏଭଳି ସର୍ତ୍ତ ଏକ ପୂର୍ବ ନିର୍ଦ୍ଧାରିତ ମାନସିକତା ଏବଂ ପକ୍ଷପାତକୁ ଦର୍ଶାଉଛି। ଏହା ଓଡ଼ିଶା ନ୍ୟାୟପାଳିକା ଉପରେ ଜାତିଗତ ଭେଦଭାବର ଏକ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହା ଅତ୍ୟନ୍ତ ଘୃଣ୍ୟ, କ୍ରୁର, ଅପମାନଜନକ ଏବଂ ଆଇନ ବିରୋଧୀ। ଆମ ଦେଶର ନିୟମ ଅନୁସାରେ ଜଣେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ ନିର୍ଦ୍ଦୋଷ ଅଟନ୍ତି। କିଛି ନ୍ୟାୟିକ ଅଧିକାରୀ କେବଳ ଅଭିଯୋଗ ଆଧାରରେ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ ଦୋଷୀ ବୋଲି ଧରିନେଇ ଏଭଳି ଅମାନୁଷିକ ସର୍ତ୍ତ ରଖିବା ଅତ୍ୟନ୍ତ ନିରାଶାଜନକ। ଖଣ୍ଡପୀଠ ଆହୁରି କହିଛନ୍ତି, ୨୦୨୬ ମସିହାରେ ନ୍ୟାୟପାଳିକା ଯଦି ଏଭଳି ବ୍ୟବହାର କରିବ, ତେବେ ଗତ ୭୫ ବର୍ଷର ସ୍ୱାଧୀନତା ଏବଂ ମୁକ୍ତିର କୌଣସି ଅର୍ଥ ରହିବ ନାହିଁ।

ସୂଚନାଯୋଗ୍ୟ, ରାୟଗଡ଼ା ସିଜିମାଳିରେ ଖଣି ଖନନକୁ ଅଞ୍ଚଳବାସୀ ବିରୋଧ କରି ଆସୁଛନ୍ତି। ହେଲେ ସମ୍ପୃକ୍ତ କମ୍ପାନୀ ପୋଲିସ ଏବଂ ପ୍ରଶାସନକୁ ହାତେଇ ବିରୋଧ ପ୍ରଦର୍ଶନ କରୁଥିବା ଲୋକଙ୍କୁ ଜୁଲୁମ୍ କରୁଛି। ୨୦୨୪ ସେପ୍ଟେମ୍ବର ୧୯ରେ କାର୍ତ୍ତିକ ନାଏକଙ୍କ ଗିରଫଦାରିକୁ ବିରୋଧ କରି କୁମ୍ଭେଶ୍ୱର ନାଏକଙ୍କ ନେତୃତ୍ୱ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦୦ ଲୋକ କାଶୀପୁର ଥାନା ଘେରାଓ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ସ୍ଥାନୀୟ ତହସିଲ୍‌ଦାର ଲୋକମାନଙ୍କୁ ବୁଝାଶୁଝା କରିବା ପରିବର୍ତ୍ତେ ଗିରଫ ଭୟ ଦେଖାଇଥିଲେ। ଏହାପରେ ଲୋକମାନେ ଥାନା ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଥିଲା। ପୋଲିସ କୁମ୍ଭେଶ୍ୱରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ହେଲେ ସେ ଏହି ଗିରଫଦାରିରୁ ବିରୋଧ କରି କୋର୍ଟରେ ଜାମିନ ଆବେଦନ ☞ପୃଷ୍ଠା-୭



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବିପ୍ଳବୀ ଧରଣୀଧର ନାୟକ(ଭୂୟା)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ଇଏସ୍ଆଇ ହସ୍ପିଟାଲ ଛକ, ସମୟ: ସକାଳ ୮ଟା। –ଓଡ଼ିଶା ବିଧାନସଭା ପାର୍ଶ୍ୱ ଗେଟ୍ ନଂ ୧ ସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୯ଟା। –ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସମୟ: ସନ୍ଧ୍ୟା ୬ଟା।
- ଏଆଇଡିଏସ୍ଓ, ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଛାତ୍ର ସମ୍ମିଳନୀ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ୩୦।

**କଟକ**
- ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ, ସ୍ଥାନ: ଆନେକ୍ସ–୧ ସମ୍ମିଳନୀ କକ୍ଷ, ସେଭେନ୍ ପିଲାର୍ସ ଅଫ ୱିଜଡମ୍, ସମୟ: ପୂର୍ବାହ୍ନ ୧୦ଟା।
- ଆଦିବାସୀ ମହୋତ୍ସବ: ପରିଚୟର ଚତୁର୍ଥ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ନୂଆବଜାର ବ୍ୟବସାୟୀ ସଂଘ ପକ୍ଷରୁ ଶ୍ରୀରାମ ଲୀଳା ମହୋତ୍ସବ ଉଦ୍‌ଘାଟନୀ ନାଟକ ପର୍ଶୁରାମ ଭେଟ, ସ୍ଥାନ: ନୂଆବଜାର, ସମୟ: ଅପରାହ୍ନ ୫ଟା।

**ବାଲେଶ୍ୱର**
- ୧୪ତମ ସମର କ୍ୟାମ୍ପ, ସ୍ଥାନ : ଚାରୁ ଓ କାରୁକଳା ମହାବିଦ୍ୟାଳୟ, ବାଲେଶ୍ୱର, ସମୟ : ସକାଳ ୭ଟା।
- ଏଫ୍ଏମ୍ୟୁରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ ଟା।
- ଇଣ୍ଡିଆ ଟ୍ରେଡ୍ ଏକ୍ସପୋ–୨୦୨୬, ସ୍ଥାନ : ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ : ଅପରାହ୍ନ ୨ଟା।
- ଷଷ୍ଠ ବାର୍ଷିକ ବୈଶାଖି ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଦୁଧହଂସା ମନ୍ଦିର ପରିସର, ବସ୍ତା, ସମୟ : ଅପରାହ୍ନ ୫ଟା।

**ଭଦ୍ରକ**
- ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ଦାବିରେ ରାସ୍ତାରୋକୋ, ସ୍ଥାନ: ଖଡ଼ିପଦା, ଧାମନଗର, ସମୟ: ସକାଳ ୮ଟା।
- ବିଦ୍ୟାର୍ଥୀ ବିକାଶ ମଞ୍ଚର ବାର୍ଷିକ ଉତ୍ସବ, ସ୍ଥାନ: ବାଗୁରାଇ ଆଦିବାସୀ କଲୋନୀ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବୈଶାଖୀ ମେଳାର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ରାତି ୮ଟା।

**କେନ୍ଦୁଝର**
- ୭୧ତମ ସୁଆମ ସତ୍ୟନାରାୟଣ ବାଦି ପାଲା ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ପାଟଣା ବ୍ଲକ ସୁଆମ ଶାସନ ପାଲା ମଣ୍ଡପ, ସମୟ: ରାତ୍ରି ୧୧ଟା।

**ମୟୂରଭଞ୍ଜ**
- ନିଖିଳ ଉତ୍କଳ ଶିକ୍ଷକ ଓ ଶିକ୍ଷା ନୀରିକ୍ଷକ ସଂଘର ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ଆମେ–୮୦ ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତ ବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ୍ ବାରିପଦା, ପୂର୍ବାହ୍ନ ୧୦ଟା।
- ବାରିପଦା ଏକ୍ସପୋ ମେଳା,ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

**ବ୍ରହ୍ମପୁର**
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗଜପତିନଗର ୭ମ ଲାଇନ, ସମୟ: ସକାଳ ୬ଟା।
- କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା, ସ୍ଥାନ: ବାପୁଜୀ ଆଶ୍ରମ, ସମୟ: ଅପରାହ୍ନ ୫ଟା।

**ଜଗତ୍‌ସିଂହପୁର**
- ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଉପଲକ୍ଷେ ସାନ୍ତାଳୀ ପରିବାର ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଜିଲା ପ୍ରଶାସନିକ ଅଧିକାରୀଙ୍କ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ସକାଳ ୭ଟା।

**ଯାଜପୁର**
- ମଙ୍ଗଳପୁର ଦୋକାନଗୃହ ବଣ୍ଟନ ସଂକ୍ରାନ୍ତରେ ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ବୈତରଣୀ ଓ କାଣୀ ନଦୀରେ ବନ୍ୟା ନିୟନ୍ତ୍ରଣ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିରଜା ହାଟ ସଂକ୍ରାନ୍ତରେ ଜିଲା ସହାୟତା ପରାମର୍ଶଦାତା କମିଟି(ଡିସିଏସି) ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ୧୩ ଦିନିଆ ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ ଛତିଆ, ଯାଜପୁର, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ଗୋଡିପଡା ବିଶ୍ୱଶାନ୍ତି ମହାଯଜ୍ଞର ୨ୟ ଦିବସ ଜଳଯାତ୍ରା ଓ ଆହୁତି ପ୍ରଦାନ, ସ୍ଥାନ:ଗୋଡିପଡା ବଡଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ:ସକାଳ ୭ଟାରୁ ରାତ୍ର ୧୦ଟା।
- ଶୁଳିଆ ଠାକୁରାଣୀଙ୍କ ବାର୍ଷିକଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଗୋପୀନାଥପୁର ଶୁଳିଆ ଠାକୁରାଣୀଙ୍କ ପୀଠ, ସମୟ:ସକାଳ ୮ଟା।
- ଚନ୍ଦନ ଯାତ୍ରାର ଶୋଡଷ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ଜୀଉ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିର ;ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦।
- ଚନ୍ଦନ ଯାତ୍ରା ଶୋଡଷ ଦିବସ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଚନ୍ଦନ ଯାତ୍ରା ଶୋଡ଼ଷ ଦିବସ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ଜୀଉ ମନ୍ଦିର ; ରଣପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା।

**ନବରଙ୍ଗପୁର**
- ଆମ ହସ୍ପିଟାଲ ଜିଲାସ୍ତରୀୟ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ମେଧାବୀ ଅଭିନନ୍ଦନ, ସ୍ଥାନ: ସରସ୍ୱତି ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୯ଟା।

**କୋରାପୁଟ**
- ରଥଚକ ଶୁଭ ଉଦ୍‌ଘାଟନ, ସ୍ଥାନ: କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ମ୍ୟୁନିସିପାଲିଟି ବିକାଶମୂଳକ ପ୍ରକଳ୍ପ ଶୁଭାରମ୍ଭ, ସ୍ଥାନ: କୋରାପୁଟ ସହର, ସମୟ: ଅପରାହ୍ନ ୧ଟା।
- ରାଜ୍ୟ ଆଇନମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ସର୍କିଟ ହାଉସ, କୋରାପୁଟ, ସମୟ: ଅପରାହ୍ନ ୨ଟା।

**ସମ୍ବଲପୁର**
- ସାଓଲିନ କୁଂଫୁ ଉସୁ ଆସୋସିଏଶନ ପକ୍ଷରୁ ନିଃଶୁଳ୍କ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର, ବିନାଖଣ୍ଡିସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା।
- ଶ୍ରୀଶ୍ରୀ ଗୌରୀଶଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂଜାର୍ଚ୍ଚନା, ସ୍ଥାନ: ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମର ଆରଆର କଲୋନୀ, ସମୟ: ସକାଳ ୮ଟା।
- କଲମ ପରିବାର ଟ୍ରଷ୍ଟର ବୈଠକ, ସ୍ଥାନ: ସାମକବାଦିକ ଭବନ, ସମୟ: ସକାଳ ୯ଟା।

**ବଲାଙ୍ଗୀର**
- ଖୋ ଖୋ ପ୍ରଶିକ୍ଷଣ ଶିବିର, ସ୍ଥାନ: ପୋଲିସ ହାଇସ୍କୁଲ ପରିସର, ବଲାଙ୍ଗୀର, ସମୟ: ସକାଳ ୬ଟା।
- ସଙ୍ଗୀତ ମହାବିଦ୍ୟାଳୟ 'ପଞ୍ଚମ'ର ୩୦ ତମ ବାର୍ଷିକ ଉତ୍ସବ, ସ୍ଥାନ: କୋଶଳ କଳା ମଣ୍ଡପ ପଡ଼ିଆ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

**ରାଉରକେଲା**
- ଗ୍ରୀଷ୍ମକାଳୀନ ତାଲିମ ଶିବିରର ୫ମ ଦିବସ, ସ୍ଥାନ: ଉଦିତନଗର ମିନି ଷ୍ଟାଡିୟମ୍, ସମୟ: ପ୍ରାତଃ ୫ଟା ୪୫।
- ଇଣ୍ଟରନଶେନାଲ ଟ୍ରେଡ୍ ଫେୟାର ୧୧ତମ ଦିବସ, ସ୍ଥାନ: ସେକ୍ଟର–୧୩ ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ମହାପ୍ରଭୁଙ୍କ ଚାପଖେଳ, ସ୍ଥାନ: ସେକ୍ଟର–୩ ଶ୍ରୀ ଶ୍ରୀ ଅହିରାବନ୍ଧ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ବରଗଡ଼ ଜିଲା ପ୍ରିମିୟର ଲିଗ୍, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୪ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସାହୁଟିକ୍ରା (ତୋରା), ବରଗଡ଼, ସମୟ:ଅପରାହ୍ନ ୫ଟା।

**କଳାହାଣ୍ଡି**
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ବିଜୟ ଉତ୍ସବ, ସ୍ଥାନ: ଭବାନୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ଗାଁ, ସମୟ: ସକାଳ ୮ଟା ୫୧।
- ବାନରସେନା ସାମାଜିକ ସଂଗଠନ ଓ ମଦର ଟେରେସା ସେବା ସଂଗଠନ ପକ୍ଷରୁ ରଜ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ପଣ୍ଡରାପଥର ଗାଁ, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି ଓ ଯଜ୍ଞାନ୍ନ ସେବନ, ସ୍ଥାନ: କୋମନା ବ୍ଲକ ସିଆଲଟି ପଞ୍ଚାୟତ କରଙ୍ଗାଭଟା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଚଳିତବର୍ଷ ମାଟ୍ରିକ ଏ–୧ ଓ ଏ–୨ରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ନ୍ୟାଶନାଲ ମାଧ୍ୟମିକ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ୩ୟ ବର୍ଷ ପୂର୍ତ୍ତି ଉପଲକ୍ଷେ ବୈଠକୀ କୀର୍ତ୍ତନ, ସ୍ଥାନ: କୋମନା ବ୍ଲକ ଡେଡେଙ୍ଗା ଗାଁ, ସମୟ: ସନ୍ଧ୍ୟା ୭ଟା।
- ଚନ୍ଦନ ଯାତ୍ରା ଉପଲକ୍ଷେ ନାଟକ କୀଚକବଧ, ସ୍ଥାନ: କୋମନା ବ୍ଲକ କୋନାବିରା ପଞ୍ଚାୟତ ଡୁମେରବାହାଲ, ସମୟ: ରାତ୍ର ୯ଟା ୩୦।

# ୬ରୁ କଂଗ୍ରେସର 'ଗାନ୍ଧୀ ପଥେ ନ୍ୟାୟ ଯାତ୍ରା'

**ଜଗତ୍‌ସିଂହପୁର,୪।୫(ପ୍ରମୋଦ କୁମାର ନାୟକ)**

## ଜେଏସ୍‌ଡବ୍ଲ୍ୟୁ ପ୍ଲାଣ୍ଟ ଯୋଗୁ ଢିଙ୍କିଆବାସୀ କ୍ଷତିଗ୍ରସ୍ତ



ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଅଞ୍ଚଳର ଅଧିବାସୀମାନେ ବିଶେଷକରି ଜଳ, ଜମି, ଜଙ୍ଗଲ, ଧାନ, ପାନ ଓ ମୀନକୁ ଜୀବିକା ଭାବେ ଗ୍ରହଣ କରିଥାନ୍ତି। କିନ୍ତୁ ଉକ୍ତ ଅଞ୍ଚଳରେ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ପ୍ଲାଣ୍ଟ ସ୍ଥାପନା ହେବା ଦ୍ୱାରା ଢିଙ୍କିଆବାସୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କୁ ସାମାଜିକ ନ୍ୟାୟ ଦେବା ଦାବିରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ଅଣ୍ଟା ଭିଡିଛି। ଓପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଆସନ୍ତା ୬ରୁ ୧୪ ତାରିଖ ପର୍ଯ୍ୟନ୍ତ 'ଗାନ୍ଧୀ ପଥେ ନ୍ୟାୟ ଯାତ୍ରା' କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଯାତ୍ରା ଢିଙ୍କିଆରୁ ବାହାରି ରାଜଭବନ ପର୍ଯ୍ୟନ୍ତ ଯିବାକୁ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମକୁ ଜିଲାରେ ସଫଳ କରିବା ପାଇଁ ଅଧିକ ସଂଖ୍ୟକ ଦଳୀୟ ନେତା ଓ କର୍ମୀଙ୍କୁ ସାମିଲ କରିବାକୁ ଜିଲା କଂଗ୍ରେସ କମିଟି (ଡିସିସି) ପକ୍ଷରୁ ସର୍କିଟ ହାଉସ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିସିସି ସଭାପତି ଦେବ ପ୍ରସାଦ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ୬ ତାରିଖ ସକାଳ ୭ଟାରୁ ଢିଙ୍କିଆରୁ ଏହି ଯାତ୍ରା ବାହାରି ଏରସମା, ମଣିଜଙ୍ଗା, ରଘୁନାଥପୁର ଓ ସୋମପୁର ଦେଇ ଭୁବନେଶ୍ୱର ଯିବ। ଯାତ୍ରା ସମୟରେ ବିଭିନ୍ନ ଛକ, ବଜାରରେ ଦଳୀୟ କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ଡିସିସି ସଭାପତି ନଟବର ବାରିକ, ଉପସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ଜଗତ୍‌ସିଂହପୁର ବ୍ଲକ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ରାଗିଗଲେ କଙ୍ଗନା



ଅଭିନେତ୍ରୀ କଙ୍ଗନା ରାଣାୱତ ପୁଣି ଚର୍ଚ୍ଚାରେ। ନିକଟରେ କଙ୍ଗନା ଏବଂ ରାହୁଲ ଗାନ୍ଧୀଙ୍କ ସମ୍ପର୍କରେ ଏକ ରିପୋର୍ଟ ଭାଇରାଲ ହୋଇଛି। ଏହି ରିପୋର୍ଟ ପଢ଼ିବା ପରେ କଙ୍ଗନା ରାଗରେ ନିଆଁବାଣ ହୋଇଛନ୍ତି। ଏହି ଖବରକୁ ସମ୍ପୂର୍ଣ୍ଣ ଗୁଜବ ବୋଲି ସେ କହିଛନ୍ତି। ରିପୋର୍ଟରେ କୁହାଯାଇଥିଲା ଯଦି ରାହୁଲ ଗାନ୍ଧୀ ଭାଜପାରେ ଯୋଗ ଦିଅନ୍ତି, ତେବେ କଙ୍ଗନା ତାଙ୍କୁ ବିବାହ କରିବାକୁ ପ୍ରସ୍ତୁତ। ଏହି ରିପୋର୍ଟ ପଢ଼ି କଙ୍ଗନା ରାଗିଯାଇ କହିଛନ୍ତି, ଏହି ମିଥ୍ୟା ଖବର କେତେ ଲଜ୍ଜାଜନକ ! ରାଜନୀତିରେ ମଧ୍ୟ ମହିଳାଙ୍କ ପାଇଁ କୌଣସି ମର୍ଯ୍ୟାଦା ନାହିଁ। ଏପରି ମିଥ୍ୟା ଖବର ପ୍ରଚାର କରୁଥିବା ଲୋକଙ୍କୁ ଲଜ୍ଜା ଲାଗିବା କଥା। କଙ୍ଗନା କେବଳ ଜଣେ ଲୋକପ୍ରିୟ ଅଭିନେତ୍ରୀ ନୁହନ୍ତି, ଏବେ ରାଜନୀତିରେ ମଧ୍ୟ ସକ୍ରିୟ ଅଛନ୍ତି। ଏବେ ସେ ଭାଜପା ଏମ୍‌ପି। ତେବେ ତାଙ୍କର ସ୍ପଷ୍ଟବାଦୀ ବୟାନ ପାଇଁ ପ୍ରାୟତଃ ସେ ଚର୍ଚ୍ଚାରେ ରହିଆନ୍ତି। ଶେଷ ଥର ପାଇଁ କଙ୍ଗନା 'ଏମରଜେନ୍ସି'ଚଳଚ୍ଚିତ୍ରରେ ନଜର ଆସିଥିଲେ। ସେ ନିଜେ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଏବଂ ପ୍ରଯୋଜନା କରିଥିଲେ। ଏଥିରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ଅଭିନୟ କରିଥିଲେ। ଚଳଚ୍ଚିତ୍ରଟି ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରି ନ ଥିଲା ; ତଥାପି କଙ୍ଗନାଙ୍କ ଅଭିନୟକୁ ପ୍ରଶଂସା ମିଳିଥିଲା।

# ବାଦ୍ ପଡ଼ିଥିବା ୭୯ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମିଳିଲା ୬୧ କୋଟି ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୪।୫(ସୁଚିସ୍ମିତା ସାହୁ)**

ସୁଭଦ୍ରାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ କିସ୍ତିରୁ ବାଦ୍ ପଡ଼ିଥିବା ୭୯ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୋମବାର ୬୧ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। ଆବଶ୍ୟକ ଯାଞ୍ଚ ପରେ ଚୟନ ହୋଇଥିବା ଏହି ହିତାଧିକାରୀମାନେ ମୋଟ ୧,୨୩,୮୪୯ଟି କିସ୍ତି ପାଇଛନ୍ତି। ଡିବିଟି ମାଧ୍ୟମରେ ସେମାନଙ୍କ ଆକାଉଣ୍ଟକୁ ସୁଭଦ୍ରା ଟଙ୍କା ପଠାଯାଇଛି। ଏନେଇ ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ହିତାଧିକାରୀଙ୍କ ଆକାଉଣ୍ଟକୁ ସୁଭଦ୍ରା ଟଙ୍କା ପଠାଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ନ୍ତି ତାହା ନିଶ୍ଚିତ କରିବାକୁ ସରକାର ପ୍ରତିବଦ୍ଧ ବୋଲି କହିଥିଲେ।

# ପଶ୍ଚିମବଙ୍ଗରେ...

ପ୍ରଥମ ପୃଷ୍ଠାରୁ...

ଭେଟ୍ରି କାଜାଗମ୍ (ଟିଭିକେ)ର ଅଭ୍ୟୁଦୟ ତାମିଲନାଡୁ ରାଜନୀତିରେ ନୂଆ ଇତିହାସ ରଚିଛି। ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ ଏବଂ କେରଳମ୍ ଆଦି ୪ ରାଜ୍ୟ ସମେତ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀରେ ଏପ୍ରିଲରେ ହୋଇଥିବା ବିଧାନସଭା ନିର୍ବାଚନ ଫଳାଫଳ ସୋମବାର ପ୍ରକାଶ ପାଇଛି। ନିର୍ବାଚନ ପ୍ରକ୍ରିୟା ଶେଷ ହେବାପରେ ଏହି ୪ ରାଜ୍ୟ ଏବଂ ପଣ୍ଡିଚେରୀକୁ ନେଇ ବିଭିନ୍ନ ଏଜେନ୍ସି ପକ୍ଷରୁ ଏକ୍‌ଜିଟ୍ ପୋଲରେ ଯେଉଁ ଆକଳନ କରାଯାଇଥିଲା ତାହା ଅନେକାଂଶରେ 'ଏକଜାଟ୍' ବା ସତ ହୋଇଛି। ପଶ୍ଚିମବଙ୍ଗ ଓ ଆସାମରେ ଭାଜପା ପୂର୍ଣ୍ଣସଂଖ୍ୟାଗରିଷ୍ଠତା ହାସଲ କରିବା ସହ ପଣ୍ଡିଚେରୀରେ ଏନ୍‌ଡିଏ ବିଜୟୀ ହୋଇ ସରକାର ଗଠନ କରିବା ନିଶ୍ଚିତ ହୋଇଛି। ସେହିପରି କେରଳମ୍‌ରେ ପିନରାୟୀ ବିଜୟନଙ୍କ ସରକାରକୁ ଶକ୍ତ ଧକ୍କା ଲାଗିଥିଲାବେଳେ ସେଠାରେ ୟୁଡିଏଫ୍ ମେଣ୍ଟ ବିଜୟୀ ହୋଇ ସରକାର ଗଠନ କରିବାକୁ ଯାଉଛି। ତେବେ ତାମିଲନାଡୁ ନିର୍ବାଚନ ସବୁ ମହଲକୁ ସ୍ତମ୍ଭୀଭୂତ କରି ଅଭୂତପୂର୍ବ ଫଳାଫଳ ଦେଇଛି। ସିନେ ଜଗତରୁ ଆସିଥିବା ଫିଲ୍ମଷ୍ଟାର ଯୋଶେଫ୍ ବିଜୟ ଏବେ 'ପଲିଟିକାଲ ଷ୍ଟାର' ପାଲଟିଯାଇଛନ୍ତି। ଥାଲାପତି ବିଜୟ ରାଜନୀତିରେ ପ୍ରବେଶକରି ପ୍ରଥମଥର ପାଇଁ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲାବେଳେ ତାଙ୍କ ଟିଭିକେକୁ ସର୍ବାଧିକ ସମର୍ଥନ ମିଳିବା ସହ ଦଳ ଏକକ ସଂଖ୍ୟାଗରିଷ୍ଠତା ହାସଲ ଆଡ଼କୁ ଅଗ୍ରସର ହୋଇଛି। ଏପରିକି ଶାସକ ଡିଏମ୍‌କେ ଏବଂ ବିରୋଧୀ ଏଆଇଡିଏମ୍‌କେକୁ ସେ ପଛରେ ପକାଇ ତାମିଲନାଡୁ ରାଜନୀତିର କେନ୍ଦ୍ରବିନ୍ଦୁ ପାଲଟିଯାଇଛନ୍ତି।

ଉପରୋକ୍ତ ୪ ରାଜ୍ୟ ମଧ୍ୟରୁ ପଶ୍ଚିମବଙ୍ଗ ଫଳାଫଳକୁ ନେଇ ସବୁ ମହଲରେ ଉତ୍କଣ୍ଠା ଲାଗି ରହିଥିଲା। ଶାସକ ଟିଏମ୍‌ସି ଏବଂ ଭାଜପା ମଧ୍ୟରେ ମୁଖ୍ୟତଃ ଲଢ଼େଇ ହୋଇଥିଲାବେଳେ ଭାଜପାକୁ ଅପ୍ରତ୍ୟାଶିତ ସଫଳତା ମିଳିଛି। ପଶ୍ଚିମବଙ୍ଗରେ ନିର୍ବାଚନ ହୋଇଥିବା ମୋଟ ୨୯୩ ଆସନ ମଧ୍ୟରୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଭାଜପା ୯୪ଟି ଆସନରେ ବିଜୟୀ ହେବା ସହ ୧୧୨ ଆସନରେ ଆଗୁଆ ରହିଥିବାରୁ ଦଳ ୨୦୦ରୁ ଅଧିକ ଆସନରେ ବିଜୟୀ ହୋଇ ଏଠାରେ ସରକାର ଗଠନ କରିବା ନିଶ୍ଚିତ ହୋଇଯାଇଛି। ପଶ୍ଚିମବଙ୍ଗରେ ସରକାର ଗଠନ ଲାଗି ମ୍ୟାଜିକ୍ ବା କୁହୁକ ନମ୍ବର ୧୪୭ ରହିଥିଲାବେଳେ ଭାଜପା ଏହାଠାରୁ ଅଧିକ ଆସନରେ ବିଜୟୀ ହୋଇଛି। ୨୦୨୧ ନିର୍ବାଚନରେ କଂଗ୍ରେସକୁ ଗୋଟିଏ ବି ଆସନ ମିଳିପାରି ନ ଥିବାବେଳେ ଏଥର ଦଳ ମାତ୍ର ୨ଟି ଆସନରେ ସନ୍ତୁଷ୍ଟ ହୋଇଛି। ରାଜ୍ୟରେ ଭାଜପା ପ୍ରଥମଥର ଲାଗି ସରକାର ଗଠନ କରିବାକୁ ଯାଉଥିବାବେଳେ ଗତ ୧୫ ବର୍ଷଧରି କ୍ଷମତାରେ ରହିଥିବା ମମତା ବାନାର୍ଜୀଙ୍କ ଟିଏମ୍‌ସି କ୍ଷମତାଚ୍ୟୁତ ହୋଇଛି। ୨୦୧୧ ନିର୍ବାଚନରେ ଭାଜପାକୁ ଗୋଟିଏ ବି ଆସନ ମିଳି ନ ଥିଲା ହେଲେ ୨୦୨୧ରେ ଦଳ ୭୭ଟି ଆସନରେ ବିଜୟୀ ହୋଇଥିଲା। କିନ୍ତୁ ୨୦୨୬ରେ ଭାଜପା ରେକର୍ଡ ସୃଷ୍ଟି କରିଛି। ଚଳିତଥର ହିନ୍ଦୁ ଭୋଟର ଧ୍ରୁବୀକରଣ ଯୋଗୁ ଦଳ ଏଭଳି ବୃହତ୍ ସଫଳତା ହାସଲ କରିଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଆସାମର ମୋଟ ୧୨୬ ଆସନ ମଧ୍ୟରୁ ବିଜେପି ୯୭ଟି ଆସନରେ ବିଜୟୀ ହେବା ସହିତ ୪ଟି ଆସନରେ ଆଗୁଆ ରହିଥିବାରୁ ଦଳ ୧୦୦ରୁ ଅଧିକ ଆସନ ଜିତି ହିମନ୍ତ ବିଶ୍ୱଶର୍ମା ସରକାର ପୁଣି କ୍ଷମତାସୀନ ହେବା ନିଶ୍ଚିତ ହୋଇଯାଇଛି। ଏଠାରେ କଂଗ୍ରେସକୁ ୨୨ ଆସନ ମିଳିଛି। କେରଳମ୍‌ର ୧୪୦ ଆସନ ମଧ୍ୟରୁ ୟୁଡିଏଫ୍‌କୁ ୧୦୨ଟି ଆସନ ମିଳିଥିଲାବେଳେ ଶାସକ ଏଲଡିଏଫ୍‌କୁ ୩୫ ଏବଂ ଏନ୍‌ଡିଏକୁ ମାତ୍ର ୩ଟି ଆସନ ମିଳିଛି। କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀର ମୋଟ ୩୦ଟି ବିଧାନସଭା ଆସନ ମଧ୍ୟରୁ ରଙ୍ଗାସ୍ୱାମୀ ସରକାର ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟକୁ ୧୮ଟି ଆସନ ମିଳିଥିଲାବେଳେ ଡିଏମ୍‌କେକୁ ୬ ଏବଂ ଟିଭିକେକୁ ୩ଟି ଆସନ ମିଳିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚେତିଲା ନାରୀ ଘର କରି।**

ଯେଉଁ ଗୃହିଣୀ ପାରିବାରିକ ବନ୍ଧନୀ ମଧ୍ୟରେ ବାନ୍ଧିହୋଇ ରହିଥାଏ, ସେ ପରିବାରର ଅଭାବ ଅସୁବିଧା ସହିତ ଜଡ଼ିତ ହୋଇ ତାହାର ସମାଧାନ ବା ସୁଧାର ଆଣିବାରେ ଅଭିଜ୍ଞତା ଅର୍ଜନ କରିଥାଏ। ସ୍ୱାମୀ, ସନ୍ତାନ ତଥା ପରିବାରର ଅନ୍ୟ ସଦସ୍ୟଙ୍କ ମନ ଜାଣି ସେମାନଙ୍କୁ ମନ ମୁତାବକ ସନ୍ତୁଷ୍ଟ କରି ନିଜ ହାତମୁଠାରେ ରଖି ଘର ଚଳାଇଥାଏ। ଯିଏ ନିଜ ଭୁଲ୍‌ରୁ ଶିକ୍ଷାଲାଭ କରେ ବା ନିଜ ଭୁଲ୍‌କୁ ସଂଶୋଧନ କରି ନିଜକୁ ସଜାଡ଼ି ନିଏ, ସିଏ ହିଁ ସବୁଥିରେ ସଫଳ ହୋଇଥାଏ। ବାସ୍ତବ ପକ୍ଷେ ଏପରି ନାରୀ ହିଁ ଘର ଓ ପରିବାର ଚଳେଇବାକୁ ସମର୍ଥ ହୋଇପାରିଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଚାଷ ଯେବେ କରି ବସିବ**
**ସଙ୍ଗେ ଥିବ ପୁଅ।**

ସାଧାରଣତଃ ଚାଷ କାମରେ ବହୁ ଶାରୀରିକ ପରିଶ୍ରମ ଲୋଡ଼ା ହୋଇଥାଏ। ଭଲ ଅମଳ ପାଇବାକୁ ହେଲେ ଚାଷୀକୁ ମାଟି ସହ ମାଟି ହେବାକୁ ପଡ଼ିଥାଏ। ପରଲୋକ ନେଇ ଚାଷ କଲେ ଚାଷରେ ସେତେ ବେଶି ଲାଭ ମିଳି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଓ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। କର୍ମକ୍ଷେତ୍ରରେ ଅତ୍ୟଧିକ ଯୁକ୍ତିତର୍କ କରିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। କୃତ୍ତିକା ନକ୍ଷତ୍ର ସକାଶେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସାମାଜିକ ସ୍ତରରେ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ।

**ବୃଷ** – ଆଜି ରୋହିଣୀ ନକ୍ଷତ୍ରର କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଅର୍ଥନୈତିକ ପ୍ରଗତି ସାମୂହିକ ଜୀବନଯାତ୍ରାକୁ ସୁଖମୟ କରିବ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଅତ୍ୟଧିକ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ।

**ମିଥୁନ** – ପରିବାରର ସମସ୍ୟା ସମାଧାନ ହେବା କାରଣରୁ ମାନସିକ ଶାନ୍ତି ପାଇବେ। ବହୁଦିନରୁ ରହିଯାଇଥିବା ଅପୂର୍ଣ୍ଣ କାମକୁ ଆଜି ସନ୍ଧ୍ୟା ସୁଦ୍ଧା ସମ୍ପୂର୍ଣ୍ଣ କରିବେ। ସାମାଜିକ ସ୍ତରରେ ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ। ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ସୁବିଧାରେ କାମ ହାସଲକରିବା କଷ୍ଟକର ହୋଇପଡ଼ିବ।

**କର୍କଟ** – କ୍ରନିକ୍ ରୋଗଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆର୍ଥିକ ଅନଟନ ଲାଗି ରହିଲେ ମଧ୍ୟ ଆପଣ ପରିସ୍ଥିତିକୁ ସମ୍ଭାଳି ନେଇପାରନ୍ତି। ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ହେବ,ଯାହାକି ମନ ଦୁଃଖର କାରଣ ହୋଇପାରେ। ପୁଷ୍ୟା ନକ୍ଷତ୍ରର ଆତ୍ମୀୟମାନେ ଆପଣଙ୍କ ଘରୋଇ କାମରେ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ସିଂହ** – ସ୍ଥଗିତ କାମଗୁଡ଼ିକ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ସାଧିତ ହେବ। ପାରିବାରିକ ସମସ୍ୟା ମଧ୍ୟରେ ଗତିକରି ମାନସିକ ପରିସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନାହିଁ। ମଘା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**କନ୍ୟା** – ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି। ସାଧାରଣ ଯୁକ୍ତିତର୍କରେ ବନ୍ଧୁଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବ୍ୟବସାୟ ଓ ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, କଚେରି ମାମଲା ବିଷୟରେ ଚିନ୍ତା କରିପାରନ୍ତି। ପାରିବାରିକ ସ୍ଥିତି ସକାଳେ ଭଲ ରହିବା ଯୋଗୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ

**ତୁଳା** – ସକାଳୁ ସକାଳୁ କୌଣସି ଶୁଭ ଖବର ପାଇ ମନ ଖୁସି ହୋଇଯିବ। ଅର୍ଥ ଓ ସମ୍ମାନ ପାଇବେ ଏବଂ ଏହା ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଆଜି ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ସ୍ୱାତୀ ନକ୍ଷତ୍ର ଅଫିସରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବିଛା** – ସମ୍ପର୍କୀୟଙ୍କୁ ନିଜ ସପକ୍ଷରେ ଆଣିବାରେ ସମର୍ଥ ହେବେ। ବାରମ୍ବାର ଚେଷ୍ଟାର ପରିଣାମ ସ୍ୱରୂପ ଆଜି ସାମାନ୍ୟ ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟସାଧିତ ହେବ। ଭୁଲ୍ ବୁଝାମଣା କାରଣରୁ ଅନୁରାଧା ନକ୍ଷତ୍ରର ପାରିବାରିକ କଳହ ଦେଖାଦେବ। ଆଜିର ଯାତ୍ରା ସମୟରେ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ଧନୁ** – ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ସବୁ ଠିକ୍ ହୋଇଯିବ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ନିଜ ଲୋକ ବିଶ୍ୱାସଘାତକତା କରିପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାରେ ଅସୁବିଧା ହେବ ନାହିଁ। ଜମିଜମା କାରବାରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମକର** – ଆଜିର ଯାତ୍ରା, ବାଣିଜ ତଥା ପାରିବାରିକ ଜୀବନକୁ ପ୍ରଭାବିତ କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ନିଜ ଲୋକଙ୍କ ଦ୍ୱାରା ସମସ୍ୟାଗ୍ରସ୍ତ ହେବେ। ଅବଶ୍ୟ ବନ୍ଧୁଙ୍କ ସହ ଆଲୋଚନାକରି ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ କୌଣସି ଯୋଜନା କରିବେ। ଧନିଷ୍ଠା ନକ୍ଷତ୍ର ନିଜର ଦୂରଦର୍ଶିତା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ।

**କୁମ୍ଭ** – କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବାରେ ପ୍ରତିବନ୍ଧକ ରହିବ ନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିବ। ପୂର୍ବ ଶତ୍ରୁତାକୁ ନେଇ ଆତ୍ମୀୟମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଶତଭିଷା ନକ୍ଷତ୍ରର ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମୀନ** – ମାନସିକ ସ୍ଥିତି ଭଲ ନ ରହିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ପରିବାର ପାଇଁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ରେବତୀ ନକ୍ଷତ୍ର ସକାଶେ ବନ୍ଧୁଙ୍କ ଜରିଆରେ ଅର୍ଥ ସଂଗ୍ରହର ପ୍ରଚେଷ୍ଟା ନିଷ୍ଫଳ ହେବ ନାହିଁ। ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ସତ୍‌ସଙ୍ଗ, ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ମେ' ୫ ତାରିଖ, ବିଶ୍ୱ ଆଥ୍‌ଲେଟିକ୍ସ ଦିବସ, ଜ୍ୟେଷ୍ଠ କୃଷ୍ଣ ଚତୁର୍ଥୀ ମଙ୍ଗଳବାର। ରାଶିନକ୍ଷତ୍ର–ଦିବା ଘ.୧୨।୫୪ ମି. ପର୍ଯ୍ୟନ୍ତ ଜ୍ୟେଷ୍ଠା/ବିଛା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮।୩୧ ଗତେ, ଘ.୧୦।୨୬ ମଧ୍ୟେ, ଘ,୦୧।୦୦ ଗତେ, ଘ.୦୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୫ ଗତେ, ଘ.୦୪।୩୧ ମଧ୍ୟେ ରାହୁକାଳ।




# ଆଜିଠାରୁ ମୁଖ୍ୟମନ୍ତ୍ରୀଙ୍କ ୩ଦିନିଆ ଗୁଜରାଟ ଗସ୍ତ

■ ଆଜି ଅହମଦାବାଦରେ ରୋଡ୍ ଶୋ'

■ ନିବେଶକଙ୍କ ସହ ହେବ ଆଲୋଚନା

ଭୁବନେଶ୍ୱର,୪।୫ (ଅନୁରାଧା ମହାରଣା)

ହାଇଦ୍ରାବାଦ ଓ କୋଲକାତା ପରେ ମଙ୍ଗଳବାର ଗୁଜରାଟରେ ରୋଡ୍ ଶୋ' କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ନିବେଷକଙ୍କୁ ଆହ୍ୱାନ କରିବେ। ଏଥିପାଇଁ ମଙ୍ଗଳବାରଠାରୁ ୭ ତାରିଖ ପର୍ଯ୍ୟନ୍ତ ୩ଦିନିଆ ଗୁଜରାଟ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ। ତାଙ୍କ ସହ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ପ୍ରତିନିଧି ଦଳ ଗୁଜରାଟ ଗସ୍ତ କରିବ। ପୂର୍ବ ଓ ପଶ୍ଚିମ ଭାରତ ମଧ୍ୟରେ ଶିଳ୍ପ ସେତୁ ନିର୍ମାଣ ଲକ୍ଷ୍ୟରେ ଏହି ଗସ୍ତ ଓଡ଼ିଶାରେ ପୁଞ୍ଜି ବିନିଯୋଗ ଆକର୍ଷଣ ଅଭିଯାନକୁ ନୂଆ ଗତି ଦେବ ବୋଲି ଆଶା କରାଯାଉଛି। ଏହି ଗସ୍ତ ସମୟରେ ବସ୍ତ୍ର, ରାସାୟନିକ ଓ ପେଟ୍ରୋକେମିକାଲ, ଧାତୁ ଓ ଡାଉନଷ୍ଟ୍ରିମ୍ ଶିଳ୍ପ, ଔଷଧ ଓ ମେଡିକାଲ୍ ଡିଭାଇସ୍ କ୍ଷେତ୍ରରେ ଗୁଜରାଟର ଶିଳ୍ପପତିଙ୍କ ସହ ଆଲୋଚନା ହେବ। ଅନ୍ୟ ଶିଳ୍ପ ନେତୃତ୍ୱଙ୍କ ସହ ରାଉଣ୍ଡଟେବଲ୍ ଆଲୋଚନା ଓ ସ୍ୱତନ୍ତ୍ର ବୈଠକ ହେବ। ଏଥିସହ ଏମ୍ଓୟୁଏଚ ଏବଂ ଇନଭେଷ୍ଟମେଣ୍ଟ ଇଣ୍ଟେନ୍ଶନ୍ ଫର୍ମ (ଆଇଆଇଏଫ୍) ସ୍ୱାକ୍ଷରିତ ହେବାର ଯୋଜନା ରହିଛି। ୬ ତାରିଖରେ ପ୍ରତିନିଧି ଦଳ ମୁନ୍ଦ୍ରା ବନ୍ଦର ପରିଦର୍ଶନ କରିବେ ଏବଂ ଲଜିଷ୍ଟିକ୍ସ ଓ ପୋର୍ଟ ଆଧାରିତ ଶିଳ୍ପ ସୁଯୋଗ ବିଷୟରେ ଆଲୋଚନା କରିବେ। ୭ ତାରିଖରେ ବଡୋଦରାରେ ନିବେଶକଙ୍କ ସହ ଆଲୋଚନା ହେବ। ମୁଖ୍ୟମନ୍ତ୍ରୀ ମଧ୍ୟ କେବଡିଆ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

ଗସ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ଉନ୍ନତ ଅବସ୍ଥାପନା ଓ ଦକ୍ଷ ମାନବ ସମ୍ପଦ ସହ ଓଡ଼ିଶା ଏବେ ବିନିଯୋଗକାରୀଙ୍କ ପ୍ରଥମ ପସନ୍ଦ ହେବାରେ ଲାଗିଛି। ଗୁଜରାଟ ଗସ୍ତ ଆମ ଲୋକଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ଏବଂ ରାଜ୍ୟରେ ବିରାଟ ରୋଜଗାର ଆଣି ଦେବ। ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଗଠନରେ ଏହା ଏକ ମାଇଲଖୁଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଓଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୪।୫(ସୁନିତ୍ ମିଶ୍ର)

ଓଏଏସ୍ ଅଫିସରସ୍ତରରେ ସୋମବାର ଏକ ଛୋଟ ଧରଣର ଅଦଳବଦଳ ହୋଇଛି। ଓଏଏସ୍ ଅଫିସର ପ୍ରଶାନ୍ତ କୁମାର ନାୟକଙ୍କୁ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଓଏଏସ୍ ଅଫିସର ସବ୍ୟସାଚୀ ପଣ୍ଡା ଝାରସୁଗୁଡ଼ା ଉପଜିଲାପାଳ ଥିଲେ। ତାଙ୍କୁ ରାଇରଙ୍ଗପୁରର ବାମନଘାଟି ଉପଜିଲାପାଳ ଭାବେ ବଦଳି କରାଯାଇଥିଲା। ପୁଣିଥରେ ସରକାର ସବ୍ୟସାଚୀଙ୍କୁ ଝାରସୁଗୁଡ଼ା ଉପ ଜିଲାପାଳ ଭାବେ ଅବସ୍ଥାପିତ କରିଛନ୍ତି। ସେହିପରି ଉଗ୍ରେସନ ଓରାମଙ୍କୁ ରାଇରଙ୍ଗପୁରର ବାମନଘାଟି ଉପ ଜିଲାପାଳ ଭାବେ ନିଯୁକ୍ତି ମିଳିଥିବାବେଳେ ଅଶୋକ କୁମାର ମାଝୀଙ୍କୁ ବଲାଙ୍ଗୀରର ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଭାବେ ଦାୟିତ୍ୱ ପାଇଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ୧୦ ପର୍ଯ୍ୟନ୍ତ ବର୍ଷା, ପବନ

ଭୁବନେଶ୍ୱର, ୪।୫(ବନ୍ଦନା ସେଠୀ)

ରାଜ୍ୟରେ କାଳବୈଶାଖୀ ବର୍ଷା ଜାରି ରହିଥିବାବେଳେ ଅଧିକାଂଶ ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି। କେବଳ ବୌଦ୍ଧ ଜିଲାରେ ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ରହିଥିବାବେଳେ ଝାରସୁଗୁଡାରେ ୪୦.୬ ଡିଗ୍ରୀ ଏବଂ ତାଳଚେରରେ ୪୦.୨ ଡିଗ୍ରୀ ରେକର୍ଡ କରାଯାଇଥିଲା। ବାକି ସ୍ଥାନଗୁଡିକରେ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିଥିଲା। ତେବେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ଓ ପବନ ଲାଗି ରହିବ। ମଙ୍ଗଳବାର ସାରା ରାଜ୍ୟରେ ପ୍ରବଳ ବର୍ଷା ହେବା ସହିତ ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ବୌଦ୍ଧ, କନ୍ଧମାଳ ଜିଲାର କିଛି ସ୍ଥାନରେ ପ୍ରବଳ ଓ ପବନ ବର୍ଷା ସହିତ ଘଡ଼ଘଡ଼ି ବିଜୁଳି ନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ତେବେ ସୁନ୍ଦରଗଡ଼ ଜିଲାରେ କୁଆପଥର ବୃଷ୍ଟିପାତ ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି। ଏହାବାଦ୍ ରାଜ୍ୟର ଅନ୍ୟ ଜିଲା ଯଥା ମୟୂରଭଞ୍ଜ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଝାରସୁଗୁଡା, ବରଗଡ଼, ସୋନପୁର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲାକୁ ଘଡ଼ଘଡ଼ି ବିଜୁଳି ସହ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। କାଳବୈଶାଖୀ ସମୟରେ ବାହାରକୁ ନ ବାହାରି ଘରେ ସୁରକ୍ଷିତ ରହିବା ପାଇଁ ବିଭାଗ ପରାମର୍ଶ ଦେଇଛି। ସେହିପରି ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି।

# ଜିତୁ ମୁଣ୍ଡାଙ୍କୁ ଟଙ୍କା ଭାଗ ମାଗୁଛନ୍ତି ଭାଇ

ପାଟଣା,୪।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡିଆନାଳି ଚତୁରିସାହିର ଜିତୁ ମୁଣ୍ଡା ଟଙ୍କା ଉଠାଇବା ପାଇଁ ଭଉଣୀଙ୍କ କଙ୍କାଳ ଧରି ବ୍ୟାଙ୍କକୁ ଯିବା ଘଟଣାକୁ ୭ ଦିନ ପୂରିଥିଲେ ହେଁ ଚର୍ଚ୍ଚା, ବିବାଦ ଥମୁନି। ଘଟଣାରେ ଜିତୁଙ୍କ ନିକଟକୁ ସମବେଦନା ସହ ଟଙ୍କାର ସୁଅ ଛୁଟୁଛି। ଟଙ୍କାରୁ ଏବେ ଜିତୁଙ୍କ ସାନଭାଇ ଭାଗ ମାଗୁଥିବା ଅଭିଯୋଗ ହୋଇଛି। ଟଙ୍କା ନ ଦେଲେ ସାନ ଭାଇ ଶଙ୍କରା ମାଡ଼ ମାରିବ ବୋଲି ଜିତୁ କହିଛନ୍ତି। ଖବର ପାଇ ସୋମବାର ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ଓ ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ ଡିଆନାଳି ଚତୁରିସାହିରେ ପହଞ୍ଚି ବୁଝାଶୁଝା କରିବା ସହ ସ୍ଥିତି ଯାଞ୍ଚ କରିଛନ୍ତି। ଜିତୁ ତାଙ୍କ ଭାଇଙ୍କ ନାମରେ ଅଭିଯୋଗ କଲେ ମାମଲା ରୁଜୁ କରାଯିବ ବୋଲି ପାଟଣା ଥାନା ଅଧିକାରୀ ସାହୁ କହିଛନ୍ତି। ଅନ୍ୟପକ୍ଷରେ କାଲାରାଙ୍କ ଉତ୍ତରାଧିକାରୀ ଢେଙ୍କାନାଳ ଜିଲା ଗନ୍ଦିଆ ତହସିଲ ରାଣେଇ ଗାଁରେ ରହୁଥିବା କୁହାଯାଉଛି। ତାହା ତଦନ୍ତ କରିବାକୁ ପାଟଣା ତହସିଲଦାର ଅଶ୍ୱିନୀ ନାଏକ ଢେଙ୍କାନାଳ ଜିଲାପାଳଙ୍କୁ ପତ୍ର ଲେଖିଛନ୍ତି।

# ଆଜିଠୁ ପିଜି ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୪।୫(ସୁଚିସ୍ମିତା ସାହୁ)

ସ୍ନାତକୋତ୍ତର ବା ପିଜି ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା (ସିପିଇଟି) ମଙ୍ଗଳବାରଠାରୁ ଆରମ୍ଭ ହେବ। ପ୍ରତିଦିନ ୨ଟି ସିଫ୍ଟରେ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ସିଫ୍ଟ ସକାଳ ୧୦ ଟାରୁ ୧୧ଟା ୪୦ ଓ ଦ୍ୱିତୀୟ ସିଫ୍ଟ ଅପରାହ୍ନ ୩ଟାରୁ ୪ଟା ୪୦ ଯାଏ ରହିଛି। ପ୍ରଥମ ଦିନ ବାଣିଜ୍ୟ ସମେତ ବାୟୋଟେକ୍ନୋଲୋଜି ଓ ସୋସିଓଲୋଜି ପରୀକ୍ଷା ରହିଛି। ରବିବାର ବ୍ୟତୀତ ନିୟମିତ ଭାବେ ୧୬ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍ଏସ୍ବି) ଏହି ପରୀକ୍ଷା ପରିଚାଳନା କରୁଛି। ଚଳିତବର୍ଷ ସମୁଦାୟ ୩୧,୯୧୫ ପିଜି ସିଟ୍ ପାଇଁ ୫୮,୭୦୮ ଜଣ ଛାତ୍ରୀଛାତ୍ର ଆବେଦନ କରିଛନ୍ତି। ୧୯ ତାରିଖରେ ପ୍ରୋଭିଜନାଲ୍ ଆନ୍ସାର୍ କି' ପ୍ରକାଶ ପାଇବ। ଏହି ଆନସାର୍କୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ କୌଣସି ଆଶଙ୍କା ଥିଲେ ୨୦ରୁ ୨୨ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଗୋଟିଏ ପ୍ରଶ୍ନର ଉତ୍ତରକୁ ଚ୍ୟାଲେଞ୍ଜ କରିବା ପାଇଁ ୨୦୦ ଟଙ୍କା ଫି' ଦେବାକୁ ହେବ। ପରବର୍ତ୍ତୀ ସମୟରେ ଆବେଦନକାରୀଙ୍କୁ ଏହି ଟଙ୍କା ଫେରସ୍ତ କରାଯିବ ନାହିଁ। ପ୍ରବେଶିକା ପରୀକ୍ଷା ମାର୍କ ଅନୁସାରେ ମେଧା ତାଲିକା ପ୍ରକାଶ ପାଇବ।






“ସ୍ୱର୍ଗଟିଏ ନିର୍ମାଣ କରିବା କେଡେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ। କାରଣ– ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ। –ଶ୍ରୀଅରବିନ୍ଦ



# ନେତା ମତଦାତା

ପୂର୍ବରୁ ଥିଲା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଓ ମୁହଁ ଜଣା ନ ପଡ଼ିଲେ ବିଧାନସଭା ନିର୍ବାଚନ ଲଢ଼ିବା କଷ୍ଟକର। ଏଥିସହିତ ସବୁବେଳେ କୁହାଯାଉଥିଲା ‘ବିକଳ୍ପ କିଏ’। ଇଂଲିଶ୍‌ରେ ତାହା ଥିଲା ଟିନା ବା ଦ୍ୟାରିଜ୍ ନୋ ଅଲ୍ଟରନେଟିଭ୍। ଏବେ ସେହିସବୁ ଚିନ୍ତାଧାରାରୁ ଭାରତୀୟ ଭୋଟର ଦୂରେଇଗଲେଣି। ୨୦୨୪ ମସିହା ନିର୍ବାଚନ ବେଳକୁ ଓଡ଼ିଶାରେ ମଧ୍ୟ କୁହାଯାଉଥିଲା ଯେ ନବୀନ ପଟ୍ଟନାୟକଙ୍କ ବିକଳ୍ପ ନାହିଁ। କାରଣ ସାଧାରଣ ଭୋଟର ଭାଜପାକୁ ଦେଖିଲା ବେଳକୁ କୌଣସି ନେତା ଦୃଷ୍ଟିଗୋଚର ହେଉ ନ ଥିଲେ। କିନ୍ତୁ ଏବେ ଅଧିକାଂଶ ଓଡ଼ିଆ ମୋହନ ଚରଣ ମାଝୀଙ୍କୁ ଏକ ସ୍ୱାଗତଯୋଗ୍ୟ ବିକଳ୍ପ ଭାବେ ସ୍ୱୀକାର କରିନେଲେଣି। ସେହିଭଳି ଭାବେ ପଶ୍ଚିମବଙ୍ଗରେ ଶୁଭେନ୍ଦୁ ଅଧିକାରୀ ଏବଂ ଆସାମରେ ଦ୍ୱିତୀୟ ଥର ପାଇଁ ହିମନ୍ତ ବିଶ୍ୱଶର୍ମା ମୁଖ୍ୟମନ୍ତ୍ରୀ ହେବେ ବୋଲି କେହି ବାଜି ଲଗାଇ ପାରିବେ ନାହିଁ। ନିଷ୍ପତ୍ତି ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେବେ। ପୂର୍ବଭଳି ଗତାନୁଗତିକ ନେତାଙ୍କୁ ଛାଡ଼ି ନୂଆ ଲୋକଙ୍କୁ ଆଣିବା ଫଳରେ ଯେଉଁ ପ୍ରଶାସନିକ ପରିବର୍ତ୍ତନ ଘଟୁଛି, ତାହାକୁ ଜନସାଧାରଣ ସ୍ୱାଗତ କରୁଛନ୍ତି ବୋଲି ପ୍ରତ୍ୟେକଟି ନିର୍ବାଚନରୁ ପ୍ରମାଣିତ ହେଉଛି।

ମମତା ବାନାର୍ଜୀଙ୍କ ତୃତୀୟ ନିର୍ବାଚନ ବା ୧୫ ବର୍ଷ ଶାସନରେ ଜନସାଧାରଣ ଅତିଷ୍ଠ ହେବା ଏକପ୍ରକାର ବୁଝାପଡୁଥିଲା। ଭାରତୀୟ ଭୋଟରଙ୍କର ପରିବର୍ତ୍ତନ ପାଇଁ ଆକାଂକ୍ଷା ମଧ୍ୟ ସ୍ୱାଗତଯୋଗ୍ୟ। ଭାରତୀୟ ସମ୍ବିଧାନରେ ୫ ବର୍ଷର ଜୀବନକାଳ ଦିଆଯାଇଛି ନିର୍ବାଚିତ ଗୃହକୁ। ଏଥିସହିତ ବିଭିନ୍ନ ସମୟରେ ବିଧାନସଭା ନିର୍ବାଚନଗୁଡ଼ିକ ହେଉଥିବାରୁ କ୍ଷମତାସୀନ ଦଳ ପାଇଁ ସବୁବେଳେ ଏକ ପରୀକ୍ଷା ଦେବାକୁ ପଡୁଛି। ଏହି ବ୍ୟବସ୍ଥା ଗଣତନ୍ତ୍ରକୁ ସୁଦୃଢ଼ କରି ରଖିପାରୁଛି। ଏଭଳି ନିର୍ବାଚନ

> **ନିକଟ ଅତୀତରେ ପ୍ରାୟ ସବୁ ନିର୍ବାଚନ ପ୍ରମାଣ ଦେଉଛି ଯେ ଭାରତରେ ନେତାର ନାହିଁ ପ୍ରୟୋଜନ, ଭାରତର ନେତା ହେବା ଦରକାର ସ୍ୱୟଂ ମତଦାତା। ଏହି ମାନସିକତାକୁ ସୁଦୃଢ଼ କରି ଯଦି ଭାରତୀୟ ଭୋଟର ନିଜର କ୍ଷମତାକୁ ଉଚିତ ଭାବେ ବ୍ୟବହାର କରିପାରିବେ, ତେବେ ଦେଶର ପ୍ରଗତି ସୁନିଶ୍ଚିତ।**

**ତଥାଗତ ସତପଥୀ**

ଦ୍ୱାରା ପ୍ରତ୍ୟେକ ଦଳକୁ ନିଜର ଆଭ୍ୟନ୍ତରୀଣ ସାଙ୍ଗଠନିକ ଶକ୍ତି ସହ ଜନସାଧାରଣଙ୍କ ଇଚ୍ଛାକୁ ସମ୍ମାନ ଦେବାର ଆବଶ୍ୟକତା ସମ୍ପର୍କରେ ସଚେତନ ରହିବାକୁ ପଡୁଛି।

କୁହାଯାଏ ଯେ, ଗଣତନ୍ତ୍ରରେ ଏକ ଦଶନ୍ଧି ପରିବର୍ତ୍ତନ ଆଣିବା ପାଇଁ ଯଥେଷ୍ଟ। ଭାରତର କେତୋଟି ରାଜ୍ୟ ଯଥା–ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ନାଟକ ଏବଂ କେରଳରେ ପ୍ରାୟତଃ ପ୍ରତ୍ୟେକ ୫ରୁ ୧୦ ବର୍ଷରେ ଶାସକ ଦଳ ବଦଳିଯାଏ। ସେଥିପାଇଁ ଅର୍ଥନୈତିକ ଅଗ୍ରଗତି ସହ ଶିଳ୍ପ ଓ ବ୍ୟବସାୟର ଉନ୍ନତିକୁ ଦେଖିଲେ ଦକ୍ଷିଣ ଭାରତ ଯଥେଷ୍ଟ ଆଗୁଆ ରହୁଛି। ଶିକ୍ଷିତ ଓଡ଼ିଆ ଯୁବତୀଯୁବକ ହାଇଦ୍ରାବାଦ, ବାଙ୍ଗାଲୋର କିମ୍ବା ମାଡ୍ରାସ ଯିବାକୁ ଇଚ୍ଛାପ୍ରକାଶ କରିଥାନ୍ତି। ଏପରିକି ଦିଲ୍ଲୀ ବ୍ୟତୀତ ଅଣକୁଶଳୀ ଓଡ଼ିଆ ଉତ୍ତରପ୍ରଦେଶ, ବିହାର କିମ୍ବା ମଧ୍ୟପ୍ରଦେଶ ଯିବାର ଦେଖାଯାଏ ନାହିଁ। କାରଣ ଯେଉଁସବୁ ଜାଗାରେ ଦୀର୍ଘଦିନ ପର୍ଯ୍ୟନ୍ତ ରାଜନୈତିକ ସ୍ଥିରତା ବଜାୟ ରହୁଛି, ସେହିସବୁ ରାଜ୍ୟର ଅଗ୍ରଗତି ଧିମେଇ ଯାଉଛି। ଏହାର ପ୍ରମାଣ ଓଡ଼ିଶାବାସୀ ନିଜେ ୨୪ ବର୍ଷର ବିଜୁ ଜନତା ଦଳର ଶାସନରେ ଦେଖିବାକୁ ପାଇଲେ। ପ୍ରଥମ ଦଶନ୍ଧିରେ ନବୀନ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟଗୁଡ଼ିକୁ ଅସ୍ୱୀକାର କରିହେବ ନାହିଁ। ପରବର୍ତ୍ତୀ ସମୟରେ, ବାରମ୍ବାର ଜିତିବା ଫଳରେ ବିଜୁ ଜନତା ଦଳ ମଧ୍ୟ ଓଡ଼ିଆ ଭୋଟରଙ୍କୁ ନିଜ ପୋଷା ଜନ୍ତୁ ଭାବେ ବ୍ୟବହାର କରିବାକୁ ଆରମ୍ଭ କଲେ। ଏହା ଦର୍ଶାଉଛି ଯେ, ୧୦ ବର୍ଷରୁ ଅଧିକ କୌଣସି ଦଳ କ୍ଷମତାସୀନ ହୋଇ ରହିଲେ ସେଥିରେ ଜନସ୍ୱାର୍ଥ ଅପେକ୍ଷା ନିଜ ସ୍ୱାର୍ଥ ଜଗିବା ହୋଇଯାଏ ମୂଳ ଲକ୍ଷ୍ୟ।

ଭାରତୀୟ ଭୋଟର ଏବେ କଣ୍ଠାକଣ୍ଠି ନିର୍ବାଚନ ହେବାକୁ ଦେଉନାହାନ୍ତି। ଯେତେବେଳେ ସମର୍ଥନ କାହାରିକୁ ମିଳୁଛି, ଯେମିତି ପଶ୍ଚିମବଙ୍ଗରେ ଭାଜପା, ତାମିଲନାଡୁରେ ଟିଭିକେ, କେରଳରେ ୟୁଡିଏଫ୍, ଲୋକେ ସ୍ପଷ୍ଟ ବହୁମତ ଦେଉଛନ୍ତି। ଏହାଦ୍ୱାରା ଶାସନ ଗାଦିକୁ ଆସୁଥିବା ଦଳ ଲୋକଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାରେ କିଛି ବାଧା ସୃଷ୍ଟି ହେବ ନାହିଁ। ଏଭଳି ପରିସ୍ଥିତିରେ ରାଜନେତାମାନଙ୍କୁ ଯେଉଁ ଶକ୍ତି ଦିଆଯାଇଛି ତାହା କିଭଳି ସଦୁପଯୋଗ ହେବ, ପ୍ରଥମ ୫ ବର୍ଷରେ ପ୍ରମାଣ କରିପାରିଲେ ଦ୍ୱିତୀୟ ୫ ବର୍ଷ ମିଳିବା ଦରକାର। ନିକଟ ଅତୀତରେ ପ୍ରାୟ ସବୁ ନିର୍ବାଚନ ପ୍ରମାଣ ଦେଉଛି ଯେ ଭାରତରେ ନେତାର ନାହିଁ ପ୍ରୟୋଜନ, ଭାରତର ନେତା ହେବା ଦରକାର ସ୍ୱୟଂ ମତଦାତା। ଏହି ମାନସିକତାକୁ ସୁଦୃଢ଼ କରି ଯଦି ଭାରତୀୟ ଭୋଟର ନିଜର କ୍ଷମତାକୁ ଉଚିତ ଭାବେ ବ୍ୟବହାର କରିପାରିବେ, ତେବେ ଦେଶର ପ୍ରଗତି ସୁନିଶ୍ଚିତ।

# କେବଳ ରାଜନୈତିକ ବିଜୟ ନୁହେଁ, ବିକାଶର ଉଦ୍‌ଘୋଷ



**ମୋହନ ଚରଣ ମାଝୀ**

ସଦ୍ୟ ୪ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ସମାପ୍ତ ହୋଇଥିବା ନିର୍ବାଚନ ଏବଂ ସୋମବାର ପ୍ରକାଶିତ ହୋଇଥିବା ଏହାର ଫଳାଫଳ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ ନିର୍ଣ୍ଣାୟକ ମୋଡ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ, ପ୍ରାୟ ସାତ ଦଶନ୍ଧିର ଘୃଣା, ବିଭାଜନକାରୀ ଏବଂ ହିଂସାତ୍ମକ ରାଜନୀତିକୁ ପଛରେ ପକାଇ ପଶ୍ଚିମବଙ୍ଗରେ ଏକ ନୂତନ ରାଜନୀତିର ଶୁଭାରମ୍ଭ ହେବାକୁ ଯାଉଛି। ଦଶ ବର୍ଷ ତଳେ ମାତ୍ର ଦୁଇ ଜଣ ବିଧାୟକଙ୍କ ସହିତ ରାଜନୈତିକ ଯାତ୍ରା ଆରମ୍ଭ କରିଥିବା ଆଜି ପଶ୍ଚିମବଙ୍ଗରେ ଦୁଇ ତୃତୀୟାଂଶ ଆସନ ସହିତ ସରକାର ଗଠନ କରିବାକୁ ଯାଉଛି। ଏହା କୌଣସି ରୋମାଞ୍ଚକର ଐତିହାସିକ କାହାଣୀଠାରୁ କମ୍ ନୁହେଁ। ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରିବ ଯେ ଏହି ପଟ୍ଟକଥାର ରଚୟିତା ହେଉଛନ୍ତି ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ତାଙ୍କର ବ୍ୟକ୍ତିଗତ ଛବି, କେନ୍ଦ୍ର ସରକାରଙ୍କ ସୁଶାସନ, ଭାରତୀୟ ଜନତା ପାର୍ଟିର ଶୃଙ୍ଖଳା ଏବଂ କାର୍ଯ୍ୟକର୍ତ୍ତାଙ୍କ ସମର୍ପଣ ଭାବେ ଏହି ବିଜୟପଥକୁ ସୁଗମ କରିଥିଲା। ପଶ୍ଚିମବଙ୍ଗର ଏହି ବିପୁଳ ବିଜୟ ନିଶ୍ଚିତ ଭାବେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସ୍ୱପ୍ନର ସୁନାର ବଙ୍ଗଳା ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି।

ଅନେକ ସମୀକ୍ଷକ ପଶ୍ଚିମବଙ୍ଗର ଏହି ବିଜୟକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। କିନ୍ତୁ, ବ୍ୟକ୍ତିଗତ ଭାବେ ମୁଁ ଏହି ଐତିହାସିକ ବିଜୟକୁ ନେଇ ଆଦୌ ଆଶ୍ଚର୍ଯ୍ୟ ନୁହେଁ। କାରଣ ଏହି ନିର୍ବାଚନ ସମୟରେ ପ୍ରଚାର ପାଇଁ ମୁଁ ଅନେକବାର ପଶ୍ଚିମବଙ୍ଗ ଯାଇଥିଲି ଏବଂ ସେହି ନିର୍ବାଚନୀ ସଭାରେ ଉପସ୍ଥିତ ଜନତା ଜନାର୍ଦ୍ଦନଙ୍କ ପ୍ରତିକ୍ରିୟା ଦେଖି ମୁଁ ନିଶ୍ଚିତ ହୋଇଯାଇଥିଲି ଯେ ପଶ୍ଚିମବଙ୍ଗରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ।

ଏହି ଜନାଦେଶ ଏକ ସାଧାରଣ ନିର୍ବାଚନୀ ଫଳାଫଳଠାରୁ ବହୁ ଊର୍ଦ୍ଧ୍ୱରେ। ଏହା ଘୃଣା, ସମ୍ପ୍ରଦାୟବାଦ, ହିଂସା ଏବଂ ଭୟ ଉପରେ ଆଧାରିତ ରାଜନୀତିର ଏକ ନିର୍ଣ୍ଣାୟକ ଏବଂ ଦୃଢ଼ ପ୍ରତ୍ୟାଖ୍ୟାନ। ୨୦୧୧ ମସିହାରେ ଯେଉଁ ମମତା ବାନାର୍ଜୀ ‘ମା, ମାଟି ଓ ମାନୁଷ’ର ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିଲେ, ବହୁ କମ୍ ଦିନରେ ତାହା ଭୁଲିଗଲେ। ଗତ କିଛି ବର୍ଷ ମଧ୍ୟରେ ମହିଳା ସୁରକ୍ଷା ଉପରେ ଏକ ପ୍ରଶ୍ନବାଚୀ ଭାବେ ସୃଷ୍ଟି ହୋଇଥିଲା। ଭାରତୀୟ ରାଜନୀତିରେ ମହିଳାଙ୍କ ଆରକ୍ଷଣକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ପ୍ରଧାନମନ୍ତ୍ରୀ ସଂସଦରେ ଆଣିଥିବା ନାରୀଶକ୍ତି ବନ୍ଦନ ଅଧିନିୟମକୁ ଯେଉଁପରି ଭାବେ ମମତା ବାନାର୍ଜୀ ବିରୋଧ କରିଥିଲେ, ତାହାର ପ୍ରତିଫଳନ ଏଇ ନିର୍ବାଚନରେ ଦେଖିବାକୁ ମିଳିଛି। ସଂଯୋଗବଶତଃ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ମଧ୍ୟ ଏହି ବିଧେୟକକୁ ବିରୋଧ କରିଥିଲେ। ଏହାର ଫଳାଫଳ ତାଙ୍କୁ ଭୋଗିବାକୁ ପଡ଼ିଲା। ଦଳ ସହିତ ନିଜେ ମଧ୍ୟ ପରାଜୟବରଣ କଲେ।

ଏହି ଜନାଦେଶର ବ୍ୟାପ୍ତି, ବିବିଧତା ଏବଂ ନିର୍ଣ୍ଣାୟକତା ନିର୍ବାଚନୀ ଅଙ୍କଗଣିତଠାରୁ ବହୁ ଊର୍ଦ୍ଧ୍ୱରେ। ଏହି ଫଳାଫଳରେ ପ୍ରଧାନମନ୍ତ୍ରୀଙ୍କର ମନ୍ତ୍ର, ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ’ର ଭାବନାକୁ ପ୍ରତିଫଳିତ କରୁଛି। କାରଣ, ଗତ ପ୍ରାୟ ପାଞ୍ଚ ଦଶନ୍ଧି ଧରି ପଶ୍ଚିମବଙ୍ଗରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ତୁଷ୍ଟୀକରଣ ଚାଲିଥିଲା ଏବଂ ଅଳ୍ପସଂଖ୍ୟକଙ୍କ ଅଧିକାର ଓ ସୁରକ୍ଷା ଆଳରେ ସଂଖ୍ୟା ବହୁଳଙ୍କୁ ଏକ ପ୍ରକାର ଅବହେଳା କରାଯାଉଥିଲା। ବହୁମତକୁ ବାହୁବଳ, ଭୟ ଓ ଆତଙ୍କରାଜ ବଳରେ ଚାପିବାର ପ୍ରୟାସ ହୋଇଥିଲା, କିନ୍ତୁ ନିର୍ବାଚନ ଆୟୋଗ ତଥା ଭାରତ ସରକାରଙ୍କ ଗୃହ ବିଭାଗର ଦୃଢ଼ ସୁରକ୍ଷା ପ୍ରବନ୍ଧନ ଫଳରେ ରାଜ୍ୟର ଭୋଟରମାନେ ବିନା ଭୟରେ ନିଜ ମତାଧିକାର ସାବ୍ୟସ୍ତ କରିବାକୁ ସୁଯୋଗ ପାଇଥିଲେ। ଏହାର ପ୍ରମାଣ ହେଉଛି ହିଂସାରହିତ ନିର୍ବାଚନ ପରିଚାଳନା। ବୋଧହୁଏ, ପଶ୍ଚିମବଙ୍ଗର ରାଜନୈତିକ ଇତିହାସରେ ଚଳିତ ନିର୍ବାଚନରେ ଜଣେ ହେଲେ ବ୍ୟକ୍ତି ପ୍ରାଣ ହରାଇ ନ ଥିଲେ।

ଆସାମ, ପୁଡୁଚେରୀ ଏବଂ ପଶ୍ଚିମବଙ୍ଗର ନିର୍ବାଚନ ଫଳାଫଳକୁ କେବଳ ସ୍ଥାନୀୟ ରାଜନୈତିକ ଚଷମା ମାଧ୍ୟମରେ ଦେଖିବା ସମୀଚୀନ ହେବନାହିଁ। କାରଣ, କେବଳ ଏହି ତିନୋଟି ରାଜ୍ୟ ନୁହେଁ, ସାରା ଭାରତର ଲୋକେ ବର୍ତ୍ତମାନ ଦେଖୁଛନ୍ତି ‘ନୂଆ ଭାରତ’କୁ। ଆଜିର ଭାରତ ହେଉଛି ନୂତନ ଭାରତ, ସମ୍ଭାବନାର ଭାରତ। ଏହି ନୂଆ ଭାରତରେ ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ସର୍ବୋପରି ଯାହା ପ୍ରମାଣିତ ହୋଇଥିଲା ‘ଅପରେଶନ ସିନ୍ଦୂର’ ମାଧ୍ୟମରେ। ସେହିପରି, ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଚାଲୁଥିବା ଅଶାନ୍ତମୟ ବାତାବରଣ ଦ୍ୱାରା ସାରା ବିଶ୍ୱ ପ୍ରଭାବିତ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ସମୟୋଚିତ ପଦକ୍ଷେପ ଫଳରେ ଭାରତରେ ଏହାର ପ୍ରଭାବ ବହୁତ କମ୍ ଅନୁଭୂତ ହେଉଛି।

ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ଦେଶର ଶାସନ ଦାୟିତ୍ୱ ନେବା ପରେ ଗତ ବାର ବର୍ଷରେ ଦେଶରେ ଅଭୂତପୂର୍ବ ବିକାଶ ଦେଖିବାକୁ ମିଳୁଛି। ଦଳମତ ନିର୍ବିଶେଷରେ ପ୍ରତ୍ୟେକ ରାଜ୍ୟକୁ ଏହି ବିକାଶ ଯାତ୍ରାରେ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ସଦାସର୍ବଦା ଚେଷ୍ଟା କରି ଆସିଛନ୍ତି। କିନ୍ତୁ, ରାଜନୈତିକ କାରଣ ଯୋଗୁ ପଶ୍ଚିମବଙ୍ଗ ଏହି ବିକାଶ ଯାତ୍ରାରେ ସାମିଲ ହୋଇ ନ ଥିଲା। ଅତ୍ୟନ୍ତ ପରିତାପର ବିଷୟ ଯେ ଗତ ପାଞ୍ଚ ଦଶକର ବାମପନ୍ଥୀ ଓ ତୃଣମୂଳ ଶାସନ ଫଳରେ ପଶ୍ଚିମବଙ୍ଗ ଅନେକ ବର୍ଷ ପଛକୁ ଚାଲିଗଲା। ଗୋଟିଏ ପରେ ଗୋଟିଏ ଉଦ୍ୟୋଗ ବନ୍ଦ ହୋଇ ଅନ୍ୟ ରାଜ୍ୟକୁ ଚାଲିଗଲେ। ସିଙ୍ଗୁର ଆନ୍ଦୋଳନ ଏବଂ ଟାଟା ନାନୋ ପ୍ରକଳ୍ପର ଗୁଜରାଟକୁ ସ୍ଥାନାନ୍ତରଣ ଏହି ଚିନ୍ତାଧାରାର ପ୍ରକୃଷ୍ଟ ଉଦାହରଣ।

ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ‘ବିକଶିତ ଭାରତ’ରେ ‘ପୂର୍ବୋଦୟ’ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାରେ ଭାରତୀୟ ଜନତା ପାର୍ଟିର ବିଜୟ ପରେ କେବଳ ପଶ୍ଚିମବଙ୍ଗର ବିଜୟ ଅପେକ୍ଷିତ ଥିଲା। ସୋମବାରର ଐତିହାସିକ ବିଜୟ ଫଳରେ ଅଙ୍ଗ–ବଙ୍ଗ–କଳିଙ୍ଗର ସମାହାରରେ ହେବ ପୂର୍ବୋଦୟ। ଏହି ପୂର୍ବୋଦୟରେ ପୁରୋଧା ହେବ ଓଡ଼ିଶା। ଗତ ପ୍ରାୟ ଦୁଇ ବର୍ଷ ହେବ ଓଡ଼ିଶାରେ ବିକାଶ ଯାତ୍ରା ଜାରି ରହିଛି ଏବଂ ଏହି ବିକାଶ ଯାତ୍ରାରେ କିଛି ଦିନ ପୂର୍ବେ ବିହାର ଏବଂ ବର୍ତ୍ତମାନ ପଶ୍ଚିମବଙ୍ଗ ସାମିଲ ହୋଇଛି। ଏହି ତିନୋଟି ପୂର୍ବ ଭାରତୀୟ ରାଜ୍ୟ, ‘ବିକଶିତ ଭାରତ’ ନିର୍ମାଣରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଏହି ପରିକଳ୍ପନା ସାକାର ହୋଇଛି ମାନନୀୟ ପ୍ରଧାନମନ୍ତ୍ରୀଙ୍କ ନିରବଚ୍ଛିନ୍ନ ପ୍ରଚେଷ୍ଟା ଏବଂ ଦୂରଦୃଷ୍ଟି ଯୋଗୁ।

ବିଗତ ଦୁଇ ବର୍ଷରେ ଓଡ଼ିଶାବାସୀ ଡବଲ ଇଞ୍ଜିନ ସରକାରର ବିକାଶର ଯାତ୍ରାର ସାକ୍ଷୀ ଅଛନ୍ତି। ଡବଲ ଇଞ୍ଜିନ ସରକାରର ଫଳ ସ୍ୱରୂପ ଅନେକ କେନ୍ଦ୍ରୀୟ ଯୋଜନା ଯେପରିକି ଆୟୁଷ୍ମାନ ଭାରତ, ନୂତନ ଶିକ୍ଷାନୀତି, ୨୦୨୦ ରାଜ୍ୟରେ ତୁରନ୍ତ କାର୍ଯ୍ୟାନ୍ୱୟନ କରାଯାଇଥିଲା ଯାହା ପୂର୍ବ ସରକାର ଅମଳରେ କେବଳ ରାଜନୈତିକ କାରଣ ଯୋଗୁ ଓଡ଼ିଶାର ଜନସାଧାରଣଙ୍କୁ ବଞ୍ଚିତ କରାଯାଇଥିଲା। ରାଜ୍ୟରେ ଆଜି କେନ୍ଦ୍ରୀୟ ସହାୟତା ଯୋଗୁ ରେଳ, ରାଜରାସ୍ତା, ଜାତୀୟ ଅନୁଷ୍ଠାନ, ବନ୍ଦର, ବିମାନ ବନ୍ଦର ପରି ଅନେକ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏବେ ଡବଲ ଇଞ୍ଜିନ ସରକାରର ସୁଫଳ ପାଇବା ପାଳି ହେଉଛି ପଶ୍ଚିମବଙ୍ଗର। ଦଶନ୍ଧି ଦଶନ୍ଧି ଧରି ବନ୍ଦ ହୋଇଥିବା ବିକାଶ, ମୃତପ୍ରାୟ ଉଦ୍ୟୋଗ ଏବଂ ଶିଥିଳ ପଡ଼ିଯାଇଥିବା ଭିତ୍ତିଭୂମିର ପୁନର୍ବିନ୍ୟାସ ହେବ ଆଗାମୀ ଦିନରେ।

କେବଳ ପଶ୍ଚିମବଙ୍ଗ ନୁହେଁ, ଭାରତୀୟ ଜନତା ପାର୍ଟିର ସରକାରଙ୍କ ଉପରେ ଆସାମ ଓ ପୁଡୁଚେରୀର ଜନତା ଆସ୍ଥା ପ୍ରକଟ କରିଛନ୍ତି। କାରଣ, ଗତ ପାଞ୍ଚବର୍ଷରେ ଏହି ଉଭୟ ରାଜ୍ୟରେ ଅନେକ ବିକାଶ ହୋଇଛି ଏବଂ ସେଠାକାର ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ‘ସବ୍‌କା ସାଥ୍, ସବ୍‌କା ବିଶ୍ୱାସ’ ମନ୍ତ୍ରରେ ସମାଜର ସବୁ ବର୍ଗର ଲୋକଙ୍କ ପାଇଁ ବିନା ତୁଷ୍ଟୀକରଣରେ ସେବା କରିଆସୁଛନ୍ତି। ତେଣୁ, ଏହି ଭୋଟ ଉଭୟ ରାଜ୍ୟ ସରକାରଙ୍କ ଉପରେ ଲୋକଙ୍କ ଆସ୍ଥାର ଭୋଟ।

ରାଜନୀତିରେ ଅନେକ ନେତା ଆସନ୍ତି, ଇତିହାସ ପୃଷ୍ଠାରେ ହଜି ଯାଆନ୍ତି। କିନ୍ତୁ, ଅଳ୍ପ କେତେଜଣ ବ୍ୟକ୍ତିତ୍ୱ ନିଜ ଅସାଧାରଣ ପ୍ରତିଭା ଫଳରେ ଜନମାନସରେ ଗଭୀର ରେଖାଙ୍କିତ କରିବାରେ ସଫଳ ହୋଇଥାନ୍ତି। ସେଇଭଳି ଜଣେ ନେତୃତ୍ୱ ହେଉଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଜନୈତିକ ଭାବେ ଅଭେଦ୍ୟ, ଅପରାଜେୟ ଆଖ୍ୟାୟିତ ହୋଇଥିବା ପଶ୍ଚିମବଙ୍ଗ ବିଜୟ ପରେ ନରେନ୍ଦ୍ର ମୋଦୀ ଜୀଙ୍କର ନାମ ରାଜନୈତିକ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ତାଙ୍କ ନିର୍ବାଚନୀ ପ୍ରଚାର କେବଳ ଭାଷଣ ମଧ୍ୟରେ ସୀମାବଦ୍ଧ ନ ଥିଲା। ବରଂ ସାଧାରଣ ଲୋକଙ୍କ ମନକୁ ଛୁଇଁବା ପରି କାର୍ଯ୍ୟ ଯେପରିକି ରାସ୍ତାକଡରେ ସାଧାରଣ ଲୋକଙ୍କ ଗହଣରେ ଝାଲମୁଢ଼ି ଖାଇବା, ଚା’ପତ୍ର ତୋଳାଳି ମା’ମାନଙ୍କ ମଧ୍ୟରେ ସମୟ ବ୍ୟତୀତ କରିବା, ହୁଗ୍‌ଲୀ ନଦୀରେ ସାଧାରଣ ଲୋକଙ୍କ ପରି ନୌକା ବିହାର କରିବା ଲୋକଙ୍କ ମନରେ ଗଭୀର ରେଖାଙ୍କିତ କରିଥିଲା।

ଏହି ନିର୍ବାଚନର ଆଉ ଏକ ଦିଗ ହେଉଛି ପରିବାରବାଦର ଅନ୍ତ। ପଶ୍ଚିମବଙ୍ଗ, ତାମିଲନାଡୁ ତଥା ଆସାମ ପରି ରାଜ୍ୟରେ ପରିବାରବାଦକୁ କ୍ଷମତାରୁ ବାହାର କରିଛନ୍ତି ଭୋଟର। ଏହା ସବୁ ରାଜନୈତିକ ଦଳ ପାଇଁ ଏକ ଶିକ୍ଷା। ପରିବାରବାଦ ରାଜନୀତିର ଅନ୍ତ ସବୁବେଳେ ଦୁଃଖଦ। ମହିଳାବିରୋଧୀ ଏବଂ ପରିବାରବାଦୀ ରାଜନୈତିକ ଦଳ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖିତ ହୋଇଛନ୍ତି ଏହି ନିର୍ବାଚନରେ, ଯାହା ଭାରତୀୟ ଗଣତନ୍ତ୍ର ପାଇଁ ନିଶ୍ଚିତ ଭାବେ ଶୁଭଙ୍କର।

ଏହି ଐତିହାସିକ ସଫଳତା ପାଇଁ ବ୍ୟକ୍ତିଗତ ଭାବେ ମୁଁ ପ୍ରଧାନମନ୍ତ୍ରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଏଥିସହିତ ପ୍ରଧାନମନ୍ତ୍ରୀଙ୍କର ପୂରା ଟିମ୍ ଏବଂ ପଶ୍ଚିମବଙ୍ଗର ସ୍ଥାନୀୟ ନେତୃତ୍ୱ ମଧ୍ୟ ପ୍ରଶଂସାର ପାତ୍ର । ମୋର ଦୃଢ଼ ବିଶ୍ୱାସ ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ପ୍ରଗତି, ସଶକ୍ତୀକରଣ ଏବଂ ବିଶ୍ୱସ୍ତରୀୟ ପ୍ରତିଷ୍ଠାର ଏକ ନୂତନ ଶିଖର ସ୍ପର୍ଶ କରିବ। ଏକ ଶକ୍ତିଶାଳୀ, ସର୍ବଜନହିତାୟଏବଂ ସମୃଦ୍ଧ ଭାରତର ଆମର ସାମୂହିକ ସ୍ୱପ୍ନକୁ ସାକାର କରିବା ପାଇଁ କେନ୍ଦ୍ର ସରକାରଙ୍କ ସହ ନିବିଡ଼ ସହଭାଗିତାରେ ପୂର୍ବ ଭାରତର ରାଜ୍ୟ ସମୂହ ସମ୍ପୂର୍ଣ୍ଣ ଭାବେ ଅଙ୍ଗୀକାରବଦ୍ଧ। ସମସ୍ତଙ୍କର ସହଯୋଗରେ ନିର୍ମିତ ହେବ ‘ବିକଶିତ ଭାରତ’।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

# ଯୋଗ ବିୟୋଗର କାହାଣୀ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ସାମାଜିକ ସଂରଚନାରେ ମଧ୍ୟବିତ୍ତ ଶ୍ରେଣୀ ଏପରି ଏକ ଅଦୃଶ୍ୟ ସେତୁ, ଯିଏ ଗରିବର ଅଭାବ ଏବଂ ଧନୀର ବୈଭବ ମଝିରେ ନିଜକୁ ସନ୍ତୁଳିତ ରଖିବାକୁ ଆପ୍ରାଣ ଚେଷ୍ଟା କରନ୍ତି । ଏହି ଶ୍ରେଣୀ ପାଇଁ ଜୀବନ କେବଳ ବଞ୍ଚିବା ନୁହେଁ ବରଂ ପ୍ରତିଦିନ ସମାଜରେ ନିଜର ମର୍ଯ୍ୟାଦା ବଞ୍ଚାଇ ରଖିବାର ଏକ ନିରନ୍ତର ସଂଗ୍ରାମ। ଏମାନେ ନିଜ ଇଚ୍ଛାକୁ ଦମନ କରି ଆବଶ୍ୟକତାକୁ ପ୍ରାଥମିକତା ଦିଅନ୍ତି ଏବଂ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ବାସ୍ତବତା ସହିତ ଅହରହ ସାଲିସ କରିଥାନ୍ତି।

ଆଜିର ଜଟିଳ ଅର୍ଥନୀତି, ବଢୁଥିବା ମହଙ୍ଗା ପରିସ୍ଥିତି ଏବଂ ପାଶ୍ଚାତ୍ୟ ଜୀବନଶୈଳୀର ପ୍ରଭାବ ମଧ୍ୟରେ ମଧ୍ୟବିତ୍ତ ପରିବାରର ସମସ୍ୟାଗୁଡ଼ିକ କେବଳ ଆର୍ଥିକ ସୀମାରେ ଆବଦ୍ଧ ନୁହେଁ। ଏହା ମାନସିକ, ସାମାଜିକ ଏବଂ ପାରିବାରିକ ମୂଲ୍ୟବୋଧର ଏକ ଜଟିଳ ଆବର୍ତ୍ତ। ଯେଉଁଠି ଆୟ ତୁଳନାରେ ସମ୍ମାନର ମୂଲ୍ୟ ବହୁତ ଅଧିକ, ସେଠାରେ ସମସ୍ୟାର ଗଭୀରତାକୁ ବୁଝିବା ନିତାନ୍ତ ଜରୁରୀ।

ଲୋକେ କ’ଣ କହିବେ ? ଏହି ଭୟ ମଧ୍ୟବିତ୍ତ ପରିବାରକୁ ସବୁବେଳେ ଘେରି ରହିଥାଏ। ସମାଜରେ ନିଜର ଆଭିଜାତ୍ୟ ବଜାୟ ରଖିବା ପାଇଁ ଅନେକ ସମୟରେ ସେମାନେ ନିଜର ଶକ୍ତି ବାହାରେ ଖର୍ଚ୍ଚ କରନ୍ତି। ବାହାଘର ହେଉ ବା ପର୍ବପର୍ବାଣି, ଋଣ କରି ସେମାନେ ସାମାଜିକ ମର୍ଯ୍ୟାଦା ରକ୍ଷା କରିବାକୁ ଚେଷ୍ଟା କରି ମାନସିକ ଚାପର ଶିକାର ହୁଅନ୍ତି।

ଭାରତର ସହରାଞ୍ଚଳରେ ମଧ୍ୟବିତ୍ତ ପରିବାରର ମଧ୍ୟ ସମସ୍ୟା ହେଉଛି ଜୀବନକୁ ପରିଭାଷିତ କରୁଥିବା ମୌଳିକ ଆବଶ୍ୟକତା– ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବାସସ୍ଥାନ। ଏହି ତିନୋଟି କ୍ଷେତ୍ର ବର୍ଷ ବର୍ଷ ଧରି ସାଧାରଣ ମୁଦ୍ରାସ୍ଫୀତି ହାରଠାରୁ ବହୁତ ଅଧିକ ହାରରେ ମହଙ୍ଗା ହୋଇଛି। ଭାରତର ମୂଳ ମୁଦ୍ରାସ୍ଫୀତି ଏବେ ବି ମଧ୍ୟବିତ୍ତ ବର୍ଗର ପ୍ରକୃତ ଖର୍ଚ୍ଚକୁ ଠିକ ଭାବରେ ପ୍ରତିଫଳିତ କରେ ନାହିଁ। ଯେତେବେଳେ ଆମେ ଶିକ୍ଷାକୁ ଦେଖୁଛନ୍ତି, ଅନେକ ରାଜ୍ୟରେ ଘରୋଇ ସ୍କୁଲ ଫି ସାଧାରଣ ମୁଦ୍ରାସ୍ଫୀତି ଅପେକ୍ଷା ଅଧିକ ବୃଦ୍ଧି ପାଇଛି। ଜାତୀୟ ନମୁନା ସର୍ଭେ କାର୍ଯ୍ୟାଳୟ(ଏନ୍‌ଏସ୍‌ଏଓ) ତଥ୍ୟ ଦର୍ଶାଏ ଯେ ଶିକ୍ଷା ମୁଦ୍ରାସ୍ଫୀତି ସବୁବେଳେ ସାଧାରଣ ସୂଚକାଙ୍କ ଉପରେ ରହୁଛି, ଯାହା ପରିବାରଗୁଡ଼ିକର ଖର୍ଚ୍ଚ ବୃଦ୍ଧି କରିବା ସହ ଅନ୍ୟାନ୍ୟ ଆବଶ୍ୟକତାକୁ ବଳିଦାନ ଦେବାକୁ ବାଧ୍ୟ କରୁଛି।

ପରବର୍ତ୍ତୀ ହେଉଛି ସ୍ୱାସ୍ଥ୍ୟ। ସ୍ୱାସ୍ଥ୍ୟସେବାର କାହାଣୀ ସମାନ ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ଭାରତରେ ମଧ୍ୟବିତ୍ତ ପରିବାରର ମୋଟ ଆୟର ଅଧାରୁ ଅଧିକ ଚିକିତ୍ସାରେ ଖର୍ଚ୍ଚ ହୁଏ। ବୀମା



କଭରେଜ ବିସ୍ତାର ହୋଇଛି, କିନ୍ତୁ ଏହାର ଗଭୀରତା ସୀମିତ, ପ୍ରିମିୟମ ବୃଦ୍ଧି ପାଉଛି ଏବଂ ପ୍ରମୁଖ ରୋଗର ମୂଲ୍ୟ ପ୍ରାୟତଃ ବୀମା ସୀମା ଅତିକ୍ରମ କରେ। ତୃତୀୟ ସମସ୍ୟା ହେଉଛି ବାସଗୃହ। ଗତ ଦଶନ୍ଧିରେ ପ୍ରମୁଖ ମହାନଗରଗୁଡ଼ିକରେ ଘର ମୂଲ୍ୟ ତିନି ଗୁଣରୁ ଅଧିକ ବୃଦ୍ଧି ପାଇଛି। ବେଙ୍ଗାଲୁରୁ ଏବଂ ମୁମ୍ବାଇ ଭଳି ବଡ଼ ବଡ଼ ମହାନଗର ଠାରୁ ଆରମ୍ଭ କରି ଛୋଟ ସହରଗୁଡ଼ିକରେ ମଧ୍ୟ ଘର ଖଣ୍ଡେ କରିବା ପାଇଁ ମଧ୍ୟବିତ୍ତ ପରିବାରର ଗୃହକର୍ତ୍ତାଙ୍କ ଅଣ୍ଟା ଭାଙ୍ଗି ଯାଏ। ବର୍ଦ୍ଧିତ ସୁଧ ହାର ଘର କ୍ରେତାଙ୍କ ପାଇଁ ମାସିକ କିସ୍ତି (ଇଏମ୍‌ଆଇ)ବୃଦ୍ଧି କରିଛି।

କାଗଜରେ ଆୟ ବୃଦ୍ଧି ପାଉଛି ବୋଲି ମନେହୁଏ ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ମଜୁରି ବୃଦ୍ଧି ମୁଦ୍ରାସ୍ଫୀତି ହାର ସହିତ ସମାନ କିମ୍ବା ସାମାନ୍ୟ ଅଧିକ ହୋଇପାରେ। କିନ୍ତୁ ଯେତେବେଳେ ଅତ୍ୟାବଶ୍ୟକୀୟ ଖର୍ଚ୍ଚକୁ ବିୟୋଗ କରାଯାଏ ଏବଂ ପ୍ରକୃତ ବ୍ୟବହୃତ ଆୟ ମୂଲ୍ୟାଙ୍କନ କରାଯାଏ, କାହାଣୀ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୁଏ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଦ୍ୱାରା ବିଶ୍ଳେଷଣ ମଧ୍ୟବିତ୍ତ ବର୍ଗ ମଧ୍ୟରେ ବୃଦ୍ଧି ପାଉଥିବା ସମସ୍ୟାକୁ ସୂଚିତ କରେ। ସମାଜର ନିମ୍ନ ବର୍ଗ ସରକାରୀ ସମର୍ଥନ ପାଇଛନ୍ତି ଏବଂ ଉପର ବର୍ଗ ବର୍ଦ୍ଧିତ ସମ୍ପତ୍ତି ମୂଲ୍ୟରୁ ଲାଭ ପାଇଛନ୍ତି କିନ୍ତୁ ମଧ୍ୟବିତ୍ତ ବର୍ଗ କେବଳ ସେମାନଙ୍କ ଦରମା ଉପରେ ନିର୍ଭରଶୀଳ। ମଜୁରି ବୃଦ୍ଧି ମଧ୍ୟ ଅସମାନ ହୋଇଛି। ବେତନଭୋଗୀ ବର୍ଗର ଏକ ବଡ଼ ଅଂଶ ସାମାନ୍ୟ ବୃଦ୍ଧି ଦେଖିଛନ୍ତି, ଯାହା ମୁଦ୍ରାସ୍ଫୀତିର ମୁକାବିଲା କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ। ବଢୁଥିବା ଚାକିରି ଅନିଶ୍ଚିତତା ଆୟ ସୁରକ୍ଷାକୁ ଆହୁରି କ୍ଷୁଣ୍ଣ କରିଛି। ବର୍ଦ୍ଧିତ ପ୍ରତ୍ୟକ୍ଷ ଟିକସ ବୋଝ ଏବଂ ଜିଏସ୍‌ଟି ମଧ୍ୟବିତ୍ତ ବର୍ଗର ସଞ୍ଚୟ କରିବାର କ୍ଷମତାକୁ ସୀମିତ କରିଛି। ଫଳସ୍ୱରୂପ, ପରିବାରଗୁଡ଼ିକ କାଗଜରେ ସମୃଦ୍ଧ ଦେଖାଯାଉଥିବା ବେଳେ, ମୁକ୍ତ ଭାବରେ ଖର୍ଚ୍ଚ କରିବାରେ ସେମାନଙ୍କର କ୍ଷମତା କ୍ରମାଗତ ଭାବରେ ସଙ୍କୁଚିତ ହେଉଛି।

ମଧ୍ୟବିତ୍ତ ଶ୍ରେଣୀର ଏହି ଜୀବନ ଯୁଦ୍ଧରେ ସରକାରୀ ସ୍ତରରେ ସହାୟତା ଏବଂ ସାମାଜିକ ସ୍ତରରେ ସହାନୁଭୂତିର ଆବଶ୍ୟକତା ରହିଛି। ସମାଜର ଏହି ସ୍ତର, ନା ନିମ୍ନବର୍ଗର ଲୋକଙ୍କ ପରି ମୁକ୍ତ ଭାବେ ନିଜର ଅଭାବ ପ୍ରକାଶ କରିପାରେ ନା ଉଚ୍ଚବର୍ଗର ଲୋକଙ୍କ ପରି ବିଳାସପୂର୍ଣ୍ଣ ଜୀବନ ବିତାଇପାରେ । ଏହି ଦୋଛକି ସ୍ଥିତି ସେମାନଙ୍କ ଅସ୍ତିତ୍ୱକୁ ସନ୍ତୁଳିତ କରିବାରେ ବାଧକ ସାଜେ। ମାନସମ୍ମାନର ଆବରଣ ତଳେ, ଅନେକ ସମୟରେ ଅଭାବ ଓ ଅସନ୍ତୋଷ ମଧ୍ୟରେ ପରିବାରର ମୁଖ୍ୟ ନିଜର କଷ୍ଟକୁ ପ୍ରକାଶ ନ କରି ହସି ହସି ସବୁ ସହିଯାଆନ୍ତି। ଏସବୁ ପରେ ମଧ୍ୟ ସମାଜରେ ଏହି ଶ୍ରେଣୀର ସଞ୍ଚୟ ଓ ସଂସ୍କାର ହିଁ ଦେଶର ଅର୍ଥନୀତିକୁ ଗତିଶୀଳ କରେ। ତେଣୁ ମଧ୍ୟବିତ୍ତ ପରିବାରର ସମସ୍ୟାକୁ କେବଳ ବ୍ୟକ୍ତିଗତ ନ ଭାବି, ଏହାକୁ ଏକ ସୁସ୍ଥ ସମାଜ ଗଠନର ଆହ୍ୱାନ ଭାବେ ଗ୍ରହଣ କରିବା ଉଚିତ।

**ନୟାଗଡ଼**
**ମୋ:୯୪୩୭୬୪୨୯୪୭**

## ଏଇ ଭାରତରେ

ବଜାରରେ ଏବେ ବାଙ୍ଗନପଲି, ଦେଶାରି, କେଶର, ଲାଙ୍ଗ୍ରା ଓ ଟୋଟାପୁରି ଆଦି ବିଭିନ୍ନ କିସମ ଓ ଭିନ୍ନ ସ୍ୱାଦର ଆମ୍ବ ବିକ୍ରି ହେଉଛି। ହେଲେ ମଧ୍ୟପ୍ରଦେଶ ଅଲିରାଜପୁର ଜିଲା କାଠିଆୱାଡାର ନୁରଜାହାଁ କିମସ ଆମ୍ବ ଏହାର ଆକାର ପାଇଁ ଜଣାଶୁଣା। ଶିବରାଜ ସିଂ ଯାଦବ ଏହି ଆମ୍ବ ଚାଷ କରୁଛନ୍ତି। ଏହାର ଓଜନ ୩ରୁ ୩.୫ କେଜି ଓ ସ୍ୱାଦ ବଢ଼ିଆ। ଗୋଟେ ଗେଟେ ଆମ୍ବର ଲମ୍ବ ବହୁ ସମୟରେ ୧ ଫୁଟ ଲମ୍ବ ବି ହେଉଛି। ଗୋଟିଏ ଆମ୍ବର ଦାମ୍ ୧୦୦୦ ଟଙ୍କାରେ ବି ବିକ୍ରି କରାଯାଉଛି। ଏହି ଆମ୍ବର ନାମ ମୋଗଲ ରାଣୀ ନୁରଜାହାଁଙ୍କ ନାମାନୁସାରେ ରଖାଯାଇଛି। ଅନେକ ଶତାବ୍ଦୀ ପୂର୍ବେ ଏହି ଆମ୍ବ ଆଫଗାନିସ୍ତାନରୁ ଗୁଜରାଟ ବାଟଦେଇ ଭାରତକୁ ଅଣାଯାଉଥିଲା। ଏବେ ମଧ୍ୟପ୍ରଦେଶର ଜଳବାୟୁ ନୁରଜାହାଁ ଆମ୍ବ ପାଇଁ ଉପଯୋଗୀ ହୋଇଛି। ଏହି ଆମ୍ବ ଚାଷକୁ ବ୍ୟାପକ କରିବା ପାଇଁ ଶିବରାଜ ତାଙ୍କ ଫାର୍ମରୁ କଲମି ଗଛ କରି ଅନ୍ୟ ଚାଷୀମାନଙ୍କୁ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୫ ମେ ୧୯୭୭**

- ଜନତାଦଳର କାର୍ଯ୍ୟକାରୀ କମିଟି ଗଠିତ ହୋଇଥିବା ନେଇ ଦଳର ସଭାପତି ଚନ୍ଦ୍ରଶେଖରଙ୍କ ଘୋଷଣା।
- ପ୍ରଧାନମନ୍ତ୍ରୀ ମୋରାରାଜୀ ଦେଶାଇ ଗୁଜରାଟରେ ଦେଶର ସର୍ବବୃହତ୍ କମ୍ପୋଷ୍ଟ ସାର ତିଆରି କାରଖାନା ଉଦ୍‌ଘାଟନ କରିଛନ୍ତି।

## ଚିରନ୍ତନୀ

ମଣାଣିରୁ ନିଭି ଆସେ ଜୁଇ
ନିଭେ ଯଥା ମନୁଁ ଶୋକଭୟ
ତରଳାଇ ଶୀତର ତୁଷାର
ଆଜି ଏଥି ରଚ ଅଭିସାର
କିଏ ତୁମେ ଚିର ନିର୍ଦ୍ଦୟ
ବୁହାଇଲ ମନ୍ଦ ମଳୟ !
–(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | 2 | 6 | | | | | |
| | | 3 | | 1 | | 6 | | |
| | | | | | | | | |
| | 6 | | | | | | 8 | |
| 9 | 5 | | | | | | 2 | 3 |
| | | | | 5 | 9 | | | |
| 4 | | 1 | | 3 | | | | 9 |
| | | | 4 | | | | | |
| 5 | | | 8 | | | | 6 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 5 | 8 | 9 | 4 | 2 | 6 | 1 |
| 8 | 9 | 1 | 6 | 7 | 2 | 4 | 3 | 5 |
| 4 | 2 | 6 | 5 | 1 | 3 | 8 | 7 | 9 |
| 3 | 5 | 7 | 1 | 6 | 8 | 9 | 2 | 4 |
| 9 | 6 | 8 | 2 | 4 | 7 | 5 | 1 | 3 |
| 2 | 1 | 4 | 3 | 5 | 9 | 6 | 8 | 7 |
| 5 | 4 | 2 | 7 | 8 | 1 | 3 | 9 | 6 |
| 6 | 7 | 3 | 9 | 2 | 5 | 1 | 4 | 8 |
| 1 | 8 | 9 | 4 | 3 | 6 | 7 | 5 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭୁଲ୍ କାହାର

ମହାଶୟ,

କେନ୍ଦୁଝର ଜିଲାରେ ଜିତୁ ମୁଣ୍ଡା ମୃତ ଭଉଣୀର କଙ୍କାଳ ବ୍ୟାଙ୍କ୍‌କୁ ଆଣିବା ଘଟଣାଟି ଅତ୍ୟନ୍ତ ହୃଦୟବିଦାରକ। ବାସ୍ତବରେ କହିବାକୁ ଗଲେ ଏଠି ଭୁଲ୍ କାହାର ଜିତୁଙ୍କର ନା ବ୍ୟାଙ୍କ ଅଧିକାରୀଙ୍କର ନା ସରକାରଙ୍କର ନା ଆମ ନିୟମର। ଦେଖିବାକୁ ଗଲେ ଆମର ସମସ୍ତ ତଥ୍ୟ ସରକାରଙ୍କ ପାଖରେ ଥିବାବେଳେ ସାଧାରଣ ଜନ୍ମ ଏବଂ ମୃତ୍ୟୁ ଖବର ସରକାରଙ୍କ ପାଖରେ କିପରି ପହଞ୍ଚିପାରୁନି ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ତେଣୁ ସରକାର ଏଥିପ୍ରତି ସଚେତନ ହେବା ସହିତ ସମସ୍ତ କାର୍ଯ୍ୟାଳୟରେ କିପରି ନିୟମାବଳୀଗୁଡ଼ିକ ସରଳୀକରଣ କରାଯାଇପାରିବ ଏବଂ ଜନ୍ମ ଆଉ ମୃତ୍ୟୁ ପ୍ରମାଣ ପତ୍ରକୁ ସମସ୍ତ ପରିବାରକୁ ଶୀଘ୍ର ଯୋଗାଇଦିଆଯାଇ ପାରିବ ଏଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ।

**–ବିଚିତ୍ର ପୃଷ୍ଟି, ଅଚ୍ୟୁତବସନ୍ତ, ବାଲିଚନ୍ଦ୍ରପୁର, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

# ମାଣ୍ଡିଆ ଚାଷୀଙ୍କୁ ମିଳୁନି ଉଚିତ ମୂଲ୍ୟ

## ମଣ୍ଡିକୁ ଆସିବା ପୂର୍ବରୁ କିଣିନେଉଛନ୍ତି ବାହାର ବେପାରୀ

ରାଉରକେଲା,୪।୫(ସଙ୍ଗୀତା ଜେନା)

ଦିନକୁ ଦିନ ଲୋକଙ୍କ ଖାଦ୍ୟ ସାରଣୀ ପରିବର୍ତ୍ତିତ ହେଉଛି। ଭାତ, ରୁଟିର ସ୍ଥାନ ନେଉଛି ମୋଟା ଶସ୍ୟ ବା ଶ୍ରୀଅନ୍ନ। ସେଥିରେ ମାଣ୍ଡିଆ, ସୁଆଁ, କୋଦୁଅ, ବାଜରା, କାଙ୍ଗୁ ପ୍ରମୁଖ ମିଲେଟ୍ ଜାତୀୟ ଖାଦ୍ୟ ରହିଛି। ସୁନ୍ଦରଗଡ଼ ଜିଲା ମାଣ୍ଡିଆ ଚାଷରେ ଖ୍ୟାତି ଲାଭ କରିଛି। ସମ୍ପ୍ରତି ପାରମ୍ପରିକ ଗହମ, ଧାନ ଚାଷ ବ୍ୟତୀତ ମାଣ୍ଡିଆ ଚାଷକୁ ଅଧିକ ପ୍ରୋତ୍ସାହନ ଦିଆଯାଉଛି। ଲୋକଙ୍କ ଖାଦ୍ୟ ଥାଳିରେ ଏହି ଶ୍ରୀଅନ୍ନର ଚାହିଦା ବଢ଼ାଇବା ପାଇଁ ସରକାରୀ ସ୍ତରରେ ଉଦ୍ୟମ କରାଯାଉଛି। ଶ୍ରୀଅନ୍ନ ଶ୍ରେଣୀର ପ୍ରଥମ ସ୍ଥାନ ଅଧିକାର କରିଥିବା ମାଣ୍ଡିଆ ଚାଷ ଓ ଉତ୍ପାଦନ ସୁନ୍ଦରଗଡ଼ ଜିଲାରେ ପ୍ରମୁଖ ସ୍ଥାନ ହାସଲ କରିଛି। ଚାଷୀଙ୍କୁ ପ୍ରୋତ୍ସାହନ ପାଇଁ କୁଇଣ୍ଟାଲ ପିଛା ଏହାର ଦର ୪୮୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହାର ଚାହିଦାକୁ ଦୃଷ୍ଟିରେ ରଖି ଜିଲାର ମାଣ୍ଡିଆକୁ ଅନ୍ୟ ରାଜ୍ୟର ବେପାରୀ କମ୍ ଦରରେ କିଣିନେଉଛନ୍ତି।



ମଣ୍ଡିକୁ ଆସିବା ପୂର୍ବରୁ ସେମାନେ ଏହାର ଫାଇଦା ନେଉଛନ୍ତି। ଫଳରେ ଆମ ରାଜ୍ୟର ଲୋକେ ମାଣ୍ଡିଆର ଉପଲବ୍ଧିତା ହରାଇବା ସହ ଚାଷୀମାନେ ଉଚିତ ମୂଲ୍ୟ ପାଇ ପାରୁନାହାନ୍ତି। ଅପରପକ୍ଷେ, ଶ୍ରୀଅନ୍ନ ଉତ୍ପାଦନ କରୁଥିବା ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି ବୋଲି ବିପଣନ ଦାୟିତ୍ୱରେ ଥିବା ଅଧିକାରୀମାନେ କହିଛନ୍ତି।

ସୂଚନା ଅନୁଯାୟୀ, ଆଦିବାସୀ ବହୁଳ ଜିଲା ସୁନ୍ଦରଗଡ଼ରେ ମାଣ୍ଡିଆ ଚାଷ ବର୍ତ୍ତମାନ ଶ୍ରୀଅନ୍ନ ଅଭିଯାନ ଅଧୀନରେ କରାଯାଉଛି। ଜିଲାର ଗୁରୁଣ୍ଡିଆ, ଲହୁଣୀପଡ଼ା, ଲାଠିକଟା, ବଣେଇ, ଲେଫ୍ରିପଡା, ସୁନ୍ଦରଗଡ଼ ସଦର ସମେତ ମୋଟ ୧୫ଟି ବ୍ଲକରେ ମାଣ୍ଡିଆ ଚାଷ କରାଯାଉଛି। ପୂର୍ବରୁ ଏହା ମିଲେଟ୍ ମିଶନର ଅଂଶ ଥିଲା। ବିଗତ ୩ ବର୍ଷରେ ଜିଲାରେ ମୋଟ ୩,୫୦,୫୦୦.୫୦ କୁଇଣ୍ଟାଲ ମାଣ୍ଡିଆ ଉତ୍ପାଦିତ ହୋଇଛି। ଏହି ଚାଷ ପାଇଁ ପ୍ରୋତ୍ସାହନ ରାଶି ସହ ବିହନ ମଧ୍ୟ ବିତରଣ କରାଯାଉଛି। ୨୦୨୩-୨୪ରେ ୧୩୩୭୪.୨ ହେକ୍ଟର ଜମିରେ ୧୧୯୦୩୦.୪ କୁଇଣ୍ଟାଲ ମିଲେଟ୍ ଉତ୍ପାଦନ ହୋଇଥିଲା। ୨୦୨୪-୨୫ରେ ୧୩୪୮୧ ହେକ୍ଟର ଜମିରେ ୧୧୬୧୪୯.୬ କୁଇଣ୍ଟାଲ ଉତ୍ପାଦନ ହୋଇଥିଲା। ଅନୁରୂପ ଭାବେ ୨୦୨୫-୨୬ରେ ମୋଟ ୧୨୮୨୪.୦୬ ହେକ୍ଟରରେ ମାଣ୍ଡିଆ ଚାଷ ହୋଇଥିଲାବେଳେ ୧୧୫୪୧୬.୫୪ କୁଇଣ୍ଟାଲ ଉତ୍ପାଦନ ହୋଇଥିଲା। ଏଥିରେ ବଡ଼, ମଧ୍ୟମ ଓ କ୍ଷୁଦ୍ର ଚାଷୀମାନେ ଚାଷ କରି ଲାଭବାନ ହେଉଛନ୍ତି। ଏହି ଉତ୍ପାଦନ ଉପରେ ଜିଲାର ରାଉରକେଲା, ସୁନ୍ଦରଗଡ଼ ସମେତ ୯୦ରୁ ଊର୍ଦ୍ଧ୍ୱ ମିଲେଟ୍ କାଫେ (ଟିଫିନ୍ ସେଣ୍ଟର) ନିର୍ଭର କରୁଛି। ଯାହାକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପରିଚାଳନା କରୁଛନ୍ତି। ପ୍ରତ୍ୟକ୍ଷ ବା ପରୋକ୍ଷରେ ଚାଷୀ ଏଥିରୁ ଲାଭବାନ ହେଉଛନ୍ତି। ହେଲେ ଛତିଶଗଡ଼, ଝାଡଖଣ୍ଡର ବେପାରୀମାନେ ଟ୍ରକ ଯୋଗେ ଏହି ମିଲେଟ୍‌କୁ ବୋହି ନେଇ ଯାଉଛନ୍ତି। ବିଶେଷତଃ ଚାଷୀମାନଙ୍କ ଜମିରେ ଅମଳ ସମୟରେ ମୂଳଚାଲ କରାଯାଉଛି। ଗଳାବାଟରେ ବାହାର ରାଜ୍ୟକୁ ଏହି ଉତ୍ପାଦ ଚାଲିଯାଉଛି। ବିଶ୍ରା ବ୍ଲକର କିଛି ଚାଷୀଙ୍କ ସୂଚନା ଅନୁଯାୟୀ, ଅମଳ ପୂର୍ବରୁ ବାହାର ବେପାରୀମାନେ ଦରଦାମ ଛିଡାଇ ଦେଉଛନ୍ତି। ତେଣୁ ସେମାନଙ୍କୁ ଅମଳ ଶେଷ ହେବା ପରେ ମିଲେଟ୍ ଦିଆଯାଉଛି। ବ୍ଲକରେ ବିପଣନ କେନ୍ଦ୍ରରେ ମଧ୍ୟ ଅନେକ ଚାଷୀ ମିଲେଟ ବିକ୍ରି କରୁଛନ୍ତି ବୋଲି ଚାଷୀମାନେ କହିଛନ୍ତି।

ଏ ସମ୍ପର୍କରେ ରେଗୁଲେଟୋରୀ ମାର୍କେଟ କମିଟି (ଆରଏମ୍‌ସି) ଅଧିକାରୀ ସଞ୍ଜୟ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଟ୍ରାଇବାଲ୍ ଡେଭଲପ୍‌ମେଣ୍ଟ କୋପରେଟିଭ୍ କର୍ପୋରେଶନ (ଟିଡ଼ିସିସି) ଓ ଆରଏମ୍‌ସି ଦ୍ୱାରା ଜିଲାରେ ମାଣ୍ଡିଆ ଜାତୀୟ ଶସ୍ୟ ସଂଗ୍ରହ କରାଯାଉଛି। ମାଣ୍ଡିଆର ବେଶ୍ ଚାହିଦା ରହୁଛି। କମିଟି ପକ୍ଷରୁ ଚାଷୀଙ୍କୁ ସଚେତନ କରାଯାଉଛି। ଅଧିକ ଚାଷ ପାଇଁ ଜିଲାର ଚାଷୀଙ୍କୁ ପ୍ରୋତ୍ସାହନ ମଧ ଦିଆଯାଉଛି। ଏହି ଚାଷ କରିବାକୁ ଚାଷୀମାନେ ପୂର୍ବାପେକ୍ଷା ଆଗ୍ରହ ଦେଖାଉଛନ୍ତି ବୋଲି ପ୍ରଧାନ କହିଥିଲେ।

# ରାଉରକେଲା ଭାଜପାର ବିଜୟ ଉତ୍ସବ

**ରାଉରକେଲା,୪।୫(ବିପ୍ଲବ ରଞ୍ଜନ ଦାଶ):** ଭାଜପା ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀ ସାଧାରଣ ନିର୍ବାଚନରେ ବାଜିମାତ କରିଥିବାରୁ ସୋମବାର ରାଉରକେଲା ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ନିର୍ଦ୍ଦେଶ କ୍ରମେ ରାଉରକେଲାସ୍ଥିତ ଆମ୍ବେଡ଼କର ଛକରେ ଭାଜପା ନେତା, କର୍ମୀ ଓ ସମର୍ଥକମାନେ ଏକତ୍ରିତ ହୋଇ ସରକାରଙ୍କ ସପକ୍ଷରେ ନାରାବାଜି କରିଥିଲେ। ପ୍ରଥମଥର ପଶ୍ଚିମବଙ୍ଗ ସାଧାରଣ ନିର୍ବାଚନରେ ଭାଜପାକୁ ବିଜୟ ଲାଭ ମିଳିଥିବାରୁ ସେକ୍ଟର-୩ ଭାଜପା କାର୍ଯ୍ୟାଳୟରେ ମିଠା ବଣ୍ଟନ ସହ ବାଣ ଫୁଟାଇ ବିଜୟ ଉତ୍ସବ ପାଳିତ ହୋଇଥିଲା। ଏଥିରେ ଭାଜପା ଯୁବନେତା ପ୍ରକାଶ ପାଶୱାନ, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ଦାସ, ଭାଜପା ଜିଲା ମୁଖପାତ୍ର ଗଙ୍ଗାଧର ଦାଶ, ମନୋରଞ୍ଜନ ମୁନୀଙ୍କ ସମେତ ବହୁ ନେତା, କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ।

# ୨ ପ୍ରତିଯୋଗିତାରେ ବାଜିମାତ୍ କଲେ ଅନୟା




କାର୍ଯ୍ୟକ୍ରମରେ ଅନୟାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଉରକେଲା,୪।୫(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲାର ଝିଅ ଅନୟା କୋହଲି ଦୁଇଟି ଖେଳରେ ବାଜିମାତ କରିଛନ୍ତି। ରାଉରକେଲା କ୍ଲବ୍ ପରିସରରେ ୟୁଥ୍ ହଷ୍ଟେଲ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ସନ୍ତରଣ ପ୍ରତିଯୋଗିତାରେ ଭାଗ ନେଇ ଅନୟା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସେ ଅତିଥିଙ୍କଠାରୁ ଟ୍ରଫି ଓ ସାର୍ଟିଫିକେଟ ଗ୍ରହଣ କରିଥିଲେ। ଏହି ଅବସରରେ ୟୁଥ ହଷ୍ଟେଲ ଆସୋସିଏଶନ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ସୌମେନ୍ଦ୍ର ବୋଷ ଓ ସଭାପତି ପ୍ରତାପ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ସେହିପରି ପେନାକ ସିଲାଟ୍ ଆସୋସିଏଶନ ଅଫ୍ ସୁନ୍ଦରଗଡ ପକ୍ଷରୁ ସୁରଭି ସ୍ପୋର୍ଟସ ସୋସାଇଟି ପଡିଆଠାରେ ଆୟୋଜିତ ପ୍ରଥମ ଜିଲାସ୍ତରୀୟ ପେନାକ୍ ସିଲାଟ ଚାମ୍ପିୟନଶିପରେ ଅନୟା ଭାଗ ନେଇ ଜୁନିୟର ବର୍ଗରେ ଗୋଲ୍ଡ ମେଡାଲ ବିଜେତା ହୋଇଥିଲେ। ଏହି ସଫଳତାରେ ପେନାକ୍ ସିଲାଟ୍ ଆସୋସିଏଶନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପ୍ପା ଓ ଅନ୍ତର୍ଜାତୀୟ ପଦକ ବିଜେତା ତଥା ପେନକ୍ ସିଲାଟ୍ ଆସୋସିଏଶନ ଅଫ୍ ସୁନ୍ଦରଗଡ଼ର ସାଧାରଣ ସମ୍ପାଦକ ଶରତ କୁମାର ଦାସ ଅନୟାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଅନୟା ବର୍ତ୍ତମାନ ରାଉରକେଲା ସିଭିଲ ଟାଉନଶିପ୍‌ରେ ରହୁଛନ୍ତି। ତାଙ୍କ ମା' ଶ୍ରୀୟା କୋହଲି ଜଣେ ଭଲ ସାଇକେଲିଷ୍ଟ ଓ ଦିଲ୍ଲୀ ପକ୍ଷରୁ ଜାତୀୟ କ୍ରୀଡାରେ ଭାଗ ନେଇଥିଲେ। ଅନୟାଙ୍କ ବଡ଼ଭାଇ ମଧ ଜଣେ ଭଲ ସାଇକେଲିଷ୍ଟ ଓ ଜାତୀୟ ସ୍ତରକୁ ଯିବା ପାଇଁ ଅଭ୍ୟାସ କରୁଛନ୍ତି।

# ମାଟ୍ରିକ୍ ପରୀକ୍ଷାରେ ଦୀପିକା ଇସ୍ପାତ ଶିକ୍ଷା ସଦନର ଶତ ପ୍ରତିଶତ ପାସ୍ ହାର

ରାଉରକେଲା,୪।୫(ବିପ୍ଲବ ରଞ୍ଜନ ଦାଶ)

ଓଡିଶାର ମାଧ୍ୟମିକ ଶିକ୍ଷା ବୋର୍ଡର ମାଟ୍ରିକ୍ ପରୀକ୍ଷାରେ ଆର୍‌ଏସ୍‌ପି ପରିଚାଳିତ ଦୀପିକା ଇସ୍ପାତ ଶିକ୍ଷା ସଦନ କ୍ରମାଗତ ୧୧ତମ ବର୍ଷ ପାଇଁ ଶତ ପ୍ରତିଶତ ପାସ୍‌ହାର ରେକର୍ଡ କରିଛି। ଉଲ୍ଲେଖଯୋଗ୍ୟ, ଏହି ବିଦ୍ୟାଳୟ ଇସ୍ପାତ ସହରର ସମାଜସେବୀ ସଙ୍ଗଠନ ଦୀପିକା ମହିଳା ସଂହତି ଦ୍ୱାରା ପରିଚାଳିତ। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଥିବା ୮୪ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୫ ଜଣ ପ୍ରଥମ, ୪୦ ଜଣ ଦ୍ୱିତୀୟ ଏବଂ ଅବଶିଷ୍ଟ ୨୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷ ଦଶମ ପରୀକ୍ଷାରେ କେଶବାନନ୍ଦ ସ୍ୱାଇଁ ୫୪୦ ନମ୍ବର ସହିତ ୯୦% ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଆଦିତ୍ୟ କୁମାର ସାହୁ ୪୮୨ ନମ୍ବର ସହିତ ୮୦% ପାଇ ଦ୍ୱିତୀୟ ସ୍ଥାନ ଏବଂ ସୁଶ୍ରୀ ସୌମ୍ୟଶ୍ରୀ ବେହେରା ୪୬୮ ନମ୍ବର ସହିତ ୭୮% ପାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଲ୍ଲେଖନୀୟ, ୨୦୦୭ରେ ପ୍ରତିଷ୍ଠିତ ଦୀପିକା ଇସ୍ପାତ ଶିକ୍ଷା ସଦନରୁ ପ୍ରଥମ ବ୍ୟାଚ୍ ୨୦୧୬ରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିଲାବେଳେ ପାସ୍ ହାର ୧୦୦ ପ୍ରତିଶତ ଥିଲା। ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଦିଆଯାଉଥିବା ସୁବିଧା ରାଉରକେଲାର ଯେକୌଣସି ମାନକ ବିଦ୍ୟାଳୟ ସହିତ ସମତୁଲ। ଏଠାରେ ପଢୁଥିବା ପିଲାମାନଙ୍କୁ ମାଗଣା ଶିକ୍ଷା ସହିତ ପୋଷାକ, ଶୀତବସ୍ତ୍ର, ସ୍କୁଲ ଜୋତା, ବ୍ୟାଗ୍ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ, ସ୍ୱଚ୍ଛ ପାନୀୟ ଜଳ ଏବଂ ଉପଯୁକ୍ତ ପରିମଳ ବ୍ୟବସ୍ଥା ମଧ ଯୋଗାଇ ଦିଆଯାଇଛି। ଅନ୍ତର୍ଜାତୀୟ ସ୍ତରର ଏନ୍‌ଜିଓ ଅକ୍ଷୟ ପାତ୍ର ଫାଉଣ୍ଡେଶନ ଦ୍ୱାରା ପ୍ରସ୍ତୁତ ସୁସ୍ଥ ମଧ୍ୟାହ୍ନ ଭୋଜନ ମଧ ପିଲାମାନଙ୍କୁ ଦିଆଯାଉଛି। ଏଥିସହ ବିଦ୍ୟାଳୟରେ ଶୈକ୍ଷିକ ପରିବେଶ ଏବଂ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ପ୍ରତିବର୍ଷ ନୂତନ ସୁବିଧା ଯୋଡା ଯାଉଛି।



ମାଟ୍ରିକ୍ ପରୀକ୍ଷାର କୃତୀ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

# ୬ରୁ ଚିନ୍ତା-ପ୍ରତିମା ସ୍ମୃତି ବହୁଭାଷୀ ନାଟ୍ୟୋତ୍ସବ




ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା,୪।୫(ବିପ୍ଲବ ରଞ୍ଜନ ଦାଶ)

ବିଶିଷ୍ଟ ଓଡ଼ିଆ ନାଟ୍ୟକାର ଚିନ୍ତାମଣି ଜେନା ଓ ତାଙ୍କ ସହଧର୍ମିଣୀ ପ୍ରତିମା ଜେନାଙ୍କ ସ୍ମୃତିରେ ଚିନ୍ତା-ପ୍ରତିମା ସ୍ମୃତି ନାଟ୍ୟୋତ୍ସବ ମେ' ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ରାଉରକେଲା ସିଭିକ୍ ସେଣ୍ଟରରେ ଆୟୋଜନ କରାଯିବ। ପାଞ୍ଚ ଦିନ ଧରି ଏହି କାର୍ଯ୍ୟକ୍ରମରେ ବିଭିନ୍ନ ନାଟ୍ୟାନୁଷ୍ଠାନ ପକ୍ଷରୁ ସୂର୍ଯ୍ୟୋଦୟ ପୂର୍ବେ, ଶୁଣ ସୁଜନେ, ଶହୀଦ ରାଣୀ ଜିନତ ବେଗମ, ଶାପ୍ତି (ବଙ୍ଗଳା) ଓ ଶତାବ୍ଦୀର ଆର୍ତ୍ତନାଦ ପ୍ରମୁଖ ନାଟକ ମଞ୍ଚସ୍ଥ ହେବ। ଏହି ନାଟକ ମାନଙ୍କ ମଧ୍ୟରୁ ତିନୋଟିର ରଚନାକାର ନାଟ୍ୟାଚାର୍ଯ୍ୟ ଚିନ୍ତାମଣି ଜେନା ଥିବାବେଳେ ଶୁଣ ସୁଜନେ ଓ ଶାପ୍ତି ନାଟକର ରଚନାକାର ବିଶ୍ୱଜିତ ଦାସ ଓ ବୀରୁ ମୁଖୋପାଧ୍ୟାୟ ରହିଛନ୍ତି। ନାଟ୍ୟ ମହୋତ୍ସବର ପ୍ରଥମ ଦିନ ନାଟ୍ୟାଚାର୍ଯ୍ୟ ଚିନ୍ତାମଣି ଜେନାଙ୍କ ନାଟ୍ୟସମ୍ଭାର ଭାଗ-୨ ଗ୍ରନ୍ଥ ଲୋକାର୍ପଣ ହେବ। ଏହାକୁ ଡ଼. ନିବେଦିତା ଜେନା ଓ ଡ. ରମେଶ ଚନ୍ଦ୍ର ମଲ୍ଲିକ ସମ୍ପାଦନା କରିଛନ୍ତି। ଏହି ଅବସରରେ ନାଟକ କ୍ଷେତ୍ରରେ ଅଗ୍ରଣୀ ବ୍ୟକ୍ତିମାନଙ୍କୁ ଚିନ୍ତା-ପ୍ରତିମା ସ୍ମୃତି ନାଟ୍ୟସମ୍ମାନ ପ୍ରଦାନ କରାଯିବ। ପ୍ରସିଦ୍ଧ ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ନାଟ୍ୟକାର ମିହିର କୁମାର ମେହେର ଏହି ସମ୍ମାନ ପାଇବେ। ଉଦ୍‌ଯାପନୀ ଦିବସରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପ୍ରୟାସ ରାଉରକେଲାର ମିଳିତ ଆନୁକୂଲ୍ୟରେ ନାଟ୍ୟାଚାର୍ଯ୍ୟ ଚିନ୍ତାମଣି ଜେନାଙ୍କ ନାଟକର ଦିଗ ଓ ଦିଗ୍‌ବଳୟ ବିଷୟରେ ଆଲୋଚନାଚକ୍ର ସେକ୍ଟର-୧୫ ପ୍ରୟାସ ନାଚଘରେ ସକାଳ ୧୦ଟାରେ ଅନୁଷ୍ଠିତ ହେବ। ଏଥିରେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ପ୍ରଫେସର ସମର ମୁଦାଲି ଓ ଡ. ରମେଶ ଚନ୍ଦ୍ର ମଲ୍ଲିକ ଯୋଗଦେବେ। ଆଲୋଚନାଚକ୍ର ପରେ ପ୍ରୟାସ ପକ୍ଷରୁ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜନ ହେବ। ଶ୍ରେଷ୍ଠ ତିନି ଜଣଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରୟାସ ନାଟ୍ୟନୁଷ୍ଠାନର ସଭାପତି ନିବେଦିତା ଜେନା ସୂଚନା ପ୍ରଦାନ କରିଛନ୍ତି। ଖବରଦାତା ସମ୍ମିଳନୀରେ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ସନ୍ତୋଷିନୀ ବାରିକ, ଶୁଭେନ୍ଦୁ ସାମଲ, ଅଭିଳାଷ ସାହୁ, ସୁଶାନ୍ତ ଦଳେଇ, ରାଜେଶ ରାୟ, ପଦ୍ମଲୋଚନ ବାଗ, ରମେଶ ଚନ୍ଦ୍ର ସାହୁ ଓ ରାମଚନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ମାତୃପ୍ରେମୀ ହେଲେ ଶ୍ରୀଜଗନ୍ନାଥଙ୍କ ସାନ୍ନିଧ ମିଳିବ



କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁଗଣ।

ରାଉରକେଲା,୪୫(ବିପ୍ଲବ ରଞ୍ଜନ ଦାଶ)

କୋଏଲନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ଓ ବାବା ଆଖଣ୍ଡଳମଣି ମନ୍ଦିର ଟ୍ରଷ୍ଟ ତଥା ମାତାଞ୍ଜଳି ସୋସିଓ ସ୍ପିରିଚୁଆଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଦ୍ୱିଦିବସୀୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଶ୍ରୀ ଜଗନ୍ନାଥ କଥାମୃତ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡା. ଆଶୁତୋଷ ପ୍ରସାଦ ମିଶ୍ର ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଲେ, ମାତୃପ୍ରେମୀ ଓ ରାଷ୍ଟ୍ରପ୍ରେମୀ ହେଲେ ଶ୍ରୀ ଜଗନ୍ନାଥଙ୍କ ସାନ୍ନିଧ ମିଳିବା ନିଶ୍ଚିତ। ଏଣୁ ଜଗନ୍ନାଥଙ୍କୁ ଭଲ ପାଇବାକୁ ହେଲେ ମା'ଙ୍କୁ ଭଲପାଇବା ଶିଖନ୍ତୁ। ଆମର ସିଂହଦ୍ୱାର ଓ ସ୍ୱର୍ଗଦ୍ୱାର ମଧ୍ୟରେ ଜୀବନ ରହିଛି। ଶ୍ରୀ ଜଗନ୍ନାଥଙ୍କ ଆଖି ଆଗରେ ପଡ଼ିଲେ ମୁକ୍ତି ମିଳେ ବୋଲି ଆଲୋଚନା କରିଥିଲେ। ଶ୍ରୀଜଗନ୍ନାଥ ଏକମାତ୍ର ଠାକୁର ଯାହାର ମଶାଣି ମନ୍ଦିରରେ ଅଛି, ଯାହା କୋଇଲି ବୈକୁଣ୍ଠ ନାମରେ ଖ୍ୟାତ। ମୃତ୍ୟୁ ଚେତନ ହେବାର ଆବଶ୍ୟକତା ରହିଛି। ମରଣକୁ ସ୍ମରଣ କଲେ ଆନନ୍ଦରେ ରହିବେ ବୋଲି ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ବ୍ରଜେନ୍ଦ୍ର ଦାଶ, ଅମୂଲ୍ୟ ମିଶ୍ର, ବିନୟ ମହାନ୍ତି, ରାମକୃଷ୍ଣ ତ୍ରିପାଠୀ, ସୁଶୀଲ ମିଶ୍ର, ସସ୍ମିତା ପ୍ରଧାନ, ନିରୁପମା ପତି, ରାଜୀବ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଟ୍ରଷ୍ଟି ଇଂ. ଆଲୋକ ରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇକ୍ ଚୋରି ଅଭିଯୋଗ, ଯୁବକ ଗିରଫ

ରାଉରକେଲା,୪।୫(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ୪ଟି ମୋଟରସାଇକେଲ୍ ଚୋରି ମାମଲାରେ ପୋଲିସ ସୋମବାର ରାଉରକେଲା ଗାନ୍ଧୀ ରୋଡ୍‌ରୁ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗାନ୍ଧୀ ରୋଡ୍‌ର ଶିବ ଲୋହାର(୨୧)। ତାଙ୍କଠାରୁ ୨ଟି ସ୍କୁଟି ଓ ୨ଟି ବାଇକ୍ ଜବତ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୪୫୦/୨୬) ରୁଜୁ କରି ଅପରାହ୍ନରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ବିଭିନ୍ନ ଥାନାରେ ୩ଟି ଆପରାଧିକ ମାମଲା ରହିଥିବା ପୋଲିସ କହିଛି।



ଜବତ ହୋଇଥିବା ବାଇକ୍।

# ପାର୍କିଂସ୍ଥଳ ପାଲଟିଛି ଅଳିଆ ଗଦା

ରାଉରକେଲା,୪।୫(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ଛେଣ୍ଡ କଳିଙ୍ଗ ବିହାରରେ ହକି ଛାତ୍ରାବାସ, ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ବିଜ୍ଞାନ ପାର୍କ ସହିତ ଉମାଶଙ୍କର ପୀଠ ଆଦି ରହିଥିବାରୁ ଏହି ଅଞ୍ଚଳ ଅଧିକାଂଶ ସମୟ ଜନଗହଳି ରହିଥାଏ। ଏହାକୁ ଦୃଷ୍ଟିରେ ରଖି ରାଉରକେଲା ମହାନଗର ନିଗମ ପକ୍ଷରୁ ଉମାଶଙ୍କର ପୀଠ ନିକଟରେ ପ୍ରାୟ ଅଧ ଏକର ପରିମିତ ଜାଗାରେ ଦୁଇଚକିଆ ଓ ଚାରି ଚକିଆ ଯାନବାହନ ପାର୍କିଂ ସ୍ଥଳୀ ନିର୍ମାଣ କରାଯାଇଛି। ମାତ୍ର ପରିତାପର ବିଷୟ ଆର୍‌ଏମ୍‌ସିର ଅଣଦେଖା ଯୋଗୁ ପାର୍କିଂ ସ୍ଥଳ ଏବେ ଅଳିଆ ଗଦାରେ ପରିପୂର୍ଣ୍ଣ ହୋଇଛି। ଏଠାରେ ଯାନବାହନ ପରିବର୍ତ୍ତେ ସ୍ଥାନୀୟ ଲୋକେ ଘରର ଅଳିଆ ଆବର୍ଜନା ଗଦା କରୁଛନ୍ତି। ଫଳରେ ଏହାର ଦୁର୍ଗନ୍ଧମୟ ପରିବେଶ ଉମାଶଙ୍କର ପୀଠ ଓ ଚତୁର୍ଦ୍ଦିଗ ବ୍ୟାପୁଛି। ଗୋଟିଏ ପଟେ ଆର୍‌ଏମ୍‌ସି ପ୍ରତି ଘରୁ ଅଳିଆ ଉଠାଇ ସହରକୁ ସ୍ୱଚ୍ଛ ପରିମଳ ରଖିବା ପାଇଁ ଅଳିଆ ଉଠା ଯାନ, ଗାର୍ବେଜ ବ୍ୟବସ୍ଥା ସହିତ ବ୍ୟାପକ ସଫେଇ କର୍ମଚାରୀ ନିୟୋଜିତ କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛି। ଅନ୍ୟପଟେ ଏହାର ପରିଣାମ ବିପରୀତ ହେଉଛି। ପ୍ରତିବର୍ଷ ଆର୍‌ଏମ୍‌ସି କେବଳ ସହରର ସ୍ୱଚ୍ଛତା ପାଇଁ ପାଖାପାଖି ୮କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରୁଛି। ଏଥିସହ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଅନେକ ନିୟମ କରିଥିଲେ ମଧ ଏହାର ଉଲ୍ଲଂଘନ ହେଉଛି। ଆର୍‌ଏମ୍‌ସି ପକ୍ଷରୁ ଏହା ଉପରେ ଅଙ୍କୁଶ ଲଗାଇବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତୁରନ୍ତ ପାର୍କିଂସ୍ଥଳକୁ ଅଳିଆ ଆବର୍ଜନାମୁକ୍ତ କରିବା ପାଇଁ ଦାବି ହେଉଛି। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତଗୀରଙ୍କୁ ପଚାରିବାରୁ ତୁରନ୍ତ ଉକ୍ତ ପାର୍କିଂସ୍ଥଳର ନିରୀକ୍ଷଣ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।



ପାର୍କିଂ ସ୍ଥଳ ଅଳିଆ ଗଦାରେ ପରିପୂର୍ଣ୍ଣ ହୋଇଛି।

# ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ୧୮ ଛାତ୍ରୀଛାତ୍ର ସମ୍ମାନିତ

ରାଉରକେଲା,୪।୫(ବିପ୍ଲବ ରଞ୍ଜନ ଦାଶ)

ବିଶ୍ରା ବ୍ଲକ୍‌ରେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ୧୮ ଛାତ୍ରୀଛାତ୍ରଙ୍କୁ ସୋମବାର ରାଉରକେଲା ଉଦିତନଗରସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ମାନିତ କରାଯାଇଛି। ସମ୍ମାନୀତ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଉରକେଲା ସେକ୍ଟର-୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪ଜଣ, ମଧୁସୂଦନ ଶିକ୍ଷାନିବାସର ୩ଜଣ, ଚିନ୍ମୟ ବିଦ୍ୟାଳୟ ସେକ୍ଟର-୭ର ୪ ଜଣ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ଜଣ, ପ୍ରଗତି ବିଦ୍ୟାମନ୍ଦିରର ୨ ଜଣ, ବାଜିରାଉତ ବିଦ୍ୟାମନ୍ଦିରର ଜଣେ, ଜ୍ଞାନୋଦୟ ହାଇସ୍କୁଲର ଜଣେ ଏବଂ ଦୀପିକା ଇସ୍ପାତ ଶିକ୍ଷାସଦନର ଜଣେ ଛାତ୍ରୀଛାତ୍ର ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଡକ୍ଟର ମୁରଲୀଧର ବେହେରା, ବିଶ୍ରା ଗୋଷ୍ଠୀ ଶିକ୍ଷାଧିକାରୀ ସୁପ୍ରଭାତ ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟଭାମା ବେହେରା, ସମସ୍ତ ସିଆର୍‌ସିସି ଉପସ୍ଥିତ ଥିଲେ।



ଅତିଥିମାନଙ୍କ ଗହଣରେ ସମ୍ମାନୀତ ଛାତ୍ରୀଛାତ୍ର।

ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା, ୭୫୨୦୧୪
Odia University, Satyabadi, Puri, Odisha, 752014
Website:https://odiauniversity.ac.in
Email: odiauniversityrecruitment@gmail.com

NOTICE

No.515 Date:30.04.2026

Advt.No. 01 of 2026/27

(ADVERTISEMENT FOR RECRUITMENT TO THE TEACHING POSTS)

No.11001/23/2627: Online applications are invited from prospective candidates for recruitment to the posts of **Professor/Associate Professor/Assistant Professors** in different departments of Odia University in the mentioned scale of pay of the pay matrix under Odisha Revised Scales of Pay for University Teachers (UGC Scale of Pay) Rule, 2019 with usual dearness allowance and other allowances as may be sanctioned by the Government of Odisha from time to time, through the proforma application to be made available on the WEBSITE (http://hims.odisha.gov.in). The link for registration, payment of application fee and submission of online applications shall be available from 05.05.2026 till 04.06.2026. For Advertisement details the candidates are requested to check the University website https://odiauniversity.ac.in from 05.05.2026 onwards.

| Teaching (Faculty) Positions | Total Vacancy |
|---|---|
| (Professors/ Associate Professors/ Assistant Professors) | 21 |

Sd./- REGISTRAR
ODIA UNIVERSITY

OIPR-11001/11144/1/26-27/0002

**ଗୁର୍ଜିଭଟାରେ ଚନ୍ଦନ ଯାତ୍ରା**

ବଲାଙ୍ଗୀର, (ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଗୁର୍ଜିଭଟା ଗାଁରେ ୪ଦିନ ବ୍ୟାପୀ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିରାଟ ପର୍ବ ପୁରାଣ ପାରାୟଣ କରାଯାଇଥିଲା। ରାଉତମୁଣ୍ଡା ଗାଁର ଗୌରଚନ୍ଦ୍ର ମିଶ୍ର ପୂଜକ ତଥା ପୁରାଣ ଗାୟକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ଯାତ୍ରାରେ ଜୟଧର ଓ ଜୟନ୍ତୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଉପଲକ୍ଷେ ବାଗଉଡ଼ା ଗ୍ରାମର କଳାକାର ୩ଦିନ ଧରି ନାଟକ ପରିବେଷଣ କରିଥିଲେ। ଗୁପ୍ତ ବନବାସ, କୀଚକ ବଧ ଓ ଗୋଧନ ହରଣ ନାଟକ ପରିବେଷଣ ହୋଇଥିଲା।

# ପାନୀୟଜଳ ଯୋଗାଣ ଦାବିରେ ଆନ୍ଦୋଳନ

## ବାନ୍ଧୁପଲା, ଦେଶିଲବାସୀଙ୍କ ରାଜପଥ ଅବରୋଧ



ପାନୀୟଜଳ ପାଇଁ ଲୋକେ ରାଜପଥ ଅବରୋଧ କରିଛନ୍ତି।

ଟିଟିଲାଗଡ଼,୪।୫(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବାନ୍ଧୁପଲା ଓ ଦେସିଲରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ସୋମବାର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ପାଣି ପାଇଁ ୫୯ନଂ.ଜାତୀୟ ରାଜପଥକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ। ପ୍ରଥମେ ଦେସିଲ ଗ୍ରାମର ଲୋକେ ପାଣି ପାଇବା ପରେ ସେମାନେ ରାସ୍ତାରୋକୋରୁ ଓହରି ଯାଇଥିଲେ। ଦିନେ ଛଡ଼ା ଦିନେ ପିଇବା ପାଣି ଦେବା ପାଇଁ ରାଜି ହେବା ପରେ ବାନ୍ଧୁପଲା ଗ୍ରାମବାସୀ ଅବରୋଧରୁ ହଟିଥିଲେ। ଏହି ରାସ୍ତା ଅବରୋଧ ସମୟରେ ଟିଟିଲାଗଡ଼ ତହସିଲଦାର ଶଙ୍କର ବାଗ, ଆଇଆଇସି ମନୋଜ କୁମାର ମୁଣ୍ଡା, ପିଏଚ୍‌ଡି କନିଷ୍ଠ ଯନ୍ତ୍ରୀ ଚନ୍ଦନ କୁମାର ପଲେଇ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣର କନିଷ୍ଠ ଯନ୍ତ୍ରୀ ବୃନ୍ଦାବନ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ସରପଞ୍ଚଙ୍କୁ ଘେରିଲେ ପଡ଼ାବାସୀ

ଦେଓଗାଁ, ୪।୫(କୃଷ୍ଣପ୍ରସାଦ ପାଣିଗ୍ରାହୀ)



ପାନୀୟ ଜଳ ପାଇଁ ସରପଞ୍ଚଙ୍କୁ ଘେରିଛନ୍ତି ଦେଓଗାଁ କଲେଜଛକ ପଡାବାସୀ।

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟରେ ଏବେ ପାନୀୟଜଳ ସଙ୍କଟ ଦେଖାଦେଇଛି। ସ୍ଥାନୀୟ ସୋଡଗଡ ନଦୀ କୂଳରେ ଥିବା ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପରୁ ଦେଓଗାଁ ଓ କଛାରପାଲି ଗାଁକୁ ଯୋଗାଣ ହେଉଥିବା ପାନୀୟଜଳ ଏବେ ୨/୩ ଦିନରେ ଥରେ ଲେଖାଏଁ ଯୋଗାଣ ହେଉଛି। ତେବେ କମ ସମୟ ପାଇଁ ଜଳ ଯୋଗାଣ ହେଉଥିବାରୁ ଦେଓଗାଁର କଲେଜଛକ, ଭଞ୍ଜପଡା, କଲୋନୀପଡା, ମାଷ୍ଟରପଡାକୁ ମୋଟେ ପାଣି ଯୋଗାଣ ହୋଇପାରୁନାହିଁ। ଫଳରେ ଉକ୍ତ ପଡ଼ାବାସୀ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସୋମବାର ଦେଓଗାଁ କଲେଜଛକରେ ଥିବା ପଡାର ସମସ୍ତ ମହିଳା ପୁରୁଷ ପଞ୍ଚାୟତକୁ ଆସି ସରପଞ୍ଚ ନୀନା ଛତ୍ରିଆଙ୍କୁ ଘେରି ପାନୀୟଜଳ ଯୋଗାଇ ଦେବା ପାଇଁ ଦାବି କରିଥିଲେ। ପାଣି ନ ମିଳିବା ପର୍ଯ୍ୟନ୍ତ ଆମେ ପଞ୍ଚାୟତରୁ ଯିବୁ ନାହିଁ ବୋଲି ଅଡି ବସିଥିଲେ। ପରେ ସରପଞ୍ଚ ଛତ୍ରିଆ ଗ୍ରାମ୍ୟ ଜଳ ଯୋଗାଣ ବିଭାଗସହ କଥାବାର୍ତ୍ତା ହୋଇ ଟ୍ୟାଙ୍କରରେ ପାଣି ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେବାପରେ ପଡାବାସୀ ଆଶ୍ୱସ୍ତ ହୋଇଥିଲେ। ତେବେ ସୋନଗଡ ନଦୀ ଶୁଖିଲା ରହୁଥିବାରୁ ଆଗକୁ ଦେଓଗାଁ ଅଞ୍ଚଳରେ ପାନୀୟଜଳ ସଙ୍କଟ ଦ୍ୱିଗୁଣିତ ହେବା ଆଶଙ୍କା ଦେଖାଦେଇଥିବାରୁ ଏବେ ସାଧାରଣରେ ଚିନ୍ତା ବଢ଼ାଇ ଦେଇଛି। ଏଣୁ ସୋନଗଡ ନଦୀରେ ଅତିକମରେ ୨ ରୁ ୩ଟି ବ୍ୟାରେଜ ନିର୍ମାଣ କରାଯିବା ନିତାନ୍ତ ଜରୁରୀ ବୋଲି ମତପ୍ରକାଶ ପାଇଛି।

## କ୍ରିଷ୍ଣାକାନ୍ତ ଲୋଇସିଂହା ବ୍ଲକ ଟପ୍ପର

### ମାଟ୍ରିକ ପରୀକ୍ଷା



କ୍ରିଷ୍ଣାକାନ୍ତ | ଆୟୁଷ | ଦିବ୍ୟମ

ଲୋଇସିଂହା,୪।୫(ସୁଶାନ୍ତ ବାରିକ)

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। ବଲାଙ୍ଗୀର ଜିଲାରେ ୯୬.୬୮ ପ୍ରତିଶତ ପରୀକ୍ଷାର୍ଥୀ ପରୀକ୍ଷାରେ ପାସ୍ ହୋଇଛନ୍ତି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର କ୍ରିଷ୍ଣାକାନ୍ତ ପରିଡା ୫୪୦ ମାର୍କ ରଖି ଏଓ ଗ୍ରେଡରେ ପାସହୋଇ ବ୍ଲକ ଟପ୍ପର ହୋଇଛନ୍ତି। ପ୍ରକାଶ ଯେ, ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୬ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସମସ୍ତ ପରୀକ୍ଷାର୍ଥୀ ପାସ ହୋଇଛନ୍ତି। ଏ୧ ରେ ଜଣେ, ଏ୨ରେ ୧୦ ଜଣ , ବି ୧ ଓ ବି୨ରେ ୧୨ ଜଣ ଲେଖାଏଁ ରହିଛନ୍ତି। ସେହିପରି ସି ଓ ଡି ଗ୍ରେଡରେ ମଧ୍ୟ ୫ ଜଣ ଲେଖାଏଁ ଓ ଇ ଗ୍ରେଡରେ ଜଣେ ପରୀକ୍ଷାର୍ଥୀ ପାସ ହୋଇଛନ୍ତି। ସେହିପରି ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲର ପରୀକ୍ଷା ଫଳ ୯୭.୧୪ ପ୍ରତିଶତ ରହିଛି। ଏହି ବିଦ୍ୟାଳୟର ଛାତ୍ର ତଥା ବୁର୍ଡା ଗ୍ରାମର ଆୟୁଷ ରଣା ୫୨୦ ମାର୍କ ରଖି ଏ୨(୮୬.୬୭%) ଗ୍ରେଡରେ ପାସ ହୋଇ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ବି୧ରେ ୩, ବି୨ ରେ ୫, ସି ଓ ଡିରେ ୨୦ ଜଣ ଲେଖାଏ, ଇରେ ୧୯ ଓ ଏଫ ଗ୍ରେଡରେ ୨ ଜଣ ପାସ ହୋଇଛନ୍ତି। ବୁର୍ଡା ପଞ୍ଚାୟତ ହାଇସ୍କୁଲର ୪୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଜଣେ ପରୀକ୍ଷାର୍ଥୀ ପରୀକ୍ଷାରେ ଅନୁପସ୍ଥିତ ରହିଥିବାବେଳେ ଜଣେ ଫେଲ ହୋଇଛନ୍ତି। ବିଦ୍ୟାଳୟର ପାସହାର ୯୫.୬୫ପ୍ରତିଶତ ରହିଛି। ଏହି ବିଦ୍ୟାଳୟରୁ ଏ୧ ଓ ଏ୨ରେ କେହିପାସ ହୋଇ ନ ଥିବାବେଳେ ବି୧ରେ ୨ ଜଣ, ବି୨ରେ ୧୨ ଜଣ, ସିରେ ୧୭ ଜଣ, ଡିରେ ୧୧ ଜଣ, ଇଗ୍ରେଡରେ୨ ଜଣ ପାସ ହୋଇଛନ୍ତି। ସେହିପରି ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲରୁ ୯୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୨ ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ। ଏହି ବିଦ୍ୟାଳୟରୁ ମଧ୍ୟ କେହି ଜଣେ ଏ୧ ରେ ପାସ ହୋଇପାରିନାହାନ୍ତି। ଏ ୨ରେ ୪, ବି୧ରେ ୮, ବି୨ରେ ୨୩, ସିରେ ୩୧, ଡିରେ୨୨, ଇରେ ୧୩ ଓ ଏଫ ଗ୍ରେଡରେ ୨ଜଣ ପାସ ହୋଇଛନ୍ତି। ଛାତ୍ର ଦିବ୍ୟମ କୁମାର ପଧାନ ୫୧୫ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଥିବା ବିଦ୍ୟାଳୟ ସୂତ୍ରରୁ ପ୍ରକାଶ।

## ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର, ୪।୫ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଜେଏସ୍‌ଏମ୍ କଲେଜ ପରିସରରେ ମଞ୍ଚ ସଭାପତି ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢୀଙ୍କ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ କପିଳେଶ୍ୱର ଖମାରୀ ପୂର୍ବ ବୈଠକର ଆଲୋଚନା ସମ୍ପର୍କରେ ସୂଚାଇଥିଲେ। ସଭାରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ଜୁନ୍ ୨୬ରେ ହେବାକୁ ଥିବା ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ ଉପରେ ଆଲୋଚନା ହୋଇଥିଲା। ସଭାରେ ସେମିନାର ଆୟୋଜନ, ପଞ୍ଚକର୍ମ, ସଭ୍ୟ ସଂଗ୍ରହ, ଓଡ଼ିଶା ତଥା ଓଡିଶା ବାହାରକୁ ଭ୍ରମଣ କରିବା, ସ୍ମରଣିକା ଉନ୍ମୋଚନ ତଥା ଏହି ମଞ୍ଚର ନବୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ, ଦୁର୍ଗା ପ୍ରସାଦ ହେତା, ସଭ୍ୟ ଶିବ ନାରାୟଣ ରଥ, ପୂର୍ଣ୍ଣଚନ୍ଦ୍ର ମେହେର ଅଂଶଗ୍ରହଣ କରିଥିଲେ।

## କରାଟେ ଚାମ୍ପିୟନଶିପ୍ — ଲୋଇସିଂହା ପ୍ରତିଯୋଗୀଙ୍କୁ ମିଳିଲା ସ୍ୱର୍ଣ୍ଣ, ରୌପ୍ୟ ପଦକ

ଲୋଇସିଂହା,୪।୫(ସୁଶାନ୍ତ ବାରିକ)



ପଦକ ସହ ଅଲ ଇଣ୍ଡିଆ ଓପନ କରାଟେ ଚାମ୍ପିୟନଶିପରେ ଭାଗନେଇଥିବା ପ୍ରତିଯୋଗୀ।

ଉତ୍ତରପ୍ରଦେଶର ଗାଜିଆବାଦ ସ୍ଥିତ ଜିନ୍ଦଲ ପବ୍ଲିକ ସ୍କୁଲଠାରେ ଅନୁଷ୍ଠିତ 'ଅଲ ଇଣ୍ଡିଆ ଓପନ କରାଟେ ଚାମ୍ପିୟନଶିପ-୨୦୨୬'ରେ ବଲାଙ୍ଗୀର ଜିଲା ଲୋଇସିଂହାରୁ ଭାଗ ନେଇଥିବା ଛାତ୍ରୀଛାତ୍ର ଚମତ୍କାର ପ୍ରଦର୍ଶନ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଲୋଇସିଂହା ବ୍ଲକ ଛକ ସ୍ଥିତ ରାଇଜିଂ ୟୁଥ କ୍ଲବ୍‌ରେ ପ୍ରଶିକ୍ଷଣ ନେଉଥିବା ବେଥାନୀ କନଭେଣ୍ଟ ସ୍କୁଲର ୭ ଜଣ ପ୍ରତିଭାବାନ ଖେଳାଳି ଏହି ଜାତୀୟସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଏକାଧିକ ସ୍ୱର୍ଣ୍ଣ, ରୌପ୍ୟ ଓ କାଂଶ୍ୟ ପଦକ ହାସଲ କରିଛନ୍ତି। ପ୍ରଶିକ୍ଷକ ଆଲେଖ ଛତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଗାଜିଆବାଦ ଯାଇ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ। ୯ବର୍ଷ ବର୍ଗରେ ବି ଏଫ୍ରାଥା ଜୋଏଲ କାଟାରେ ସ୍ୱର୍ଣ୍ଣ, କୁମିତେ- ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ୧୩ ବର୍ଷ ବର୍ଗରେ ଅରମାନ ବାରିକ କୁମିତେ-ସ୍ୱର୍ଣ୍ଣ ଓ କାଟା- କାଂଶ୍ୟ, ୯ ବର୍ଷ ବର୍ଗରେ ଆୟୁଷ୍ମାନ ବାରିକ କାଟାରେ ସ୍ୱର୍ଣ୍ଣ ଓ କୁମିତେ- ରୌପ୍ୟ ବିଜୟୀ ହୋଇଛନ୍ତି। ୧୧ ବର୍ଷ ବର୍ଗରେ ପ୍ରୀତମ ସାହୁ କାଟାରେ ସ୍ୱର୍ଣ୍ଣ, କୁମିତେରେ ରୌପ୍ୟ, ୭ବର୍ଷ ବର୍ଗରେ ପ୍ରତ୍ୟୁଷ ସାହୁ କାଟାରେ ସ୍ୱର୍ଣ୍ଣ ଓ କୁମିତେରେ ରୌପ୍ୟ, ୧୪ ବର୍ଷ ବର୍ଗରେ ଦୀପ୍ତିମୟୀ ଛତର କାଟା-ସ୍ୱର୍ଣ୍ଣ ଓ କୁମିତେରେ କାଂଶ୍ୟ, ୭ବର୍ଷ ବର୍ଗରେ ଶକ୍ତିମୟୀ ଛତର କାଟାରେ ରୌପ୍ୟ, କୁମିତେରେ କାଂଶ୍ୟ ବିଜୟୀ ହୋଇଛନ୍ତି। ପିଲାମାନଙ୍କର ଏହି ସଫଳତାରେ ବେଥାନୀ କନଭେଣ୍ଟ ସ୍କୁଲ କର୍ତ୍ତୃପକ୍ଷ ଓ ରାଇଜିଂ ୟୁଥ କ୍ଲବର କର୍ମକର୍ତ୍ତା ସେମାନଙ୍କୁ ଶୁଭେଚ୍ଛା ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଚାଷୀଙ୍କୁ ପ୍ରାଇସ୍, ପ୍ରେଷ୍ଟିଜ୍, ପେନସନ୍ ଦାବି

### ବଲାଙ୍ଗୀର ପହଞ୍ଚିଲା ନବନିର୍ମାଣ କୃଷକ ସଙ୍ଗଠନର ସ୍ୱାଭିମାନ ଯାତ୍ରା

ବଲାଙ୍ଗୀର, ୪।୫ (ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶା ନବନିର୍ମାଣ କୃଷକ ସଙ୍ଗଠନର ସ୍ୱାଭିମାନ ଯାତ୍ରା ସୋମବାର ବଲାଙ୍ଗୀର ପହଞ୍ଚିଥିଲା। ବଲାଙ୍ଗୀର ପହଞ୍ଚିବା ପରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରାଯାଇ ସ୍ୱାଭିମାନ ଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ଉପଦେଷ୍ଟା ଡ. କୁଳମଣି, ଯୁବ ଛାତ୍ର ରାଜ୍ୟ ସଂଯୋଜକ ଏମ୍‌ଡି ମନୱର ଅଲି, ଗଜପତି ଜିଲା ପ୍ରଭାରୀ ରଣଜିତ ପଟ୍ଟନାୟକ, ରାଜ୍ୟ କମିଟି ସଦସ୍ୟ ପ୍ରଭାତ ମହାଲିକ ଉପସ୍ଥିତ ଥିଲେ। ଖବରଦାତା ସମ୍ମିଳନୀକୁ ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ହିମାଂଶୁ ଶେଖର ସାହୁ ପରିଚାଳନା କରିଥିଲେ। ରାଜ୍ୟର ଚାଷୀମାନଙ୍କୁ କିଭଳି ସେମାନଙ୍କ ନ୍ୟାର୍ଯ୍ୟ ହକ୍ ଏବଂ ସମ୍ମାନ ମିଳିବ ସେ ଉପରେ ସଙ୍ଗଠନର ୨୧ ଦଫା ସମ୍ମିଳିତ ଦାବି ଉପରେ ଆଲୋଚନା କରିଥିଲେ। ଖବରଦାତା ସମ୍ମିଳନୀ ପୂର୍ବରୁ ବଲାଙ୍ଗୀର ଜିଲା ମିଳିତ କୃଷକ ମଞ୍ଚ ସହ ନବନିର୍ମାଣ କୃଷକ ସଙ୍ଗଠନ ସଦସ୍ୟଙ୍କ ଏକ ଆଲୋଚନା ହୋଇଥିଲା। ଏଥିରେ ମିଳିତ କୃଷକ ମଞ୍ଚର ଆବାହକ ଆକାଶ ମିଶ୍ର, ବଲାଙ୍ଗୀର ଜିଲା କୃଷକ ମହାସଂଘ ସଭାପତି ଯତି ପ୍ରଧାନ, ସମ୍ପାଦକ ଚଗଲା ପରିଚ୍ଛା, ସଂଯୋଜକ ମଧୁସୂଦନ କ୍ଷେତୀ, ନବନିର୍ମାଣ କୃଷକ ସଙ୍ଗଠନର ରାମ ନାରାୟଣ ବ୍ରହ୍ମା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କହିଥିଲେ, ଆଜି ରାଜ୍ୟର ଚାଷୀ, ମୁଲିଆ ଓ ଆଦିବାସୀମାନଙ୍କ ଠାରୁ କଥା କହିବାର ଅଧିକାର ଛଡାଇ ନିଆଯାଉଛି। ସମ୍ବିଧାନର ମୌଳିକ ଅଧିକାର ଯାହା ଅନ୍ୟମାନଙ୍କ ପାଇଁ ରହିଛି, ସେଥିରୁ ଚାଷୀଙ୍କୁ ବଞ୍ଚିତ କରାଯାଉଛି। ଏଣୁ ଚାଷୀଙ୍କୁ ଉଚିତ୍ ମୂଲ୍ୟ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଦାବିରେ ସ୍ୱାଭିମାନ ଯାତ୍ରା ଆରମ୍ଭ ହୋଇଛି। ଆସନ୍ତା ୧୪ ତାରିଖରେ ଏହା ରାଜ୍ୟର ୩୦ଟି ଜିଲା ପରିକ୍ରମା କରି ଭୁବନେଶ୍ୱର ପହଞ୍ଚିବ। ସେଠାରେ ସବୁ ଜିଲାର ଚାଷୀ ପ୍ରତିନିଧିଙ୍କ ଉପସ୍ଥିତିରେ ଆଗାମୀ ରଣନୀତି ପ୍ରସ୍ତୁତ ହେବ ବୋଲି ଅକ୍ଷୟ କହିଥିଲେ।

## ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି



ବଲାଙ୍ଗୀର ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଜିଲାପାଳ ଓ ଏସ୍‌ପି ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କରୁଛନ୍ତି।

ବଲାଙ୍ଗୀର, ୪।୫ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ସ୍ଥାନୀୟ ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ବୈଠକ ଗୃହରେ ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଗୌରବ ଶିବାଜୀ ଇସଲୱାର ଏବଂ ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି. ଯୁଗ୍ମ ଭାବେ ଅଭିଯୋଗ ଶୁଣାଣି କରିଥିଲେ। ଏହି ଶିବିରରେ ମୋଟ ୭୧ଟି ଅଭିଯୋଗପତ୍ର ପଞ୍ଜୀକୃତ ହୋଇଥିଲା। ସେଗୁଡ଼ିକ ମଧ୍ୟରେ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୫୪ଟି ଏବଂ ୭ଟି ସାମୂହିକ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ଏଥିମଧ୍ୟରୁ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଶିବିରରେ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଦାଖଲ ହୋଇଥିବା ଅଭିଯୋଗପତ୍ର ଗୁଡ଼ିକର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ। ବିଭିନ୍ନ ଗାଁରୁ ଆସିଥିବା ଲୋକମାନେ ସେମାନଙ୍କ ସମସ୍ୟା ଜଣାଇଥିଲେ। ଜିଲାପାଳ ଇସଲୱାର ଅଭିଯୋଗ ଶୁଣିବା ପରେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେଗୁଡ଼ିକ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗୀର ଉପଜିଲାପାଳ ଆଲୋକ କୁମାର ପଟେଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ମୁଖ୍ୟ ଜିଲା କୃଷି ଅଧିକାରୀ ଧୀରେନ ସିଂ ବରିହା, ଜିଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଡେପୁଟି କଲେକ୍ଟର ନିବେଦିତା ସ୍ୱାଇଁ, ଜିଲା ଜରୁରୀକାଳୀନ ଅଧିକାରୀ ଶୋଭିନା ଭୋଇ, ବଲାଙ୍ଗୀର ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷୀକେଶ ଗଣ୍ଡ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ହାତରୁ ଖସିଯାଉଛି ପ୍ରକଳ୍ପ, କୁହୁଳୁଛି ଅସନ୍ତୋଷ

ଲୋଇସିଂହା,୪।୫(ସୁଶାନ୍ତ ବାରିକ)

୨୦୨୫ ଜାନୁଆରୀରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ବଲାଙ୍ଗୀର ଗସ୍ତ କରିଥିଲେ। ଏହି ଅବସରରେ ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଲୋକସଭା କ୍ଷେତ୍ର ଅଧୀନ ଲୋଇସିଂହା ଏବଂ ବୀରମହାରାଜପୁରରେ ସୈନିକ ସ୍କୁଲ ଖୋଲାଯିବ ବୋଲି ସେତେବେଳେ ଘୋଷଣା କରିଥିଲେ। ଏହାର କିଛିମାସ ପରେ ସବୁ କିଛି ଓଲଟପାଲଟ ହୋଇଯାଇଥିଲା । ସରକାରୀସ୍ତରରେ ଜିଲାର ଟିଟିଲାଗଡ ତହସିଲ ଅନ୍ତର୍ଗତ ମନିଗାଁରେ ସୈନିକ ସ୍କୁଲ ଖୋଲିବା ପାଇଁ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହି ଖବର ଜଣାପଡିବା ପରେ ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅତୀତରୁ ବର୍ତ୍ତମାନ ଯାଏ ଲୋଇସିଂହା ଅଞ୍ଚଳରୁ ଗୋଟିଏ ପରେ ଗୋଟିଏ ପ୍ରକଳ୍ପ ହାତଛଡା ହେଉଥିବାରୁ ଲୋଇସିଂହା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ବିଧାୟକ ଡ.ମୁକେଶ ମହାଲିଙ୍ଗ ନିର୍ବାଚିତ ହୋଇଛନ୍ତି। ବର୍ତ୍ତମାନ ବିଧାୟକ ମହାଲିଙ୍ଗ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଦାୟିତ୍ୱରେ ରହିଛନ୍ତି। ଲୋଇସିଂହା ନିର୍ବାଚନମଣ୍ଡଳୀ ଏକ ଶିଳ୍ପବିହୀନ ଓ ଅଣଜଳସେଚିତ ଅଞ୍ଚଳ। ୨୦୦୦ ମସିହାରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଲୋଇସିଂହା ବ୍ଲକ ମାଗୁରବେଡା ଠାରେ ଜିଲାର ଜୀବନ ରେଖା କୁହାଯାଉଥିବା ଲୋୟରସୁକତେଲ ପ୍ରକଳ୍ପ ନିର୍ମାଣ ହୋଇଛି। ଏହି ପ୍ରକଳ୍ପରରୁ ଜିଲାର ବଲାଙ୍ଗୀର ଓ ପୁଇଁତଲା ଏବଂ ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକର ଅଧିକାଂଶଜମିକୁ ଜଳସେଚନ କରାଯିବ। କିନ୍ତୁ ଲୋଇସିଂହା ଓ ଆଗଲପୁର ବ୍ଲକର ୧୧ ପଞ୍ଚାୟତବାସୀ ଜଳସେଚନରୁ ବାଦ ପଡୁଛନ୍ତି। ଏହାକୁ ନେଇ ମଧ ଚାଷୀ ମହଲରେ ଅସନ୍ତୋଷ ଲାଗି ରହିଛି। ଏହାଛଡା ଲୋଇସିଂହା ବ୍ଲକ ପରିସରରେ ଥିବା କୃଷି ତାଲିମ କେନ୍ଦ୍ର ଏବଂ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବା ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟର, ଚକ୍ଷୁ ହସ୍ପିଟାଲ ଆଦିକୁ ବଲାଙ୍ଗୀର ସ୍ଥାନାନ୍ତରିତ କରାଯାଇଛି। ସରକାରୀ ଜମି ଅଭାବ ଆଳ ଦେଖାଇ ସହରାଞ୍ଚଳ ମଧ୍ୟରେ ହେବାକୁ ଥିବା ଇଣ୍ଡୋର ଷ୍ଟାଡିୟମ ଓ ଅଡିଟୋରିମକୁ ମଧ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା କହନ୍ତି, ଦିନକୁଦିନ ଲୋଇସିଂହାରୁ ଗୋଟିଏ ପରେ ଗୋଟିଏ ପ୍ରକଳ୍ପ ହାତଛଡା ହେଉଛି। ଲୋଇସିଂହା ନିର୍ବାଚନ ମଣ୍ଡଳୀରୁ ଜଣେ ମନ୍ତ୍ରୀ ଥାଇ ଏପରି ହେବା ଦୁର୍ଭାଗ୍ୟଜନକ କଥା । ବ୍ଲକ ବିଜେଡି ସଭାପତି ସରୋଜ ବେହେରା କହନ୍ତି, ଲୋଇସିଂହା ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଛି। ଭାଜପା ମଣ୍ଡଳ ସଭାପତି ସରୋଜ ସାହୁ କହନ୍ତି, ଲୋଇସିଂହାରେ ସୈନିକ ସ୍କୁଲ ହେବ ବୋଲି ଏମ୍‌ପି କହିଥିବା ସେ ଶୁଣିଥିଲେ । କିନ୍ତୁ ସ୍ଥାନାନ୍ତର କଥା ଜାଣିନାହିଁ। ଲୋଇସିଂହା ସୈନିକ କ୍ଲବର ସଭାପତି ନୟୁ ଖାନ କହନ୍ତି, ସୈନିକ ସ୍କୁଲ ସ୍ଥାନାନ୍ତରକୁ ବରଦାସ୍ତ କରାଯିବା ନାହିଁ।

## ମେଡିକାଲରେ ରୋଗୀଙ୍କ ପାଇଁ ଏସି ଲଗାଇଲେ ବିଧାୟକ



କଣ୍ଟାବାଞ୍ଜି ବିଧାୟକ ଲକ୍ଷଣ ବାଗ ଏସି ବ୍ୟବସ୍ଥାର ଶୁଭାରମ୍ଭ କରୁଛନ୍ତି।

କଣ୍ଟାବାଞ୍ଜି, ୪।୫ (ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କ ପାଇଁ ଏସିର ବ୍ୟବସ୍ଥା କରିଛନ୍ତି କଣ୍ଟାବାଞ୍ଜି ବିଧାୟକ ଲକ୍ଷଣ ବାଗ। ପ୍ରବଳ ଗରମରେ ରୋଗୀ ହନ୍ତସନ୍ତ ହେଉଥିବାବେଳେ ଏହାକୁ ଦୃଷ୍ଟିରେ ରଖି ପୁରୁଷ ଓ ମହିଳା ୱାର୍ଡ ସହ ଜରୁରୀକାଳୀନ ଆଉଟ ଡୋର ଭଳି ସ୍ଥାନରେ ୫ଟି ଏସି ଦେଇଛନ୍ତି । ରବିବାର ସନ୍ଧ୍ୟା ୭ଟାରେ ବିଧାୟକ ନିଜ କର୍ମୀଙ୍କ ସହ ସାମିଲ ହୋଇ ଏସିକୁ ରିମୋଟ ଦବାଇ ଶୁଭାରମ୍ଭ କରିଛନ୍ତି। ମେଡ଼ିକାଲ ଅଫିସର ଡା. ରାକେଶ ପଣ୍ଡିତ ମଧ ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ଉପସଭାପତି ବେଦବ୍ୟାସ ନାଗ, ରାଜ୍ୟ ଅଳ୍ପ ସଂଖ୍ୟକ ଉପସଭାପତି ଘାସିରାମ ଜୈନ, ପପୁ ଜୁଏଡ଼, ବିଦେଶୀ ବେହେରା, ଯୌବନ ବାଗ, ଯୋଗେଶ ଖଇତନ, ଧନଞ୍ଜୟ ରଣା, ବିମଳା ନାଗ, ଲତା ରାଉତ, ବନିତା ମଲ୍ଲିକ, ଜିଲା ସାଧାରଣ ସମ୍ପାଦକ ପୁରୁନ ବାଗ, ରାଜେଶ ସାଗର, ପ୍ରମୁଖ ସାମିଲ ଥିଲେ।

# ଇଟାଭାଟିରୁ ବିପୁଳ ଗଛ ଜବତ କଲା ବନ ବିଭାଗ

### ଚାଲିଛି ବେଆଇନ ଇଟାଭାଟି, ହେଉନି ରାଜସ୍ୱ ଆଦାୟ

ଦେଓଗାଁ, ୪।୫(କୃଷ୍ଣପ୍ରସାଦ ପାଣିଗ୍ରାହୀ)



ଦେଓଗାଁ ବନ ବିଭାଗ ତରଫରୁ ଇଟାଭାଟିରୁ ଜବତ ଗଛ।

ବଲାଙ୍ଗୀର ଜିଲା ଦେଓଗାଁ ତହସିଲ ଅନ୍ତର୍ଗତ ବିଭିନ୍ନ ଗାଁରେ ଏବେ ଗଢ଼ି ଉଠିଛି ବେଆଇନ ଇଟାଭାଟି। ରାଜସ୍ୱ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁ ହୋଇପାରୁନି ରାଜସ୍ୱ ଆଦାୟ। ଇଟାଭାଟିକୁ ନେଇ ଅଭିଯୋଗ ଉଠିବା ପରେ ଜିଲା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଦେଓଗାଁ ବନବିଭାଗର ଫରେଷ୍ଟର ଜନ୍ମେଜୟ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ଅପରାହ୍ନରେ ଉଡାର ପଞ୍ଚାୟତର ବ୍ରାହ୍ମଣୀପାଲି ଗାଁ ନିକଟରେ ଥିବା ଏକ ଇଟାଭାଟି ଉପରେ ଅତର୍କିତ ଚଢ଼ାଉ କରିଥିଲା। ଇଟାଭାଟି ପୋଡ଼ିବା ପାଇଁ ରଖାଯାଇଥିବା ବିପୁଳ ପରିମାଣର ଗଛକୁ ଜବତ କରାଯାଇ ଦେଓଗାଁ ରେଞ୍ଜ ଅଫିସକୁ ଅଣାଯାଇଛି। ଅଭିଯୋଗ ଅନୁସାରେ ଦେଓଗାଁ ତହସିଲ ଅନ୍ତର୍ଗତ କଛାରପାଲି, ମଦନପାଲି, ହାସିସରା, ବ୍ରାହ୍ମଣୀପାଲି, ଲୁଛୁରେନପାଲି, କୁକୁରଖାଇ, ସିଂହାମୁଣ୍ଡା, ବନ୍ଧପଡା, ବ୍ରାହ୍ମଣୀଯୋର ଆଦି ଗାଁରେ ବଡବଡ ଇଟାଭାଟିକରିଅନାୟାସରେ ବେପାରୀମାନେ ଇଟା ବେପାର ଚଳାଇଥିବା ନଜରକୁ ଆସିଛି। ଶନିବାର ବ୍ରାହ୍ମଣୀପାଲି ନିକଟରେ ଗଢ଼ି ଉଠିଥିବା ଏକ ବେଆଇନ ଇଟାଭାଟିକୁ ଖବର ସଂଗ୍ରହ ପାଇଁଯାଇଥିବା ଏକ ଟିଭି ଚ୍ୟାନେଲର ଖବରଦାତାଙ୍କୁ ଇଟାଭାଟିର ମାଲିକ ଗାଡି ଲୁଟିବା ସହ ଆକ୍ରମଣ ଉଦ୍ୟମ କରିଥିଲେ। ସେ କୌଣସି ପ୍ରକାରେ ସେଠାରୁ ଖସିଆସି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ଖବରଦାତାଙ୍କ ଗାଡିକୁ ଉଦ୍ଧାର କରି ଥାନାକୁ ଆଣିଥିଲା। ପରେ ଉଭୟ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସବିତା ଠେମରିଆ ସୂଚନା ଦେଇଛନ୍ତି। ଅନ୍ୟପଟେ ଦେଓଗାଁ ବ୍ଲକର ୧୨୬ଟି ଗାଁରେ ଅନେକ ଇଟାଭାଟି ଚାଲିଥିବା ଅଭିଯୋଗ ହେଉଥିବାବେଳେ ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ତହସିଲଦାର ନର୍ମଦା ନାୟକଙ୍କ ମତଲୋଡିବାରୁ ସେ କହିଥିଲେ, ରାଜସ୍ୱ ନୀରିକ୍ଷକମାନଙ୍କୁ କହୁଛୁ ହେଲେ ଏ ପର୍ଯ୍ୟନ୍ତ କୌଣସି ରାଜସ୍ୱ ନୀରିକ୍ଷକ ବେଆଇନ ଇଟାଭାଟିକୁ ନେଇ ଗୋଟିଏ ମଧ କେସ କରିନାହାନ୍ତି। ଏଣୁ କୌଣସି ଇଟାଭାଟିର ରୟାଲ୍‌ଟି କାଟିପାରିନାହୁଁ। ଏନେଇ କାଲିଠାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା, ୭୫୨୦୧୪
Odia University, Satyabadi, Puri, Odisha, 752014
Website:https://odiauniversity.ac.in
Email: odiauniversityrecruitment@gmail.com

**NOTICE**

No.515 Date:30.04.2026

Advt.No. 01 of 2026/27

(ADVERTISEMENT FOR RECRUITMENT TO THE TEACHING POSTS)

No.11001/23/2627: Online applications are invited from prospective candidates for recruitment to the posts of **Professor/Associate Professor/Assistant Professors** in different departments of Odia University in the mentioned scale of pay of the pay matrix under Odisha Revised Scales of Pay for University Teachers (UGC Scale of Pay) Rule, 2019 with usual dearness allowance and other allowances as may be sanctioned by the Government of Odisha from time to time, through the proforma application to be made available on the WEBSITE (http://hims.odisha.gov.in). The link for registration, payment of application fee and submission of online applications shall be available from 05.05.2026 till 04.06.2026. For Advertisement details the candidates are requested to check the University website https://odiauniversity.ac.in from 05.05.2026 onwards.

| Teaching (Faculty) Positions | Total Vacancy |
| --- | --- |
| (Professors/ Associate Professors/ Assistant Professors) | 21 |

OIPR-11001/11144/1/26-27/0002

Sd./- REGISTRAR
ODIA UNIVERSITY

# ସହରକୁ ସ୍ୱଚ୍ଛ ରଖ, ରାଜସ୍ୱ ସଂଗ୍ରହ ବୃଦ୍ଧି କର

■ ଉନ୍ନୟନ କାମରେ ମନ୍ଥରତାକୁ ବରଦାସ୍ତ କରାଯିବନି
■ ସୁବର୍ଣ୍ଣପୁରରେ ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା



ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସମୀକ୍ଷା କରୁଛନ୍ତି।

ସୋନପୁର,୪।୫(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ସରକାରଙ୍କ ମୁଖଶାଳା ହେଉଛି ନଗର ଉନ୍ନୟନ ବିଭାଗ। ସହରଗୁଡିକ ବିକାଶର ମାପକାଠି। ତେଣୁ ସହରଗୁଡିକ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ରହିଲେ ହିଁ ରାଜ୍ୟ ଏବଂ ଜିଲାର ପ୍ରଗତି ଜଣାପଡିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ଡ. ମହାପାତ୍ର ସୁବର୍ଣ୍ଣପୁର, ବିନିକା ଓ ତରଭା ସହରର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସୋମବାର ସମୀକ୍ଷା କରିଥିଲେ। ମନ୍ତ୍ରୀ କହିଥିଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସହରଗୁଡ଼ିକର ବିକାଶ ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୃହତ୍ତର ପଦକ୍ଷେପ ନିଆଯାଉଛି। ସହରବାସୀଙ୍କ ଜୀବନଧାରଣ ମାନର ଉନ୍ନତି, ସ୍ୱଚ୍ଛ ପରିବେଶ ଓ ଚିତ୍ତ ବିନୋଦନ ପାଇଁ ସରକାର ଅନୁଦାନ ଯୋଗାଇ ଦେଉଛନ୍ତି। ପ୍ରତ୍ୟେକ ସହରବାସୀଙ୍କ ଘରୁ ଅଳିଆ ଉଠିବା, ଡ୍ରେନ୍ ସଫା ହେବା ଓ ବର୍ଷା ଜଳ ନିଷ୍କାସନ ସର୍ଭେ ସରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସୁବର୍ଣ୍ଣପୁର ସହରରେ ଏପର୍ଯ୍ୟନ୍ତ ବର୍ଷା ଜଳ ନିଷ୍କାସନ ସର୍ଭେ ସରି ନ ଥିବା ଜଣାପଡିଥିଲା। ନିର୍ଦ୍ଧାରିତ ସମୟରେ କାମ ସମ୍ପୂର୍ଣ୍ଣ ସହ ସେଗୁଡ଼ିକର ଠିକ୍ ବିନିଯୋଗ ପାଇଁ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତେବେ ରାଜସ୍ୱ ସଂଗ୍ରହରେ ଜିଲାର ୩ଟି ଯାକ ପରିଷଦ ପଛରେ ପଡ଼ିଥିବା ନେଇ ମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସୁବର୍ଣ୍ଣପୁର ପୌର ପରିଷଦ ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୪୧%, ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ୫୫% ଓ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ ୬୧% ରାଜସ୍ୱ ସଂଗ୍ରହ କରିଥିବା ସମୀକ୍ଷାରୁ ଜଣାପଡିଥିଲା। ସରକାରଙ୍କ ଉପରେ ନିର୍ଭରଶୀଳ ନ ହୋଇ ନିଜସ୍ୱ ରାଜସ୍ୱ ସଂଗ୍ରହ ବୃଦ୍ଧି କରି ଆତ୍ମନିର୍ଭର ହେବାକୁ ବୈଠକରେ ପରିଷଦଗୁଡ଼ିକୁ ପରାମର୍ଶ ଦିଆଯାଇଥିଲା। ସୁବର୍ଣ୍ଣପୁର ପୌର ପରିଷଦ ଅନ୍ତର୍ଗତ ୭ଟି ଜଳାଶୟର ଉନ୍ନତିକରଣ ପାଇଁ ନଗର ଉନ୍ନୟନ ବିଭାଗ ଅନୁଦାନ ଯୋଗାଇ ଦିଆଯାଇଥିଲା। ପରିଷଦ ପକ୍ଷରୁ ମାତ୍ର ୪ଟି ଜଳାଶୟର କାମ ଏବେ ଆରମ୍ଭ ହୋଇଛି। ଅନ୍ୟ ୩ଟିର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇନି। ଏଭଳି ବିଳମ୍ବିତ କାମକୁ ନେଇ ମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଶୀଘ୍ର କାମ ସାରିବା ପାଇଁ ତାଗିଦ୍ କରିଥିଲେ। ଏହି ଅବସରରେ ଜିଲାର ୩ଟି ସହରରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, କଂକ୍ରିଟ୍ ରାସ୍ତାଗୁଡ଼ିକର ଖାଲଖମା ମରାମତି, ସହଯୋଗ ଯୋଜନା, ସହରବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ସୁନିଶ୍ଚିତ କରିବା, ପରିମଳ ବ୍ୟବସ୍ଥା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କ୍ରିୟାନ୍ୱୟନ ସମ୍ପର୍କରେ ସମୀକ୍ଷା ହୋଇଥିଲା। ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ଜିଲାପାଳ ଡ. ନୃପରାଜ ସାହୁ, ପିଡି ଡ୍ରଡା ରାଜେନ୍ଦ୍ର ମାଝୀ, ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାପସି ତାମ୍ପିତା ନାୟକ, ବିନିକା ଏନ୍‌ଏସି ଅଧ୍ୟକ୍ଷ ସୁବାସ ଭୁଏ, ତରଭା ଉପନଗରପାଳ ଗଗନ ଅଗ୍ରୱାଲ, ବେଣୁଧର ଦାଶ, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ସାନନ୍ଦ କୁମାର ମେହେର, ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର, ସୁବର୍ଣ୍ଣପୁର ପୌରପରିଷଦ ନିର୍ବାହୀ ଅଧିକାରୀ ରଷି ମାଝୀ, ବିନିକା ଏନ୍‌ଏସି ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ ଓ ତରଭା ଏନ୍‌ଏସି ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ମନ୍ତ୍ରୀ ଡ. ମହାପାତ୍ର ୬ କୋଟି ୩୯ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ସୁବର୍ଣ୍ଣପୁର ପୌର ପରିଷଦର ନୂତନ କାର୍ଯ୍ୟାଳୟର ଶିଳାନ୍ୟାସ କରିଥିଲେ। ପରେ ତେଲନଦୀ କୂଳରେ ନିର୍ମାଣ ହେବାକୁ ଥିବା ପାର୍କ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଥନାପତିପଡାରେ ନିର୍ମାଣ ହେବାକୁ ଥିବା ବହୁମୁଖୀଗୋଷ୍ଠୀ କେନ୍ଦ୍ର ଓ ରୟାଲ ପଡିଆରେ ଦର୍ଶକ ଗ୍ୟାଲେରି ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବିଶିଷ୍ଟ ବ୍ୟକ୍ତି, ଜନସାଧାରଣ ଓ ପୌର ପରିଷଦର କର୍ମଚାରୀ ଯୋଗ ଦେଇଥିଲେ।

## ତରଭା ସବ୍‌ଡିଭିଜନ ଦାବି ନେଇ ଜରୁରୀ ବୈଠକ

ତରଭା,୪।୫ (ମାନଭଞ୍ଜନ ମିଶ୍ର)

ତରଭା ବ୍ଲକ ସାମ୍ବାଦିକ ସଂଘର ଆବାହକତ୍ୱରେ ତରଭାକୁ ଏକ ସବ୍‌ଡିଭିଜନରେ ପରିଣତ କରିବାକୁ ଚାଲିଥିବା ଆନ୍ଦୋଳନ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ପ୍ରତିଦିନ ନୂଆ ନୂଆ ସଙ୍ଗଠନ ଏହି ଆନ୍ଦୋଳନରେ ସାମିଲ ହେଉଛନ୍ତି। ପୂର୍ବରୁ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, ବୁଦ୍ଧିଜୀବୀ, ତରଭା ବରିଷ୍ଠ ନାଗରିକ ସଂଘ, ଓକିଲ ସଂଘ ଏହି ଦାବିକୁ ସମର୍ଥନ ଜ୍ଞାପନ କରି ସାରିଥିଲେ। ରବିବାର ସ୍ଥାନୀୟ ଏନ୍‌ଏସି ପାଠାଗାରରେ ଅନୁଷ୍ଠିତ ବୈଠକରେ ତରଭା ମାରୱାଡି ଯୁବାମଞ୍ଚ ପକ୍ଷରୁ ଏହି ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଜଣାଯାଇଛି। ତରଭା ବ୍ଲକ ସାମ୍ବାଦିକ ସଂଘର ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୁବାମଞ୍ଚର ସଭାପତି ପ୍ରବୀଣ ସାହୁ, ବିକାଶ ଅଗ୍ରୱାଲ, ପଙ୍କଜ କୁମାର ଅଗ୍ରୱାଲ, ସୁଦର୍ଶନ ଅଗ୍ରୱାଲ, ପବନ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ତରଭା ବ୍ଲକର ୨୧ ପଞ୍ଚାୟତର ପ୍ରତ୍ୟେକ ଗାଁରେ ପହଞ୍ଚାଇବା ପାଇଁ ପ୍ରସ୍ତାବ ଦେବାସହ ଆନ୍ଦୋଳନକୁ ସଫଳ କରିବାରେ ସବୁ ପ୍ରକାର ସହଯୋଗ କରିବେ ବୋଲି କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଯ୍ୟାମୀ ସାହୁ, କପିଳାସ ସେଠ, କଲ୍ୟାଣ କୁମାର ନାଏକ, ନରୋତ୍ତମ ମଲ୍ଲିକ, ମନୋଜ ମନହୀରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ବୀରମହାରାଜପୁର ଏନ୍‌ଏସି ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ


ବୀରମହାରାଜପୁରରେ ଏନ୍‌ଏସି କାର୍ଯ୍ୟାଳୟ ଉଦଘାଟନ କାର୍ଯ୍ୟକ୍ରମରେ ଅତିଥି ଗଣ।

ବୀରମହାରାଜପୁର, ୪।୫ (ଯୁଗଳ କିଶୋର ମିଶ୍ର)

ବୀରମହାରାଜପୁର ଏନ୍‌ଏସି ଅନ୍ତର୍ଗତ ସଦର ରାଜାବନ୍ଧଠାରେ ପୋଖରୀର ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣର ଭୂମିପୂଜନ, ଅସ୍ଥାୟୀ ଏନ୍‌ଏସି କାର୍ଯ୍ୟାଳୟ ସୋମବାର ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଡ. ମହାପାତ୍ର ଯୋଗଦେଇ ଏନ୍‌ଏସି ପାଇଁ ଟଙ୍କାର ଅଭାବ ରହିବ ନାହିଁ। ଏବେ ସହରର ଆଲୋକୀକରଣ ପାଇଁ ୫୦ ଲକ୍ଷରୁ ଅଧିକ ଟଙ୍କା ଦିଆଯାଇଛି। ସଭାରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ତଥା ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝୀ, ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର, ବିଡିଓ ତଥା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର ହାଁସଦା, ଜିଲା ଭାଜପା ସଭାପତି ବେଣୁଧର ଦାସ, ଏମ୍‌ପିଙ୍କ ନଳିନୀ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଆଇନଜୀବୀ ସୁରେନ୍ଦ୍ର ତ୍ରିପାଠୀ ଏନ୍‌ଏସି ହେବା ପରେ ବୀରମହାରାଜପୁର ସହର କିଭଳି ଉନ୍ନତିକରଣ ହୋଇପାରିବ ତା' ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା ଆଇନଜୀବୀ ସତ୍ୟବ୍ରତ ମିଶ୍ର ଓ ଶେଷରେ ଭାଜପା ଜିଲା ସଭାପତି ବେଣୁଧର ଦାସ ଧନ୍ୟବାଦ ଦେଇଥିଲେ। ଏଥିରେ ସବିତା ପଣ୍ଡା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ମଣ୍ଡଳ ସଭାପତି ଅଶୋକ ସାହୁ, ଯୁବ ନେତା ବିପିନ ପଣ୍ଡା, ବିଧାୟକ ପ୍ରତିନିଧି ପଦାର୍ଥ ଜଗଦଲା, ଚମ୍ପେଶ୍ୱର ମିଶ୍ରଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ।

## ଜଗନ୍ନାଥ ମନ୍ଦିରରେ ରାମାୟଣର ସୁନ୍ଦରକାଣ୍ଡ ପାରାୟଣ


ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ସୁନ୍ଦରକାଣ୍ଡ ପାରାୟଣ।

ବୀରମହାରାଜପୁର,୪।୫ ( ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହର ଜଗନ୍ନାଥ ମନ୍ଦିରରେ ସୋମବାର ପୂର୍ବାହ୍ନରେ ରାମାୟଣର ସୁନ୍ଦରକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ମେହେର ପରିବାର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ସୁଦର୍ଶନ ମେହେର ଓ ତାଙ୍କ ସ୍ତ୍ରୀ ପୁଷ୍ପା ମେହେର କାର୍ଯ୍ୟ କରିଥିବା ବେଳେ ପୂଜକ ଭାବେ ପଣ୍ଡିତ ମଧୁସୂଦନ ଚାନ୍ଦ, ଜଗନ୍ନାଥ ମନ୍ଦିର ପୂଜକ ପଣ୍ଡିତ ବିଶ୍ୱାମିତ୍ର ଚାନ୍ଦ, ବିମଳା ମନ୍ଦିର ପୂଜକ ସନତ କୁମାର ପୁରୋହିତ କାର୍ଯ୍ୟ ନିର୍ବାହ କରିଛନ୍ତି। ଓଡ଼ିଶାର ସୁନାମଧନ୍ୟ ପୁରାଣ ଗାୟକ ପଣ୍ଡିତ ମିଳନ ମିଶ୍ର ତୁଳସୀ ରାମାୟଣ ସୁନ୍ଦରକାଣ୍ଡ ପାରାୟଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ହରି ମେହେର, ରବି ମେହେର, ରାଧେଶ୍ୟାମ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ଶମ୍ଭୁ ମେହେର, ଚିତ୍ର ମେହେର,ମଧୁସୂଦନ ମେହେର ପ୍ରମୁଖ ସହଯୋଗ କରିଥିଲେ। ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶେଷରେ ହୋମଯଜ୍ଞ ସହିତ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାଜସ୍ୱ ହରାଉଛି ସୁବର୍ଣ୍ଣପୁର ପୌର ପରିଷଦ

ସୋନପୁର,୪।୫(ମୃତ୍ୟୁଞ୍ଜୟ ଶତପଥୀ)

**ବେସରକାରୀ ଲୋକଙ୍କ ଦଖଲରେ ସରକାରୀ କୋଠା, ହଲ**

ସରକାରଙ୍କ ଅନୁଦାନରେ ସୁବର୍ଣ୍ଣପୁର ସହରରେ ନିର୍ମାଣ ହୋଇଛି ଏକାଧିକ ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ଓ ଡାଇନିଂ ହଲ। ୧୫ଟି ୱାର୍ଡରେ ମନ୍ଦିର ପାର୍ଶ୍ୱରେ ଓ କେନ୍ଦ୍ରସ୍ଥଳରେ ଏଭଳି ୧୨ଟି କେନ୍ଦ୍ର ନିର୍ମାଣ ହୋଇଛି। ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। କିନ୍ତୁ ଏସବୁ ବେସରକାରୀ ବ୍ୟକ୍ତିଙ୍କ ଦଖଲରେ ରହିଥିବା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକରୁ ଜଣାପଡିଛି। ବର୍ଷବର୍ଷ ଧରି ପୌର ପରିଷଦ ସେଗୁଡିକୁ ନିଜ ଅଧୀନକୁ ନେଇନାହିଁ। କେତେଜଣ ମୁଷ୍ଟିମେୟ ଲୋକ କାର୍ଯ୍ୟକ୍ରମରୁ ଭଡା ଆଦାୟ କରୁଛନ୍ତି। ପରିଷଦର ଆସେଟ୍ ପାଇଁ ସରକାର ଟଙ୍କା ଖର୍ଚ୍ଚ କରି ପ୍ରକଳ୍ପ ନିର୍ମାଣ କଲେ। ମାତ୍ର ତାହା ପରିଷଦର ରାଜସ୍ୱ ବୃଦ୍ଧିରେ ସହାୟକ ହେଲାନାହିଁ। ପରିଷଦ ରାଜସ୍ୱ ହରାଉଥିବା ବେଳେ ଏଥିପ୍ରତି ବୁଦ୍ଧିଜୀବୀ, ଲୋକପ୍ରତିନିଧିଙ୍କ ଦୃଷ୍ଟି ନାହିଁ। ଏଥିରେ କେତେଜଣ ପୂର୍ବତନ କାଉନସିଲର ଓ ବର୍ତ୍ତମାନର କାଉନସିଲର ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। କେବଳ ମଝିପଡା ହାତୀଶାଳସ୍ଥିତ କଲ୍ୟାଣ ମଣ୍ଡପରୁ ହିଁ ପୌର ପରିଷଦ ରାଜସ୍ୱ ପାଉଥିବା ପୌର ପରିଷଦ ନିର୍ବାହୀ ଅଧିକାରୀ ରଷି ମାଝୀ ବୈଠକରେ ସୂଚନା ଦେଇଛନ୍ତି। ତେବେ ପୌର ପରିଷଦ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହ ଜିଲାପାଳ ପଦକ୍ଷେପ ନେବାକୁ କହିଥିଲେ। ତେବେ ଜବରଦଖଲ ହଟାଇବାରେ ପ୍ରଶାସନ କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବା ବେଳେ ଏ କ୍ଷେତ୍ରରେ କି ପଦକ୍ଷେପ ନେଉଛି, କାଉନସିଲ ସହଯୋଗ କରୁଛନ୍ତି କି ନାହିଁ। ତାହା ଆଗାମୀଦିନରେ ସ୍ପଷ୍ଟ ହେବ ବୋଲି ସହରରେ ଆଲୋଚନା ଜୋର ଧରିଛି।

## ବିଧାନସଭା ନିର୍ବାଚନ ଫଳାଫଳରେ ଭାଜପା ଉଲ୍ଲସିତ


ଭାଜପା କର୍ମୀମାନେ ଉତ୍ସବ ମନାଉଛନ୍ତି।

ସୋନପୁର,୪।୫(ମୃତ୍ୟୁଞ୍ଜୟ ଶତପଥୀ)

**କାର୍ଯ୍ୟକର୍ତ୍ତା ବାଣ ଫୁଟାଇଲେ, ମିଠା ବାଣ୍ଟିଲେ**

ବିଧାନସଭା ନିର୍ବାଚନରେ ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀରେ ଭାଜପା ବହୁମତ ହାସଲ କରିଛି। ଏଥିରେ ସୁବର୍ଣ୍ଣପୁର ଭାଜପା ଶିବିର ଉଲ୍ଲସିତ ହୋଇଛି। ସନ୍ଧ୍ୟାରେ ଭାଜପା ପକ୍ଷରୁ ସୁବର୍ଣ୍ଣପୁର ସହର, ବିନିକା, ଡୁଙ୍ଗୁରିପାଲି ଓ ବୀରମହାରାଜପୁରରେ ବାଣ ଫୁଟାଇ ମିଠା ଓ ଖାଲ ମୁଢି ବାଣ୍ଟି ଥିବା ଦେଖିବାକୁ ମିଳିଛି। ସୁବର୍ଣ୍ଣପୁର ସହର ବିଜୁ ପଟ୍ଟନାୟକ ଛକରେ ଭାଜପା ନେତୃବୃନ୍ଦ ଓ ସମର୍ଥକ ବାଣ ଫୁଟାଇ ବିଜୟ ଉତ୍ସବ ମନାଇ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଓ ଗୃହ ମନ୍ତ୍ରୀ ଅମିତ ଶାହଙ୍କ ସମର୍ଥନରେ ଦଳୀୟ ସମର୍ଥକ ନାରାବାଜି କରିଥିଲେ। ପରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଜିଲା ଉପସଭାପତି ସାନନ୍ଦ କୁମାର ମେହେର, କାଉନସିଲର ଗଙ୍ଗାଧର ତରିଆ, ସୁକାନ୍ତ ସାହୁ, ଗଣେଶ ସାହୁ, ଦୀପକ ମହାପାତ୍ର, କୁନା ବିଶ୍ୱାଳ, ସୁରୁବାବୁ ସାହୁ, ପିଣ୍ଟୁ ପଣ୍ଡା, ଆଶୁ ମହମ୍ମଦ, ସକୁରୁ ମହମ୍ମଦ ଓ ତ୍ରିଲୋଚନ ତରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ପାତାଳୀ ଶ୍ରୀକ୍ଷେତ୍ର, ମା' ମେଟାକାନି ମନ୍ଦିର ପରିଦର୍ଶନ କଲେ ମନ୍ତ୍ରୀ

ଉଲୁଣ୍ଡା, ୪।୫ (ମହେଶ ରଞ୍ଜନ ପୁରୋହିତ)

ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇସ୍ଥିତ ପାତାଳୀ ଶ୍ରୀକ୍ଷେତ୍ର ଏବଂ କୁତମେଣ୍ଡାସ୍ଥିତ ମା' ମେଟାକାନି ମନ୍ଦିରକୁ ସୋମବାର ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପରିଦର୍ଶନ କରିଥିଲେ। ପ୍ରଥମେ ମନ୍ତ୍ରୀ ପାତାଳୀ ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ସ୍ୱାଗତ ଜଣାଯାଇଥିଲା। ପରେ ସେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ବିଭୁଙ୍କ କୃପା ଲାଭ କରିଥିଲେ। ଅଞ୍ଚଳବାସୀଙ୍କ ସୁଖ, ସମୃଦ୍ଧି ପାଇଁ କାମନା କରିଥିଲେ। ପରେ ପାତାଳୀ ଟ୍ରଷ୍ଟର କର୍ମକର୍ତ୍ତା ଓ ସେବାୟତମାନଙ୍କ ସହ ଆଲୋଚନା କରି ଶ୍ରୀକ୍ଷେତ୍ରର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କୁ ଅବଗତ କରାଇବେ ବୋଲି ମନ୍ତ୍ରୀ କହିଥିଲେ। ସେହିପରି କୁତମେଣ୍ଡାସ୍ଥିତ ମା' ମେଟାକାନି ମନ୍ଦିରକୁ ଯାଇ ମନ୍ତ୍ରୀ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ମନ୍ତ୍ରୀଙ୍କୁ ଉପହାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ମନ୍ତ୍ରୀଙ୍କ ଗସ୍ତ ସମୟରେ ବିଧାୟକ ରଘୁନାଥ ଜଗଦଲାଙ୍କ ସହିତ ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଶୀତଳଷଷ୍ଠୀ ମହୋତ୍ସବ ପାଇଁ ମାତାପିତା ଚୟନ

ବିନିକା, ୪।୫ (ରାମ ଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଜୁନ ୧୬ରୁ ୧୯ ପର୍ଯ୍ୟନ୍ତ ବାବା ବିଶ୍ୱେଶ୍ୱର ମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା ଶୀତଳଷଷ୍ଠୀ ମହୋତ୍ସବ ପାଇଁ ଦେବଦେବ ମହାଦେବ ଓ ମାତା ପାର୍ବତୀଙ୍କ ପିତାମାତା ଚୂଡାନ୍ତ ହୋଇଯାଇଛି। ବିନିକା ଏନ୍‌ଏସି ଅଧୀନ ୧ ନଂ. ୱାର୍ଡ ଡଭଲା ଗ୍ରାମର ରଞ୍ଜିତ ପଣ୍ଡା ଓ ସ୍ତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମିଶ୍ର ବିଶ୍ୱେଶ୍ୱର ବାବାଙ୍କ ପିତାମାତା ଦାୟିତ୍ୱ ତୁଲାଉଥିବା ବେଳେ ବିନିକା ଏନ୍‌ଏସି ଅଧୀନ ୧୦ ନଂ. ୱାର୍ଡ ଉଲ୍ଲେ ଗ୍ରାମର ରଞ୍ଜିତ ପଣ୍ଡା ଓ ସ୍ତ୍ରୀ ଲିପିକା ପଣ୍ଡା, ମାତା ପାର୍ବତୀଙ୍କ ପିତାମାତା ଦାୟିତ୍ୱ ନିର୍ବାହ କରିବେ। ଏହି ଅବସରରେ କେଉଁ ଜନ୍ମର ପୁଣ୍ୟବଳେ ମହାଦେବଙ୍କୁ ପୁଅ ରୂପେ ପାଇଛୁ। ସୌଭାଗ୍ୟ ଥିଲେ ଏମିତି ସୁଯୋଗ ମିଳିଥାଏ। ସବୁକାର୍ଯ୍ୟ ଠିକ୍ ଭାବେ ତୁଲାଇବୁ ବୋଲି ଦମ୍ପତି ପ୍ରକାଶ କରିଛନ୍ତି। ସେହିପରି ଭାଗ୍ୟରେ ଥିଲେ ମା' ପାର୍ବତୀଙ୍କୁ କନ୍ୟା (ଝିଅ) ରୂପେ ଓ ମହାଦେବଙ୍କୁ ଜୁଆଇଁ ରୂପେ ମିଳେ। ଆମର ସୌଭାଗ୍ୟ, ଚଳିତବର୍ଷ ଆମକୁ ଏହି ସୁଯୋଗ ମିଳିଛି। ମାତା ପାର୍ବତୀଙ୍କ ପିତାମାତା ସୁଯୋଗ ମିଳିଛି। ଝିଅ ବାହାଘରରେ କୌଣସି ତ୍ରୁଟି ରହିବ ନାହିଁ, ସମସ୍ତ ବନ୍ଧୁବାନ୍ଧବ, ଶ୍ରଦ୍ଧାଳୁ ଭକ୍ତଙ୍କ ଉପସ୍ଥିତିରେ ବହୁ ଧୂମଧାମରେ ଦେବ ଦମ୍ପତିଙ୍କ ବାହାଘର ହେବ ବୋଲି କନ୍ୟା ପିତାମାତା ରଞ୍ଜିତ ଓ ଲିପିକା କହିଛନ୍ତି। ଶୀତଳଷଷ୍ଠୀ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ମେହେର, ଉପସଭାପତି ଘନଶ୍ୟାମ ମେହେର, ସମ୍ପାଦକ ଚରଣ ମେହେର, ସହ ସମ୍ପାଦକ ସମ୍ବିତ ନେପାକ, କୋଷାଧ୍ୟକ୍ଷ ସଞ୍ଜୟ ଦାସ ସମେତ ସମସ୍ତ ଉପଦେଷ୍ଟା କମିଟିର ମାନଗୋବିନ୍ଦ ମେହେର, ଡମ୍ବରୁଧର ମେହେର, ହରିଭକ୍ତ ମେହେର, ସୁଧାଂଶୁ ଶେଖର ଦାସ, ଶୀତଳ ପ୍ରସାଦ ମହାକୁର, ସର୍ଜନ ପଣ୍ଡା, ଅନନ୍ତ ପଣ୍ଡା ଏବଂ ସକ୍ରିୟ ସଦସ୍ୟଙ୍କ ସହ ବହୁ ଭକ୍ତଙ୍କ ଉପସ୍ଥିତିରେ ଥାଳ ଉଠା କାର୍ଯ୍ୟକ୍ରମ ସମାପନ ହୋଇଛି। ଚଳିତ ବର୍ଷ ମଧ୍ୟ ଡିଜେ ବାଦ୍ୟ, ଘଣ୍ଟା ପାଟି, ଦୁଲଦୁଲି ବାଦ୍ୟ, ଘୁପକୁଡୁନାଚ, ବାଡ଼ିଖେଳ ଆଦି ଅନେକ ଲୋକକଳା, ଲୋକନୃତ୍ୟ, ଲୋକବାଦ୍ୟକୁ ନେଇ ବହୁ ଧୂମଧାମରେ ଶୀତଳଷଷ୍ଠୀ ମହୋତ୍ସବ ଆୟୋଜନ କରାଯାଉଛି ବୋଲି ପରିଚାଳନା କମିଟି ସଭାପତି ମେହେର ପ୍ରକାଶ କରିଛନ୍ତି।

## ତରଭା ଥାନା ବିଦାୟୀ ଆଇଆଇସିଙ୍କୁ ସମ୍ବର୍ଦ୍ଧନା, ନୂତନଙ୍କୁ ସ୍ୱାଗତ

ତରଭା, ୪।୫ (ମାନଭଞ୍ଜନ ମିଶ୍ର)

ତରଭା ଥାନା ଆଇଆଇସି ଅନିତା କିଡୋଙ୍କୁ ବିନିକା ଥାନାକୁ ବଦଳି ଓ ତରଭା ଥାନାରେ ନୂତନ ଆଇଆଇସି ଡୋଲାମାଣି ନାଏକଙ୍କ ଯୋଗ ଦେଇଛନ୍ତି। ଏହି ଉପଲକ୍ଷେ ବିଦାୟୀଙ୍କୁ ସମ୍ବର୍ଦ୍ଧନା ଓ ନୂତନ ଆଇଆଇସିଙ୍କୁ ସ୍ୱାଗତ ଲାଗି ଉତ୍ସବ ଏସ୍‌ଆଇ ପ୍ରସନ୍ନଜିତ ବେହେରାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ହିକୁଡି ଫାଣ୍ଡି ଅଧିକାରୀ ଶୁଭେନ୍ଦୁ ସିଂ ବାବୁ, ମେଣ୍ଡା ଫାଣ୍ଡି ଅଧିକାରୀ ପ୍ରେମରାଜ ସାହୁ, କମସର ଫାଣ୍ଡି ଅଧିକାରୀ ବିଭୁଦେନ୍ଦ୍ର ବରାଳ, ଏଏସ୍‌ଆଇ ନିରୁପମା ସ୍ୱାଇଁ, ସୁଧୀର ଜେନା, ସୁଶୀଲ ବିଶି ପ୍ରମୁଖ ଯୋଗଦାନ କରିଥିଲେ। ଆଇଆଇସି କିଡୋଙ୍କୁ ଥାନା ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉପସ୍ଥିତ ବୁଦ୍ଧିଜୀବୀ, ଖବରଦାତା ଓ ଜନସାଧାରଣ କିଡୋଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହିତ ଉପଢୌକନ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ନୂତନ ଆଇଆଇସି ଡୋଲା ମଣି ନାଏକଙ୍କୁ ଥାନା ଓ ଫାଣ୍ଡିର କର୍ମଚାରୀମାନେ ଫୁଲ ତୋଡ଼ା ଦେଇ ସ୍ୱାଗତ କରିଥିଲେ।

## ୫୦ରୁ ୬ ଅଭିଯୋଗର ତତ୍କାଳ ସମାଧାନ

ସୋନପୁର,୪।୫ (ମୃତ୍ୟୁଞ୍ଜୟ ଶତପଥୀ)

**ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ମଲ୍ଲିକମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଅତିରିକ୍ତ ଏସ୍‌ପି କେ. କେ. ହରିପ୍ରସାଦ ଶିବିରରେ ଯୋଗଦେଇ ୫୦ ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରି ଶୁଣିଥିଲେ। ସେଥିମଧ୍ୟରୁ ୪୪ଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ଥିଲା। ୬ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅନ୍ୟ ସମସ୍ତ ସାମୂହିକ ଓ ବ୍ୟକ୍ତିଗତ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୋନପୁର ବିଡିଓ ପ୍ରତୀକ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ କାଳିଆ ମଲ୍ଲିକ, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ, ତହସିଲଦାର ଜି. ରଶ୍ମିରେଖା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ସାହୁଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ।

**ପ୍ରଥମ ଲୁତୁରପଙ୍କ ପ୍ରିମିୟର ଲିଗ୍ କ୍ରିକେଟ**

## ଜଗନ୍ନାଥ କିଙ୍ଗ୍, ଗ୍ଲୋରି ହଣ୍ଟର ବିଜୟୀ

ଅମରପାଲି,୪।୫(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ ହାଇସ୍କୁଲ ପଡ଼ିଆରେ ହେଉଥିବା ପ୍ରଥମ ଲୁତୁରପଙ୍କ ପ୍ରିମିୟର ଲିଗ୍ କ୍ରିକେଟରେ ସୋମବାର ଚତୁର୍ଥ ଦିବସ ଥିଲା। ମ୍ୟାଚରେ ଜଗନ୍ନାଥ କିଙ୍ଗ୍ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୭୦ ରନ କରିଥିଲା। ଜବାବରେ ଘାତକ ଏକାଦଶ ଦଳ ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୬୫ ରନକରି ପରାସ୍ତ ହୋଇଥିଲା। ସେହିପରି ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ନଟରାଜ ଫାଇଟର ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୫୯ ରନ କରିଥିଲା। ଜବାବରେ ଗ୍ଲୋରି ହଣ୍ଟର ୬ ଓଭରରେ ୪ ଉଇକେଟ ହରାଇ ୬୦ ରନ କରି ବିଜୟୀ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପ୍ରଥମ ମ୍ୟାଚରେ ଜଗନ୍ନାଥ କିଙ୍ଗ୍‌ର ବିକ୍ରମ ପଧାନ ୨ ଓଭରରେ ୬ ରନ ଦେଇ ୨ ଉଇକେଟ ଓ ଦ୍ୱିତୀୟ ମ୍ୟାଚ ଗ୍ଲୋରି ହଣ୍ଟରର ସର୍ବେଶ୍ୱର ପଧାନ ୨ ଓଭରରେ ୪ ରନ ଦେଇ ୪ ଉଇକେଟେ ନେଇଥିବାରୁ ଉଭୟଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଉଭୟ ମ୍ୟାଚରେ ସତ୍ୟରାଜ ପଧାନ ଓ ନିରୋଜ ସାହୁ ଅମ୍ପାୟର, ବବୁନ ନନ୍ଦ ସ୍କୋରିଂ ଏବଂ କାହ୍ନା ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ।


ବିଜୟୀ ଗ୍ଲୋରି ହଣ୍ଟର ଦଳର ଖେଳାଳିମାନେ।

ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା, ୭୫୨୦୧୪
Odia University, Satyabadi, Puri, Odisha, 752014
Website:https://odiauniversity.ac.in
Email: odiauniversityrecruitment@gmail.com

NOTICE

No.515 Date:30.04.2026

Advt.No. 01 of 2026/27

(ADVERTISEMENT FOR RECRUITMENT TO THE TEACHING POSTS)

No.11001/23/2627: Online applications are invited from prospective candidates for recruitment to the posts of **Professor/Associate Professor/Assistant Professors** in different departments of Odia University in the mentioned scale of pay of the pay matrix under Odisha Revised Scales of Pay for University Teachers (UGC Scale of Pay) Rule, 2019 with usual dearness allowance and other allowances as may be sanctioned by the Government of Odisha from time to time, through the proforma application to be made available on the WEBSITE (http://hims.odisha.gov.in). The link for registration, payment of application fee and submission of online applications shall be available from 05.05.2026 till 04.06.2026. For Advertisement details the candidates are requested to check the University website https://odiauniversity.ac.in from 05.05.2026 onwards.

| Teaching (Faculty) Positions | Total Vacancy |
| --- | --- |
| (Professors/ Associate Professors/ Assistant Professors) | 21 |

Sd./- REGISTRAR
ODIA UNIVERSITY

OIPR-11001/11144/1/26-27/0002

## ସଂକ୍ଷେପରେ

### ସହର ପରିକ୍ରମା କଲା ନିଶାମୁକ୍ତ ରଥ

ଝାରସୁଗୁଡ଼ା, ୪।୫(ଆଶିଷ ରଞ୍ଜନ ଦାଶ)

ରାଜ୍ୟକୁ ନିଶାମୁକ୍ତ କରିବା ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରଦେଶ କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଥିବା ନିଶାମୁକ୍ତ ଅଭିଯାନ ରଥ ରବିବାର ଝାରସୁଗୁଡ଼ା ଜିଲାରେ ପହଞ୍ଚି ସହର ପରିକ୍ରମା କରିଛି। ମାନସ ମଲ୍ଲିକଙ୍କ ନେତୃତ୍ୱରେ ପରିଚାଳିତ ଏହି ଅଭିଯାନ ମାଧ୍ୟମରେ ଯୁବପିଢ଼ିକୁ ନିଶା କବଳରୁ ରକ୍ଷା କରିବା ପାଇଁ ପ୍ରୟାସ କରାଯାଉଛି। ଏହି ରଥ ଝାରସୁଗୁଡ଼ା ସହରର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ନିଶା ସେବନର କୁପ୍ରଭାବ ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ସହ ଏକ ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲା। ଜିଲା କଂଗ୍ରେସ ସଭାପତି ଜୀବନ ସାର୍ଥକ, ମନମୋହନ ଝା, ମନୀଷ ବାଜପେୟୀ, ନିଖିଳ ଘୋଷ, ଶୈଳେଶ ଅବସ୍ଥି, ସଞ୍ଜୟ ମହାପାତ୍ର, ଭାସ୍କର ପଟେଲ ଓ ଆରତ ବେନିଆଙ୍କ ବହୁ ବରିଷ୍ଠ କର୍ମକର୍ତ୍ତା ଏହି ଅଭିଯାନକୁ ସଫଳ କରିଥିଲେ।

### ଭାରତୀ ସମାଜର ସଞ୍ଚାଳନ ସମିତି ପୁନଃଗଠିତ

ସମ୍ବଲପୁର, ୪।୫(ବି.ଶଙ୍କର)

ଭାରତୀ ସମାଜର କେନ୍ଦ୍ରୀୟ ସଞ୍ଚାଳନ ସମିତି ପୁନଃଗଠନ ସୋମବାର ହୋଇଛି। ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ବୈଠକ ହୋଇଥିଲା। ଏଥିରେ ଡ. ସ୍ୱୟଂ ପ୍ରକାଶ ପଣ୍ଡା, ଅଶୋକ ତ୍ରିପାଠୀ, ଜୟପାଲ ବାଗ ଏବଂ ଗୋପବନ୍ଧୁ ସେନାପତିଙ୍କୁ ସହ ସଞ୍ଚାଳକ, ଦେବୀ ପ୍ରସାଦ ଭୋଇ ମହାସଚିବ(ସଙ୍ଗଠନ), ଗଦାଧର ନିଆଲ ମହାସଚିବ (କାର୍ଯ୍ୟକ୍ରମ), ସୁବୋଧ କୁମାର ଦୋରା କୋଷାଧ୍ୟକ୍ଷ, ରଞ୍ଜିତ ସାହୁ ଭାରତୀ ଶିକ୍ଷା ସଂସ୍କୃତି ପ୍ରମୁଖ, ଲଳିତା ଭୋଇ ସେବା କାର୍ଯ୍ୟକ୍ରମ ପ୍ରମୁଖ, ମାନସ ରଞ୍ଜନ ବକ୍ସିଙ୍କୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପ୍ରମୁଖ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି ଭବାନୀଶ ଭୋଇଙ୍କୁ ସଞ୍ଚାଳକ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ପ୍ରଧାନ, ରାଜେଶ ସ୍ୱାଇଁ, ରାହୁଲ ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ସଙ୍ଗଠନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ, ଭାରତୀ ସମାଜ ୨୦୦୧ ମସିହାରୁ କରି ଆସିଥିବା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା । ମହାସଚିବ ଭୋଇ ବିଗତ ୨୬ ବର୍ଷର ତଥ୍ୟକୁ ସମ୍ମିଳିତ କରି ସ୍ମରଣିକା ଆକାରରେ ପ୍ରକାଶ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ।

# ସମସ୍ୟା ସମାଧାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

### ୨ ଜିଲାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼/ଝାରସୁଗୁଡ଼ା, ୪।୫(ଶଶାଙ୍କ ଶେଖର ଝାଙ୍କର/ଆଶିଷ ରଞ୍ଜନ ଦାଶ)

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୨୮ଟି ବ୍ୟକ୍ତିଗତ ଏବଂ ୧୬ଟି ସାମୁହିକ ଅଭିଯୋଗ ଗ୍ରହଣ କରିଥିଲେ। ବିଶେଷକରି ଜମିବାଡ଼ି, ପାନୀୟଜଳ, ସୁଭଦ୍ରା ଯୋଜନା, ରାସ୍ତା ନିର୍ମାଣ ଓ ବିଦ୍ୟୁତ୍ ସଂଯୋଗୀକରଣ ସମ୍ପର୍କିତ ଅଭିଯୋଗ ହୋଇଥିଲା। ଅଭିଯୋଗକାରୀଙ୍କ ସମସ୍ୟାଗୁଡ଼ିକ ଜିଲାପାଳ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଭାରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚପରଦାର, ବନଖଣ୍ଡ ଅଧିକାରୀ ମିସ୍ ରଶ୍ମି ଜୀ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରକ୍ଷିତ ସାହୁ, ତହସିଲଦାର କର୍ଣ୍ଣମଲ୍ଲିକ, ଡେପୁଟିକଲେକ୍ଟର ଅଞ୍ଜୁନି କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ସେହିପରି ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ସହକାରୀ ଜିଲାପାଳ (ଅଭିଯୋଗ) ମୃତ୍ୟୁଞ୍ଜୟ ଶବରଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଏହି ଶିବିରରେ ୪୯ଟି ବ୍ୟକ୍ତିଗତ ଓ ୧୯ଟି ସାମୁହିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ମୁଖ୍ୟତଃ ଜମି ବିବାଦ, ପାଣି ଯୋଗାଣ, ରାସ୍ତା ନିର୍ମାଣ ଓ ମରାମତି ଏବଂ ଆର୍ଥିକ ସହାୟତା ଭଳି ବିଭିନ୍ନ ସମସ୍ୟା ନେଇ ଲୋକମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଏହି ଶିବିରରେ ୫ ଜଣ ହିତାଧିକାରୀଙ୍କୁ ୭୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟ ସମସ୍ତ ଅଭିଯୋଗକୁ ଜିଲାପାଳ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏଭଳି ଶିବିର ମାଧ୍ୟମରେ ଲୋକଙ୍କ ସମସ୍ୟା ଶୀଘ୍ର ସମାଧାନ କରିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ଜିଲାପାଳ କହିଛନ୍ତି।



ଶିବିରରେ ଦେବଗଡ଼ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ।

# ମସ୍‌ଜିଦ୍ ନିର୍ମାଣକୁ ବିରୋଧ

### ତହସିଲଦାରଙ୍କୁ ଦାବିପତ୍ର

କୋଲାବିରା, ୪।୫(ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ଅଧୀନ ବିଭିନ୍ନ ଗ୍ରାମର ବାସିନ୍ଦା ଓ ଜନ ପ୍ରତିନିଧି ଏକତ୍ରିତ ହୋଇ ଅଞ୍ଚଳରେ ଏକ ନୂତନ ମସ୍‌ଜିଦ୍ ଓ ମଦ୍ରାସା ନିର୍ମାଣକୁ ବିରୋଧ କରିଛନ୍ତି। ଏଥିସହ ଗ୍ରାମବାସୀ ଓ ସ୍ଥାନୀୟ ଜନପ୍ରତିନିଧି ଏ ସମ୍ପର୍କରେ କୋଲାବିରା ତହସିଲଦାରଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, କୋଲାବିରା ଗ୍ରାମର ୧୦ ନମ୍ବର ୱାର୍ଡ ଅନ୍ତର୍ଗତ ଖାତା ନମ୍ବର ୪୮୦ ଏବଂ ପ୍ଲଟ୍ ନମ୍ବର ୬୩୯/୧୧୦୮ରେ ଏକ ମସ୍‌ଜିଦ୍ ଓ ମଦ୍ରାସା ନିର୍ମାଣ ପାଇଁ ପ୍ରକ୍ରିୟା ଚାଲିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଉକ୍ତ ଅଞ୍ଚଳରେ ମସ୍‌ଜିଦ୍ ନିର୍ମାଣ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକ ବାସ କରନ୍ତି ନାହିଁ। ତେଣୁ ଏଠାରେ ମସ୍‌ଜିଦ୍ ବା ମଦ୍ରାସା ନିର୍ମାଣର କୌଣସି ଆବଶ୍ୟକତା ନାହିଁ। ଏହି ଅଞ୍ଚଳରେ ବିଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଆସିଛି। ମାତ୍ର ଅନ୍ୟ ସ୍ଥାନରୁ ଲୋକ ଆସି ଏଠାରେ ମସ୍‌ଜିଦ୍ ନିର୍ମାଣ କଲେ ଭବିଷ୍ୟତରେ ସାମ୍ପ୍ରଦାୟିକ ଶାନ୍ତି ଭଙ୍ଗ ହେବା ଆଶଙ୍କା ରହିଛି। ମଦ୍ରାସା ମାଧ୍ୟମରେ ସ୍ଥାନୀୟ ଅନୁସୂଚିତ ଜାତି ଓ ଜନଜାତିର ନିରୀହ ଲୋକଙ୍କୁ ପ୍ରଲୋଭିତ କରି ଧର୍ମ ପରିବର୍ତ୍ତନ କରାଯିବାର ଆଶଙ୍କା ରହିଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରସ୍ତାବିତ ସ୍ଥାନ ନିକଟରେ ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର ଏବଂ ସମଲେଶ୍ୱରୀ ମନ୍ଦିର ରହିଛି। ଏପରିସ୍ଥଳେ ମସ୍‌ଜିଦ୍ ନିର୍ମାଣ ହେଲେ ସେଠାରେ ଧାର୍ମିକ ପରିବେଶ କ୍ଷୁର୍ଣ୍ଣ ହେବା ଆଶଙ୍କା ରହିଛି। ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନବେଳେ ଝିର୍ଲାପାଲି ସରପଞ୍ଚ ତିଲୋତ୍ତମା ଛଞ୍ଚାଣ, ପରମାଣପୁର ସରପଞ୍ଚ ଜାହ୍ନବୀ ପ୍ରଧାନ, ବିନୋଦ ପଟେଲ, ଲତିକା ସାହୁ, ଗଜେନ୍ଦ୍ର କିଷାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜନଗଣନାରେ ଓବିସି କଲମ ଯୋଡ଼ିବା ଦାବି



ଓବିସି ମଞ୍ଚର କର୍ମକର୍ତ୍ତା ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି।

କୋଲାବିରା, ୪।୫(ସଞ୍ଜୟ ପୂଜାରୀ)

ଆସନ୍ତା ଜନଗଣନାରେ ଓବିସିମାନଙ୍କ ପାଇଁ ସ୍ୱତନ୍ତ୍ର କଲମ ବା ଖାନା ଯୋଡ଼ିବା ଦାବି ନେଇ କୋଲାବିରା ବ୍ଲକରେ ଆନ୍ଦୋଳନ ତେଜିବାରେ ଲାଗିଛି। ଏନେଇ ସୋମବାର ସକାଳ ୯ଟାରେ କୋଲାବିରା ଓବିସି ମଞ୍ଚ ପକ୍ଷରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସ୍ଥାନୀୟ ତହସିଲଦାର ମନୋଜ କୁଜୁରଙ୍କୁ ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ଦେଶର ସର୍ବବୃହତ ବର୍ଗ ଭାବେ ପରିଚିତ ଓବିସି ସମାଜ ଠିକ୍ ପରିସଂଖ୍ୟାନ ଅଭାବରୁ ସାମାଜିକ ଓ ଶିକ୍ଷାଗତ କ୍ଷେତ୍ରରେ ନିଜର ପ୍ରାପ୍ୟ ଅଧିକାରରୁ ବଞ୍ଚିତ ହେଉଛି। ଜନଗଣନା ପ୍ରଶ୍ନାବଳୀର ୧୨ ନମ୍ବର କିମ୍ବା ୨୭ ନମ୍ବର ପ୍ରଶ୍ନ ଖାନାରେ ଓବିସି ଗଣନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ଏହାକୁ ସଂଶୋଧନ କରିବା ପାଇଁ ମଞ୍ଚ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ସାମାଜିକ ନ୍ୟାୟ ଓ ସମାନୁପାତିକ ପ୍ରତିନିଧିତ୍ୱ ପାଇଁ ଏହି ତଥ୍ୟ ଅତ୍ୟନ୍ତ ଜରୁରୀ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। କୋଲାବିରା ଓବିସି ମଞ୍ଚ ସଭାପତି ସିରଜୁ କୁମାର ଖମାରୀଙ୍କ ନେତୃତ୍ୱରେ ଅଞ୍ଚଳର ମୋଟ ୧୭୧ ଜଣ କର୍ମକର୍ତ୍ତା ଓ ସାଧାରଣ ଜନତା ଏହି ଦାବିପତ୍ରରେ ସ୍ୱାକ୍ଷର କରିଛନ୍ତି। ଯଦି ଜନଗଣନାରେ ଓବିସି ବର୍ଗଙ୍କୁ ସାଧାରଣ ବର୍ଗ ସହ ସାମିଲ କରାଯାଏ, ତେବେ ସେମାନେ ଆଗାମୀ ଦିନରେ ଅନେକ ସରକାରୀ ସୁବିଧା ଓ ଯୋଜନାରୁ ବଞ୍ଚିତ ହେବାର ଆଶଙ୍କା ରହିଛି। ସ୍ମାରକପତ୍ର ପ୍ରଦାନ ସମୟରେ ନରୋତ୍ତମ ସାହୁ, ନିମାଇଁ ନାଏକ, ଭଗବାନ ସାହୁ, ନିତ୍ୟାନନ୍ଦ ନାଏକ, ସଚିନ ସାହୁ, ବିକି ପଟେଲଙ୍କ ସମେତ ବ୍ଲକର ବହୁ ସଂଖ୍ୟକ ଓବିସି କର୍ମକର୍ତ୍ତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ଏହି ଦାବିକୁ ଗ୍ରହଣ କରି ଓବିସି ସମାଜକୁ ସାମାଜିକ ସ୍ୱୀକୃତି ପ୍ରଦାନ କରିବେ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

# ଭାଜପାରେ ସାମିଲ ହେଲେ ଶତାଧିକ ବିଜେଡି କର୍ମୀ



ଭାଜପାରେ ସାମିଲ ହୋଇଥିବା କର୍ମୀଙ୍କ ଗହଣରେ ବିଧାୟକ ଓ ଅନ୍ୟମାନେ।

ଝାରସୁଗୁଡ଼ା, ୪।୫ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହର ବିଟିଏମ୍‌ସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ସୋମବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଲଇକେରା ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରୁ ଶତାଧିକ ବିଜେଡି କର୍ମୀ ଯୋଗଦେଇ ଭାଜପାରେ ସାମିଲ ହୋଇଛନ୍ତି। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଉପସ୍ଥିତିରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ନିକ୍ରିମାଲ, କୁଲେମୁରା, ସାରଙ୍ଗଲୋଇ ଏବଂ ତିଲେଇମାଲ ଭଳି ବିଭିନ୍ନ ଗ୍ରାମର ପ୍ରମୁଖ ବ୍ୟକ୍ତି ଓ କର୍ମକର୍ତ୍ତା ଯୋଗଦେଇଥିଲେ। ବିଧାୟକ ତ୍ରିପାଠୀଙ୍କ ଜନହିତକର କାର୍ଯ୍ୟ ଓ ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଭାଜପାରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି। ଏଥିରେ ନିକ୍ରିମାଲ ଗ୍ରାମର ପୁରୋଜିତ ବାବୁ, ସୁରେଶ ଖିଚିଡ଼ି, ସୁଶାନ୍ତ ପ୍ରଧାନ, ଗଙ୍ଗାଧର ନାୟକ, ଠାକୁରପଡ଼ା ଗ୍ରାମର ବୁଧଦେବ ବାବୁ, ନରେନ୍ଦ୍ର ରାୟ, ଟଙ୍କଧର ବାବୁ, ଲିଙ୍ଗରାଜ ବାବୁ, କୁଞ୍ଜବନ ବାବୁ, ଲଳିତ ବାବୁ, ଆଇତାପାଲି ଏବଂ ସାରଙ୍ଗଲୋଇ ଗ୍ରାମର ଅଶ୍ୱିନୀ ଠାକୁର, ଭୂପେନ୍ଦ୍ର ସିଂ ଠାକୁର, ଭୂପେନ୍ଦ୍ର ଠାକୁର, କୁଲେମୁରା ଗ୍ରାମର ସୁଶୀଲ ପଟେଲ, ବିକ୍ରମ ପଟେଲ ଓ ତିଲେଇମାଲ ଗ୍ରାମର ଦୁର୍ଗା କିଷାନ ପ୍ରମୁଖ ଭାଜପାରେ ସାମିଲ ହୋଛନ୍ତି। ନୂତନ କର୍ମୀଙ୍କ ଯୋଗଦାନ ଫଳରେ ଲଇକେରା ଅଞ୍ଚଳରେ ଭାଜପା ସଙ୍ଗଠନ ଆହୁରି ସୁଦୃଢ଼ ହେବ ବୋଲି ବିଧାୟକ ତ୍ରିପାଠୀ ଆଶା ପ୍ରକଟ କରିଛନ୍ତି। ଏହି ମିଶ୍ରଣ ପର୍ବ ଆଗାମୀ ଦିନରେ ସ୍ଥାନୀୟ ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ଚର୍ଚ୍ଚା ହେଉଛି।

### ଭାଜପାର ବିଜୟ ଉତ୍ସବ ପାଳନ

ଝାରସୁଗୁଡ଼ା, ୪।୫(ଆଶିଷ ରଞ୍ଜନ ଦାଶ)

ପଶ୍ଚିମବଙ୍ଗ, ଆସାମ, ପଣ୍ଡିଚେରି ବିଧାନସଭା ନିର୍ବାଚନରେ ଭାଜପା ବହୁ ସଂଖ୍ୟକ ଆସନରେ ଜିତିଛି। ଏଥିପାଇଁ ଝାରସୁଗୁଡ଼ାରେ ଭାଜପା କର୍ମୀମାନେ ସୋମବାର ଅପରାହ୍ଣରେ ବିଜୟ ଉତ୍ସବ ପାଳନ କରିଛନ୍ତି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଉପସ୍ଥିତିରେ ସ୍ଥାନୀୟ ଭାଜପା କର୍ମକର୍ତ୍ତାମାନେ ଝଣ୍ଡା ଛକ, ବିଟିଏମ୍‌ସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକତ୍ରିତ ହୋଇ ପରସ୍ପରକୁ ଅବିର ଲଗାଇବା ସହ ମିଠା ଖୁଆଇ ଖୁସି ମନାଇଥିଲେ। ଏଥିସହ ସହରର ବିଭିନ୍ନ ସ୍ଥାନରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ବିଧାୟକ ତ୍ରିପାଠୀ ପଶ୍ଚିମବଙ୍ଗ ନିର୍ବାଚନରେ ନନ୍ଦୀଗ୍ରାମ ଏବଂ ଭବାନୀପୁର ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଥିବାବେଳେ ସେଠାରେ ଭାଜପା ବିଧାୟକ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ବିଧାୟକ ତ୍ରିପାଠୀ ଏହି ସଫଳତା ପାଇଁ ଦେଶର ଶୀର୍ଷ ନେତୃତ୍ୱ ଓ ପଶ୍ଚିମବଙ୍ଗର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରେମସେନ ରାୟ, ନେତାଜୀ ପଟ୍ଟନାୟକ, ବନ୍ଦନା ମୁଦ୍ରା, ଅରବିନ୍ଦ ପାଠକ, ପୁରୁଷୋତ୍ତମ ଥିରାଣୀ, ତାରଣ ଗିଦ୍ୱାନୀ, ବିବେକ ଶ୍ରୀବାସ, ହେମରଞ୍ଜନ ସିଂଙ୍କ ସମେତ ଜିଲା ଓ ବ୍ଲକସ୍ତରର ଭାଜପା ନେତା ଏବଂ କର୍ମୀ ସାମିଲ ହୋଇଥିଲେ।

# ଯୁବପିଢ଼ିଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ





କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ଦେବଗଡ଼, ୪।୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଜରୁରୀକାଳିନ ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ସୋମବାର ସ୍ଥାନୀୟ ଶନି ମନ୍ଦିର ନିକଟସ୍ଥ ପୁଷ୍କରିଣୀରେ ଯୁବପିଢ଼ୀଙ୍କ ପାଇଁ ଜିଲାସ୍ତରୀୟ ପହଁରା ଏବଂ ବୁଡ଼ିଯିବା ପରେ ବଞ୍ଚିବାର କୌଶଳ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ଭାରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚପରଦାର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷିତ ସାହୁ, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ ଓ ଜିଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିପର୍ଯ୍ୟୟ ସମୟରେ କିଭଳି ଭାବରେ ଲୋକଙ୍କୁ ଉଦ୍ଧାର କରାଯାଇପାରିବ ସେ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଓଡ୍ରାଫ୍ ଟିମ୍ ତତ୍ତ୍ୱାବଧାନରେ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ଏଥିରେ ୩୦ ଜଣ ଅଂଶଗ୍ରହଣକାରୀଙ୍କୁ ତାଲିମ ପ୍ରଦାନ କରାଯିବ। ଏହି ପ୍ରଶିକ୍ଷଣ ଶିବିରରେ ଦେବଗଡ଼ ମହାବିଦ୍ୟାଳୟର ଛାତ୍ର ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ପୋଲିସ ଏବଂ ଓଡ୍ରାଫ ଟିମ୍ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ା ଜିଲାର ୨ ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଝାରସୁଗୁଡ଼ା, ୪।୫(ଆଶିଷ ରଞ୍ଜନ ଦାଶ)

ଚଳିତବର୍ଷର ମାଟ୍ରିକ୍ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ଝାରସୁଗୁଡ଼ା ଜିଲାର ଦୁଇଟି ସ୍କୁଲର ଛାତ୍ର ୫୭୮ ନମ୍ବର ରଖି ଯୁଗ୍ମ ଭାବେ ଜିଲା ଟପ୍ପର ହୋଇଛନ୍ତି। ସେମାନେ ହେଲେ ଝାରସୁଗୁଡ଼ାସ୍ଥିତ ଏକାତାଲି ମ୍ୟୁନିସିପାଲ ହାଇସ୍କୁଲର ଛାତ୍ର ନମନ ପ୍ରଧାନ ଏବଂ ଅରୋମା ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଛାତ୍ର ସୁଦାମ ବେହେରା। ଏହି ଅବସରରେ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପରୋକ୍ତ ୨ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଯୋଗଦେଇ ଉଭୟ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରି କହିଥିଲେ, ଏଭଳି ପରିଶ୍ରମ ଜାରି ରଖିଲେ ସଫଳତାର ଶୀର୍ଷରେ ନିଶ୍ଚୟ ପହଞ୍ଚି ପାରିବ। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ, ବ୍ଲକ୍ ଶିକ୍ଷା ଅଧିକାରୀ ଅନୀଲ କୁମାର ପଟେଲଙ୍କ ସମେତ ଉଭୟ ଛାତ୍ରଙ୍କ ଅଭିଭାବକ ଓ ଶିକ୍ଷକ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନା ଅବସରରେ ସୁଦାମ ଭବିଷ୍ୟତରେ ନିଟ୍ ପରୀକ୍ଷାରେ ସଫଳତା ପାଇଁ ଲକ୍ଷ୍ୟ ରଖିଥିବାବେଳେ ନମନ ଜେଇଇ ପରୀକ୍ଷାରେ କୃତୀତ୍ୱ ହାସଲ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ।



କାର୍ଯ୍ୟକ୍ରମରେ ଜିଲାପାଳ, ସମ୍ବର୍ଦ୍ଧିତ ୨ ଛାତ୍ର ଓ ଅନ୍ୟମାନେ।

### କଲେଜ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ରେଙ୍ଗାଲି, ୪।୫(ଦେବବ୍ରତ ପଣ୍ଡା)

ରମ୍ଭେଲା ସ୍ଥିତ ସୂରଜମଲ ସ୍ନାତକ କଲେଜର ଛାତ୍ରୀ ସୁଶ୍ରୀ ହେମଲତା ପଧାନ ରାଜନୀତି ବିଜ୍ଞାନ ସମ୍ମାନରେ ୮.୮୭ ସିଜିପିଏ ନମ୍ବର ରଖି ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ସୋମବାର କଲେଜ ପକ୍ଷରୁ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷ ଡ. ମନୋଜ କୁମାର ପଣ୍ଡା ଓ ଯୁକ୍ତ ୩ କଲେଜ ଅଧ୍ୟକ୍ଷ ଚିନ୍ତାମଣୀ ପଶାୟତ ତାଙ୍କର ଏହି ସଫଳତା ପାଇଁ କଲେଜ ଗୌରବାନ୍ୱିତ ବୋଲି କହିଥିଲେ। ଏହି ଅବସରରେ ଅଧ୍ୟାପକ ଡ. ନରେଶ ଚନ୍ଦ୍ର ଅଗ୍ରୱାଲ, ସୁଜିତ କୁମାର ଷଡ଼ଙ୍ଗୀ, ଅଜୟ କୁମାର ସାହୁ, ଡ. ଅଭିମନ୍ୟୁ ବେହେରା, ଅଧ୍ୟାପିକା ନଳିନୀ ପ୍ରଧାନ, କର୍ମଚାରୀ ସୁଜିତ ସାହୁ, ସୁଷମା ନାଥଙ୍କ ସମେତ ଅନେକ ଅଧ୍ୟାପକ କର୍ମଚାରୀ ଉପସ୍ଥିତ ରହି ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଗଛ ଉପୁଡ଼ିଲା, ଆଜ୍‌ବେଷ୍ଟସ ଭାଙ୍ଗିଲା





### ସୁଗୁଡ଼ା ଗ୍ରାମରେ କାଳବୈଶାଖୀ

ଦେବଗଡ଼, ୪।୫(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ଜିଲା ତିଲେଇବଣି ବ୍ଲକ୍ ଅଧୀନ ସୁଗୁଡ଼ା ଗ୍ରାମରେ ସୋମବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି ଘଟିଛି। ସକାଳେ ଆକାଶ ମେଘାଚ୍ଛନ୍ନ ଥିଲା। ହେଲେ ସନ୍ଧ୍ୟା ପ୍ରାୟ ୬ଟାରେ ହଠାତ୍ ଖୁବ୍ ଜୋର୍‌ରେ ପବନ ବହିବା ସାଙ୍ଗକୁ ବର୍ଷା ହୋଇଥିଲା। କାଳବୈଶାଖୀ ପ୍ରଭାବରେ ସୁଗୁଡ଼ା ଗ୍ରାମର ସଚିନ ଅଗ୍ରୱାଲ, ଜଟ କିଶୋର ସାହୁ, ଭାଗ୍ୟରଥି ସାହୁ, ଭକ୍ତବନ୍ଧୁ ସାହୁ, ସୁଶାନ୍ତ ବିଶ୍ୱାଲଙ୍କ ସମେତ ଅଧିକାଂଶ ଲୋକଙ୍କ ଘରର ଛପର ଉଡ଼ିବା ସହ ଆଜବେଷ୍ଟସ୍ ଭାଙ୍ଗି ଯାଇଛି। ସେହିପରି ସୁଗୁଡ଼ା ଗ୍ରାମର ମୁଖ୍ୟ ବଜାରରେ ଥିବା ଦୋକାନ, କୁକୁଡ଼ା ଫାର୍ମ ମଧ୍ୟ ନଷ୍ଟ ହୋଇଯାଇଛି। ଏଥିସହ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ଘର ଉପରେ ପଡ଼ିଛି। ଖୁଣ୍ଟ ଉପୁଡି ପଡିବାରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ କ୍ଷତିଗ୍ରସ୍ତ ଲୋକମାନେ ଦାବି କରିଛନ୍ତି।

ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା, ୭୫୨୦୧୪
Odia University, Satyabadi, Puri, Odisha, 752014
Website:https://odiauniversity.ac.in
Email: odiauniversityrecruitment@gmail.com

NOTICE

No.515 Date:30.04.2026

Advt.No. 01 of 2026/27

(ADVERTISEMENT FOR RECRUITMENT TO THE TEACHING POSTS)

No.11001/23/2627: Online applications are invited from prospective candidates for recruitment to the posts of **Professor/Associate Professor/Assistant Professors** in different departments of Odia University in the mentioned scale of pay of the pay matrix under Odisha Revised Scales of Pay for University Teachers (UGC Scale of Pay) Rule, 2019 with usual dearness allowance and other allowances as may be sanctioned by the Government of Odisha from time to time, through the proforma application to be made available on the WEBSITE (http://hims.odisha.gov.in). The link for registration, payment of application fee and submission of online applications shall be available from 05.05.2026 till 04.06.2026. For Advertisement details the candidates are requested to check the University website https://odiauniversity.ac.in from 05.05.2026 onwards.

| Teaching (Faculty) Positions | Total Vacancy |
|---|---|
| (Professors/ Associate Professors/ Assistant Professors) | 21 |

Sd./- REGISTRAR
ODIA UNIVERSITY

OIPR-11001/11144/1/26-27/0002

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ନୂଆପଡ଼ା,୪।୫ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ଥାନା ଗନିଆରି ଛକ ନିକଟ ଜାତୀୟ ରାଜପଥ ଉପରେ ସୋମବାର ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତରବୋଡ ଗାଁର ଗୁରୁ ଜଗତ (୫୫) । ସୂଚନା ଅନୁଯାୟୀ ଗୁରୁ ସକାଳ ୬ଟା ସମୟରେ ଏକ ବାଇକ୍‌ରେ ପେଟ୍ରୋଲ ପକାଇବା ପାଇଁ ଉଦ୍ୟାନବନ୍ଧ ପେଟ୍ରୋଲ ଟାଙ୍କିକୁ ଯାଉଥିଲେ। ୩୫୩ନଂ. ଜାତୀୟ ରାଜପଥ ଗନିଆରି ଛକଠାରେ ଏକ ଅଜଣା ଗାଡ଼ି ବାଇକ୍‌କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଗୁରୁ ଛିଟିକି ରାସ୍ତାକଡରେ ପଡିରହିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ତରବୋଡ ଫାଣ୍ଡି ଅଧିକାରୀ ବିନୋଦ ବିହାରୀ ସେଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ଏ ନେଇ ପୋଲିସ ଏକ ମାମଲା (ନଂ.୧୪୨/୨୬) ରୁଜୁ କରି ତଦନ୍ତ ଜାରି ରଖିଥିବା ଫାଣ୍ଡି ଅଧିକାରୀ ସେଠୀ ସୂଚନା ଦେଇଛନ୍ତି ।

### ପ୍ରାଧ୍ୟାପକଙ୍କ ଅକାଳ ବିୟୋଗରେ ଶୋକ

**ଖଡ଼ିଆଳ,୪।୫ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ବାରିକ (୬୬)ଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଅସୁସ୍ଥ ହୋଇ ଛତିଶଗଡ଼ର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସନ୍ଧ୍ୟାରେ ତାଙ୍କର ପରଲୋକ ଘଟିଛି। ଏହି ଅବସରରେ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ପ୍ରାଧ୍ୟାପକ ବାରିକ ୧୯।୦୨।୧୯୮୮ରେ ଖଡ଼ିଆଳ ମହାବିଦ୍ୟାଳୟରେ ଯୋଗଦେଇ ୩୦।୦୬।୨୦୨୦ରେ ଅବସର ନେଇଥିଲେ। ସେ ଜଣେ ଛାତ୍ରବତ୍ସଳ, ବନ୍ଧୁପ୍ରେମୀ, ଅସହାୟଙ୍କ ସହଯୋଗୀ, ସୁବକ୍ତା, ଦକ୍ଷ ଶିକ୍ଷକ ଭାବେ ପରିଚିତ ଥିଲେ। ସଭାରେ ଅଧକ୍ଷ ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ସହଯୋଗୀ କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ଏହାସହ ତାଙ୍କ ପରିବାରକୁ ଧୈର୍ଯ୍ୟ ଓ ସାହସ ପ୍ରଦାନ ନିମନ୍ତେ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା ଜଣାଇଥିଲେ।

### ନୂଆପଡ଼ାରେ ଯୁଗ୍ମ ଅଭିଯୋଗ ଶୁଣାଣି



**ନୂଆପଡ଼ା,୪।୫ (ମକାରୁ ବେମାଲ):** ନୂଆପଡ଼ା ଜିଲା ସଦରମହକୁମା ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାପାଳ ମଧୁସୂଦନ ଦାଶ ଓ ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ସମୀର କୁମାର ସାହୁ, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) ଏ ମାଧବୀଲତା, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଉପ ଜିଲାପାଳ ସୁର୍ମି ସୋରେନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୬୭ ବ୍ୟକ୍ତିଗତ ଓ ୧୪ ଗୋଷ୍ଠୀଗତ ଏଭଳି ମୋଟ ୮୩ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ଏହି ସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲାପାଳ ଜଣେ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୧୦ ହଜାର ଟଙ୍କା ତତ୍କାଳ ସହାୟତା ପ୍ରଦାନ କରିଥିଲେ। ସେହିପରି ଆଉ ଜଣେ ଅସହାୟ ମହିଳାଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଡେପୁଟି ଜିଲାପାଳ ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ ବିଭାଗ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା ।

# କଳାହାଣ୍ଡିରେ ସଫଳତା ଆଣିଦେଲା 'ପ୍ରକାଶ'

**ଭବାନୀପାଟଣା,୪।୫ (ଉତ୍ତମ କୁମାର ଦାଶ)**



ପ୍ରକାଶ କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଜିଲାପାଳଙ୍କ ସହ ଅନ୍ୟମାନେ।

- ୧୧୮ ଜଣ ଏ-୧ ଗ୍ରେଡ୍ ପାଇଲେ
- ଗତବର୍ଷ ପାଇଥିଲେ ମାତ୍ର ୧୯ ଛାତ୍ରୀଛାତ୍ର

ମାଟ୍ରିକ ପରୀକ୍ଷାରେ ଅଧିକ ସଂଖ୍ୟକ ଏ-ୱାନ ଗ୍ରେଡ୍ ହାସଲ ନିମନ୍ତେ କଳାହାଣ୍ଡି ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଗତବର୍ଷ ଏକ ଅଭିନବ କାର୍ଯ୍ୟକ୍ରମ 'ପ୍ରକାଶ' ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ରେକର୍ଡ ସଂଖ୍ୟାରେ ଏ-୧ ଗ୍ରେଡ ରଖି ଜିଲା ପାଇଁ ଗୌରବ ଆଣିଛନ୍ତି। ସୂଚନାଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମ ପାଇଁ ଗତ ଜୁଲାଇରେ ସମସ୍ତ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ନେଇ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ପ୍ରଥମେ ଜିଲାର ୧୩ ବ୍ଲକର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପରୀକ୍ଷା ଆୟୋଜିତ ହୋଇଥିଲା। ଏଥିରେ ଚିହ୍ନଟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ପ୍ରଧାନଶିକ୍ଷକଙ୍କ ଦ୍ୱାରା ବ୍ଲକ ସ୍ତରରେ ଦୁଇଦିନିଆ ସ୍ୱତନ୍ତ୍ର ମାର୍ଗଦର୍ଶନ ଶିବିର ଆୟୋଜନ କରାଯାଇଥିଲା। ଜିଲା ସ୍ତରରେ ୨ଟି ପର୍ଯ୍ୟାୟରେ ୪ ଦିନିଆ ସ୍ୱତନ୍ତ୍ର ଆବାସିକ ମାର୍ଗଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୧୨୭ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କ ନେତୃତ୍ୱରେ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୩୬ ଜଣ ଜିଲା ସାଧନ ଶିକ୍ଷକ-ଶିକ୍ଷୟିତ୍ରୀ ଛାତ୍ରୀଛାତ୍ରଙ୍କୁ ଉତ୍ତମ ମାର୍ଗଦର୍ଶନ କରିଥିଲେ। ପ୍ରକାଶ ଶିବିର ପରେ ମଧ୍ୟ ମାସିକ ପରୀକ୍ଷା, ଦୈନିକ ଅନ୍‌ଲାଇନ କ୍ଲାସ ମାଧ୍ୟମରେ ସନ୍ଦେହ ମୋଚନ କରାଯାଉଥିଲା। ଫଳସ୍ୱରୂପ ଚଳିତ ବର୍ଷ ଜିଲାର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ରେକର୍ଡ ସଫଳତା ମିଳିଛି। ଜିଲାରେ ୧୧୮ ଜଣ ଏ-ୱାନ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ଗତବର୍ଷ ମାତ୍ର ୧୯ ଛାତ୍ରୀଛାତ୍ର ଏ-ୱାନ ଗ୍ରେଡ୍ ପାଇଥିଲେ। ସେହିପରି ଚଳିତବର୍ଷ ୧୨୭୬ ଜଣ ଏ-୨, ୩୬୧୬ ଜଣ ବି-୧, ୫୦୭୭ ଜଣ ବି-୨ ଗ୍ରେଡ୍‌ରେ ସଫଳତା ପାଇବା ସହ ୧୫୬ ବିଦ୍ୟାଳୟରେ ଶତ ପ୍ରତିଶତ ପାସ୍ ହାର ରହିଥିଲା। ଏହାସହ ଜିଲାର ପାସ୍ ହାର ୯୭.୮୬% ରହିଛି। ସେହିପରି କଳାହାଣ୍ଡି ଜିଲା ପାସ୍ ହାରରେ ରାଜ୍ୟରେ ସପ୍ତମ ସ୍ଥାନରେ ରହିଛି। ଭବାନୀପାଟଣା ବ୍ଲକ ଗଣନାଥପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସ୍ୱାତୀ ମହାକୁଡ଼ ୫୭୭ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ତପିମଣି ଜାନି, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଓ ବିଷୟ ଶିକ୍ଷକ ଶିକ୍ଷୟିତ୍ରୀ, ପିତାମାତା ଓ ଅଭିଭାବକଙ୍କ ମିଳିତ ପ୍ରୟାସ ମାଧ୍ୟମରେ ପ୍ରକାଶ କାର୍ଯ୍ୟକ୍ରମ ଏକ ଦୃଷ୍ଟାନ୍ତମୂଳକ ସଫଳତା ଆଣିଦେଇଛି। ଜିଲାପାଳ ପାୱାର ସଚିନ ପ୍ରକାଶ ସମସ୍ତ ଛାତ୍ରୀଛାତ୍ର, ପିତାମାତା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବିଦ୍ୟୁତ୍ ତାର ଲାଗି ଜଳିଗଲା କେନ୍ଦୁପତ୍ର ବୋଝେଇ ଟ୍ରାକ୍ଟର

**ନୂଆପଡ଼ା,୪।୫ (ମକାରୁ ବେମାଲ)**



ଟ୍ରାକ୍ଟରରେ ଥିବା କେନ୍ଦୁପତ୍ର ଜଳିଯାଉଥିବା ଦୃଶ୍ୟ।

ନୂଆପଡ଼ା ସଦର ବ୍ଲକ ଟାନୱାଟ ଗାଁ ଭିତରେ ସୋମବାର ବିଦ୍ୟୁତ୍ ତାର ଲାଗି ଏକ କେନ୍ଦୁପତ୍ର ବୋଝେଇ ଟ୍ରାକ୍ଟର ଜଳିଯାଇଛି। ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୦ଟା ସମୟରେ ଟାନୱାଟ ଗାଁ ଫଡିରୁ ଚଳିତବର୍ଷ ଖରିଦ କରାଯାଇଥିବା କେନ୍ଦୁପତ୍ର ଭର୍ତ୍ତି ବସ୍ତା ଏକ ଟ୍ରାକ୍ଟରରେ ବୋଝେଇ କରି ଖରିଆର ରୋଡ ପତ୍ର ଗୋଦାମ ଅଭିମୁଖେ ବାହାରିଥିଲା। ହେଲେ ଟାନୱାଟ ବସ୍ତି ସାହୁପଡ଼ାଠାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଟ୍ରାକ୍ଟରରେ ନିଆଁ ଲାଗିଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଚିତ୍କାର କରିବାରୁ ଡ୍ରାଇଭର ଟ୍ରାକ୍ଟର ଅଟକାଇ ଡେଇଁ ପଡିଥିଲେ। ଶୁଖା ପତ୍ର ହୋଇଥିବାରୁ ନିଆଁର ଗତି ପ୍ରଖର ରହିଥିଲା। ମାତ୍ର ୧୦ରୁ ୨୦ ମିନିଟ ଭିତରେ ସବୁ ପୋଡି ପାଉଁଶ ହୋଇଯାଇଥିଲା। ନୂଆପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ସେତେବେଳକୁ ସବୁ ପୋଡ଼ିଯାଇଥିଲା। ଏଥିରେ ଟ୍ରାକ୍ଟର ଆଂଶିକ ପୋଡିଯାଇଛି। ଏହି ନିଆଁରେ ଗାଁର ଲୋକନାଥ ଦାସ, ମନୋହର ପ୍ରସାଦ ସାହୁ, ଓଙ୍କାର ଦାସ ଓ ମନୋଜ ଦାସଙ୍କ ଘର ଜଳି ଜିନିଷପତ୍ର ନଷ୍ଟ ହୋଇଯାଇଛି । ଏ ସଂକ୍ରାନ୍ତରେ କେନ୍ଦୁପତ୍ର ବିଭାଗ ନୂଆପଡ଼ା ରେଞ୍ଜର ପ୍ରନୀଣ ବର୍ମାଙ୍କୁ ପଚାରିବାରୁ ଟ୍ରାକ୍ଟରରେ ୭୮ ବସ୍ତା କେନ୍ଦୁପତ୍ର ବୋଝେଇ ହୋଇ ଖରିଆର ରୋଡ ଗୋଦାମକୁ ପରିବହନ ହେଉଥିଲା। ଏହି ଘଟଣାରେ କେନ୍ଦୁପତ୍ର ତୋଳାଳିଙ୍କ କୌଣସି କ୍ଷତି ହେବ ନାହିଁ। ସେମାନେ ସରକାରଙ୍କଠାରୁ ତାଙ୍କର ପ୍ରାପ୍ୟ ପାଇଯିବେ। ଯେଉ କମ୍ପାନୀ ଟେଣ୍ଡର ନେଇଛି ତା'ର କ୍ଷତି ହେବ ବୋଲି କହିଥିଲେ।

# ବିକାଶ ଆବାସିକ ବିଦ୍ୟାଳୟରେ ସମର କ୍ୟାମ୍ପ



ଅତିଥିଙ୍କ ସହ ଭାଗ ନେଇଥିବା ଛାତ୍ରୀଛାତ୍ର।

**ଭବାନୀପାଟଣା,୪।୫(ଉତ୍ତମ କୁମାର ଦାଶ)**

**ତାଲିମ ନେଲେ ୧୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟରେ ଗତ ୨୪ରୁ ଚାଲିଥିବା ସମରକ୍ୟାମ୍ପ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ଲକ୍ଷ୍ମୀବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ସ୍କୁଲ ଚିଫ୍ ଏକାଡେମିକ ଅଫିସର ଡି. ବିଜୟା, ଚିଫ୍ ଏକାଡେମିକ ଅଫିସର ହାୟର ଏଜୁକେଶନ ଡି. ପଦ୍ମିନୀ, ପ୍ରିନ୍ସିପାଲ-କମ-ହେଡ୍ ଆଡ୍‌ମିନିଷ୍ଟ୍ରେଟର ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ଉପାଧକ୍ଷ ପ୍ରସନ୍ନଜିତ ଦତ୍ତ ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷ ୧୪୦ରୁ ଊର୍ଦ୍ଧ୍ୱକୁନି ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ଓଡ଼ିଶୀ ନୃତ୍ୟ, ଜୁମ୍ବା, ରାଜସ୍ଥାନୀ ନୃତ୍ୟ, ସଙ୍ଗୀତ, ମ୍ୟୁଜିକ, ତୀରନ୍ଦାଜ, ଭଲିବଲ, ବାସ୍କେଟବଲ, ଟେବୁଲ ଟେନିସ, ବ୍ୟାଡ୍‌ମିଣ୍ଟନ, ଖୋଖୋ, ପେଣ୍ଟିଂ, ଷ୍ଟୋନ ଆର୍ଟ ପ୍ରଭୃତି ବିଷୟରେ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଥିଲା। ପରେ ସେମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ର ଶିକ୍ଷା ଲାଭ କରିଥିବା ବିଷୟଗୁଡିକୁ ମଞ୍ଚରେ ସୁନ୍ଦର ଭାବରେ ଉପସ୍ଥାପନ କରିଥିଲେ।

### ଛାତ୍ରୀଛାତ୍ରଙ୍କ କ୍ୟାରିୟର କାଉସେଲିଂ କାର୍ଯ୍ୟକ୍ରମ

**ନୂଆପଡ଼ା,୪।୫ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ସରସ୍ୱତୀ ଶିଶୁ ମନ୍ଦିରଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଆନୁକୂଲ୍ୟରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଶିକ୍ଷା ବିକାଶ ସମିତି ନୂଆପଡା ସଙ୍କୁଳ ପ୍ରମୁଖ ବିଶ୍ୱମ୍ଭର ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏବିଭିପି କଳାହାଣ୍ଡି ବିଭାଗ ସଂଯୋଜକ ଚୂଡାମଣି ପ୍ରଧାନୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉମାକାନ୍ତ ପାଣ୍ଡେ, ପୂର୍ବତନ ଜିଲା ସଂଯୋଜକ ମନୋଜ ରଣା, ପୂର୍ବତନ ନଗର ସଭାପତି ଭୂଖନ ରାମ ଅହିର ପ୍ରମୁଖ ଯୋଗଦେଇ ଚଳିତ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ କାଉନସେଲିଂ କରିଥିଲେ। ଦଶମ ପାସ୍ ପରେ କ୍ୟାରିୟର ବାଛିବା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ଛାତ୍ରୀଛାତ୍ର ନିଜ ରୁଚି ଓ ଦକ୍ଷତା ଅନୁଯାୟୀ ନିର୍ଭୟରେ କ୍ୟାରିୟର ବାଛିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଧର୍ମପ୍ରିୟ ହଂସ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ପୁରନମଲ୍ଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସହରାଞ୍ଚଳ ବିକାଶ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର



ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ନୂଆପଡ଼ା,୪।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଭାଜପା ସାଧାରଣ ସମ୍ପାଦକ ତଥା ଯୁବନେତା ଅଭିନନ୍ଦନ ପଣ୍ଡା ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତ କରି ନୂଆପଡ଼ା ଏନ୍‌ଏସିର ବିକାଶ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତ ବଜେଟରେ ଘୋଷିତ ସ୍ମାର୍ଟ ସିଟି ପ୍ରକଳ୍ପ ଅଧୀନରେ ନୂଆପଡ଼ା ଏନ୍‌ଏସିକୁ ସାମିଲ, ସହର ଚତୁର୍ଦ୍ଦିଗରେ ସ୍ୱାଗତ ତୋରଣ ନିର୍ମାଣ, ନୂଆପଡ଼ା ଏନ୍‌ଏସି ଭିତରେ ଏକ ଟାଉନହଲ ନିର୍ମାଣ, ତେଲିପଡ଼ା ପୋଖରୀର ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା, ଗାନ୍ଧୀ ପ୍ରମୋଦ ଉଦ୍ୟାନକୁ ସ୍ମାର୍ଟ ପାର୍କରେ ପରିଣତ କରିବା, ଜିଲାପାଳ କାର୍ଯ୍ୟାଳୟ କ୍ୟାମ୍ପସରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ସହରର ୱାର୍ଡ ନଂ. ୩ର ହନୁମାନ ମନ୍ଦିରଠାରେ ଭେଣ୍ଡିଂ ଜୋନ ସହ ଫୁଡ୍‌ପାର୍କ ନିର୍ମାଣ ପାଇଁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ରାଜ୍ୟରେ ଭାଜପା ସରକାର ଆସିଲା ପରେ ନୂଆପଡ଼ା ସହରାଞ୍ଚଳ ନୂଆ ରୂପ ନେଇଛି। ଆଗକୁ ଏଭଳି ବିକାଶଧାରା ବଜାୟ ରଖିବାକୁ ପଣ୍ଡା ଅନୁରୋଧ କରିଛନ୍ତି। ସମସ୍ତ ଦାବିକୁ ବିଚାର କରି ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ ମହାପାତ୍ର ନିର୍ଭର ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି ।

# ରାତ୍ରକାଳୀନ କ୍ରିକେଟ୍: ବେଲଖଣ୍ଡି ଚାମ୍ପିୟନ

**କର୍ଲାମୁଣ୍ଡା,୪।୫(ପ୍ରଦୀପ କୁମାର ସାହୁ)**



ବିଜୟୀ ଦଳର ଖେଳାଳିଙ୍କ ସହ ଅତିଥିବୃନ୍ଦ।

କର୍ଲାମୁଣ୍ଡା ବ୍ଲକ ରିଷିଡା ପଞ୍ଚାୟତ ଗାନ୍ଧୀନଗର ପଡାଠାରେ ଚାଲିଥିବା ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଓ ବଲାଙ୍ଗୀର ଜିଲାର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ରିଷିଡା ସରପଞ୍ଚ ସେବତୀ ରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ ବେଲଖଣ୍ଡି ଓ ଆୟୋଜକ ଜେଏନ୍‌ସିସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜେଏନସିସିକୁ ପରାସ୍ତ କରି ବେଲଖଣ୍ଡି ଦଳ ଚାମ୍ପିୟନ ହୋଇଛି। ବିଜେତା ଓ ଉପବିଜେତା ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଯୁବ ଉଦ୍ୟୋଗପତି ସୁନୀଲ କୁମାର କେଡ଼ିଆ ମୁଖ୍ୟଅତିଥି ଓ ବରିଷ୍ଠ ଖବରଦାତା କମ୍ବୁପାଣି ସାହୁ, କର୍ଲାମୁଣ୍ଡା ସାମ୍ବାଦିକ ସଂଘ ସଭାପତି ନରୋତ୍ତମ ସେଲମା, ଉପସଭାପତି ସତ୍ୟନାରାୟଣ କୁମାର, ଶିକ୍ଷକ ମିନିକେତନ ସୁନା, ସାମାଜିକ କର୍ମୀ ଗଭୀର ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବେଲଖଣ୍ଡି ଦଳର ବବଲୁ ମ୍ୟାନ ଅଫ ଦି ମ୍ୟାଚ ଓ ଜେଏନ୍‌ସିସି ଦଳର ସୁରଥ କୁମାର ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଫାଇନାଲ ମ୍ୟାଚରେ ଅଜୟ କୁମାର ଓ ବିନାୟକ ସୁନା ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଆୟୋଜକ କମିଟିର ବିନୋଦ କୁମାର, ପପୁ କୁମାର, ପ୍ରବୀଣ କୁମାର, ଅଶ୍ୱିନୀ ସୁନା, ରାକେଶ କୁମାର, ଶିବୁ କୁମାର,ଅଜୟ କୁମାର ପ୍ରମୁଖ ସହଯୋଗ କରିଥିଲେ ।

### ଭାଜପାର ବିଜୟ ଉତ୍ସବ

**ଖଡ଼ିଆଳ,୪।୫ (ସୁଜିତ କୁମାର ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ସହର ଥାନା ଛକଠାରେ ସୋମବାର ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ପଶ୍ଚିମବଙ୍ଗ, ଆସାମ, ପୁଡୁଚେରୀରେ ଦଳର ବିପୁଳ ବିଜୟ ନେଇ ଜିଲା ସାଧାରଣ ସମ୍ପାଦକ ଅଜିତ କିଶୋର ଚଲାନଙ୍କ ନେତୃତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଲମ୍ବୋଦର ନିଆଲ, ମଣ୍ଡଳ ସଭାପତି ସୁଶାନ୍ତ ବିଶି, ଜୟରାମ କୈବର୍ତ୍ତ, ବରିଷ୍ଠ ନେତା ମନୋଜ ପଟ୍ଟନାୟକ, ଶୁକ୍ରୁ ବାଗ, କାଉନସିଲର ଲକ୍ଷ୍ମଣ ଦୁରିଆ, ସୁନୀଲ ନାଗ, ଯୁବନେତା ସୌମ୍ୟରଞ୍ଜନ ସିଂ, ଗୌତମ ପଣ୍ଡାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

# ଚିକିତ୍ସାରେ ଅର୍ଥ ବାଧକ, ନ୍ୟାୟ ଅପେକ୍ଷାରେ ପରିବାର

**ଥୁଆମୂଳ ରାମପୁର,୪।୫ (ଦୁର୍ଗା କୀର୍ତ୍ତି)**

କମ୍ପାନୀ ଖୋଳିଥିବା ଗାତରେ ପଡ଼ି ଥୁଆମୂଳ ରାମପୁର ବ୍ଲକ ଗୁଣୁପୁର ପଞ୍ଚାୟତ ରଣପୁର ଗ୍ରାମର ନେକା ମାଝୀ (୩୪)ଙ୍କ ଅଣ୍ଟା ହାଡ଼ ଭାଙ୍ଗିଯାଇଛି। ଅର୍ଥାଭାବରୁ ଅଧିକ ଚିକିତ୍ସା ହୋଇପାରୁ ନ ଥିବାବେଳେ ପରିବାର ଅସହାୟ ହୋଇ ନ୍ୟାୟ ଅପେକ୍ଷାରେ ଅଛନ୍ତି। ସୂଚନା ମୁତାବକ, କିଛିଦିନ ତଳେ ଗଣମାଧ୍ୟମରେ ଖବର ପ୍ରସାର ପରେ ଜିଓ କମ୍ପାନୀ ଖୋଳିଥିବା ଗାତକୁ ଜେସିବି ଲଗାଇ ପୋତିଦେଇଛି। ହେଲେ ସେହି ଗାତ ଯୋଗୁ ଖଟରେ ପଡିରହିଥିବା ନେକାଙ୍କ ପ୍ରତି କମ୍ପାନୀ ଆଖି ବୁଜି ଦେଇଛି। କାମ ସାରି ଫେରୁଥିବା ବେଳେ ଗଭୀର ଗାତରେ ପଡ଼ି ନେକାଙ୍କ ଅଣ୍ଟା ଓ ଜଙ୍ଘ ହାଡ଼ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରୁ ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ରେଫର କରାଯାଇଥିଲେ ହେଁ ଅର୍ଥ ବାଧକ ସାଜିଛି। ଗରିବ ଶ୍ରେଣୀର ହୋଇଥିବାରୁ ଚିକିତ୍ସା ଖର୍ଚ୍ଚ ତୁଲାଇବା ବୃଦ୍ଧ ପିତାମାତାଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି। ଏ ନେଇ ଜନ ଅଭିଯୋଗ ଶୁଣାଣିରେ ପରିବାର ଫେରାଦ ହୋଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଜିଲା ପ୍ରଶାସନ କିମ୍ବା ସ୍ଥାନୀୟ ଲୋକ ପ୍ରତିନିଧି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ନେକାଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇଦେବା ସହ ଜିଓ କମ୍ପାନୀ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି।

# ୧୭ମାସ ବିତିଲା, ସମ୍ପୂର୍ଣ୍ଣ ହୋଇପାରୁନି ଅଙ୍ଗନୱାଡି କେନ୍ଦ୍ର

**କେସିଙ୍ଗା,୪।୫ (ତୁମେଶ୍ୱର ସାହୁ)**

କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସି ଗ୍ରାମ ପଞ୍ଚାୟତ କଛାରପଦର ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ୧୭ମାସ ପରେ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଫଳରେ କୋମଳମତି ଶିଶୁଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ଘୋର ସମସ୍ୟା ଦେଖାଦେଉଛି। ଏହି କେନ୍ଦ୍ର ନିର୍ମାଣ ପାଇଁ ପ୍ରଥମେ ଉକ୍ତ ଗ୍ରାମର ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ନିମ୍ନମାନର କାମ ନେଇ ଗ୍ରାମବାସୀ କେସିଙ୍ଗା ବିଡିଓଙ୍କୁ ଅଭିଯୋଗ କଲା ପରେ ଆଉ ଜଣେ ଠିକାଦାରଙ୍କୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି। ୯।୧୨।୨୦୨୪ ମସିହାରେ ଏହି କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଥିଲା। କିନ୍ତୁ ସୂଚନା ଫଳକରେ କେତେ ଟଙ୍କା ବ୍ୟୟ ଅଟକଳ ହେବ ତାହା ଉଲ୍ଲେଖ କରାଯାଇନି। ନିଜସ୍ୱ ଗୃହ ନ ଥିବାରୁ କେତେ ବର୍ଷ ଅଙ୍ଗନୱାଡି କର୍ମୀଙ୍କ ଘରେ ଚାଲିଥିଲା। ବର୍ତ୍ତମାନ ଉକ୍ତ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ କେନ୍ଦ୍ର ଚାଲୁଛି। ନିଜସ୍ୱ ଗୃହ ନ ଥିବାରୁ ରୋଷେଇ, ପ୍ରାକ୍ ବିଦ୍ୟାଳୟ କ୍ଷେତ୍ରରେ ଘୋର ସମସ୍ୟା ଦେଖା ଦେଉଛି। ତେଣୁ ଯଥାଶୀଘ୍ର କେନ୍ଦ୍ର ନିର୍ମାଣ ସାରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କନିଷ୍ଠ ଯନ୍ତ୍ରୀ ତ୍ରିଲୋଚନ ବେହେରାଙ୍କୁ ପଚାରିବାରୁ ମୋର ଅନ୍ୟ ଗ୍ରାମ ପଞ୍ଚାୟତକୁ ଦଦଳି ହୋଇଛି, ଅନ୍ୟ ଜଣେ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। କେନ୍ଦ୍ର ସରକାର ଅନୁଦାନ ଦେବାରେ ବିଳମ୍ବ କରୁଥିବାରୁ ଧାର୍ଯ୍ୟ ସମୟରେ ନିର୍ମାଣ ହୋଇପାରୁ ନାହିଁ ବୋଲି ପ୍ରକାଶ କରିଥିଲେ।



# ପାସେଞ୍ଜର ହଲ୍‌ଟରେ ଟ୍ରେନ୍ ରହଣି ନ ହେଲେ ଆନ୍ଦୋଳନ

**ଲାଞ୍ଜିଗଡ଼,୪।୫(ରମେଶ ଚନ୍ଦ୍ର ନାୟକ)**



ବୈଠକରେ ଉପସ୍ଥିତ ବୁଦ୍ଧିଜୀବୀଙ୍କ ସହ ଅନ୍ୟମାନେ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁର ପାସେଞ୍ଜର ହଲ୍‌ଟରେ ଟ୍ରେନ୍ ରହଣି ଦାବି ନେଇ ରେଳଯାତ୍ରୀ ସଂଘ ରାମଚନ୍ଦ୍ରପୁର ଶାଖା ପକ୍ଷରୁ ରାମଚନ୍ଦ୍ରପୁର ବଜାର ପଡ଼ିଆରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣପୂର୍ବ ରେଳପଥ, ସମ୍ବଲପୁର ରେଳମଣ୍ଡଳ ଅନ୍ତର୍ଗତ ଲାଞ୍ଜିଗଡ଼ ରୋଡ୍-ଜୁନାଗଡ଼ ରେଳ ଲାଇନର ରାମଚନ୍ଦ୍ରପୁର ପାସେଞ୍ଜର ହଲ୍‌ଟରେ ଜୁନାଗଡ଼-ଭୁବନେଶ୍ୱର-ଜୁନାଗଡ଼ ଏକ୍ସପ୍ରେସ ଓ ରାୟପୁର-ଜୁନାଗଡ଼-ରାୟପୁର ପାସେଞ୍ଜର ଟ୍ରେନ୍ ରହଣି ବାତିଲ ହେବାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ପାସେଞ୍ଜର ହଲ୍‌ଟ ଉପରେ ଲାଞ୍ଜିଗଡ଼, ନର୍ଲା, ମ.ରାମପୁର, କର୍ଲାମୁଣ୍ଡା ଓ ସଦର ବ୍ଲକର ଲକ୍ଷାଧିକ ଲୋକେ ନିର୍ଭର କରି ଆସୁଛନ୍ତି। କିନ୍ତୁ କୋଭିଡ କଟକଣା ପରେ ଏହି ପାସେଞ୍ଜର ହଲ୍‌ଟରେ ଉଭୟ ଟ୍ରେନ୍ ରହଣି ବାତିଲ ହୋଇଯାଇଛି। ଫଳରେ ଟ୍ରେନ୍ ଯାତ୍ରୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବୈଠକରେ ଟ୍ରେନ୍ ରହଣି ସମ୍ପର୍କରେ ଆଲୋଚନା ସହ ରେଳମନ୍ତ୍ରୀଙ୍କୁ ପତ୍ର ଜରିଆରେ ଅବଗତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ପାସେଞ୍ଜର ହଲଟକୁ ପୂର୍ଣ୍ଣାଙ୍ଗ ଷ୍ଟେଶନରେ ପରିଣତ କରିବା, ଷ୍ଟେଶନରେ ପରିତ୍ୟକ୍ତ ଷ୍ଟାଫ କ୍ୱାର୍ଟର୍ସ ମରାମତି ସହିତ ଆଲୋକୀକରଣ ଓ ପାନୀୟଜଳ ସୁବ୍ୟବସ୍ଥା ପାଇଁ ଦାବି କରାଯିବାକୁ ଆଲୋଚନା ହୋଇଥିଲା। ଟ୍ରେନ୍ ରହଣି ନ କଲେ ରାମଚନ୍ଦ୍ରପୁର ପାସେଞ୍ଜର ହଲ୍‌ଟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରେଳରୋକୋ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବୈଠକରେ ବରିଷ୍ଠ ନାଗରିକ ଦିଲୀପ ମିଶ୍ର, ଅଶୋକ ପାଢ଼ୀ, ଉମାଶଙ୍କର ବେହେରା, ଚକ୍ରଧର ପଣ୍ଡା, କିଶୋର ପୁରୋହିତ, ଅଶୋକ ପୁରୋହିତ, ଶମ୍ଭୁ ସାହୁ, ବୀରେନ କୁମାର ପଣ୍ଡା, ପିଣ୍ଟୁ ପତି, ରଞ୍ଜିତ ପଣ୍ଡା, ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ରେଳଯାତ୍ରୀ ସଂଘ ରାମଚନ୍ଦ୍ରପୁରର ସଭାପତି ପ୍ରଭାତ ରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକକୁ ଖବରଦାତା ସୁଶୀଲ କୁମାର ବାଗ ପରିଚାଳନା କରିଥିଲେ।

**ଶିବିରରେ ୩୧ୟୁନିଟ ରକ୍ତ ସଂଗ୍ରହ**

ବରଗଡ଼ (ପ୍ରେମାନନ୍ଦ ଖମାରୀ): ଗୁରୁ ଶ୍ରୀ ଶ୍ରୀ ରବି ଶଙ୍କରଜୀଙ୍କ ଜନ୍ମ ଦିନ ଅବସରରେ ନିଷ୍ଠା ପରିବାର ଓ ଆର୍ଟ ଅଫ ଲିଭିଙ୍ଗ ପରିବାରର ମିଳିତ ଆନୁକୁଲ୍ୟରେ ୧୩ଦିନିଆଁ ରକ୍ତଦାନ ଶିବିର ଚାଲିଛି। ରବିବାର ତୃତୀୟ ଦିନରେ ମୁଖ୍ୟ ଅତିଥିଭାବରେ ମହୁଲପାଲି ସରପଞ୍ଚ ରବୀନ୍ଦ୍ର ଭୋଇ ଯୋଗ ଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଶିବିରରୁ ୩୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ସଂକ୍ଷେପରେ

### ସୁଶ୍ରୀ କ୍ରିଷ୍ଣା ପତି ଅତାବିରା ବ୍ଲକ ଟପ୍ପର

**ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃପୁରୀ, ଲାଦରପାଲିର ସଫଳତା**

**ଅତାବିରା, ୪।୫(ଯୁଧିଷ୍ଠିର ମହାପାତ୍ର):** ଚଳିତ ମାଟ୍ରିକ ପରୀକ୍ଷାରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃପୁରୀ, ଲାଦରପାଲି, ଅତାବିରା ଶତ ପ୍ରତିଶତ ସଫଳତା ହାସଲ କରିଛି। ସୁଶ୍ରୀ କ୍ରିଷ୍ଣା ପତି ୫୬୩ମାର୍କ ରଖି ଅତାବିରା ବ୍ଲକରେ ଟପ୍ପର ହୋଇଛନ୍ତି। ମନୀଷା ପ୍ରଧାନ ୫୫୪ ମାର୍କ, ସୌରଭ ଚନ୍ଦନ ପ୍ରଧାନ



୫୪୫, ରେଶ୍ମା ପ୍ରଧାନ ୫୪୦ ମାର୍କ, ସୁଭସ୍ମିତା ମହାକୁଲ ୫୪୦ ରଖିଛନ୍ତି। ଏ୨-୧୬ ଜଣ, ବି୧-୨୩ ଜଣ, ବି୨-୧୪ ଜଣ, ସି-୧୬ ଜଣ, ଡି-୩ ଜଣ ପାସ କରିଛନ୍ତି। ସଫଳତା ପଛରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଶୀର୍ବାଦ ବିଦ୍ୟାଳୟର ଅନୁଶାସନ, ଅଭିଭାବକ, ଅଭିଭାବିକା, ପରିଚାଳନା କମିଟିର ସଭ୍ୟମାନଙ୍କର ମାର୍ଗଦର୍ଶନ ତଥା ଛାତ୍ରୀଛାତ୍ରମାନଙ୍କ କଠୋର ପରିଶ୍ରମରେ ଶତ ପ୍ରତିଶତ ଫଳାଫଳ ରଖିଥିବାରୁ ଉକ୍ତ ବିଦ୍ୟାଳୟକୁ ସମସ୍ତ ମହଲରୁ ଶୁଭେଚ୍ଛାର ଛୁଟିଛି। ଏଥିପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ବବ୍ରୁବାହନ ମିଶ୍ର ସମସ୍ତଙ୍କୁ ଅଭିନନ୍ଦନ ଓ କୃତଜ୍ଞତା ଜଣାଇଛନ୍ତି।

### ଏସ୍‌ବିଆଇର ନୂତନ କୋଠା ଉଦ୍‌ଘାଟିତ

**ପାଇକମାଳ,୪।୫(ବଢ଼ ଶତପଥୀ):** ପାଇକମାଳ ବ୍ଲକ ଜାମସେଠ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏସ୍‌ବିଆଇର ନୂତନ କୋଠା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ସମ୍ବଲପୁର ଡିଜିଏମ ସଞ୍ଜୟ କୁମାର ଝା, ସମ୍ମାନିତ ଅତିଥି ଭାବେ ବରଗଡ଼ ଆରବିଓ ମଧୁସୁଦନ ରଥ, ହରିଲାଲ ନାୟକ, ଜାମସେଠ ବ୍ରାଞ୍ଚ ମ୍ୟାନେଜର ପ୍ରୀତମ ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ରୋହନ ବେରିହା, ପ୍ରତାପ ଆଦିତ୍ୟ ଦାସ, କିଶୋର କୁମାର କୁଜର ଉପସ୍ଥିତ ଥିବା ବେଳେ ତ୍ରିନାଥ ପାଣ୍ଡେ, ଯୋଗେନ୍ଦ୍ର ହଂସ, ପ୍ରଦୀପ ହଂସ, ଅନୁସୂୟା ପ୍ରଧାନ ତଥା ସିଏସ୍‌ପି କର୍ମଚାରୀମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିବା ବେଳେ ବ୍ରାଞ୍ଚ ମ୍ୟାନେଜର ନାୟକ ଧନ୍ୟବାଦ ଦେଇଥିଲେ।

# ଅସ୍ତିତ୍ୱ ଖୋଜୁଛି ଜଳାଶୟ, ସଭିଁଏ ନୀରବ



**ବରଗଡ଼,୪।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଏକଦା ବନ୍ଧ, କଟା ଭଳି ଅନେକ ଜଳାଶୟ ରହିଥିଲା। ଦୂରଦୃଷ୍ଟି ରଖି ପୂର୍ବପୁରୁଷମାନେ ନିଜେ ଶ୍ରମଦାନ କରି ସେଗୁଡ଼ିକ ଖୋଳିଥିଲେ। ସେହି ଜଳାଶୟ ଗୁଡ଼ିକ କେବଳ ଲୋକଙ୍କ ଜଳକଷ୍ଟ ମେଣ୍ଟାଉ ଥିଲା, ତାହା ନୁହେଁ। ଅଞ୍ଚଳର ଜଳସ୍ତରକୁ ବଜାୟ ରଖିବାରେ ପ୍ରମୁଖ ଭୂମିକା ରହିଥିଲା। କିନ୍ତୁ ରାଜନୈତିକ, ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଜଳାଶୟ ଗୁଡ଼ିକ ଦିନକୁ ଦିନ ଅସ୍ତିତ୍ୱ ହରାଇ ବସିଛି। ଅନେକ ଜଳାଶୟ ଲୋପ ପାଇ ଗଲାଣି। ପାଣି ବଦଳରେ ଅନାବନା ଘାସ, ଲଟାରେ କେଉଁ ଜଳାଶୟ ପରିପୂର୍ଣ୍ଣ ଅଛି ତ ଆଉ କେଉଁଠି ଜଳାଶୟ ଶୁଖିଲା ପଡ଼ି ତାହା ଖେଳ ପଡ଼ିଆ ପାଲଟିଛି। ଆଉ କେତେକ ସ୍ଥାନରେ ଜଳାଶୟ ଗୁଡ଼ିକ ଡମ୍ପିଂୟାର୍ଡ଼ ପାଲଟି ଥିବାବେଳେ କେତେକ ସ୍ଥାନରେ କାରଖାନାରୁ ନିଷ୍କାସିତ ପାଉଁଶ(ଆସ୍) ଦ୍ୱାରା ଜଳାଶୟ ଗୁଡ଼ିକୁ ପୋତି ଦିଆଯାଉଛି। ଏପରିକି କିଛି ନିର୍ଦ୍ଦିଷ୍ଟ ଜଳାଶୟକୁ ଏଭଳିଭାବେ ପୋତି ଦେଇ ତାକୁ ବିକ୍ରି କରି ଦିଆଯାଇଥିବା ଭଳି ଗୁରୁତର ଅଭିଯୋଗ ମଧ୍ୟ ବିଭିନ୍ନ ସମୟରେ ହୋଇ ଆସୁଛି। ତେବେ ଯେଉଁ ଅଳ୍ପ କେତେକ ଜଳାଶୟରେ ପାଣି ରହିଛି, ତାହା ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ଏଭଳିସ୍ଥଳେ ଜଳକଷ୍ଟ ସାଧାରଣରେ ପରିଣତ ହୋଇଥିବା ବେଳେ ଜଳସ୍ତର ହ୍ରାସ ପାଉଛି ଏବଂ ଏହା ମଧ୍ୟ ବିଶ୍ୱ ତାପାୟନର ଏକ ପ୍ରମୁଖ କାରଣ ସାଜିଛି ବୋଲି ପରିବେଶବିତ୍ ମହଲରେ ମତପ୍ରକାଶ ପାଇଛି।

ବରଗଡ଼ ପୌର ପରିଷଦ ଏଥିରୁ ବାଦ୍ ପଡ଼ି ନାହିଁ। ୧୯ୱାର୍ଡ ବିଶିଷ୍ଟ ଏହି ପୌର ପରିଷଦରେ ଏକଦା ପ୍ରତି ୱାର୍ଡ଼ରେ ଏକାଧିକ ଜଳାଶୟ(ବନ୍ଧ,କଟା) ରହିଥିଲା। ସେଗୁଡ଼ିକର ପୃଥକ୍ ନାମ ମଧ୍ୟ ରହିଥିଲା। ଏହି କ୍ରମରେ କେବଳ ବରଗଡ଼ ସହରରେ ପୂର୍ଣ୍ଣବନ୍ଧ, ମଝଲି ବନ୍ଧ, ବାହାବଲ ବନ୍ଧ, ସୁନାରୀ ବନ୍ଧ, ରାଣୀବନ୍ଧ, ଭୁର୍ଷୁନ ବନ୍ଧ, ଦୋରାବନ୍ଧ, ନିଲିବନ୍ଧ, ମନାବନ୍ଧ, ଦାନୀକଟା, ଖଜୁରକଟା, ନାମବନ୍ଧ, ରୁହୁନିଆ ବନ୍ଧ, ବିଶି ବନ୍ଧ, ଫକୀରା ବନ୍ଧ ନାମକ ୨୫ରୁ ଊର୍ଦ୍ଧ୍ୱ ଜଳାଶୟ ରହିଥିଲା। ସେହି ଜଳାଶୟର ପାଣିକୁ ସ୍ଥାନୀୟ ଲୋକେ ପିଇବାଠାରୁ ଆରମ୍ଭ କରି ରୋଷେଇ ଏବଂ ଅନ୍ୟ କାର୍ଯ୍ୟରେ ମଧ୍ୟ ବ୍ୟବହାର କରୁଥିଲେ। ମାତ୍ର ଏବେ ସହରରେ ଆଉ ଜଳାଶୟ ନାହିଁ କହିଲେ ଚଳେ। ହାତଗଣତି ଯେଉଁ କେତୋଟି ଜଳାଶୟ ରହିଛି, ତାହା ମଧ୍ୟ ଦିନକୁ ଦିନ ସଂକୁଚିତ ହେବାରେ ଲାଗିଛି। କୌଣସି ବି ଜଳାଶୟର ପାଣି ଆଉ ବ୍ୟବହାର ଉପଯୋଗୀ ଅବସ୍ଥାରେ ନାହିଁ। ଏଭଳି ସ୍ଥଳେ ଜଳାଶୟର ପୁନରୁଦ୍ଧାର କରିବାର ଆବଶ୍ୟକତା ରହିଥିବାବେଳେ ସେଗୁଡ଼ିକ ଦିନକୁ ଦିନ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲି ଯାଉଛି। ଅନ୍ୟପଟେ ଜଳାଶୟ ପୁନରୁଦ୍ଧାର ନାମରେ ସରକାରୀ ଅନୁଦାନ ମଧ୍ୟ ଆସୁଛି। କିନ୍ତୁ କାଗଜ କଲମରେ ପୁନରୁଦ୍ଧାର କାର୍ଯ୍ୟ ସୀମିତ ରହି ଯାଉଛି ଏବଂ ଜଳାଶୟ ଗୁଡ଼ିକର ଅବସ୍ଥା ଯେଉଁ ତିମିରେକୁ ସେହି ତିମିରେ ରହି ଯାଉଛି।

## ଏମାନେ ଯାହା କୁହନ୍ତି...

### ହ୍ରାସ ପାଉଛି ଜଳସ୍ତର



"ବରଗଡ଼ ସହରରେ ଅନେକ ଗୁଡ଼ିଏ ଜଳାଶୟ ଥିଲା। ବର୍ଷାଦିନେ ତ ସେ ଗୁଡ଼ିକ ପାଣିରେ ପୂରି ରହୁଥିଲା। ଅନ୍ୟଦିନ ଗୁଡ଼ିକରେ ମଧ୍ୟ କେନାଲରୁ ପାଣି ଆଣି ସେଠାରେ ଭର୍ତ୍ତି କରାଯାଉଥିଲା। ସେତେବେଳେ ଅଞ୍ଚଳର ଜଳସ୍ତର ମଧ୍ୟ ଠିକ୍ ରହୁଥିଲା। ନଳକୂପ ଖୋଳିଲେ ୧୦/୧୫ଫୁଟ୍ ଗଭୀରରୁ ପାଣି ବାହାରି ଯାଉଥିଲା। ମାତ୍ର ଏବେ ଆଉ ତାହା ପରିଲକ୍ଷିତ ହେଉ ନାହିଁ। ଏବେ ବହୁ ଗଭୀରକୁ ଖୋଳାଗଲେ ଯାଇ ନଳକୂଅରୁ ପାଣି ବାହାରୁଛି। ଜଳାଶୟ ଗୁଡ଼ିକ ଅସ୍ତିତ୍ୱ ହରାଇ ବସି ଥିବାରୁ ଜଳସ୍ତର ହ୍ରାସ ପାଇଛି ଏବଂ ସେଥିପାଇଁ ସେଭଳି ହେଉଛି।

–ପ୍ରେମାନନ୍ଦ ଭୋଇ, ବରଗଡ଼

### ଜାଣି ଅଜଣା ପ୍ରଶାସନ



"ପୂର୍ବପୁରୁଷମାନେ ବହୁ ପରିଶ୍ରମ କରି ଜଳାଶୟ ଗୁଡ଼ିକୁ ଖୋଳିଥିଲେ। ସେତେବେଳେ ପାଣିର ଅଭାବ ନଥିଲା। ହେଲେ ଏବେ ସହରରେ ଆଉ ଜଳାଶୟ ନାହିଁ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ଯେଉଁ କେତୋଟି ବନ୍ଧ, କଟା ରହିଛି, ତାହା ଶୁଖିଲା ପଡ଼ିଛି। ଘାସ,ଲଟାରେ ତାହା ପୂରି ରହିଛି। ସେଠାରେ ମଇଳା, ଆବର୍ଜନା ପୂର ରହିଛି। କିଛି ଲୋକେ ମଧ୍ୟ ବନ୍ଧ,କଟା ଗୁଡ଼ିକୁ ମାଡ଼ି ବସିଛନ୍ତି। ସବୁ ଜାଣି ପ୍ରଶାସନ ଅଜଣା ରହୁଛି। ଅନ୍ୟପଟେ ସହରରେ ପାଣି ସମସ୍ୟା ଲାଗି ରହିଛି। ଏଭଳି ସ୍ଥିତିରେ ସବୁ ବନ୍ଧ, କଟାର ପୁନରୁଦ୍ଧାର କରାଯିବା ଜରୁରୀ ହୋଇ ପଡ଼ିଛି।

–ଶିବାନନ୍ଦ ମଟାରୀ, ବରଗଡ଼

### ଜଳ, ମୃତ୍ତିକା ସଂରକ୍ଷଣ ପ୍ରଭାବିତ

"ଜଳାଶୟ ଗୁଡ଼ିକ ଜବରଦଖଲ ଯୋଗୁ ଦିନକୁ ଦିନ ସଂକୁଚିତ ହୋଇ ପଡୁଛି। ସେ ଗୁଡ଼ିକ ଅପରିଷ୍କୃତ ଭାବେ ମଧ୍ୟ ପଡ଼ି ରହିଛି। ଅନେକ ଶୁଖିଲା ରହୁଛି। ଏହାଦ୍ୱାରା ଉଭୟ ଜଳ, ମୃତ୍ତିକା ସଂରକ୍ଷଣ ପ୍ରଭାବିତ ହେବା ସହିତ ପରିବେଶ ଉପରେ ମଧ୍ୟ କୁପ୍ରଭାବ ପକାଉଛି। ଫଳରେ ରାଜସ୍ୱ ବିଭାଗ ଏବଂ ଜିଲା ପ୍ରଶାସନ ଜନହିତ ଦୃଷ୍ଟିରୁ ଜରୁରୀକାଳୀନ ଭାବେ ଏହାର ପୁନରୁଦ୍ଧାର କରିବାର ଆବଶ୍ୟକତା ରହିଛି। ନଚେତ୍ ଗୋଟିଏ ଦଶନ୍ଧି ଭିତରେ ଗାଧୋଇବା ପାଇଁ ମଧ୍ୟ ପାଣି ମିଳିବ ନାହିଁ।



–କିରଣ କୁମାର ମିଶ୍ର, ବରଗଡ଼

### ଜବରଦଖଲମୁକ୍ତ କରିବା ଜରୁରୀ



"ସହରର ଅନେକ ବନ୍ଧ, କଟାକୁ ଜବରଦଖଲ କରି ଲୋକେ କୋଠାବାଡ଼ି ନିର୍ମାଣ କରିଛନ୍ତି। ଜବରଦଖଲ ଯୋଗୁ ଜଳାଶୟ ଗୁଡ଼ିକ ପୂରାପୂରି ଭାବେ ଅସ୍ତିତ୍ୱ ମଧ୍ୟ ହରାଇ ସାରିଛନ୍ତି। ଆଉ କେତେକ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ବରଗଡ଼ ପ୍ରଶାସନ ସହରର ରାସ୍ତାଘାଟରୁ ଜବରଦଖଲ ଉଚ୍ଛେଦ କରୁଛି, ତାହା ସ୍ୱାଗତଯୋଗ୍ୟ। କିନ୍ତୁ ରାସ୍ତାଘାଟରେ ଯେଭଳି ଉଚ୍ଛେଦ ଚାଲିଛି, ଅନୁରୂପଭାବେ ସାମ୍ପ୍ରତିକ ସ୍ଥିତିରେ ବରଗଡ଼ ସହରରେ ରହିଥିବା ସମସ୍ତ ଜଳାଶୟ ଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଜବରଦଖଲମୁକ୍ତ କରାଯିବା ଜରୁରୀ ହୋଇ ପଡ଼ିଛି।

–ରାଜେନ୍ଦ୍ର ସିକନ୍ଦର, ବରଗଡ଼

### ସରକାରୀ କଳର ଉଦାସୀନତା ଦାୟୀ



"ବରଗଡ଼ ଜିଲାର ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଗୁଡ଼ିକରେ ଜଳାଶୟ ଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ରହିଛି। ସେଠାରେ ରହିଥିବା ପାଣି ମଧ୍ୟ ବ୍ୟବହାର ଉପଯୋଗୀ ନୁହେଁ। ତାହା ବ୍ୟବହାର କରି ଲୋକେ ନାନା ରୋଗାକ୍ରାନ୍ତ ମଧ୍ୟ ହେଉଛନ୍ତି। ସ୍ଥାନୀୟ ଜନ ପ୍ରତିନିଧି ଏବଂ ସରକାରୀ କଳ ପୁନରୁଦ୍ଧାର କାର୍ଯ୍ୟରେ ଯେଭଳି ପଦକ୍ଷେପ ନେବା କଥା, ସେଥିପ୍ରତି ଆଦୌ ଧ୍ୟାନ ଦେଉ ନାହାନ୍ତି। ଫଳରେ ଆଗଭଳି ଆଉ ଜଳାଶୟ ନାହିଁ।

–ରାମ ନାରାୟଣ ଭୋଇ, ଧାଙ୍ଗେର

### ପଶ୍ଚିମବଙ୍ଗ, ଆସାମରେ ବିଜୟ ନେଇ ବୌଦ୍ଧରେ ଉତ୍ସବ

**ବୌଦ୍ଧ,୪।୫(ଅଜିତ କୁମାର ବାରିକ):** ପଶ୍ଚିମବଙ୍ଗ ଓ ଆସାମ ରାଜ୍ୟ ନିର୍ବାଚନରେ ଐତିହାସିକ ବିଜୟ ନେଇ ବୌଦ୍ଧରେ ଜିଲା ବିଜେପି ପକ୍ଷରୁ ସୋମବାର ବିଜୟ ଉତ୍ସବ ପାଳନ କରାଯାଇଛି। ଜିଲା ଭାଜପା ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ନେତା ଓ କର୍ମୀମାନେ ଭାଜପା କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ଗାନ୍ଧୀଛକ ଓ ବାଘଗୁଡାଛକ ପର୍ଯ୍ୟନ୍ତ ପରିକ୍ରମା କରି ଉତ୍ସବ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପାର ପୂର୍ବତନ ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ରଚରଣ ମହାନ୍ତି, ବ୍ୟୋମକେଶ ମହାପାତ୍ର, ନବୀନ ହୋତା, ବୈକୁଣ୍ଠ ପ୍ରଧାନ, ରାଜକୁମାର ମେହେର, ଶ୍ୟାମସୁନ୍ଦର ପୁରୋହିତ, ସୁଦାମ ମେଣ୍ଡିଲି, ମନୋରଞ୍ଜନ ଦାଶ, ମାଗୁଣି ଗାଇଗୌରିଆ, ନମିତାରାଣୀ ଦାଶ, ନିରଞ୍ଜନ ଦାନୀ, ରାଜୀବ ବେହେରାଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ସାମିଲ ହୋଇଥିଲେ।

### ଅତାବିରା ଭାଜପା ପକ୍ଷରୁ ବିଜୟ ଉତ୍ସବ

**ଅତାବିରା,୪।୫(ଯୁଧିଷ୍ଠିର ମହାପାତ୍ର)**

ପଶ୍ଚିମବଙ୍ଗରେ ଭାଜପାକୁ ବିପୁଳ ସମର୍ଥନ ମିଳିଥିବାରୁ ସୋମବାର ଅତାବିରା ବ୍ଲକ ଛକଠାରେ ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ନଗର ସଭାପତି ସତୀଶ ଚୌଧୁରୀଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଅତାବିରା ବ୍ଲକ ଅଫିସ ଛକଠାରେ ସମ୍ମିଳିତ ହୋଇ ଏହି ବିଜୟ ଉତ୍ସବ ପାଳନ କରିଥିଲେ। ବରଗଡ଼ ଜିଲା ଭାଜପା ସମ୍ପାଦକ ନରେଶ ଶର୍ମା, ସମ୍ପାଦିକା ପ୍ରିୟ ଦର୍ଶନୀ ଅର୍ଚ୍ଚନା ବାଗ, ମିଳନ ସେଠ, ସୁରେନ୍ଦ୍ର ସ୍ୱାଇଁ, ଦୀପକ ରାଏ ପ୍ରମୁଖ ସାମିଲ ହୋଇଥିଲେ।

## ସମ୍ମାନିତ ହେଲେ ମେଧାବୀ ଛାତ୍ର

**ଝାରବନ୍ଧ,୪।୫(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ସମ୍ମିଳନୀ କକ୍ଷଠାରେ ସୋମବାର ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଶ୍ରେଷ୍ଠ ଦଶ ଜଣଙ୍କ ଭିତରେ ସ୍ଥାନ ପାଇଥିବା ଦୁଇ ଜଣ ମେଧାବୀ ଛାତ୍ରଙ୍କୁ କଲେଜ ତରଫରୁ ସମ୍ମାନିତ କରାଯାଇଛି। ଚଳିତ ଶିକ୍ଷାବର୍ଷରେ ଝାରବନ୍ଧ ଡିଗ୍ରୀ କଲେଜରେ ଅଧ୍ୟୟନରତ ଛାତ୍ର ଖେମେଶ୍ୱର ଭୋଇ ଇଂଲିଶ ବିଭାଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ନବମ ଏବଂ ଶିକ୍ଷା ବିଭାଗରେ କବିର ସିଦାର ଦଶମ ସ୍ଥାନ ଅଧିକାର କରି ଝାରବନ୍ଧ ପାଇଁ କୃତିତ୍ୱ ଆଣିଛନ୍ତି। ଏଥିପାଇଁ ତାଙ୍କୁ କଲେଜ ତରଫରୁ ସମ୍ମାନିତ କରାଯାଇଛି। କଲେଜ ଅଧ୍ୟକ୍ଷ





ଅଧ୍ୟାପକ, ଅଧ୍ୟାପିକା ଓ ଅନ୍ୟମାନଙ୍କ ସହ ସମ୍ମାନିତ ଛାତ୍ରମାନେ।

ଶ୍ୟାମସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟାପକ, ଅଧ୍ୟାପିକାଙ୍କ ସହ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ସାନନ୍ଦ କୁମାର ସାହୁ, ବିରଦତ୍ୟ ସାହୁ, ଜଗଦୀଶ ସାହୁ, ହରିହର ସାହୁ, ନନ୍ଦଲାଲ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଉଭୟ ଛାତ୍ରଙ୍କୁ ଅଙ୍ଗବସ୍ତ୍ର ଓ ଫୁଲ ତୋଡ଼ା ଦେଇ ସମ୍ମାନିତ କରିବା ସହିତ ଏହି ସଫଳତା ପଛରେ ଇଂଲିଶ ବିଭାଗ ମୁଖ୍ୟ ଅଧ୍ୟାପକ ଗଗନ ବିହାରୀ ତନସନା ଓ ଓଡ଼ିଆ ବିଭାଗ ମୁଖ୍ୟ ସୁଶ୍ରୀ ଯାଜ୍ଞସେନୀ ନାୟକଙ୍କୁ ପ୍ରଶଂସା କରିଥିଲେ।

### ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର
**୨ଜଣଙ୍କୁ ୧୦ ହଜାର ସହାୟତା**

**ବୌଦ୍ଧ,୪।୫(ଅଜିତ କୁମାର ବାରିକ):** ବୌଦ୍ଧ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ଜନଶୁଣାଣିର ଶୁଭାରମ୍ଭ କରିଥିଲେ। ଶିବିରରେ ସମୁଦାୟ ୪୬ ଗୋଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ସେଥିମଧ୍ୟରୁ ବ୍ୟକ୍ତିଗତ ୪୧ ଅଭିଯୋଗ ଥିବାବେଳେ ୫ଟି ସାମୂହିକ ଅଭିଯୋଗ ଥିଲା। ଶିବିରରେ ୧୦ ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ଶିବିରରେ ଦୁଇ ଜଣଙ୍କୁ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ



ମେଧାବୀମାନଙ୍କୁ ସମ୍ମାନିତ କରାଯାଉଛି।

**ପଦ୍ମପୁର,୪।୫ (ପ୍ରଦୀପ୍ତ ଦାଶ)**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପଦ୍ମପୁରଠାରେ ଚାଲିଥିବା ସଂକୁଳ ସ୍ତରୀୟ ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଉଦ୍‌ଯାପିତ ଓ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁରୁଜୀ ଗୁରୁମା'ଙ୍କ ଅନୁଶାସନ ଓ ସଂସ୍କାରମୂଳକ ଶିକ୍ଷାଦାନ ଦ୍ୱାରା ଗୋଟିଏ ଶିଶୁ ସଫଳତା ଶୀର୍ଷରେ ପହଞ୍ଚିପାରିବ କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର ଯୁଗ୍ମ ସମ୍ପାଦକ ଖଗେଶ୍ୱର ଦାଶ, ସମ୍ମାନିତ ଅତିଥି ରୂପେ ପ୍ରାନ୍ତ ବିଦ୍ୱତ ପରିଷଦ ସଭାପତି ଡ. ବାଞ୍ଛାନିଧି ପଣ୍ଡା, ପଶ୍ଚିମ ସମ୍ଭାଗ ସଂଯୋଜକ ଜ୍ୟୋତି ରଞ୍ଜନ ମିଶ୍ର, ସଂକୁଳ ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତ ହାଇସ୍କୁଲ ପରୀକ୍ଷାରେ ଏ-୧ ପାଇଥିବା ରଶ୍ମିରେଖା ଗଡ଼ତିଆ, ସିଦ୍ଧାର୍ଥ ଶେଖର ସାହୁ, ଆଲୋକ ରଞ୍ଜନ ସାହୁ, ସେଫାଳୀ ପଧାନ ପ୍ରମୁଖଙ୍କୁ ମେଧାବୀ ଅଭିନନ୍ଦନରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଶିକ୍ଷଣରେ ସଂକୁଳ ଅନ୍ତର୍ଗତ ୯ଟି ଶିଶୁ ମନ୍ଦିରରୁ ୧୭୦ ଜଣ ଗୁରୁଜୀ ଗୁରୁମା' ଯୋଗଦେଇ ପଞ୍ଚପଦୀ ଶିକ୍ଷଣ ପଦ୍ଧତି ଉପରେ ତାଲିମ ନେଇଥିଲେ। ସମ୍ପାଦକ ଜନକ ଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପସଭାପତି ଗୋପାଳକୃଷ୍ଣ ମିଶ୍ର, ପରିଚାଳନା କମିଟି ସଦସ୍ୟ ଭକ୍ତଚରଣ ସାହୁ, ଜୟନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଯୋଗର ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ



**ବରଗଡ଼,୪।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହାଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉପ ଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ, ଭଟଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେର, ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନ ଏବଂ ତହସିଲଦାର ରାମକୃଷ୍ଣ ମିଶ୍ର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ସମୁଦାୟ ୫୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଅଭିଯୋଗ ଗୁଡିକର ଶୁଣାଣି କରି ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଗୁରୁ ଭଗବାନ ସାହୁଙ୍କ ନାଟକ ଉପରେ ଆଲୋଚନାଚକ୍ର

**ପଦ୍ମପୁର,୪।୫(ପ୍ରଦୀପ୍ତ ଦାଶ)**

ପଦ୍ମପୁର ବ୍ଲକ ଅଧୀନ ବୁବୁଡ଼ା ଗ୍ରାମରେ ଆମର ସାହିତ୍ୟ ସେବା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ 'ଗାଁ ସଫା ତ ଆମେ ସଫା' ଶୀର୍ଷକରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଆବାହକ ଓ ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ମେହେର ବିଦେଶରେ ରହୁଥିବା ସତ୍ତ୍ୱେ ଗ୍ରାମର ଯୁବକମାନଙ୍କୁ ସଫେଇ କାର୍ଯ୍ୟରେ ସକ୍ରିୟ ଭାଗନେବା ପାଇଁ ଆହ୍ୱାନ ଜଣାଇଥିଲେ। ତାଙ୍କର ଏହି ଆହ୍ୱାନକୁ ସ୍ୱୀକାର କରି ଗ୍ରାମର ମହିଳାମାନେ ଓ ଯୁବ ଗୋଷ୍ଠୀ ବ୍ୟାପକ ଭାବରେ ଯୋଗଦାନ କରିଥିଲେ। ଆଶାକର୍ମୀ ବୈଜୟନ୍ତୀ ତନସନାଙ୍କ

**ବୁବୁଡ଼ାରେ ଗାଁ ସଫା ତ ଆମେ ସଫା କାର୍ଯ୍ୟକ୍ରମ**

ନେତୃତ୍ୱରେ ଶତାଧିକ ମହିଳା ଯୋଗଦାନ କରି ଗ୍ରାମର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟ କରିଥିଲେ। ସେହିପରି ପ୍ରକାଶ ବୁଡେକଙ୍କ ନେତୃତ୍ୱରେ ଯୁବକମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସୁରେନ୍ଦ୍ର ମେହେରଙ୍କ ସଂଯୋଜନାରେ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମଞ୍ଚ କଳାକାର ସହଦେବ ସାହୁ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କବୟିତ୍ରୀ ସ୍ୱର୍ଣ୍ଣକାନ୍ତୀ ପତି ଗୁରୁ ଭଗବାନ ସାହୁଙ୍କ ନାଟକରେ ଦେଶଭକ୍ତିର ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଗ୍ରାମର ଗୌନ୍ତିଆ ଡିଲେ ବରିହା, ସାମାଜିକ କର୍ମୀ ଟୁନୁ ବେହେରା, ପରମେଶ୍ୱର ଦାଶ, ଝାଙ୍କର କ୍ଷୀରନ୍ଧର ବରିହା ଯୋଗଦେଇ ଆଲୋଚନାକୁ ସମୃଦ୍ଧ କରିଥିଲେ। ଗୋଲ ଶଟ ବଲ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତା କୁଡାସିଂହା ଗ୍ରାମର ରାଜ ମେହେର ଓ ପରୀ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ଏକ କୁନି ଝିଅ ଶୁଭଶ୍ରୀ ସୁନା ସଚେତନତାମୂଳକ ଗୀତରେ ନୃତ୍ୟ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ।

## ସଂସ୍କୃତ ଭାଷା, ସଂସ୍କୃତିର ସୁରକ୍ଷା ଅପରିହାର୍ଯ୍ୟ



ସଂସ୍କୃତ ଓ ସଂସ୍କୃତି ସୁରକ୍ଷା ପରିଷଦର ବୈଠକ।

**ବରଗଡ଼,୪।୫(ପ୍ରେମାନନ୍ଦ ଖମାରୀ)**

ଭାରତୀୟ ସଂସ୍କୃତି ଓ ଭାରତର ଆତ୍ମା ହେଉଛି ସଂସ୍କୃତ ଭାଷା। ଏହା ଅସୁରକ୍ଷିତ ହୋଇ ପଡ଼ିଛି। ସଂସ୍କୃତ ଭାଷା ଓ ଭାରତୀୟ ସଂସ୍କୃତିର ସୁରକ୍ଷା ଏକାନ୍ତ ଅପରିହାର୍ଯ୍ୟ ବୋଲି ସୋମବାର ବରଗଡ଼ରେ ଅନୁଷ୍ଠିତ ସଂସ୍କୃତ ସଂସ୍କୃତି ସୁରକ୍ଷା ପରିଷଦର ବୈଠକରେ ମତପ୍ରକାଶ ପାଇଛି। ସଂସ୍କୃତି ସୁରକ୍ଷା ପରିଷଦର ଆବାହକ କପିଳେଶ୍ୱର ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ସଂକୀର୍ତ୍ତନ ପରିଷଦର ଅଧ୍ୟକ୍ଷ ଡ. ପ୍ରମୋଦ ଦାଶ, ବିଶିଷ୍ଟ ସଂସ୍କୃତଜ୍ଞ ପଣ୍ଡିତ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ଅବକ୍ଷୟ ସଂସ୍କୃତି ଓ ଲୋକଙ୍କଠାରୁ ଅପସାରିତ ହୋଇ ଯାଉଥିବା ଆଦିଭାଷା ସଂସ୍କୃତର ସ୍ଥିତି ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାର ବହୁ ସଂସ୍କୃତ ଭାଷାପ୍ରେମୀ ଓ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ସଦସ୍ୟବୃନ୍ଦ ଉପସ୍ଥିତ ରହି ସଂସ୍କୃତ ଓ ସଂସ୍କୃତିକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ସକାରାତ୍ମକ ପରାମର୍ଶ ପ୍ରଦାନ କରିଥିଲେ।

## ବିଶ୍ୱବିଦ୍ୟାଳୟ ସ୍ତରୀୟ ସ୍ନାତକ କଳାଛାତ୍ରୀଙ୍କ ସଫଳତା

**ବରପାଲି,୪।୫(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ବ୍ଲକ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁଙ୍କ ପରିଚାଳନା ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗଦେଇ ଛାତ୍ରୀମାନଙ୍କୁ ଶୁଭେଚ୍ଛା ପ୍ରଦାନ କରିବା ସହ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ବଣ୍ଟନକରି ଖୁସିର ମୁହୂର୍ତ୍ତକୁ ଦ୍ୱିଗୁଣିତ କରିଥିଲେ। ପ୍ରତି





ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବର୍ଷ ପରି ଚଳିତବର୍ଷ ମଧ୍ୟ ସ୍ନାତକ କଳା ଅନ୍ତିମ ବର୍ଷରେ ଛାତ୍ରୀଙ୍କ ସଫଳତା ସବୁଠୁ ଆଗରେ ରହିଛି। ମହିଳା ମହାବିଦ୍ୟାଳୟର ୮ ଜଣ ଛାତ୍ରୀ ଶ୍ରେଷ୍ଠ ଦଶ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି। ରାଜନୀତି ବିଜ୍ଞାନ ବିଭାଗରେ ଯାଜ୍ଞସେନୀ ମହାକୁର ୮.୯୦ ସିଜିପିଏ ରଖି ଶ୍ରେଷ୍ଠ ଦଶ ଜଣଙ୍କ ମଧ୍ୟରେ ପ୍ରଥମ ହୋଇଥିବା ବେଳେ ହିନ୍ଦୀ ବିଭାଗରୁ ପାୟଲ ମେହେର ୮.୯୧ ସିଜିପିଏ ରଖି (ଦ୍ୱିତୀୟ), ଶିକ୍ଷା ବିଭାଗରୁ ସ୍ନେହରାଣୀ ସାହୁ ୯.୦୩ ସିଜିପିଏ (ତୃତୀୟ), ଇତିହାସ ବିଭାଗରୁ ନନ୍ଦିନୀ ଗହୀର ୮.୯୮ ସିଜିପିଏ( ଚତୁର୍ଥ), ହିନ୍ଦୀ ବିଭାଗରୁ ଶ୍ରାବଣୀ ମେହେର ୮.୭୭ ସିଜିପିଏ (ଚତୁର୍ଥ), ହରିପ୍ରିୟା ସାହୁ ୮.୭୦ ସିଜିପିଏ(ଷଷ୍ଠ), ସ୍ମୃତି ସ୍ନିଗ୍ଧା ପାଣିଗ୍ରାହୀ ୮.୬୯ ସିଜିପିଏ(ସପ୍ତମ) ରଖିଥିବାବେଳେ ଓଡ଼ିଆ ବିଭାଗରୁ ସ୍ୱିଟି ବାରିକ ୮.୬୪ ସିଜିପିଏ ରଖି (ଦଶମ) ସ୍ଥାନରେ ଅଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀମାନେ ସାମିଲ ହୋଇଥିଲେ।

# ପିଣ୍ଡି ଥାଇ ରାସ୍ତାରେ ବସୁଛନ୍ତି ବେପାରୀ

ସମ୍ବଲପୁର,୪।୫ (ପ୍ରମୋଦ ବହିଦାର):

ସମ୍ବଲପୁର ସହରର ଐତିହ୍ୟ ସହିତ ଜଡ଼ିତ ୧୬୦ ବର୍ଷରୁ ଅଧିକ ପୁରୁଣା କମଲିବଜାର ହାଟ ଏବେ ଅବ୍ୟବସ୍ଥାର ଚକ୍ରବ୍ୟୁହରେ ଫସି ରହିଛି। ସମଲେଇ ପ୍ରକଳ୍ପ ପାଇଁ ସ୍ଥାନାନ୍ତର ହୋଇଥିବା ଏହି ଐତିହାସିକ ସାପ୍ତାହିକ ହାଟର ପୁନଃ ସଂସ୍ଥାପନ ପ୍ରକ୍ରିୟା ବର୍ଷ ବର୍ଷ ଧରି ଅଟକି ରହିଛି। ପ୍ରକଳ୍ପ ଅଧୀନରେ ବେପାରୀଙ୍କ ପାଇଁ ପ୍ରାୟ ୧୬୮ ସୁସଜ୍ଜିତ ପିଣ୍ଡି ନିର୍ମାଣ କରାଯାଇଥିଲେ ହେଁ, ମହାନଗର ନିଗମର ଉଦାସୀନତା ଯୋଗୁ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହାର ପରିଣାମ ସ୍ୱରୂପ ଏହି ସାପ୍ତାହିକ ହାଟକୁ ଆସୁଥିବା ବେପାରୀମାନେ ବାଧ ହୋଇ ପାଟଣେଶ୍ୱର ମନ୍ଦିର ସମ୍ମୁଖରୁ ରାମଜୀଗୁଡ଼ି ଦେଇ ବାଲିବନ୍ଧା ପର୍ଯ୍ୟନ୍ତ ରାସ୍ତା ଉପରେ ନିଜର ପସରା ମେଲାଇ ବସୁଛନ୍ତି। ରବିବାର ବଜାର ଭିଡ଼ ଯୋଗୁ ସମଲେଇ ମନ୍ଦିରକୁ ଯାଉଥିବା ମୁଖ୍ୟ ରାସ୍ତା ସମ୍ପୂର୍ଣ୍ଣ ଟ୍ରାଫିକ ଜାମ୍ ଭଳି ସମସ୍ୟାର ଭକ୍ତ ଓ ସ୍ଥାନୀୟ ବାସିନ୍ଦା ସମ୍ମୁଖୀନ ହେଉଛନ୍ତି। ସମଲେଇ ପ୍ରକଳ୍ପ ସମୟରେ ହୀରାକୁଦ ଫ୍ରେଶ୍ କୋଠା ଓ ରାଜୀବ ଗାନ୍ଧୀ ମାର୍କେଟକୁ ଭାଙ୍ଗି ବଜାରର ଉନ୍ନତମାନର ବିକାଶ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ସେହି


ରାସ୍ତା ଉପରେ ପସରା ମେଲାଇ ବସିଛନ୍ତି କମଲିବଜାର ହାଟର ବେପାରୀ।

■ଅସଜଡ଼ା କମଲିବଜାର ସାପ୍ତାହିକ ହାଟ
■ରାସ୍ତା ଉପରେ ବାଲିବନ୍ଧା ପର୍ଯ୍ୟନ୍ତ ଲମ୍ବିଛି ହାଟ

ପ୍ରତିଶ୍ରୁତି କେବଳ କାଗଜକଲମରେ ସୀମିତ ରହି ଯାଇଛି। ସୁଦୃଶ୍ୟ ମାର୍ବଲ ଖଚିତ ସୁନ୍ଦର ପିଣ୍ଡିଗୁଡ଼ିକ ଏବେ ଗୋରୁଗାଈଙ୍କ ଆଶ୍ରୟସ୍ଥଳ ପାଲଟିବା ସହ ନିଶାଖୋରଙ୍କ ଆଡ୍ଡାସ୍ଥଳରେ ପରିଣତ ହୋଇଛି। ଏଠାରେ ଆଲୋକ ଓ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଲାଗିଥିବା ବୈଦ୍ୟୁତିକ ଉପକରଣ ଆଦି ଚୋରି ହୋଇଯାଇଛି। ଚତୁଃପାର୍ଶ୍ୱରେ ବର୍ଜ୍ୟବସ୍ତୁ, ଗୋବର ମଦ ବୋତଲ, ଓ ମଳମୂତ୍ର ତ୍ୟାଗ ଯୋଗୁ ଏକ ପ୍ରକାର ପୁତିଗନ୍ଧ ପରିବେଶ ସୃଷ୍ଟି ହୋଇଛି। ତେବେ ଏଠାରେ ନିର୍ମିତ ବ୍ୟୟ ବହୁଳ ଭିତ୍ତିଭୂମି ନଷ୍ଟ ହେଉଥିଲେ ମଧ୍ୟ ସମ୍ବଲପୁର ମହାନଗର ନିଗମ (ଏସ୍ଏମ୍ସି) କର୍ତ୍ତୃପକ୍ଷ ଲିଜ୍ ପ୍ରକ୍ରିୟା ଚୂଡ଼ାନ୍ତ କରିବାରେ ବିଫଳ ହୋଇଛନ୍ତି। ସୂଚନାଯୋଗ୍ୟ, ୧୮୬୪ରେ ସମ୍ବଲପୁରର ତତ୍କାଳୀନ ଡେପୁଟି କମିଶନର ମେଜର ଏବି କମ୍ବରଲେଜ୍‌ଙ୍କ ଦ୍ୱାରା ସ୍ଥାପିତ ଏହି ସାପ୍ତାହିକ ହାଟ ଆଜି ବି ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ବାଉଁଶ ତିଆରି ଟୋକେଇ, କାଠ ସାମଗ୍ରୀ, କଂସା ବାସନ ଏବଂ ପାରମ୍ପରିକ ସମ୍ବଲପୁରୀ ବସ୍ତ୍ରଠାରୁ ଆରମ୍ଭ କରି ଖାଦ୍ୟ ପଦାର୍ଥ ତଥା ବିବାହ, ବ୍ରତ ପାଇଁ ସମସ୍ତ ଆବଶ୍ୟକ ବସ୍ତୁ ଓ ଘରକରଣା ସାମଗ୍ରୀ ପାଇଁ ଏହି ହାଟ ଉପରେ ବହୁ ହଜାର ଲୋକ ନିର୍ଭର କରନ୍ତି। ପ୍ରତି ରବିବାର ପ୍ରାୟ ୪୦୦ରୁ ଅଧିକ ବେପାରୀ ଏଠାକୁ ଆସୁଥିଲେ ହେଁ ସେମାନଙ୍କ ପାଇଁ ପାନୀୟ ଜଳ କିମ୍ବା ଶୌଚାଳୟର କୌଣସି ବ୍ୟବସ୍ଥା ନାହିଁ। ଯଦି ପ୍ରଶାସନ ତୁରନ୍ତ ଏହି ନବନିର୍ମିତ ପିଣ୍ଡିଗୁଡ଼ିକୁ ବେପାରୀଙ୍କୁ ହସ୍ତାନ୍ତର ନ କରେ, ତେବେ ଆଗାମୀଦିନରେ ଏଠାରେ ଯେ କୌଣସି ବଡ଼ଧରଣର ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏ ସମ୍ପର୍କରେ ସମ୍ବଲପୁର ଏସ୍ଏମ୍ସିର ସହକାରୀ ଅଯୁକ୍ତ (ଟ୍ୟାକ୍ସ) ଅଶୋକ କୁମାର ମିଶ୍ରଙ୍କୁ ପଚାରିବାରେ ବ୍ୟବସାୟୀମାନଙ୍କୁ ପିଣ୍ଡିରେ ଥାଇଥାନା କରାଯାଇଥିଲା। କିନ୍ତୁ କେତେକ ବୈଷୟିକ ଏବଂ ବ୍ୟବହାରିକ ସମସ୍ୟା ଯୋଗୁ ଏହା ସମ୍ଭବ ହୋଇପାରିନାହିଁ। ଏଠାରେ ଥିବା ପିଣ୍ଡି ଅନୁସାରେ ବ୍ୟବସାୟୀଙ୍କ ସଂଖ୍ୟ ଅଧିକ ରହିଛି। ଯାହା ସମସ୍ତଙ୍କ ପାଇଁ ଯଥେଷ୍ଟ ନୁହେଁ। ଏହାସହ ପିଣ୍ଡିଗୁଡ଼ିକର ଆକାର ଛୋଟ ଥିବାରୁ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଫଳରେ ଏହି ପିଣ୍ଡି ସବୁ ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ତେବେ ଖୁବ୍‌ଶୀଘ୍ର ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମସ୍ତ ବେପାରୀଙ୍କୁ ଥାଇଥାନ କରିବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ଆର୍ଥିକ ସ୍ୱାବଲମ୍ବନ ଦିଗରେ ଆଗକୁ ବଢ଼ିବେ ମହିଳା

## ଆଦିତ୍ୟ ଆଲୁମିନିୟମ ବୋମାଲୋଇରେ ୭ ଦିନିଆ ଅଳଙ୍କାର ତିଆରି ପ୍ରଶିକ୍ଷଣ


ଅଳଙ୍କାର ତିଆରି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିଥି ଓ ପ୍ରଶିକ୍ଷାର୍ଥୀମାନେ।

ସମ୍ବଲପୁର,୪।୫ (ବି.ଶଙ୍କର)

ସମ୍ବଲପୁର ଜିଲା ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବୋମାଲୋଇ ଗ୍ରାମ ପଞ୍ଚାୟତରେ ୭ ଦିନିଆ ଅଳଙ୍କାର ତିଆରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଏସ୍‌ବିଆଇ ଆର୍‌ଏସ୍‌ଇଟିଆଇ ସହ ସଂଯୁକ୍ତ ଭାବେ ଆୟୋଜିତ ହୋଇଥିଲା। ଏସ୍‌ବିଆଇ ଆର୍‌ଏସ୍‌ଇଟିଆଇ ନିର୍ଦ୍ଦେଶକ ସୁବାଶ ଚନ୍ଦ୍ର ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏସ୍‌ବିଆଇ ଆର୍‌ଏସ୍‌ଇଟିଆଇର ବିଜୟ କୁମାର ସାହୁ ଓ ତାଙ୍କ ଟିମ ମଧ୍ୟ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଦିତ୍ୟ ଆଲୁମିନିୟମର ଅଧିକାରୀଙ୍କ ମଧ୍ୟରେ ରଞ୍ଜନ ଜେନା (କ୍ଲଷ୍ଟର ହେଡ୍ ଏନ୍‌ଭାଇରନମେଣ୍ଟ), ଲଳିତ ଚରଣ (ହେଡ୍ ଏନଭାଇରନମେଣ୍ଟ ), ହେମ ରଞ୍ଜନ (ହେଡ୍ ଲ୍ୟାଣ୍ଡ ବିଭାଗ), ମଧୁସୂଦନ (ଲ୍ୟାଣ୍ଡ ବିଭାଗ), ରବି ନିୱାସ (ହେଡ୍ ସିଏସଆର), ମନୋରଞ୍ଜନ ବେହେରା (ଡେପୁଟି ମ୍ୟାନେଜର ସିଏସଆର) ଏବଂ ସଙ୍ଗୀତା କିସାନ (ଏମବିକେ ବୋମାଲୋଇ) ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣରେ ୩୫ ଜଣ ଅଂଶଗ୍ରହଣ କରି ଅଳଙ୍କାର ତିଆରି ଦକ୍ଷତା ଅର୍ଜନ କରିଥିଲେ। ପ୍ରଶିକ୍ଷଣ ମାଧ୍ୟମରେ ସେମାନେ ଘରୋଇ ଭାବେ ବ୍ୟବସାୟ ଆରମ୍ଭ କରିବା ସହ ଆର୍ଥିକ ସ୍ୱାବଲମ୍ବନ ଦିଗରେ ଆଗକୁ ବଢ଼ିବେ ବୋଲି ଆଶା କରାଯାଉଛି। ଏହି ପ୍ରୟାସ ମାଧ୍ୟମରେ କମ୍ପାନୀ ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# କଫ୍‌ସିରପ, ମଦ ଜବତ: ଜଣେ ଗିରଫ

ସମ୍ବଲପୁର,୪।୫ (ପ୍ରମୋଦ ବହିଦାର):

ବୁର୍ଲା ଥାନା ଅନ୍ତର୍ଗତ ଅଟାଚକିପଡ଼ାରେ ଚଢ଼ାଉ କରି ପୋଲିସ ବ୍ୟାପକ ପରମାଣର ନିଶା କଫ୍‌ସିରପ ଓ ମଦ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣେ ହେଲେ ବୁର୍ଲା ଥାନା ଅନ୍ତର୍ଗତ ଅଟାଚକିପଡ଼ା ଅଞ୍ଚଳର ବିରାଜ ରାଜ୍ (୩୫)। ତାଙ୍କଠାରୁ ଏକ ବୋତଲରେ ପ୍ରାୟ ୭୫୦ ମିଲିଲିଟର ନକଲି କଫ୍‌ସିରପ୍ ପରି ଦେଖାଯାଉଥିବା ଏକ ତରଳ ପଦାର୍ଥ, ଶହେ ମିଲିଲିଟର ବିଶିଷ୍ଟ ୨୭ ବୋତଲ ସିଲ୍ଡ ନିଶା କଫ୍‌ସିରପ୍ (ଏସ୍‌କୁଫ୍), ୩ଟି ଖୋଲା କଫ୍‌ସିରପ୍, ୪ଟି ଖାଲି ବୋତଲ ସମେତ ଗୋଟିଏ ଷ୍ଟ୍ରିପ୍ ନିଶା ବଟିକା ଏବଂ ୨ଶହ ମିଲିଲିଟର ବିଶିଷ୍ଟ ୨୯ଟି କିଙ୍ଗଫିସର ମଦ ପାଉଚ୍ ଜବତ କରାଯାଇଛି। ତେବେ ଜବତ ହୋଇଥିବା ସମସ୍ତ କଫ୍‌ସିରପ୍ ବୋତଲରେ କୌଣସି ବ୍ୟାଚ୍ ନମ୍ବର ନ ଥିବାରୁ ଏହା ନକଲି ବୋଲି ପୋଲିସ ଅନୁମାନ କରୁଛି। ରବିବାର ବିଳମ୍ବିତ ରାତିରେ ପୋଲିସ ଏହି ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ପୋଲିସ ନଂ. ୧୯୬/୨୬ରେ ମାମଲା ରୁଜୁ କରି ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହାସହ ପୋଲିସ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଛି।



ଗିରଫ ଅଭିଯୁକ୍ତ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦେଲେ ଦାବିପତ୍ର

ସମ୍ବଲପୁର, ୪।୫(ପ୍ରମୋଦ ବହିଦାର):

ଦୀର୍ଘଦିନରୁ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାରେ ଜର୍ଜରିତ ସାକ୍ଷୀପଡ଼ା ନୂଆ ବ୍ୟାଙ୍କ କଲୋନିବାସୀ ସୋମବାର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ବଲପୁର ମହାନଗର ନିଗମ(ଏସ୍ଏମ୍ସି) ଅନ୍ତର୍ଗତ ୱାର୍ଡ ନମ୍ବର ୩୦ର ନୂଆ ବ୍ୟାଙ୍କ କଲୋନି ବାସିନ୍ଦା ବିଭିନ୍ନ ମୌଳିକ ସମସ୍ୟା ମଧ୍ୟ ଦେଇ ଗତି କରୁଥିବା ବେଳେ ଏହାର ସମାଧାନ ପାଇଁ ଦୀର୍ଘଦିନ ହେଲା ଏସ୍ଏମ୍ସି ଆୟୁକ୍ତଙ୍କଠାରୁ ଆରମ୍ଭକରି ଜିଲା ପ୍ରଶାସନଙ୍କୁ ଗୁହାରି କରି ସାରିଛନ୍ତି। ହେଲେ ଏପର୍ଯ୍ୟନ୍ତ ସମସ୍ୟାର ସାମାଧାନ ହୋଇନାହିଁ। ତେଣୁ ସୋମବାର କଞ୍ଚନ କୁମାର ଶତପଥୀଙ୍କ ନେତୃତ୍ୱରେ କଲୋନି ବାସିନ୍ଦାଙ୍କ ଏକ ପ୍ରତିନିଧି ଧନକଉଡ଼ା ବ୍ଲକ୍‌ରେ ଯୁଗ୍ମ ଜନଶୁଣାଣିରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତକରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉକ୍ତ ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟତଃ କଲୋନିରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ଏବଂ ଡ୍ରେନେଜ୍ ବ୍ୟବସ୍ଥାର ସୁଧାର ପାଇଁ କଲୋନିବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ସେମାନେ ଅଭିଯୋଗ କରିଛନ୍ତି, ନୂଆ ବ୍ୟାଙ୍କ କଲୋନିରେ ଉପଯୁକ୍ତ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ନ ଥିବାରୁ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଘଟୁଛି। କମ ଭୋଲ୍‌ଟେଜ୍ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସହ ଅଞ୍ଚଳରେ ନର୍ଦ୍ଦମାଜଳ ନିଷ୍କାସନ ପାଇଁ ମୁଖ୍ୟ ନାଳର ମରାମତି ବା ଏହାକୁ ଶାଖା ନାଳ ସହିତ ସଂଯୋଗର ବ୍ୟବସ୍ଥା ହୋଇନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମା ଜଳ ରାସ୍ତା ଉପରେ ପ୍ରବାହିତ ହେବା ସହ ଅଞ୍ଚଳରେ ଲୋକଙ୍କ ଘର ଭିତରେ ପଶୁଛି। ଖାଲି ସେତିକି ନୁହେଁ, ଉତ୍ତରଦିଗରେ ଥିବା ଜଗନ୍ନାଥ କଲୋନିର ନର୍ଦ୍ଦମା ଜଳ ନିଷ୍କାସନ ପାଇଁ ଏଠାରେ ନିର୍ମାଣ ହୋଇଥିବା କଲଭର୍ଟ ଦେଇ ମୁଖ୍ୟ ନାଳରେ ପଡୁଛି। ମରାମତି ଅଭାବରୁ ଏହି ମୁଖ୍ୟ ନାଳରେ ମଧ୍ୟ ନର୍ଦ୍ଦମା ଜଳ ଠିକ୍ ଭାବେ ନିଷ୍କାସନ ହୋଇ ନ ପାରି ଅଞ୍ଚଳରେ ଘରଗୁଡ଼ିକରେ ପଶୁଛି। ଏହା ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ବିପଦ ସୃଷ୍ଟି କରୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ଶୀଘ୍ର ଏକ ନୂତନ ଟ୍ରାନ୍ସଫର୍ମର ସ୍ଥାପନ ସହ ଡ୍ରେନେଜ୍ ବ୍ୟବସ୍ଥାର ଉନ୍ନତୀକରଣ ପାଇଁ କଲୋନିବାସୀ ଦାବିକରି ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି।


ଧନକଉଡ଼ା ବ୍ଲକ୍‌ରେ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରୁଛନ୍ତି ସାକ୍ଷୀପଡ଼ା ନୂଆ ବ୍ୟାଙ୍କ କଲୋନିବାସୀ।

■ସାକ୍ଷୀପଡ଼ା ବ୍ୟାଙ୍କ କଲୋନିରେ ବିଦ୍ୟୁତ୍, ପରିମଳ ସମସ୍ୟା ଗୁରୁତର

# ମୁମ୍ବାଇର ଆକ୍ଟିଭ ଟିମକୁ ୪-୦ ଗୋଲରେ ପରାସ୍ତ କଲା ସମଲେଶ୍ୱରୀ ସ୍ପୋର୍ଟିଂ

## ମଣିପୁରରେ ସର୍ବଭାରତୀୟ ଥାର୍ଡ ଡିଭିଜନ ଆଇ ଲିଗ

ସମ୍ବଲପୁର,୪।୫(ବି.ଶଙ୍କର)

ଅଲ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ ପକ୍ଷରୁ ଆୟୋଜିତ ସର୍ବ ଭରତୀୟ ଥାର୍ଡ ଡିଭିଜନ ଇଣ୍ଡିଆନ୍ ପ୍ରିମିୟମ ଲିଗ ଫୁଟବଲ୍ ମ୍ୟାଚ ମଣିପୁରଠାରେ ହେଉଛି। ୨୧ଟି ଟିମକୁ ନେଇ ସମୁଦାୟ ୪ଟି ଗ୍ରୁପରେ ମ୍ୟାଚର ଆୟୋଜନ କରାଯାଇଛି। ଏଥିରେ ଓଡ଼ିଶାର ୨ଟି ଦଳ ଭାଗ ନେଇଛନ୍ତି। ସମ୍ବଲପୁରର ସମଲେଶ୍ୱରୀ ସ୍ପୋର୍ଟିଂ ଓ କଟକର ସନ ରାଇଜ କ୍ଲବ। ଏହାର ୨ଟି ଗ୍ରୁପର ମ୍ୟାଚ ମଣିପୁରଠାରେ ଆୟୋଜିତ ହେଉଛି। ଓଡ଼ିଶାର ୨ ଦଳ ମଣିପୁରରେ ହେଉଥିବା ୨ଟି ଗ୍ରୁପରେ ଅଲଗା ଅଲଗା ଭାଗ ନେଇଛନ୍ତି। ଏହିକ୍ରମରେ ମଣିପୁରର ଇମ୍ଫାଲଠାରେ ସମଲେଶ୍ୱରୀ ସ୍ପୋର୍ଟିଂ ତାର ତୃତୀୟ ମ୍ୟାଚରେ ମୁମ୍ବାଇର ଆକ୍ଟିଭ ଟିମକୁ ୪-୦ ଗୋଲରେ ପରାଜିତ କରି ବିଜୟ ଲାଭ କରିଛି। ସମଲେଶ୍ୱରୀ ସ୍ପୋର୍ଟିଂ ଆଗକୁ ଚତୁର୍ଥ ମ୍ୟାଚରେ ମଣିପୁରର ଟ୍ରାଓ ଟିମ ସହିତ ଖେଳିବ। ମ୍ୟାଚରେ ସମଲେଶ୍ୱରୀ ସ୍ପୋର୍ଟିଂର ଖେଳାଳିମାନଙ୍କ ଚମତ୍କାର ପ୍ରଦର୍ଶନ ଦର୍ଶକ ଓ ଆୟୋଜକଙ୍କୁ ଆକର୍ଷିତ କରିଛି ବୋଲି ସମଲେଶ୍ୱରୀ ସ୍ପୋର୍ଟିଂର ସଭାପତି ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ସମଲେଶ୍ୱରୀ ସ୍ପୋର୍ଟିଂର ୩୦ ଜଣ ଖେଳାଳିଙ୍କୁ ବିଧାୟକ ମିଶ୍ର ନିଜର ତତ୍ତ୍ୱାବଧାନରେ ନେଇ ଯାଇଛନ୍ତି ବୋଲି ମାନସ ରଞ୍ଜନ ବକ୍ସି ସୂଚନା ଦେଇଛନ୍ତି।

# ୪୬ ରୁ ୨ ଅଭିଯୋଗର ତତ୍କାଳ ସମାଧାନ

## ଧନକଉଡ଼ା ବ୍ଲକରେ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ସମ୍ବଲପୁର,୪।୫(ପ୍ରମୋଦ ବହିଦାର):

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୂ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ସେମାନଙ୍କ ଅଭିଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ୪୬ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ୨୭ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ହୋଇଥିବାବେଳେ ୧୯ ଗୋଷ୍ଠୀଗତ ବା ସାମୂହିକ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା। ପ୍ରଶାସନ ପକ୍ଷରୁ ତତ୍କାଳ ପଦକ୍ଷେପ ଗ୍ରହଣ କରାଯାଇ ୨ ଅଭିଯୋଗର ସମାଧାନ କରାଯାଇଛି। ସହାୟତା ରାଶିର ଚେକ୍ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ଆବେଦନଗୁଡ଼ିକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ତଦନ୍ତ କରି ତୁରନ୍ତ ସମାଧାନ ପାଇଁ ପ୍ରେରଣ କରାଯାଇଛି। ଶିବିରରେ ଧନକଉଡ଼ା ବିଡିଓ ଅନିଲ କୁମାର କୁଲୁଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ସହଯୋଗ କରିଥିଲେ।

# ଯୁବତୀଙ୍କୁ ମାଡ଼ମାରି ଯୁବକ ଗିରଫ

ସମ୍ବଲପୁର,୪।୫(ପ୍ରମୋଦ ବହିଦାର):

ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ପରିସରରେ ସର୍ବସମ୍ମୁଖରେ ଜଣେ ଯୁବକଙ୍କ ମାଡ଼ରେ ମୁଦିପଡ଼ା ଅଞ୍ଚଳର ଜଣେ ଯୁବତୀ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ବୁର୍ଲା ବିଷ୍ଣୁ ମନ୍ଦିରପଡ଼ାର ସଦାମ ହୁସେନ ଓରଫ ରାଜ(୨୪)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁସାରେ, ଅଭିଯୁକ୍ତ ରାଜ ଏବଂ ମୁଦିପଡ଼ା ଅଞ୍ଚଳର ପୀଡ଼ିତା ଯୁବତୀଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ରହିଥିଲା। ତେବେ ଶନିବାର ଯୁବକ ଜଣକ ଯୁବତୀଙ୍କୁ ଭେଟିବାକୁ ଆସିଥିବା ବେଳେ ସେ ଅନ୍ୟ କାହାକୁ ଭଲ ପାଉଥିବା ସନ୍ଦେହକରି ଉତ୍କ୍ଷିପ୍ତ ହୋଇପଡ଼ିଥିଲେ। ଚିକିତ୍ସାଳୟ ପରିସରରେ ହିଁ ତାଙ୍କୁ ଆକ୍ରମଣ କରିଥିଲେ। ଏହି ମାଡ଼ରେ ଯୁବତୀ ଜଣକ ଗୁରୁତର ଆହତ ହୋଇଥିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୀଡ଼ିତା ଯୁବତୀଙ୍କ ଏତଲାକ୍ରମେ ସମ୍ବଲପୁର ଟାଉନ ଥାନାରେ ପୋଲିସ ନଂ. ୧୫୫/୨୬ରେ ମାମଲା ରୁଜୁକରି ଅଭିଯୁକ୍ତ ରାଜଙ୍କୁ ଗିରଫ କରିଛି। ରବିବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ସମ୍ବଲପୁର ଗୋଲବଜାରରେ ଭାଜପାର ବିଜୟ ଉତ୍ସବ

## ପଶ୍ଚିମବଙ୍ଗ, ଆସାମ, ପଣ୍ଡିଚେରୀରେ ସଫଳତା


ସମ୍ବଲପୁର ଗୋଲବଜାର ଛକରେ ବିଜୟ ଉତ୍ସବରେ ଭାଜପା ନେତା, କର୍ମକର୍ତ୍ତା।

ସମ୍ବଲପୁର,୪।୫ (ପ୍ରମୋଦ ବହିଦାର):

ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରି ବିଧାନସଭା ନିର୍ବାଚନରେ ଭାଜପାର ସଫଳତା ନେଇ ସମ୍ବଲପୁର ସହରରେ ବିଜୟ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ସହରର ବିଭିନ୍ନ ସ୍ଥାନ ତଥା କରେରିରୋଡ୍‌ସ୍ଥିତ ଭାଜପା କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ଖୁସି ମନାଇଥିଲେ। କର୍ମୀମାନେ ପରସ୍ପରକୁ ଅବିର ଲଗାଇବା ସହ ମିଷ୍ଟାନ୍ନ ବଣ୍ଟନ କରି ବିଜୟର ଶୁଭେଚ୍ଛା ଜଣାଇଥିଲେ। ସନ୍ଧ୍ୟାରେ ସମ୍ବଲପୁରର ସହରର ବ୍ୟସ୍ତବହୁଳ ଗୋଲବଜାର ଛକଠାରେ କର୍ମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ସମ୍ବଲପୁରୀ ବାଦ୍ୟର ତାଳେ ତାଳେ ନାଚିବା ସହ ଆତସବାଜି ଓ ଦଳୀୟ ନାରାବାଜିରେ ସମଗ୍ର ପରିବେଶ ଉତ୍ସବମୁଖର ହୋଇଉଠିଥିଲା। ଏଥିରେ ସମୀର ରଞ୍ଜନ ବାବୁ, ସୁଶାନ୍ତ କୁମାର ପୁରୋହିତ, ମାନସ ରଞ୍ଜନ ବକ୍ସି, ପ୍ରଭୁଦତ୍ତ ପଣ୍ଡା, ଗୁରଦୀପ ସିଂଙ୍କ ସମେତ ବହୁ ବରିଷ୍ଠ ନେତା ସାମିଲ ହୋଇ ଏହି ଐତିହାସିକ ସଫଳତା ପାଇଁ ଦେଶର ଶୀର୍ଷ ନେତୃତ୍ୱ ଓ ସମ୍ପୃକ୍ତ ରାଜ୍ୟର ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ରିକି ବେହେରା, କବିନ୍ଦ୍ର ମାହାପାତ୍ର, ବଳରାମ ମାହାପାତ୍ର, ପୁଷ୍ପାଞ୍ଜଳି ଜେନା, ରୁନୁ ପ୍ରଧାନ, ସୁଜାତା ଗୁରୁଙ୍କ ସମେତ ଶତାଧିକ ମହିଳାପୁରୁଷ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ସ୍ୱାମୀ ହରିହରାନନ୍ଦ ହାଇସ୍କୁଲରେ ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ରେଢ଼ାଖୋଲ,୪।୫ ( ସନ୍ତୋଷ ବଘାର ):

ରେଢ଼ାଖୋଲ ବ୍ଲକ୍ ଲୁହାପଙ୍କସ୍ଥିତ ସ୍ୱାମୀ ହରିହରାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ବେହେରାଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମାରୋହରେ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ବେହେରାଙ୍କ ସମେତ ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ସତ୍ୟନାରାୟଣ ପ୍ରଧାନ ଓ ସମ୍ପାଦକ ବୈରାଗୀ ଖିଲାରିଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ପୂର୍ବରୁ ଅବସର ନେଇଥିବା ଶିକ୍ଷକ ବୈକୁଣ୍ଠ ଚରଣ ସାହୁ, ହେଡ୍ କ୍ଲର୍କ ପ୍ରଦୀପ ପ୍ରଧାନ, ସହକାରୀ କର୍ମଚାରୀ ଅଚ୍ୟୁତାନନ୍ଦ ପ୍ରଧାନ ଏବଂ ଅତୀତରେ ଶିକ୍ଷାଦାନ କରିଥିବା ଅରୁଣ ପ୍ରଧାନ ଓ କ୍ଷୀରୋଦ ପଣ୍ଡାଙ୍କୁ ମଧ୍ୟ ମଞ୍ଚାସୀନ କରାଯାଇ ସେମାନଙ୍କ ମହତ ଶିକ୍ଷାଦାନ ଏବଂ ଅବଦାନ ପାଇଁ ସମସ୍ତଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ପରଲୋକଗତ ଜଗବନ୍ଧୁ ପ୍ରଧାନଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀଙ୍କୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ରଦାନ କରାଯାଇଥିଲା। ପୂର୍ବତନ ଛାତ୍ର ସଂସଦ ସଭାପତି ଅଜୟ କୁମାର ସାହୁ ଓ ସମ୍ପାଦକ ଜୟନ୍ତ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପାଇଁ ଜମି ଦାନ କରିଥିବା ବଦାନ୍ୟ ବ୍ୟକ୍ତି ଓ ନିର୍ମାଣରେ ସହଯୋଗ କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସହକାରୀ ଶିକ୍ଷକ ରମଣୀ ରଞ୍ଜନ ପ୍ରଧାନ ଓ ଅରବିନ୍ଦ ପ୍ରଧାନ ସଭା ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର, ଗ୍ରାମର ପୁରୁଖା ବ୍ୟକ୍ତିଙ୍କ ସମେତ ସଂଗ୍ରାମ କେଶରୀ ପ୍ରଧାନ, ଶାନ୍ତନୁ ପ୍ରଧାନ, ପପୁନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ରକ୍ତଦାନ ଶିବିରରେ ୫୮ ୟୁନିଟ ରକ୍ତ ସଂଗୃହୀତ

ସମ୍ବଲପୁର,୪।୫(ବି.ଶଙ୍କର)

ଗ୍ରୀଷ୍ମ ପ୍ରବାହ ଯୋଗୁ ରକ୍ତର ଘୋର ଅଭାବ ଦେଖା ଦେଇଛି। ଏହାକୁ ଦୂର କରିବାକୁ ଆଦିତ୍ୟ ରୟାଲ ପେଲେସ ଲିଡଭିୟନ ପ୍ରାଇଭେଟ ଲିମିଟେଡ଼ ଏବଂ ସମ୍ବଲ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସୋମବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସମ୍ବଲପୁର ସହରସ୍ଥିତ ଆଦିତ୍ୟ ରୟାଲ ପେଲେସ କଲ୍ୟାଣ ମଣ୍ଡପରେ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ୫୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ଡ.ଶ୍ୟାମ ସୁନ୍ଦର ଧର ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ବୁର୍ଲା ରକ୍ତଭଣ୍ଡାରର କରୁଣାକର ସାହୁ ଏବଂ ଗଣେଶ ପ୍ରଧାନ ରକ୍ତ ସଂଗ୍ରହ କରିଥିଲେ। ସମ୍ବଲର ସଂଯୋଜକ ରାମଦାସ ପଣ୍ଡାଙ୍କର ସଂଯୋଜନାରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଆନନ୍ଦ ଆଜାଡ଼ିୱାଲ, ବାଲାଜୀ ମେହେର, ଅଙ୍କିତ ଷଡ଼ଙ୍ଗୀ ସହଯୋଗ କରିଥିଲେ।

# ବେଆଇନ ପାଣି ପାଇପ ସଂଯୋଗ ବିଚ୍ଛିନ୍ନକଲା ପ୍ରଶାସନ

ନାକଟିଦେଉଳ, ୪।୫(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ୍ ସଦର ମହକୁମା ଗ୍ରାମରେ ବର୍ତ୍ତମାନ ପାନୀୟ ଜଳର ଅଭାବ ଦେଖାଦେଇଥିବା ବେଳେ ଓଭରହେଡ୍ ଟାଙ୍କିରୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହେଉଛି। ହେଲେ କେତେଜଣ ବ୍ୟକ୍ତି ବେଆଇନ ଭାବେ ପାଇପ ଲାଇନରୁ ନିଜ ଘରକୁ ପାଣି ସଂଯୋଗ ଉପରେ ପ୍ରଶାସନ ପକ୍ଷରୁ ସୋମବାର ଚଢ଼ାଉ କରାଯାଇଛି। ଏଥିସହ ଘରକୁ ନିଆଯାଇଥିବା ଏହି ବେଆଇନ ପାଣି ପାଇପ ସଂଯୋଗକୁ ମଧ୍ୟ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବିଚ୍ଛିନ୍ନ କରି ଦିଆଯାଇଛି। ନାକଟିଦେଉଳ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ବହୁ ବ୍ୟକ୍ତି ପାଣି ପାଇପ ଲାଇନରୁ ଘରକୁ ବେଆଇନ ଭାବେ ସଂଯୋଗ ନେଇ ମୋଟର ଲଗାଇ ପାଣି ସବୁ ଶୋଷି ନେଉଥିଲେ। ଫଳରେ ବସ୍ତି ଭିତର ତଳମୁଣ୍ଡ ପର୍ଯ୍ୟନ୍ତ ପାଣି ଠିକ୍ ଭାବେ ପହଞ୍ଚିପାରୁ ନ ଥିବା ପ୍ରଶାସନଠାରେ ଅଭିଯୋଗ ହୋଇଥିଲା। ଏହା ପରେ ସୋମବାର ସକାଳୁ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ନାକଟିଦେଉଳ ତହସିଲଦାର ଅମର ଯଶପ୍ରୀତ ଡୁଙ୍ଗଡୁଙ୍ଗଙ୍କ ଉପସ୍ଥିତିରେ ଏହି ବେଆଇନ ପାଣି ପାଇପ ସଂଯୋଗକୁ ବିଚ୍ଛିନ୍ନ କରାଯାଇଛି। ପ୍ରଥମ ଦିନରେ ମାଟି ତଳେ ନିଆଯାଇଥିବା ୧୨ ବେଆଇନ ପାଣି ପାଇପ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ବେଳେ ବିଡିଓ ଆକାଶ ରଞ୍ଜନ ସାହୁ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ଥାନା ଅଧିକାରୀ ଅମୁନସେନ କିରୋ, ରେଢ଼ାଖୋଲ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଏସ୍‌ଡିଓ ରେସ୍‌ମା କୁଜୁର ଏବଂ କନିଷ୍ଠଯନ୍ତ୍ରୀ ହିମାଂଶୁ ଶେଖର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ମଧ୍ୟ ଏହି ବେଆଇନ ପାଣି ପାଇପ ସଂଯୋଗ ବିଚ୍ଛିନ୍ନ ଅଭିଯାନ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ପାନୀୟ ଜଳ ପାଇପ ଲାଇନରୁ ମୋଟର ଲଗାଇ ଘରକୁ ବେଆଇନ ଭାବେ ଏହି ସଂଯୋଗ ନିଆଯାଇଥିବାରୁ ଗ୍ରାମର ଶେଷମୁଣ୍ଡ ପର୍ଯ୍ୟନ୍ତ ଆବଶ୍ୟକ ପରିମାଣର ପାଣି ପହଞ୍ଚିପାରୁ ନ ଥିଲା। ଫଳରେ ବର୍ତ୍ତମାନ ଖରାଦିନେ ଗ୍ରାମବାସୀ ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଲୋକେ ପ୍ରଶାସନ ଦ୍ୱାରସ୍ଥ ହୋଇ ଏ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ପାନୀୟ ଜଳ ପ୍ରକଳ୍ପରେ ଉତ୍ତ୍ୟକ୍ତ ଲୋକେ ଶୁକ୍ରବାର ସନ୍ଧ୍ୟାରେ ତାଲା ମାରିଥିବା ବେଳେ ଶନିବାର ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ନାକଟିଦେଉଳ ଆସିଥିବାବେଳେ ଗ୍ରାମବାସୀ ଭେଟି ଏହାର ପ୍ରତିକାର ପାଇଁ ଦାବିକରି ପାଣି ପାଇଁ ସେମାନେ କିପରି ହଇରାଣ ହେଉଛନ୍ତି ସେ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ଶୁଣିବା ପରେ ତୁରନ୍ତ ଏହା ଉପରେ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।


ଘରକୁ ବେଆଇନ ସଂଯୋଗ ହୋଇଥିବା ପାଇପକୁ ପ୍ରଶାସନ ପକ୍ଷରୁ ବିଚ୍ଛିନ୍ନ କରାଯାଉଛି।

# ଭାଲୁବାହାଲ ଗାଁକୁ ଛୁଇଁନି ବିକାଶ

ସୁନ୍ଦରଗଡ,୪।୫
(ଜୟ ନାରାୟଣ ମେଣ୍ଢୁଲି)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଁଗୁଡିକର ବିକାଶ ପାଇଁ ବିଭିନ୍ନ ଯୋଜନା ମାନ କାର୍ଯ୍ୟକାରୀ ହେଉଛି। ହେଲେ ଏବେ ମଧ୍ୟ ସୁନ୍ଦରଗଡ ଜିଲାର ଅନେକ ଗାଁକୁ ବିକାଶ ସତେଯେମିତି ଅପହଞ୍ଚ ପାଲଟିଛି। ଜିଲାର ହେମଗିର ବ୍ଲକ ଆଙ୍କେଲବିରା ପଞ୍ଚାୟତର ଭାଲୁବାହାଲ ଗାଁର ମୌଳିକ ସମସ୍ୟା ସହ ବିକାଶ ଏପର୍ଯ୍ୟନ୍ତ ଛୁଇଁନାହିଁ; ଯେଉଁଠାରେ ଆଜିବି ଲୋକେ ରାସ୍ତା, ପାଣି, ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି ମୌଳିକ ସେବାରୁ ବଞ୍ଚିତ ହେଉଛନ୍ତି। ଏହି ଗାଁକୁ ଏପର୍ଯ୍ୟନ୍ତ ଭଲ ରାସ୍ତା ଖଣ୍ଡିଏ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି। ଅଧା ପିଚୁ, ଅଧା ମାଟି ଥିବା ରାସ୍ତା ବର୍ଷା ହେଲେ ମରଣଯନ୍ତା ପାଲଟିଯାଉଛି। ଏହି ରାସ୍ତା ଦେଇ ଭାଲୁବାହାଲ ଓ ବରବାହାଲି ଗାଁର ଲୋକେ ଯିବାକୁ ବାଧ୍ୟ ହୋଇଥାନ୍ତି। ଯେଉଁଠାରେ ଭାଲୁ ବାହାଲରେ ପ୍ରାୟ ୫୫୦ ଲୋକ ବସବାସ କରୁଛନ୍ତି। ଗର୍ଭବତୀ ମହିଳାଙ୍କୁ ହସ୍ପିଟାଲ ଓ ଆପତକାଳୀନ ରୋଗୀମାନଙ୍କୁ ନେବାପାଇଁ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ ବୋଲି ଗ୍ରାମର ଇଲେମ ତିରୋ କହିଛନ୍ତି। ସେହିଭଳି ଏହି ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ସ୍ୱାସ୍ଥ୍ୟସେବା ଦୟନୀୟ ଅବସ୍ଥାରେ ଅଛି। ପିଇବା ପାଣି ସମସ୍ୟାର ସମାଧାନ ହୋଇ ନ ଥିବାରୁ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ଗ୍ରାମବାସୀଙ୍କୁ ଅପେକ୍ଷା କରିବାକୁ ପଡୁଛି। ଏପର୍ଯ୍ୟନ୍ତ ଗାଁରେ ଗୋଷ୍ଠୀ କେନ୍ଦ୍ରଟିଏ ମଧ୍ୟ ନାହିଁ। ଏହି ଗାଁକୁ ବହୁ ବର୍ଷ ଧରି ରାଜସ୍ୱ ଗ୍ରାମର ମାନ୍ୟତା ଦାବି ହେଉଥିଲେ ମଧ୍ୟ ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆ ଯାଉ ନ ଥିବା ଗ୍ରାମବାସୀ ସୁରଜ ସାମାଦ ଅଭିଯୋଗ କରିଛନ୍ତି। ଗାଁର ଅଧିକାଂଶ ପରିବାର ଆଦିବାସୀ ଶ୍ରେଣୀର। ଜଙ୍ଗଲ ଉପରେ ନିର୍ଭର କରି ବଞ୍ଚୁଥିବା ଏହି ଆଦିବାସୀ ଗାଁ ଭାଲୁବାହାଲ ଜିଲା ପ୍ରଶାସନର ନଜର ବାହାରେ। ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି, କିନ୍ତୁ ତୃଣମୂଳ ସ୍ତରରେ ଥିବା ପ୍ରଶାସନିକ ଅଧିକାରୀମାନେ ଗୁରୁତ୍ୱ ଦେଉ ନ ଥିବାରୁ ଭାଲୁବାହାଲ ଭଳି ଗାଁକୁ ବିକାଶ ସାତସପନ ପାଲଟିଛି। ଏ ସମ୍ପର୍କରେ ହେମଗିର ବିଡିଓ ରୀନା ନାଏକଙ୍କୁ ପଚାରିବାରେ, ଏଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


ଭାଲୁବାହାଲ ଗାଁ।

## ଝଡ଼ତୋଫାନରେ ବନ୍ଧମୁଣ୍ଡାରେ ବ୍ୟାପକ କ୍ଷତି



ବନ୍ଧମୁଣ୍ଡା,୪।୫(ସୁବ୍ରତ ଦେ)

**ଭାଙ୍ଗିଲା ରେଳ କ୍ୱାର୍ଟର ଛାତ**

ରବିବାର ରାତି ପ୍ରାୟ ୯ଟା ସମୟରେ ହୋଇଥିବା ଝଡ଼-ତୋଫାନରେ ବନ୍ଧମୁଣ୍ଡାର ବିଭିନ୍ନ ଅଞ୍ଚଳରେ କ୍ଷୟକ୍ଷତି ହୋଇଛି। ବନ୍ଧମୁଣ୍ଡା ସି-ସେକ୍ଟରର ରେଳବାଇ କଲୋନିର କ୍ୱାର୍ଟର ସଂଖ୍ୟା ୧୪୩ ଓ ୧୪୪ ଉପରେ ଏକ ବିଶାଳ ଗଛ ଭାଙ୍ଗି ପଡ଼ିଥିଲା। ଏହା ଫଳରେ ଦୁଇଟି କ୍ୱାର୍ଟର କ୍ଷତିଗ୍ରସ୍ତ ହୋଇଛି। ଏଥିସହ ପାଣି ଟାଙ୍ଗି ମଧ୍ୟ ନଷ୍ଟ ହୋଇଯାଇଛି। ସୋମବାର ସକାଳୁ ରେଳବାଇର ଆଇଓଡବ୍ଲ୍ୟୁ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଭାଙ୍ଗିପଡ଼ିଥିବା ଗଛକୁ କାଟି ହଟାଇଥିଲେ ଓ ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିସହ ବିଭିନ୍ନ ସ୍ଥାନରେ ଅନେକ ଗଛ ବିଦ୍ୟୁତ୍ ତାର ଉପରେ ପଡ଼ି ଯାଇଥିଲା ; ଯାହା ଫଳରେ ଅଞ୍ଚଳରେ ରାତିରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ରହିଥିଲା। ସକାଳେ ବିଦ୍ୟୁତ ବିଭାଗ ମରାମତି କାମ ସମ୍ପୂର୍ଣ୍ଣ କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

## ଭାଜପା କାର୍ଯ୍ୟାଳୟରେ ବିଜୟ ଉତ୍ସବ


ଭାଜପା କର୍ମକର୍ତ୍ତା ଖୁସି ମନାଉଛନ୍ତି।

ଲହୁଣୀପଡ଼ା,୪।୫(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ସ୍ଥିତ ଭାଜପା କାର୍ଯ୍ୟାଳୟରେ ସୋମବାର ସନ୍ଧ୍ୟାରେ ପଶ୍ଚିମ ବଙ୍ଗ, ଆସାମ, ପଣ୍ଡିଚେରୀ ବିଧାନସଭା ନିର୍ବାଚନରେ ଭାଜପାର ବିପୁଳ ବିଜୟ ପରେ ରାଉରକେଲା ସାଙ୍ଗଠନିକ ଜିଲା ଲହୁଣୀପଡ଼ା ଭାଜପା ମଣ୍ଡଳ ତରଫରୁ ଧୁମଧାମରେ ବିଜୟ ଉତ୍ସବ ପାଳିତ ହୋଇଯାଇଛି। ଲହୁଣୀପଡା ମଣ୍ଡଳ ସଭାପତି ପୂର୍ଣ୍ଣ ଚନ୍ଦ୍ର ଓରାମଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ଦଳୀୟ କର୍ମୀମାନେ ଯୋଗଦେଇ ଉଲ୍ଲାସ ପ୍ରକାଶ କରିଥିଲେ। କର୍ମୀମାନେ ଫଟକା ଫୁଟାଇ ଏବଂ ମିଠା ବଣ୍ଟନ କରି ଖୁସି ବ୍ୟକ୍ତ କରିଥିଲେ। ଏହି ବିଜୟ ଦଳର ନୀତି, ଆଦର୍ଶ ଓ କର୍ମୀମାନଙ୍କ ଅକ୍ଷୟ ପ୍ରୟାସର ପରିଣାମ। ଆଗାମୀ ଦିନରେ ଦଳକୁ ଆହୁରି ସୁଦୃଢ଼ କରିବା ସହ ଜନସେବାରେ ନିୟୋଜିତ ରହିବାକୁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା। ଜୟଧ୍ୱନି ଓ ଉତ୍ସାହମୟ ପରିବେଶ ମଧ୍ୟରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଲହୁଣୀପଡ଼ା ପୂର୍ବତନ ମଣ୍ଡଳ ସଭାପତି ନାରାୟଣ କୁମ୍ଭାର, ନମିତା ମାହାନ୍ତ, ନରେନ୍ଦ୍ର କିଷାନ, ଅର୍ଜୁନ ମୋହନ କିଷାନ, କିରଣ କାଲୋ, ରାଜେଶ ଜୟସୱାଲ, ଡିଲେଶ୍ୱର ମାହାନ୍ତ, ତପୁ କିଷାନ ପ୍ରମୁଖଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଜଳିଗଲା ଗୋରୁ ବୋଝେଇ ପିକ୍ଅପ୍ ଭ୍ୟାନ

**ବର୍ତ୍ତିଲେ ଚାଳକ,୧୦ ଗୋରୁ**

ଲହୁଣୀପଡ଼ା,୪।୫(ଦାଶରଥି ପଣ୍ଡା)

ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ଦର୍ଜାଂ ଟୋଲ ପ୍ଲାଜା ନିକଟସ୍ଥ ଆମରୁଡି ପୋଲ ଉପରେ ସୋମବାର ସକାଳ ପ୍ରାୟ ୫ ଟା ସମୟରେ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ଗାଡ଼ି ଚାଳକ ଓ ବୋଝେଇ ହୋଇଥିବା ୧୦ ଗୋରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନାରୁ ପ୍ରକାଶ ଯେ, ୧୪୩ ନମ୍ବର ଜାତୀୟ ରାଜପଥରେ ବେନିୟମ ଭାବେ ଗୋରୁ ବୋଝେଇ ଓଡି-୧୪ଏଏ -୩୧୯୧ ପିକଅପ ଭ୍ୟାନ ରାଜାମୁଣ୍ଡା ପଟରୁ ରାଉରକେଲା ପଟେ ଯାଉଥିବା ବେଳେ ଗାଡ଼ିରେ ହଠାତ୍ ନିଆଁ ଲାଗିଯାଇଥିଲା। ଚାଳକ ଗାଡିକୁ ସାଇଡ କରି ଛିଡ଼ା କରି ଦେଇଥିଲେ। ଭୟରେ ଚାଳକ ଓ ହେଲପର ଗାଡିରୁ ଡେଇଁ ଦୌଡ଼ ପଳାଇଥିଲେ। ସ୍ଥାନୀୟ ଲୋକ ଦେଖିବା ପରେ ଗାଡ଼ିରୁ ଗୋରୁଙ୍କୁ ବାହାର କରିବା ସହିତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁ କୁ ଲିଭାଇ ଥିଲେ ହେଁ ଗାଡିଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା।



## ଶୀତଳଷଷ୍ଠୀ ପାଇଁ ପ୍ରସ୍ତୁତି ଆରମ୍ଭ

ବଣାଇଁ,୪।୫(ପ୍ରଦୀପ ତ୍ରିପାଠୀ )

ପବିତ୍ର ଶୀତଳଷଷ୍ଠୀ ଉତ୍ସବ ପାଇଁ ପ୍ରସିଦ୍ଧ ଶୈବପିଠ ବାବା ବାଣେଶର ମନ୍ଦିର ପରିସରରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୁନ ୧୮ରେ ଶିବ ବିବାହ ଓ ୧୯ ତାରିଖରେ ଶୀତଳଷଷ୍ଠୀ ଉତ୍ସବ ପାଳିତ ହେବ। ଏହାକୁ ମହା ସମାରୋହରେ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତବର୍ଷ ଶିବ ବିବାହ କାର୍ଯ୍ୟ ବର ପିତା ଭାବେ ସପନ କୁମାର ଦାଶ, ମାତା ଭାବେ ନୀତୁରାଣୀ ଦାଶ ସମ୍ପନ୍ନ କରିବେ। ସେହିଭଳି କନ୍ୟା ପିତା ଭାବେ ରାଜୁ ପୃଷେଠ ଓ ମାତା ଭାବେ କବିତା ସାହୁ କନ୍ୟାଦାନ କରିବା ସ୍ଥିରୀକୃତ ହୋଇଛି। ବାବା ବାଣେଶର ମନ୍ଦିର ଉନ୍ନୟନ କମିଟି ସମ୍ପାଦକ ମହେଶ୍ୱର ସାହୁଙ୍କ ବିବୃତ୍ତି ଅନୁଯାୟୀ, ମେ ୭ତାରିଖ ଗୁରୁବାର ପତ୍ରପେଣ୍ଡି (ସଂକଳ୍ପ) ଉତ୍ସବ ମା' ବାସୁଳୀଙ୍କ ମନ୍ଦିରରେ ସମ୍ପନ୍ନ ହେବାକୁ ଥିବା ବେଳେ ମେ ୧୦ ତାରିଖ ରବିବାର ବରପକ୍ଷ କନ୍ୟାପକ୍ଷ ଘରକୁ ଘରଦେଖି ଯିବା, ମେ ୧୩ ତାରିଖରେ କନ୍ୟାପକ୍ଷ ତରଫରୁ ବରଘରକୁ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିଭଳି ଚଳିତ ବର୍ଷ ୨ଟି ଜ୍ୟୋଷ୍ଠ ମାସ ପଡୁ ଥିବାରୁ (ମଳ ମାସ) ସରିବା ପରେ ଜୁନ ୧୭ରେ ଶିବ ପାର୍ବତୀଙ୍କୁ ମନ୍ଦିରରୁ ଅଣାଯାଇ ମଙ୍ଗଳକୃତ୍ୟ ସମ୍ପର୍ଣ୍ଣ ହେବ। ଶେଷରେ ଜୁନ ୧୮ ତାରିଖରେ ଶିବ ବିବାହ ପାଇଁ ବାବା ବାଣେଶର ମନ୍ଦିରରୁ ବରଯାତ୍ରୀ ବଣାଇଁ ସ୍ଥିତ ମା' ବାସୁଳୀ ମନ୍ଦିରକୁ ଯାଇ ବିବାହ କରିବେ। ଜୁନ ୧୯ ତାରିଖରେ ଶିବ ପାର୍ବତୀଙ୍କ ପ୍ରତ୍ୟାବର୍ତ୍ତନ ଯାହା ଶୀତଳଷଷ୍ଠୀ ଯାତ୍ରା ଭାବେ ପରିଚିତ। ସନ୍ଧ୍ୟା ୭ରୁ ଆରମ୍ଭ ହୋଇ ନଗର ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି । ପରେ ଜୁନ ୨୧ ତାରିଖରେ ଚତୁର୍ଥୀ କର୍ମ ଓ ପ୍ରସାଦ ସେବନ, ଜୁନ ୨୫ରେ ଅଷ୍ଟ ମଙ୍ଗଳା ପୂଜା, ବନ୍ଦାପନା ଓ କ୍ଷୀରି ଭୋଗରେ କାର୍ଯ୍ୟକ୍ରମ ସମାପନ ହେବାକୁ ଥିବା ନେଇ ସେ ପ୍ରଦତ୍ତ ପ୍ରେସ୍ ବିବୃତ୍ତିରେ ପ୍ରକାଶ କରିଛନ୍ତି ।

## ୟୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ଲହୁଣୀପଡା,୪।୫(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅନ୍ତର୍ଗତ ଲୁଙ୍ଗା ଗ୍ରାମର ଜଣେ ଯୁବକଙ୍କ ରବିବାର ସନ୍ଧ୍ୟାରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରଦୀପ କୁମାର ମୁଣ୍ଡା(୩୨)। ସୂଚନାରୁ ପ୍ରକାଶ ଯେ, ଲୁଙ୍ଗା ଗ୍ରାମର ପ୍ରଦୀପ ରବିବାର ସନ୍ଧ୍ୟାରେ ନିଜ ଘର ସମ୍ମୁଖରେ ବୁଲାବୁଲି କରୁଥିବା ବେଳେ ହଠାତ ଅସୁସ୍ଥତା ଅନୁଭବ କରିଥିଲା। ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ବଣେଇ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ମହୁଲପଦା ପୋଲିସ ସୋମବାର ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

## ବିଶିଷ୍ଟ ଜନନେତା ସତ୍ୟପ୍ରିୟ ମହାନ୍ତିଙ୍କ ସ୍ମୃତିସଭା


ସ୍ମୃତିସଭାରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ରାଉରକେଲା,୪।୫(ସଙ୍ଗୀତା ଜେନା)

ଏସୟୁସିଆଇ (କମ୍ୟୁନିଷ୍ଟ) ସୁନ୍ଦରଗଡ ଜିଲା କମିଟିର ବରିଷ୍ଠ ସଦସ୍ୟ ତଥା କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଏଆଇୟୁଟିୟୁସି ଓଡିଶା ରାଜ୍ୟ କମିଟିର ଅନ୍ୟତମ ଉପ ସଭାପତି, ରାଉରକେଲା ୱାର୍କର୍ସ ୟୁନିୟନର କାର୍ଯ୍ୟକାରୀ ସଭାପତି କମ୍ରେଡ ସତ୍ୟପ୍ରିୟ ମହାନ୍ତିଙ୍କ ଗତ ୨୦ରେ ରାଉରକେଲା ଆଇଜିଏଚରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହେଇଥିଲା। ତାଙ୍କ ବିୟୋଗରେ ଏସୟୁସିଆଇ ସୁନ୍ଦରଗଡ ଜିଲା କମିଟି ପକ୍ଷରୁ ଏକ ସ୍ମୃତି ସଭା ରବିବାର ସନ୍ଧ୍ୟା ୬ଟା ରେ ସେକ୍ଟର ୬ବସ୍ତିଆ ଭବନରେ ଅନୁଷ୍ଠିତ ହୋଇଥିଲା। କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟା କମ୍ରେଡ ଛବି ମହାନ୍ତିଙ୍କ ସଭାପତିତ୍ୱରେ ସ୍ମୃତି ସଭା ଅନୁଷ୍ଠିତ ହେଇଥିଲା। ରାଉରକେଲାର ବିଭିନ୍ନ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ, ରାଜନୈତିକ ଦଳ, ଟ୍ରେଡ ୟୁନିୟନ ସଂଗଠନର ପ୍ରତିନିଧିଙ୍କ ସମେତ ଛାତ୍ର, ଯୁବକ, ମହିଳା, ଶ୍ରମିକ କୃଷକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କମିଟିର ବରିଷ୍ଠ ସଦସ୍ୟ ବିଷ୍ଣୁ ଦାଶ, ସିପିଆଇ ସୁନ୍ଦରଗଡ ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି, ସିପିଆଇଏମ ନେତା ଶ୍ରୀମନ୍ତ ବେହେରା, ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ସିଅର ସଭାପତି ବୈଦ୍ୟନାଥ ଦାଶ, ଏଆଇୟୁଟିୟୁସି ସୁନ୍ଦରଗଡ ଜିଲା ସମ୍ପାଦକ ବିଷ୍ଣୁ ପଣ୍ଡା, ପ୍ରାବନ୍ଧିକ ଗଗନ ବିହାରୀ ଧଳ, ରାଉରକେଲା ବାର ଆସୋସିଏଶନ ସଭାପତି ସଦାନନ୍ଦ ସାହୁ , ଏଚଏମଏସ ନେତା ଦିଗମ୍ବର ମହାନ୍ତି, ଆଦର୍ଶ ପାଠାଗାରର ସାଧାରଣ ସମ୍ପାଦକ ସୁକାନ୍ତ ଖୁଣ୍ଟିଆ, ସୁରେନ୍ଦ୍ର ଦାଶ ପ୍ରମୁଖ ମହାନ୍ତିଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ। ମହାନ୍ତିଙ୍କ ଫଟୋ ଚିତ୍ରରେ ଏସୟୁସିଆଇ ସୁନ୍ଦରଗଡ ଜିଲା ସମ୍ପାଦକ ଅଜିତ ନାୟକ,ଶ୍ରୀନିବାସ ସେଠୀ, କିନୁ ଲୋହାର, ଜଷ୍ଟିନ ଲୁଗୁନ,କୈଳାସ ନାୟକ, ମାଙ୍ଗେ ଏକ୍କା, ରାଜକିଶୋର ପ୍ରଧାନ, ଜ୍ୟୋଷ୍ଠ ପୁତ୍ର ସୂର୍ଯ୍ୟ ମହାନ୍ତି, ଧୋବେଇ ବେହେରା,ସନ୍ତୋଷ କୁମାର ବେହେରା, ଶୈଳେନ୍ଦ୍ର ମହାନ୍ତି ,ପିତବାସ ପ୍ରଧାନ, ବିମଳ ବାନାର୍ଜି ଲକ୍ଷ୍ମୀ ସୋନା ,ଦାମୋଦର ଦାଶ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅଜିତ ନାୟକ ଶ୍ରଦ୍ଧାଞ୍ଜଳି ପାଠ କରିଥିଲେ। ସଭା ପ୍ରାରମ୍ଭରେ ଏ ଯୁଗର ବିଶିଷ୍ଟ ମାର୍କସବାଦୀ ଚିନ୍ତାନାୟକ ସର୍ବହରାର ମହାନ ନେତା କମ୍ରେଡ ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ଗାନ କରାଯାଇଥିଲା। ପରେ ସତ୍ୟପ୍ରିୟ ମହାନ୍ତିଙ୍କ ସ୍ମୃତିରେ ୨ ମିନିଟ ନୀରବତା ଅବଲମ୍ବନ କରାଯାଇଥିଲା। ଶେଷରେ ଆନ୍ତର୍ଜାତିକ ସଂଗୀତ ପରିବେଷଣ ହେଇଥିଲା।

## ୩୧ ଅଭିଯୋଗ ଶୁଣିଲେ ଜିଲାପାଳ

ରାଉରକେଲା,୪।୫(ଦିନେଶ ମିଶ୍ର)

**ରାଉରକେଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି**

ରାଉରକେଲା ମହାନଗର ନିଗମ (ଆର୍ଏମ୍ସି) ସମ୍ମିଳନୀ କକ୍ଷରେ ସୋମବାର ଆର୍ଏମ୍ସି କମିଶନର ଦୀନା ଦସ୍ତଗୀରଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ସୁନ୍ଦରଗଡ ଜିଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏହି ଜନଶୁଣାଣି ଶିବିରରେ ସମୁଦାୟ ୩୧ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ ୪ଟି ସାମୂହିକ ରହିଥିଲା। ସେହିଭଳି ଶିବିରରେ ୮ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଚିକିତ୍ସା ସହାୟତା ପ୍ରଦାନ ସହ ୫ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଅଧିକ ଚିକିତ୍ସା ନିମନ୍ତେ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ଆର୍ଏମ୍ସି ଉପଆୟୁକ୍ତ ଅନୀତା ନାୟକ, ପଲ୍ଲବୀ ନାୟକ, ଉପ ପୌର ଆୟୁକ୍ତ ତୁରଣକାନ୍ତ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକ, ଆର୍ଡିଏ ସେକ୍ରେଟାରୀ ଲଙ୍କେଶ୍ୱର ଅମାତ, ରାଉରକେଲା ତହସିଲଦାର ସାଲେନି ମାଝୀଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।


ଶିବିରରେ ଲୋକଙ୍କ ଅଭିଯୋଗର ଶୁଣାଣି କରାଯାଉଛି।

## ଅସହାୟଙ୍କ ମୃତଦେହ ଦାହକଲେ ଟିମ୍ ଶ୍ମଶାନବନ୍ଧୁ

ସୁନ୍ଦରଗଡ,୪।୫(ଜୟ ନାରାୟଣ ମେଣ୍ଢୁଲି)

ସଦର ଥାନା ଅନ୍ତର୍ଗତ ଜଗତଗଡ ଠାରେ ରବିବାର କାର ଦୁର୍ଘଟଣାରେ ରତନପୁର ଗ୍ରାମର ୬୫ ବର୍ଷୀୟ ମକରଧ୍ୱଜ ପ୍ରଧାନଙ୍କ ସୋମବାର ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟି ଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ସତ୍କାର ପାଇଁ ସମସ୍ୟା ଉପୁଜିଥିଲା। କରମଡିହି ଠାରେ ରହୁଥିବା ମକରଧ୍ୱଜଙ୍କ ଝିଅ ଅସହାୟ ହୋଇ କେମିତି ସତ୍କାର କରିବେ ଚିନ୍ତାରେ ପଡିଯାଇ ଥିଲେ। କରମଡିହିର ଯୁବକ ସୁଦୀପ୍ତ ପଟେଲ ଟିମ ଶ୍ମଶାନ ବନ୍ଧୁର ସଦସ୍ୟମାନଙ୍କ ସହଯୋଗ ଲୋଡିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଟିମ ସଦସ୍ୟମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ମକରଧ୍ୱଜଙ୍କ ମୃତଦେହକୁ ସୁନ୍ଦରଗଡ ସ୍ୱର୍ଗଦ୍ୱାର କୁ ଆଣି ଶେଷକୃତ ସମ୍ପନ୍ନ କରିଥିଲେ। ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏଶନ ତରଫରୁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଥିଲା।

## ୨୬ତମ ସନ୍ତରଣ ପ୍ରତିଯୋଗିତା ଉଦ୍ଯାପିତ



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ରାଉରକେଲା,୪।୫(ଦିନେଶ ମିଶ୍ର)

ସେକ୍ଟର-୩ସ୍ଥିତ ରାଉରକେଲା କ୍ଲବ ପରିସରରେ ସୋମବାର ୟୁଥ ହଷ୍ଟେଲ ଆସୋସିଏଶନ ରାଉରକେଲା ୟୁନିଟ୍ ଓ ରାଉରକେଲା କ୍ଲବର ମିଳିତ ଆନୁକୂଲ୍ୟରେ ଚାଲିଥିବା ୨୬ତମ ସନ୍ତରଣ ପ୍ରତିଯୋଗିତା ଉଦ୍ଯାପିତ ହୋଇଯାଇଛି। ୟୁଥ୍ ହଷ୍ଟେଲ ଆସୋସିଏଶନ ରାଉରକେଲା ୟୁନିଟ୍ର ସଭାପତି ପ୍ରତାପ କୁମାର ସ୍ୱାଇଁ ଓ ଚେୟାରମ୍ୟାନ ବୁଦ୍ଧଦେବ ବାସୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଆର୍ଏସ୍ପିର ଇଡିଏମ୍ ଅନୀଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ କନିଷ୍ଠ ବର୍ଗରୁ ନେଇ ୬୦ ବର୍ଷ ପର୍ଯ୍ୟନ୍ତ ୪ଟି ଗ୍ରୁପ୍ରେ ବିଭିନ୍ନ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ସନ୍ତରଣ ପ୍ରତିଯୋଗିତାରେ ୭୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୟୁଥ୍ ହଷ୍ଟେଲ ଆସୋସିଏଶନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ୱାଇଏଚ୍ଏଆଇର ସେକ୍ରେଟାରୀ ନିରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଝାଲମୁଢ଼ି ଖାଇ ବିଜୟ ଉତ୍ସବ ମନାଇଲା ଜିଲା ଭାଜପା

ସୁନ୍ଦରଗଡ,୪।୫
(ଜୟ ନାରାୟଣ ମେଣ୍ଢୁଲି)

ଚଳିତ ସାଧାରଣ ବିଧାନସଭା ନିର୍ବାଚନରେ ପଶ୍ଚିମବଙ୍ଗ, ଆସାମ ଓ ପଣ୍ଡିଚେରୀରେ ଭାରତୀୟ ଜନତା ପାର୍ଟିର ଐତିହାସିକ ବିଜୟ ଲାଭ ପରିପ୍ରେକ୍ଷୀରେ ସୋମବାର ସନ୍ଧ୍ୟାରେ ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ପକ୍ଷରୁ ବିଜୟ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଅଟଳ ଛକ ଠାରେ ଜିଲା ସଭାପତି ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏହି ବିଜୟ ଉତ୍ସବ ପାଳିତ ହୋଇଥିଲା। ଦଳୀୟ କର୍ମୀମାନେ ବାଜା ବାଣ ସହ ପରସ୍ପରକୁ ମିଷ୍ଟାନ, ଝାଲମୁଢ଼ି ଖୁଆଇଥିଲେ। ଏହି କାର୍ଯ୍ୟକ୍ରମରେ ପୌରପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ସୁରେନ୍ଦ୍ର ଭିତ୍ରିଆ, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ନଗର ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ସାହୁ, ରୁପେଶ ପଟେଲ, ସୁରେନ୍ଦ୍ର ଦେହୁରୀ, ଭେଷଜ ରଥ, ଧ୍ରୁବ କାଲୋ, ନୀଳମାଧବ ସାହାଣୀ, ବିରବର ସାହୁ, ବିକାଶ ନାଏକଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମୀ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ। ଗଣମାଧ୍ୟମକୁ ସମ୍ବୋଧିତ କରି ଜିଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ଏବଂ ପୌରାଧ୍ୟକ୍ଷା ତନୟା ମିଶ୍ର ଏହି ବିଜୟ ଦେଶର ଜନତାଙ୍କର ଆଶା ଓ ଆସ୍ଥାର ପ୍ରତିଫଳନ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶରେ ଉନ୍ନତି, ସୁଶାସନ ଓ ଗରିବ କଲ୍ୟାଣର ନୀତିକୁ ଲୋକେ ସ୍ୱୀକାର କରିଛନ୍ତି। ଏହି ଐତିହାସିକ ବିଜୟ ଦଳର କାର୍ଯ୍ୟକର୍ତ୍ତାଙ୍କର ଅଦମ୍ୟ ପରିଶ୍ରମ ଓ ସମର୍ପଣର ଫଳ। ଲୋକେ ଭାଜପାର ନୀତି ଓ ନେତୃତ୍ୱ ଉପରେ ଆସ୍ଥା ରଖିଛନ୍ତି। ଆମେ ସଦା ସମୟରେ ଲୋକସେବାରେ ନିୟୋଜିତ ରହି ଆସନ୍ତା ଦିନରେ ସମଗ୍ର ଭାରତ ବର୍ଷରେ ସୁଶାସନ ଦେଇ ରାମରାଜ୍ୟ ଗଢ଼ିବୁ ବୋଲି ନିଜ ମତ ପୋଷଣ ରଖିଥିଲେ।


ଖୁସି ମନାଉଛନ୍ତି ଭାଜପା ନେତା ଓ କର୍ମୀମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ତ୍ରୀଙ୍କୁ ନିର୍ଯାତନା: ଡାକ୍ତର ସ୍ୱାମୀ ଭୁବନେଶ୍ୱରରୁ ଗିରଫ

**ଭଣ୍ଡାରିପୋଖରୀ,୪।୫(ରାଜେନ୍ଦ୍ର ଶତପଥୀ)**

ସ୍ତ୍ରୀଙ୍କୁ ନିର୍ଯାତନା ଓ ଧୋକା ଦେବା ଅଭିଯୋଗରେ ଜଣେ ଡାକ୍ତରଙ୍କୁ ସୋମବାର ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ତାଙ୍କ ବାସଭବନରୁ ଭଣ୍ଡାରିପୋଖରୀ ପୋଲିସ ଗିରଫ କରିଛି। ଗିରଫ ଡାକ୍ତର ହେଲେ ଜଗତ୍‌ସିଂହପୁର ଜିଲା ଛତ୍ରା, ବଙ୍ଗାଳିସାହିର ଯୁଗାନ୍ତ କୌଶିକ। ତାଙ୍କୁ କୋର୍ଟଚାଲାଣ ପରେ ଭଦ୍ରକ ଜେଲକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତ ଦେଓପଦା ଗ୍ରାମର ଐଶ୍ୱର୍ଯ୍ୟା ନାୟକ(୩୦) ଫେସ୍‌ବୁକରୁ ପରିଚିତ ହୋଇ କୌଶିକଙ୍କୁ ୨୦୨୦ ଜୁନ୍ ୨୬ରେ ବିବାହ କରିଥିଲେ। ଯୁଗାନ୍ତଙ୍କର ପ୍ରଥମ ସ୍ତ୍ରୀଙ୍କ ସହ ଛାଡ଼ପତ୍ର ମାମଲା ବିଚାରାଧୀନ ଥିବା ଓ ଯୁଗାନ୍ତ


ଗିରଫ ଡାକ୍ତର ଯୁଗାନ୍ତ କୌଶିକ

ନିଶାଗ୍ରସ୍ତ ଥିବା ଐଶ୍ୱର୍ଯ୍ୟା ବିବାହ ପରେ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ବୁଝାମଣା ହୋଇଥିଲା। ମାତ୍ର ଐଶ୍ୱର୍ଯ୍ୟା ଗର୍ଭବତୀ ହେବା ପରେ ଯୁଗାନ୍ତ ବଳପୂର୍ବକ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ କରାଇଥିବା ସେ ଅଭିଯୋଗ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁଗାନ୍ତ ତାଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେଇ ଗର୍ଭପାତ କରାଇଥିଲେ। ୨ୟ ବାର ସେ ଗର୍ଭବତୀ ହେବା ପରେ ପୂର୍ବଭଳି ଯୁଗାନ୍ତ ଉଦ୍ୟମ କରିଥିଲେ। ପରେ ସେ ଯାଆଁଳା ପୁଅଝିଅ ଜନ୍ମ ଦେଇଥିଲେ। ଏହା ସତ୍ତ୍ୱେ ଡାକ୍ତର ସ୍ୱାମୀ ଯୁଗାନ୍ତ ବାରମ୍ବାର ଗର୍ଭନିରୋଧକ ବଟିକା ଖାଇବା ପାଇଁ ତାଙ୍କୁ ବାଧ କରୁଥିଲେ। ତାଳଚେରରେ ରହି ଚିକିତ୍ସା କରୁଥିବା ଯୁଗାନ୍ତଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ଥିବା ଐଶ୍ୱର୍ଯ୍ୟା ଜାଣିବା ପରେ କଳହ ବୃଦ୍ଧି ପାଇଥିଲା। ୨୦୨୫ ଅଗଷ୍ଟ ୭ରେ ସେ ବାପଘରକୁ ପଳାଇ ଆସି ଏସ୍‌ପିଙ୍କୁ ଜଣାଇଥିଲେ। ଏନେଇ ଅଭିଯୋଗ ଆଧାରରେ ଗତ ଫେବୃଆରୀ ୮ରେ ଭଣ୍ଡାରିପୋଖରୀ ଥାନାରେ ଯୁଗାନ୍ତଙ୍କ ନାମରେ ଏକ ମାମଲା (ନଂ.୬୨/୨୬) ରୁଜୁ ହୋଇଥିଲା।

# ୨ ହଜାର ଲାଞ୍ଚ ନେଇ ରାଜକନିକା ଥାନା ଏଏସ୍ଆଇ ଗିରଫ

**ରାଜକନିକା,୪।୫(ସଞ୍ଜୟ କୁମାର ଦାଶ)**


ପ୍ରଶାନ୍ତ କୁମାର ପ୍ରଧାନ

କେନ୍ଦ୍ରାପଡା ଜିଲା ରାଜକନିକା ଥାନା ଏଏସ୍ଆଇ ପ୍ରଶାନ୍ତ କୁମାର ପ୍ରଧାନ ଏକ ଜମିବାଡି ମାମଲାର ରିପୋର୍ଟ ଦେବା ପାଇଁ ଲିଳିମା ବାରିକଙ୍କଠାରୁ ୨ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସୋମବାର ଭିଜିଲାନ୍ସ ଟିମ୍ ଦ୍ୱାରା ଗିରଫ ହୋଇଛନ୍ତି।

ସୂଚନା ଅନୁସାରେ, ଭାରିଗଦା ପଞ୍ଚାୟତ ମଙ୍ଗଳପୁର ଗାଁର ଲିଳିମା ଜମିବାଡି ମାମଲାରେ କେନ୍ଦ୍ରାପଡା ଉପଜିଲାପାଳଙ୍କ କୋର୍ଟରେ ଏକ ମାମଲା ଦାଏର କରିଥିଲେ। ଏହାର ତଦନ୍ତ ରିପୋର୍ଟ ଦେବା ଲାଗି ଏଏସ୍ଆଇ ପ୍ରଶାନ୍ତ ତାଙ୍କୁ ୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଲିଳିମା କେନ୍ଦ୍ରାପଡ଼ା ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଡିଏସ୍‌ପି ଭାଗ୍ୟଲକ୍ଷ୍ମୀ କୁଆଁଣଙ୍କ ନେତୃତ୍ୱରେ ଏକ ଟିମ୍ ପୂର୍ବ ପ୍ରସ୍ତୁତି ଅନୁସାରେ ଜଗି ରହିଥିଲା। ଲିଳିମାଙ୍କଠାରୁ ଥାନା ପରିସରରେ ଏଏସ୍ଆଇ ପ୍ରଶାନ୍ତ ସୋମବାର ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଏହାବାଦ ତାଙ୍କ ସରକାରୀ ବାସଭବନକୁ ଯାଇ ଯାଞ୍ଚ କରିଥିଲା। ତାଙ୍କ ନିକଟରୁ କେତେକ ଜରୁରୀ କାଗଜପତ୍ର ଜବତ କରାଯାଇଥିବା ସୂଚନା ମିଳିଛି।

# ରଣ ଟଙ୍କାକୁ ନେଇ ଗୋଷ୍ଠୀ ସଂଘର୍ଷ, ୫ ଆହତ

**ଦିଗପହଣ୍ଡି,୪।୫(ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପଲ୍ଲୀ ସାମନ୍ତରାପୁର ଗ୍ରାମରେ ରବିବାର ରାତିରେ ରଣ ଟଙ୍କାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଘଟିଛି। ଆକ୍ରମଣ ପ୍ରତି ଆକ୍ରମଣରେ ୫ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଗ୍ରାମର ମହେଶ୍ୱର ଗୌଡ଼ ଏବଂ ତାଙ୍କ ପ୍ରତିପକ୍ଷ ଗୋଷ୍ଠୀର ବୁଢୁ ଗୌଡ଼ ଓ ଅନ୍ୟ ୩ ଜଣ ଥିବା ଜଣାପଡିଛି।

ଖବରରୁ ପ୍ରକାଶ, ମହେଶ୍ୱରଙ୍କଠାରୁ ବର୍ଷେ ତଳେ ବୁଢୁ ୫ ହଜାର ଟଙ୍କା ଧାର ନେଇଥିଲେ। ପରବର୍ତ୍ତୀ ସମୟରେ ସେ ଏହି ଟଙ୍କା ଫେରାଇ ନ ଥିଲେ। ମହେଶ୍ୱର ବାରମ୍ବାର ଟଙ୍କା ମାଗିବା ସତ୍ତ୍ୱେ ବୁଢୁ ଶୁଣୁ ନ ଥିଲେ। ଏହାକୁ କେନ୍ଦ୍ରକରି ରବିବାର ରାତି ୮ଟାରେ ବୁଢୁ ଏବଂ ତାଙ୍କ ସମ୍ପର୍କୀୟମାନେ ମହେଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଏହି ଖବର ପ୍ରଚାର ହୋଇଯିବା ପରେ ମହେଶ୍ୱରଙ୍କ ସମ୍ପର୍କୀୟମାନେ ତାଙ୍କ ଘର ନିକଟରେ ଏକାଠି ହୋଇ ରାତି ୯ଟାରେ ସେମାନେ ସଂଘବଦ୍ଧ ହୋଇ ବୁଢୁ ଏବଂ ତାଙ୍କ ସମ୍ପର୍କୀୟମାନଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିରେ ଉଭୟ ଗୋଷ୍ଠୀର ୫ ଜଣ ଆହତ ହୋଇଥିଲେ। ଏସମ୍ପର୍କରେ ଉଭୟ ଗୋଷ୍ଠୀ ପାଟପୁର ଥାନାରେ ଏତଲା ଦେବା ପରେ ନଂ.୧୨୨/୨୬ ଏବଂ ୧୨୩/୨୬ରେ ଦୁଇଟି ମାମଲା ରୁଜୁ ହୋଇଛି। ଆଇଆଇସି ଦୀପ୍ତି ରଞ୍ଜନ ବେହେରା ମାମଲା ରୁଜୁ କରି ଏଏସ୍ଆଇ ସୁଧୀର ନାୟକଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିବା ଜଣାପଡିଛି।

# ମହିଳା ଖବରଦାତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ

## ସରପଞ୍ଚଙ୍କ ସ୍ୱାମୀଙ୍କ ନାମରେ ମାମଲା ରୁଜୁ

**ବାଲିଆପାଳ, ୪।୫(ରାଜଶ୍ରୀ ପାଣିଗ୍ରାହୀ)**

ବାଲେଶ୍ୱର ଜିଲା ବାଲିଆପାଳରେ କାର୍ଯ୍ୟରତ ମହିଳା ଖବରଦାତା ରାଜଶ୍ରୀ ପାଣିଗ୍ରାହୀଙ୍କୁ ବିଭିନ୍ନ ଅଶାଳୀନ ମନ୍ତବ୍ୟ ଏବଂ ଜୀବନରୁ ମାରିଦେବାକୁ ଉଦ୍ୟମ ଅଭିଯୋଗ ହୋଇଛି। ଏନେଇ ମହିଳା ଖବରଦାତା ବାଲିଆପାଳ ଥାନାରେ ଏତଲା ଦେବା ପରେ ସରପଞ୍ଚଙ୍କ ସ୍ୱାମୀଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଛି।

ବାଲିଆପାଳ ବ୍ଲକରେ କିଛି ମାସ ପୂର୍ବରୁ ଏକ ଖବର ପ୍ରକାଶକୁ ନେଇ ମହିଳା ଖବରଦାତାଙ୍କୁ ବ୍ଲକ ପରିସରରେ ଦୁର୍ବ୍ୟବହାର ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ ବାଲିଆପାଳ ସରପଞ୍ଚ ବନଲତା ଦାସଙ୍କ ସ୍ୱାମୀ ହେମନ୍ତ କୁମାର ଦାସ। ଏନେଇ ଅଭିଯୋଗ ହେବା ପରେ ଦାସଙ୍କୁ ବାଲିଆପାଳ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଦାସ ଜାମିନରେ ଆସିବା ପରଠାରୁ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଅନେକ ସମୟରେ ତାଙ୍କୁ ସାମାଜିକ ଗଣମାଧ୍ୟମ, ରାସ୍ତାଘାଟରେ କମେଣ୍ଟ କରିବା ଓ ଜୀବନରୁ ମାରିଦେବାକୁ ଧମକ ଦେବାକୁ ପଛାଉ ନ ଥିଲେ। ଏଭଳି ଘଟଣା ବାରମ୍ବାର ତାଙ୍କ ପ୍ରତି ହେଉଥିବା ସତ୍ତ୍ୱେ ସେ ଚୁପ୍ ରହୁଥିଲେ। କିନ୍ତୁ ଗତ ୨୬ତାରିଖରେ ଜଣେ ପୋଲିସ ଅଫିସରଙ୍କ ସହିତ ଫଟୋପୋଷ୍ଟ କରି ଅଶାଳୀନ ମନ୍ତବ୍ୟ ଦେବା ଓ ୨୭ ତାରିଖ ସନ୍ଧ୍ୟାରେ ସେ ଖବର ସଂଗ୍ରହ କରି ଘରକୁ ଫେରୁଥିବା ବେଳେ ରାସ୍ତାରେ ଦାସ ତାଙ୍କୁ ଏକାକୀ ପାଇ 'ମୋତେ ଜେଲ ପଠାଇଥିଲୁ, ତୋତେ ଜୀବନରୁ ମାରିଦେବି' କହି ତାଙ୍କ ବେକରେ ପକାଇଥିବା ଓଢଣିକୁ ଭିଡିନେଇ ମାରିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ଏକ ବାଇକ୍ ଆସିଯିବାରୁ ସେ ଛାଡ଼ି ପଳାଇଯାଇଥିଲେ। ଏ ନେଇ ଖବରଦାତା ବାଲେଶ୍ୱର ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଥିଲେ। ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ପରେ ହେମନ୍ତ ଦାସଙ୍କ ନାମରେ ଦଫା ୧୨୬ (୨), ୭୯,୧୧୫ (୨), ୨୯୬ ଓ ୩୫୧ (୨)ରେ ମାମଲା(ନଂ. ୨୦୦/୨୬) ରୁଜୁ ହୋଇଛି। ହେଲେ ଏଯାଏ ହାତବାନ୍ଧି ବସିଛି ପୋଲିସ। ଫଳରେ ମହିଳା ଖବରଦାତାଜଣକ କର୍ମକ୍ଷେତ୍ରରେ ନିଜକୁ ଅସହାୟ ମନେ କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ଉକ୍ତ ବ୍ୟକ୍ତିଙ୍କ ନାମରେ ବାଲିଆପାଳ ଓ ସିଂଲା ଥାନାରେ ଏକାଧିକ ମାମଲା ରହିଛି। କିଛି ଦିନ ପୂର୍ବରୁ ବାଲିଆପାଳରେ ମହିଳା ସମାବେଶ କରି ମା'ଙ୍କୁ ସମ୍ମାନ ଓ ମହିଳା ସୁରକ୍ଷା କଥା ସରକାର ଡିଣ୍ଡିମ ପିଟୁଥିବା ବେଳେ ଏଠାରେ ମହିଳା ଖବରଦାତାଙ୍କ ପ୍ରତି ଏଭଳି ବ୍ୟବହାର ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦାସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବାଲିଆପାଳ, ବସ୍ତା, ଲଙ୍ଗଳେଶ୍ୱର ସାମ୍ବାଦିକ ସଂଘ ଏବଂ ଜନନୀ ପରିବାର ଦାବି କରିଛନ୍ତି।

# କେସିସି ବ୍ୟାଙ୍କ ମାଲକାନଗିରି ଶାଖା ପରିଚାଳକ ଗିରଫ

## ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ଅଭିଯୋଗ

**ମାଲକାନଗିରି, ୪।୫ (ଦୁର୍ଯ୍ୟୋଧନ ପାତ୍ର)**

୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରିବା ଅଭିଯୋଗରେ କୋରାପୁଟ ଭିଜିଲାନ୍ସ ସୋମବାର କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (କେସିସି)ର ମାଲକାନଗିରି ଶାଖା ପରିଚାଳକ ସୁଧାଂଶୁ ଖରାଙ୍କୁ ଗିରଫ କରିଛି। କୋରାପୁଟ ଭିଜିଲାନ୍ସ କେସ୍ ନଂ. ୪ ଓ ୫ ପ୍ରକାରେ ଖରାଙ୍କୁ ସୋମବାର ଗିରଫକରି କୋର୍ଟଚାଲାଣ କରାଯାଇଛି। ଏ ସମ୍ବନ୍ଧରେ ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ମାଲକାନଗିରି ଜିଲାର ୫ଟି ଲ୍ୟାମ୍ପ ପ୍ରାଥମିକ ସମବାୟ ସୋସାଇଟିର ଚାଷୀମାନେ ନେଇଥିବା ୧ କୋଟି ୮ଲକ୍ଷ ୭୫ ହଜାର କୃଷି ଋଣ ଟଙ୍କା ଫେରାଇଥିଲେ। ମାଲକାନଗିରି ଶାଖା ପରିଚାଳକ ଖରା ଏହି ଟଙ୍କା କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଶାଖାରେ ଜମା ନ କରି ହଡ଼ପ କରିଥିବା ଜଣାପଡ଼ିଥିଲା। ଗତ ୧୫ ଦିନ ପୂର୍ବେ କେସିସି ବ୍ୟାଙ୍କର ନିର୍ଦ୍ଦେଶକ ଓ ଅନ୍ୟ ଉଚ୍ଚପଦସ୍ଥ ଅଧିକାରୀମାନେ ମାଲକାନଗିରି ଆସି ଏ ସମ୍ବନ୍ଧରେ ତଦନ୍ତ କରିବା ପରେ ପରିଚାଳକ ଖରା ଏହି ଟଙ୍କା ହଡ଼ପ କରିଥିବା ପ୍ରମାଣ ମିଳିଥିଲା।


ସୁଧାଂଶୁ ଖରା

# ୨ ନିଶାସକ୍ତଙ୍କ ମଧ୍ୟରେ ମାର୍‌ପିଟ, ଜଣେ ମୃତ

**ପାତ୍ରପୁର,୪।୫(ଉମା ଚରଣ ନେପାକ)**

ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ସାମନ୍ତିଆପଲ୍ଲୀ ବିଶ୍ରାମାଗାରରେ ରବିବାର ରାତିରେ ୨ଜଣ ନିଶାସକ୍ତଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ଠେଲାପେଲାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସାମନ୍ତିଆପଲ୍ଲୀ ଗ୍ରାମର ଏମ୍. ବୈରାଗୀଙ୍କ ପୁଅ ଏମ୍. ଗୋପୀ(୪୫)। ତାଙ୍କୁ ଆକ୍ରମଣ କରିଥିବା ପଦାଦିଗି ଗ୍ରାମର ବାଳକୃଷ୍ଣ ପାଣିଗ୍ରାହୀଙ୍କୁ ପୋଲିସ ଅଟକ ରଖିଛି।

ରବିବାର ବିଳମ୍ବିତ ରାତିରେ ଜରଡା ଥାନା ପୋଲିସ ପକ୍ଷରୁ ଏଏସ୍ଆଇ କୃଷ୍ଣଚନ୍ଦ୍ର ଭୂୟାଁ ପାଟ୍ରୋଲିଂ କରୁଥିବା ବେଳେ ସାମନ୍ତିଆପଲ୍ଲୀ ବସଷ୍ଟାଣ୍ଡସ୍ଥିତ ବିଶ୍ରାମାଗାରରେ ଜଣେ ବ୍ୟକ୍ତି ରକ୍ତାକ୍ତ ଅବସ୍ଥାରେ ପଡ଼ି ରହିଥିବା ଦେଖିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପୋଲିସ ଗାଡ଼ିରେ ପାତ୍ରପୁର ମେଡିକାଲକୁ ନେଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ସୋମବାର ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ପୋଲିସ ଉକ୍ତ ବିଶ୍ରାମାଗାରରେ ପହଞ୍ଚି ତଦନ୍ତ କରି ପଦାଦିଗି ଗ୍ରାମର ବାଳକୃଷ୍ଣଙ୍କୁ କାବୁ କରିଥିଲା। ବାଳକୃଷ୍ଣ ଓ ଗୋପୀ ରବିବାର ବିଳମ୍ବିତ ରାତିରେ ବିଶ୍ରାମାଗାରରେ ବସି ମଦ୍ୟପାନ କରିଥିଲେ। ନିଶା ହୋଇଯିବା ପରେ ଗୋପୀଙ୍କ ସହିତ ତାଙ୍କର ବଚସାରୁ ଗଣ୍ଡଗୋଳ ହୋଇଥିଲା। ଗୋପିଙ୍କୁ ବାଳକୃଷ୍ଣ ଜୋରରେ ଧକ୍କା ଦେଇଥିଲେ। ତଳେ ପଡ଼ି ତାଙ୍କର ମୃତ୍ୟୁ ଘଟିଛି ବୋଲି ବାଳକୃଷ୍ଣ ସ୍ୱୀକାର କରିଥିବା ପୋଲିସ କହିଛି। ଜରଡା ପୋଲିସ ତାଙ୍କୁ ଥାନାରେ ଅଟକ ରଖି ଅଧିକ ପଚରାଉଚରା କରୁଛି। ଏ ନେଇ ନଂ. ୧୪୪/୨୬ରେ ହତ୍ୟା ମାମଲା ରୁଜୁ କରିଛି। ମୃତଦେହ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ବ୍ୟବଚ୍ଛେଦ କରାଯାଇଛି। ଗ୍ରାମବାସୀଙ୍କ କହିବା ଅନୁସାରେ ଗୋପି ଓ ବାଳକୃଷ୍ଣ ଉଭୟେ ଗରିବ ଶ୍ରେଣୀର। ଗୋପୀ ଗ୍ରାମରେ ଭିକ୍ଷାବୃତ୍ତି କରି ଚଳୁଥିବା ବେଳେ ବାଳକୃଷ୍ଣ ଏକ ହୋଟେଲର କାମ କରୁଥିଲେ।

# ଭାଉଜ ଖଣ୍ଡା ଚୋଟରେ ଦିଅର ଗୁରୁତର

**ବସ୍ତା, ୪।୫ (ହରିଶଙ୍କର ପାଢ଼ୀ)**

ବାଲେଶ୍ୱର ଜିଲା ଅଧୀନ ରୂପ୍‌ସା ଥାନା ମିରିଗୁଣ୍ଡି ଗ୍ରାମରେ ଜମିବାଡି ବିବାଦକୁ ନେଇ ଜଣେ ମହିଳା ଖଣ୍ଡାରେ ତାଙ୍କ ଦିଅରଙ୍କ ମୁଣ୍ଡକୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଛନ୍ତି। ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୌଡ଼ି ପଳାଇ ଆସିଥିବା ବେଳେ ବସ୍ତା ଥାନା ମାଥାନୀ ଛକଠାରେ ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ବସ୍ତା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଲୋକଙ୍କ ସହାୟତାରେ ଯୁବକଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ଓ ପରେ କଟକକୁ ସ୍ଥାନାନ୍ତର କରାଯାଇଛି। ଏନେଇ ତାଙ୍କ ଭଉଣୀ ରୂପସା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

ଗ୍ରାମର ଭଜହରି ବେହେରା ଦୀର୍ଘ ଦିନ ହେବ ଶ୍ୱଶୁର ଘରେ ରହୁଥିବା ବେଳେ ପୂର୍ବରୁ ଜମିବାଡ଼ି ବିବାଦ ଲାଗିରହିଥିଲା। ସୋମବାର ସକାଳେ ତାଙ୍କ ବଡ଼ ଭାଇ ପାଖରେ ରହୁଥିବା ନିଜ ମା'ଙ୍କୁ ଦେଖା କରିବାକୁ ଯାଇଥିବା ବେଳେ ମା'ଙ୍କ ସହିତ ତାଙ୍କ ପୁତୁରା ଦେଖା କରେଇ ଦେଇ ନ ଥିଲେ। ତେବେ ଦେଖା କରେଇବାକୁ ନେଇ ଉଭୟଙ୍କ ମଧ୍ୟରେ କଳହ ଆରମ୍ଭ ହୋଇଥିଲା। ଏହା ଶେଷରେ ଉଗ୍ରରୂପ ଧାରଣ କରିଥିଲା। ଭଜହରିଙ୍କ ଭାଉଜ ଏକ ଖଣ୍ଡାରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ।

# ଅଭିଯୁକ୍ତଙ୍କୁ ୭ବର୍ଷ କାରାଦଣ୍ଡାଦେଶ

## ପ୍ରଶାନ୍ତ ଦେହୁରୀ ହତ୍ୟା ମାମଲା

**ଢେଙ୍କାନାଳ,୪।୫(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା ସୋଗରପଶି ଶବର ସାହିରେ ୨୦୨୩ ମସିହାରେ ଘଟିଥିବା ପ୍ରଶାନ୍ତ ଦେହୁରୀ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ମାମଲାର ଶୁଣାଣି କରୁଥିବା ଢେଙ୍କାନାଳ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ବିକ୍ରମ କେଶରୀ ପଟ୍ଟନାୟକ ମାମଲାର ଅଭିଯୁକ୍ତ ଅଭୟ ଦେହୁରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୭ ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

ଘଟଣାରୁ ଜଣାପଡିଛି, ୪ ଅଗଷ୍ଟ ୨୦୨୩ ରାତି ପ୍ରାୟ ୮ଟାରେ ଅଭିଯୁକ୍ତ ଅଭୟ ହଠାତ୍ ହାତରେ ଏକ କାତିଧରି ଗ୍ରାମ ରାସ୍ତାରେ ଆସୁଥିବା ପ୍ରଶାନ୍ତ ଦେହୁରୀଙ୍କ ଅଟକାଇଥିଲେ। ଏହାପରେ ପ୍ରଶାନ୍ତଙ୍କ ବେକକୁ ଲକ୍ଷ୍ୟକରି କାତିରେ ଚୋଟ ପକାଇଥିଲେ। ଗୁରୁତର ଅବସ୍ଥାରେ ପ୍ରଶାନ୍ତଙ୍କୁ ତାଙ୍କ ଭାଇ ଜନ୍ମେଶ୍ୱର ଦେହୁରୀ ଏବଂ ନିରଞ୍ଜନ ବେହେରା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରଶାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପ୍ରଶାନ୍ତଙ୍କ ସ୍ତ୍ରୀ ଅମ୍ବିକା ଦେହୁରୀ ସଦର ଥାନାରେ ଅଭିଯୋଗ କରିବା ପରେ ନଂ. ୬୫୦/୨୦୨୩ରେ ଏକ ମାମଲା ରୁଜୁ କରାଯାଇଥିଲା। ତତ୍କାଳୀନ ସଦର ଥାନା ଅଧିକାରୀ ପ୍ରଦୀପ ପ୍ରଧାନ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏହି ମାମଲାର ବିଚାର କରି ଏବଂ ସମୁଦାୟ ୮ଜଣଙ୍କ ସାକ୍ଷ୍ୟ ପ୍ରମାଣ, ଡାକ୍ତରୀ ରିପୋର୍ଟ ଓ ଅନ୍ୟ ପ୍ରମାଣପତ୍ରକୁ ଅଧାରକରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ମାମଲାର ଅଭିଯୁକ୍ତ ଅଭୟ ଦେହୁରୀଙ୍କୁ ଦୋଷୀ ସାବ୍ୟସ୍ତ କରି ୭ବର୍ଷ ଜେଲ ଦଣ୍ଡାଦେଶ ସହ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଥିଲେ। ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସତ୍ୟ ନାରାୟଣ ସାହୁ ମାମଲା ପରିଚାଳନା କରିଥିଲେ।


# Classified Everyday
**0674-2580101, 9692975378**




**SALE**

ଭୁବନେଶ୍ୱର ଫୁଲନଖରା, ହଂସପାଳ, ଉତ୍ତରା, ପିପିଲି ଟୋଲଗେଟ୍, ସୁନ୍ଦରପଦା, ପାତ୍ରପଡ଼ା, ତମାଣ୍ଡୋ, ଖଣ୍ଡଗିରିରେ **3BHK Duplex**, ଘରବାରୀ ପ୍ଲଟ୍ ଏବଂ **Flat** ଅଛି। **9658122456.** D-286

Spacious 2BHK-1495sqft./3BHK-2149sqft. flats in Versa Sattva under construction near - Hi-Tech Hospital, Narayana School, Bhubaneswar. Price 1.12cr onwards. Contact: 9777622740, 9777632740. D-120




Construct your dream home @999/-, 1560/- with branded materials, we provide plan approval, free boring (Vastu complaints) SNV Engineering-9439295469. D-212




3BHK flat at Chandrama Complex, Block-A, Unit-III 3BHK flat at Park Tower, Ganga Nagar, Bhubaneswar Contact: 9348491449, 9437062777. D-230

Commercial Space Available: 200 to 1200sqft. suitable for Shop, Office, Bank, or Institute 1500 to 8000sqft. at Rajpath, Bhubaneswar Contact: 9348491449, 9437062777. D-231




All types of physiotherapy and massage. Contact 9556924059 / 7656969134. D-257

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## AFFIDAVIT

By virtue of an affidavit before Executive Magistrate, Puri, No.-3918 dtd.- 11.07.2025, I, Sanjukta Mangaraj, W/o.- Bhikari Charan Mangaraj of Dada Matha Nuasahi, Puri, PIN- 752002 solemnly declare that my previous title Pradhan has been changed to Mangaraj on the ground of title of my husband. D-291

I, Pravati Sahoo, wife of Bichitrananda Sahoo, resident of Kanheipur, P.O.- Bhagatpur, P.S.- Tangi, Dist.- Cuttack-754022, Odisha declare by this affidavit No.193 dtd. 20.12.2025. That now onwards I shall be known as Prabhati Sahoo for all future purposes. D-290

I, Sampada Beura, S/o.- Dadhibaban Beura, Village- Bamara, P.O.-Garadpur, P.S.- Patkura, Dist.- Kendrapara- 754153 declare by affidavit No.- 2959 dtd.- 30.04.2026 before Executive Magistrate, Cuttack that I have changed my name Sampat Beura to Sampada Beura. Henceforth, I shall known as Sampada Beura for all purposes. D-289


**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧
ଶ୍ରୀମତୀ କନକଚମ୍ପା ମେହେର, ଓ.ଏ.ଏସ୍. (ଏସ୍.ଏ.ଜି.)
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର- ୬୦୨/୨୦୧୮
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର- ୫ ଏବଂ ନିୟମ ନମ୍ବର-୨୦ ମୁତାବକ)

ଶ୍ରୀମତୀ ତିଳୋତ୍ତମା ତ୍ରିପାଠୀ ..............ବାଦୀ

ବନାମ

ପ୍ରଫୁଲ୍ଲ କୁମାର ବିଧାର ଓ ଅନ୍ୟମାନେ ......... ପ୍ରତିବାଦୀମାନେ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

ପ୍ରତିବାଦୀ ନଂ-୧. ପ୍ରଫୁଲ୍ଲ କୁମାର ବିଧାର, ପି- ବେଣୁଧର ବିଧାର, ୨. ଜାନକୀ ବେୱା, ସ୍ୱାମୀ- ସ୍ୱର୍ଗତ ସୋମନାଥ ସୁନ୍ଦରା, ୩. ଚମ୍ପା ସୁନ୍ଦରା, ସ୍ୱାମୀ- ଲକ୍ଷ୍ମୀଧର ବାହୁବଳେନ୍ଦ୍ର, ୪. ଚନ୍ଦ୍ରକଳା ସୁନ୍ଦରା, ସ୍ୱାମୀ- ଶରତ ସେନାପତି, ୫. ପ୍ରଭାତୀ ସୁନ୍ଦରା, ସ୍ୱାମୀ- ବିପିନ ପାତ୍ର, ପ୍ରତିବାଦୀ ନଂ.୩, ୪ ଓ ୫ଙ୍କର ପିତା- ସ୍ୱର୍ଗତ ସୋମନାଥ ସୁନ୍ଦରା, ୬. ଲକ୍ଷ୍ମୀଧର ସୁନ୍ଦରା, ପିତା- ହାଡ଼ିବନ୍ଧୁ ସୁନ୍ଦରା, ୭. ନାରଣ ସୁନ୍ଦରା, ପିତା- ହାଡ଼ିବନ୍ଧୁ ସୁନ୍ଦରା, ୮. ପୁରୁଷୋତ୍ତମ ସୁନ୍ଦରା, ପିତା- କାହ୍ନୁ ସୁନ୍ଦରା, ୯. ଅଧିକାରୀ ସୁନ୍ଦରା, ପିତା- କାହ୍ନୁ ସୁନ୍ଦରା, ୧୦. ଭାଗୀରଥି ସୁନ୍ଦରା, ପିତା- ଅନନ୍ତ ବନ୍ଧୁ ସୁନ୍ଦରା, ୧୧. ଦାସରଥି ସୁନ୍ଦରା, ପିତା- ଅନନ୍ତ ବନ୍ଧୁ ସୁନ୍ଦରା, ୧୨. ମରୁଆ ସୁନ୍ଦରା, ସ୍ୱାମୀ- ମହନି ସୁନ୍ଦରା, ୧୩. କୁଞ୍ଜ ସୁନ୍ଦରା, ପିତା- ଗୋପୀ ସୁନ୍ଦରା, ୧୪. ଦିବାକାର ପ୍ରଧାନ, ପିତା- ମଦନ ପ୍ରଧାନ, ୧୫. ଲିଙ୍ଗରାଜ ପ୍ରଧାନ, ପିତା- ମହନ ପ୍ରଧାନ, ପ୍ରତିବାଦୀ ନଂ.୧ରୁ ୧୫ଙ୍କର ଗ୍ରାମ/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା - ଖୋର୍ଦ୍ଧା। ୧୬. ସଞ୍ଜୁକ୍ତା ରାଉତ, ସ୍ୱାମୀ- ଧୂସାସନ ରାଉତ, ଗ୍ରାମ/ପୋଷ୍ଟ- ପଟିଆ, ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧ ରେ ମୋକଦ୍ଦମା ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୦୮।୦୫।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଭୁଆସୁନି

ସାବକ ଖାତା ନମ୍ବର- ୨୨୦, ପ୍ଲଟ୍ ନମ୍ବର- ୫୧୩, ରକବା- ଏ୧.୭୨୫ ଡେସିମିଲରୁ ଏ୦.୦୪୦ ଡେସିମିଲ, ପ୍ଲଟ୍ ନମ୍ବର- ୫୧୪, ରକବା ଏ୦.୯୭୮ ଡେସିମିଲରୁ ଏ୦.୦୪୬ ଡେସିମିଲ, ମୋଟ ଏ୦.୦୮୬ ଡେସିମିଲ, ହାଲ୍ ଖାତା ନମ୍ବର- ୧୫୨୨, ପ୍ଲଟ୍ ନମ୍ବର- ୨୨୪୪, ରକବା- ଏ୦.୦୯୫ ଡେସିମିଲରୁ ଏ୦.୦ ୮୬ ଡେସିମିଲ, କିସମ- ପତିତ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୨୮୮

# ସେନ୍ସେକ୍ସରେ ୩୫୬ ପଏଣ୍ଟ ବୃଦ୍ଧି

## ୯ ପ୍ରତିଶତ ଖସିଲା ସନ୍ ଟିଭି ଶେୟାର ମୂଲ୍ୟ




ନୂଆଦିଲ୍ଲୀ, ୪।୫

ଗତ ସପ୍ତାହରେ ମାତ୍ର ୪ ଦିନ ପାଇଁ ହୋଇଥିବା ଶେୟାର ବଜାର ସୋମବାର ଖୋଲିବା ପରେ ବିଏସ୍ଇ ଏବଂ ଏନଏସ୍ଇ ଷ୍ଟକ୍ଏକ୍ସଚେଞ୍ଜରେ କାରବାର ସକାରାତ୍ମକ ରହିଥିବା ଦେଖାଯାଇଛି। ସୋମବାର ୪ ରାଜ୍ୟର ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଛିଟିକୁ ବେଶ୍ ଶେୟାର ବଜାର କାରବାର ନିର୍ଭର କରିବ ବୋଲି ଆକଳନ କରାଯାଉଥିଲା। ତେବେ ଶାସକ ଭାଜପା ପଶ୍ଚିମବଙ୍ଗ ଏବଂ ଆସାମରେ ବିଜୟୀ ହେବାପରେ ନିବେଶକ ଉତ୍ସାହିତ ରହିବା ସହ ଉଭୟ ଷ୍ଟକ୍ ଏକ୍ସଚେଞ୍ଜ କାରବାର ପୂର୍ବ ତୁଳନାରେ ବୃଦ୍ଧି ପରିଲକ୍ଷିତ ହୋଇଛି। ବିଏସ୍ଇ ସେନ୍ସେକ୍ସରେ ୩୫୬ ପଏଣ୍ଟ ବୃଦ୍ଧି ଘଟି କାରବାର ଶେଷ ସୁଦ୍ଧା ଏହା ୭୭, ୨୬୯ରେ ବନ୍ଦ ରହିଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟି କାରବାରରେ ୦.୫୧ ପ୍ରତିଶତ ବୃଦ୍ଧି ହୋଇଥିଲାବେଳେ ଏହା ୧୧୧ ପଏଣ୍ଟ ବୃଦ୍ଧିରେ କାରବାର ଶେଷ ବେଳକୁ ୨୪,୧୧୯ ପଏଣ୍ଟରେ ବନ୍ଦ ରହିଥିବା ଜଣାପଡ଼ିଛି। ଚଳିତ ସପ୍ତାହର ପ୍ରଥମ କାରବାର ଦିବସ ଭାବେ ସୋମବାର ଭାରତୀୟ ଶେୟାର ବଜାରରେ ସକାରାତ୍ମକ କାରବାର ସତ୍ତ୍ୱେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟରେ ପୁଣି ଅବମୂଲ୍ୟାୟନ ଘଟିଛି। ଅନ୍ୟ ପକ୍ଷରେ ତାମିଲନାଡୁରେ ଏମ୍.କେ.ଷ୍ଟାଲିନ ନେତୃତ୍ୱାଧୀନ ଡିଏମକେ ସରକାର ନିର୍ବାଚନ ହାରିଯିବା ପରେ ସନ୍ ଟିଭି ନେଟ୍ୱର୍କ ଶେୟାର ମୂଲ୍ୟରେ ଅଚାନକ ଭାବେ ୯ ପ୍ରତିଶତ ହ୍ରାସ ଘଟିଛି। ସୋମବାର ତାମିଲନାଡୁ ସମେତ ଅନ୍ୟ ୩ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ମୁମ୍ବାଇ ଶେୟାର ବଜାରରେ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥିଲା। ହେଲେ ସନ୍ ଟିଭି ନେଟ୍ୱର୍କରେ ଡିଏମକେ ଦଳର ପ୍ରମୁଖ ନେତାଙ୍କ ଅଂଶଧନ ରହିଥିବାରୁ ଦଳ କ୍ଷମତା ହରାଇବା ନିଶ୍ଚିତ ହୋଇଥିବାରୁ ଏହାର ଶେୟାର ମୂଲ୍ୟରେ ହ୍ରାସ ଘଟିଥିଲା। ଗତ ସପ୍ତାହରେ ସନ୍ ଟିଭିର ପ୍ରତି ଶେୟାର ମୂଲ୍ୟ ୫୭୫ ଟଙ୍କା ରହିଥିଲାବେଳେ ବର୍ତ୍ତମାନ ଏହା ୫୪୭ ଟଙ୍କାକୁ ହ୍ରାସ ପାଇଥିବା ଜଣାପଡ଼ିଛି।

# ଦେଶର ପ୍ରଥମ ଅର୍ବିଟାଲ୍ ଡାଟା ସେଣ୍ଟର ସାଟେଲାଇଟ୍ ନିର୍ମାଣ କରିବ ପିକ୍ସେଲ-ସର୍ବମ୍




ନୂଆଦିଲ୍ଲୀ, ୪।୫

ବିଶ୍ୱର ସର୍ବାଧୁନିକ ଇମେଜିଂ ସାଟେଲାଇଟ୍ ନିର୍ମାଣ କରୁଥିବା ବହୁରାଷ୍ଟ୍ରୀୟ ପ୍ଲାନେଟାରୀ ଇଣ୍ଟେଲିଜେନ୍ସି କମ୍ପାନୀ ପିକ୍ସେଲ ସର୍ବମ୍ କମ୍ପାନୀ ସହିତ ମିଳିତ ଉଦ୍ୟୋଗ ସ୍ଥାପନ କରି ଭାରତର ପ୍ରଥମ ଅର୍ବିଟାଲ ଡାଟା ସେଣ୍ଟର ସାଟେଲାଇଟ୍ ନିର୍ମାଣ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଉଭୟ କମ୍ପାନୀଙ୍କ ମଧ୍ୟରେ ହୋଇଥିବା ବୁଝାମଣା ଅନୁସାରେ ପିକ୍ସେଲ ଫାଥ୍ଫାଇଣ୍ଡର ସାଟେଲାଇଟ୍ର ଡିଜାଇନ ସମେତ ଏହାର ନିର୍ମାଣ, ପ୍ରେରଣ ଏବଂ ପରିଚାଳନା ଦାୟିତ୍ୱ ତୁଲାଇବ। ସେହିପରି ସର୍ବମ୍ କମ୍ପାନୀ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଯୋଗାଇବା ସହ ପ୍ରଶିକ୍ଷଣ ଓ ସାଟେଲାଇଟ୍ରେ ଭାଷା ମଡେଲ ପରଚାଳନା ଦାୟିତ୍ୱ ନିଭାଇବ। ୨୦୦ କିଲୋଗ୍ରାମ ବିଶିଷ୍ଟ ଏହି ସାଟେଲାଇଟ୍ ଚଳିତ ବର୍ଷ ଶେଷଭାଗ ଆଡକୁ ମହାକାଶକୁ ପ୍ରେରଣ କରିବାକୁ ଉଭୟ କମ୍ପାନୀ ଲକ୍ଷ୍ୟ ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ଏବେ ସବୁକ୍ଷେତ୍ରରେ ଏଆଇର ପ୍ରବେଶ ସହିତ ଏହାକୁ ଆଧାର କରି କାର୍ଯ୍ୟ ପରିଚାଳନା କରିବାକୁ ଗୁରୁତ୍ୱ ଦିଆଯାଉଥିଲାବେଳେ ଏଆଇ କମ୍ପ୍ୟୁଟିଂ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ତେବେ ଅର୍ବିଟାଲ ଡାଟା ସେଣ୍ଟର ସାଟେଲାଇଟ ମାଧ୍ୟମରେ ଉଭୟ କମ୍ପାନୀ ଏଆଇ ମାଧ୍ୟମରେ କମ୍ପ୍ୟୁଟିଂ କ୍ଷେତ୍ରକୁ ସୁଦୃଢ଼ କରି ଭୂପୃଷ୍ଠକୁ ର-ଡାଟା ପ୍ରେରଣ ନ କରି ସର୍ବଶେଷ ସାମାଧିତ ଡାଟା ପ୍ରେରଣ କରିବେ ଏବଂ ସେହି ଅନୁସାରେ ସେମାନଙ୍କ ବ୍ୟବସାୟିକ କ୍ଷେତ୍ରକୁ ସମ୍ପ୍ରସାରିତ କରିବେ ବୋଲି କୁହାଯାଇଛି।



ବିଏସ୍ଇ ସେନ୍ସେକ୍ସ
୭୭,୨୬୯ (+୩୫୬)



୧ ଡଲାର = ୯୫.୨୩ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍)
୧୧୪.୧୦ ଡଲାର

# ଏସ୍ବିଆଇର ପଦ୍ମପୁର ବଜାର ଶାଖା ଉଦ୍ଘାଟିତ



ପଦ୍ମପୁର ଷ୍ଟେଟ ବ୍ୟାଙ୍କର ବଜାର ଶାଖାକୁ ମୁଖ୍ୟ ଅତିଥି ଉଦ୍ଘାଟନ କରୁଛନ୍ତି।

ପଦ୍ମପୁର, ୪।୫(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ବଜାରଠାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍ବିଆଇ)ର ଏକ ଶାଖା ସୋମବାର ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଏସ୍ବିଆଇର ଡିଜିଏମ ସଞ୍ଜୟ କୁମାର ଝା, ସମ୍ମାନିତ ଅତିଥି ଭାବରେ ରିଜିଓନାଲ ମ୍ୟାନେଜର ମଧୁସୂଦନ ରଥ, ରିଜର୍ଭ ବ୍ୟାଙ୍କର ଷ୍ଟାଫ୍ ମ୍ୟାନେଜର ହିମାଂଶୁ ମେହେର, ହୀରାଲାଲ ନାୟକ ପ୍ରମୁଖ ଉଦ୍ଘାଟନ କରିଥିଲେ। ଏହି ଅବସରରେ ପଦ୍ମପୁର ବଜାର ବ୍ରାଞ୍ଚର ଶାଖା ପରିଚାଳକ ଶାନ୍ତନୁ କୁମାର ମେହେର ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମରେ ଶାଖାର କର୍ମଚାରୀ ମଧୁସ୍ମିତା ସାହୁ, ଦେବାଶିଷ ଦାଶ, ସୁରଜ ଭୋଇ, ରାଧାମାଧବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସାବିତ୍ରୀ ପାଇଁ ଚାନ୍ଦି ଭଣ୍ଡାରର 'ସଙ୍ଗମ' କଲେକ୍ସନ

ଭୁବନେଶ୍ୱର, ୪।୫(ଅନୁରାଧା ମହାରଣା)

ସାବିତ୍ରୀ ବ୍ରତ ଉପଲକ୍ଷେ ରୁପା ଗହଣାର ଏକ୍ସକ୍ଲୁସିଭ୍ ଶୋ'ରୁମ୍ ଚାନ୍ଦି ଭଣ୍ଡାର ପକ୍ଷରୁ 'ସଙ୍ଗମ' କଲେକ୍ସନର ଉନ୍ମୋଚନ କରାଯାଇଛି। ହଲ୍ମାର୍କ ଷ୍ଟର୍ଲିଂ ସିଲଭରରେ ଅତି ଯତ୍ନର ସହ ପ୍ରସ୍ତୁତ ପ୍ରତ୍ୟେକ ମଙ୍ଗଳସୂତ୍ର ପ୍ରେମ, ପ୍ରତିଶ୍ରୁତି ଏବଂ ଆତ୍ମୀୟତାର ଏକ କାଳଜୟୀ ଭାବକୁ ପରିପ୍ରକାଶ କରୁଛି। ଏହି କଲେକ୍ସନରେ ଚମତ୍କାର ଜିର୍କନ୍ ଷ୍ଟୋନ୍, ସୂକ୍ଷ୍ମ ମୁକ୍ତା ଏବଂ ଅକ୍ସିଡାଇଜ୍ଡ ଡିଟେଲିଂରେ ପ୍ରସ୍ତୁତ ବ୍ୟାପକ ରେଞ୍ଜ୍ ପ୍ରଦାନ କରୁଛି। ମହିଳାମାନଙ୍କ ପାଇଁ ଜିର୍କନ୍ଖଚିତ ନେକ୍ଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍ଲେଟ୍ ଏବଂ ପାଉଁଜିର ଭଳିକି ଭଳି ସମ୍ଭାର ଏଠାରେ ରହିଛି, ଯାହାକି ଫେଷ୍ଟିଭ୍ ସେଲିବ୍ରେଶନ୍ ଏବଂ ନିତିଦିନିଆ ବ୍ୟବହାର ପାଇଁ ସର୍ବୋତ୍କୃଷ୍ଟ। ପୁରୁଷଙ୍କ ରୁପା ଗହଣା ଚାହିଦାକୁ ଦୃଷ୍ଟିରେ ରଖି ଅମୋଘ କଲେକ୍ସନ ଷ୍ଟୋରରେ ଉପଲବ୍ଧ, ଯେଉଁଥିରେ ବ୍ରେସ୍ଲେଟ୍, ମୁଦି, କଫ୍ଲିଙ୍କ୍ ଏବଂ ଚେନ୍ ଆଦି ରହିଛି। ପିଲାମାନଙ୍କ ପାଇଁ କୌତୁକିଆ ଏବଂ ପ୍ରିମିୟମ କିଡ୍ସ କଲେକ୍ସନ ରହିଛି। ଗହଣା ବ୍ୟତୀତ ରୁପାରେ ପ୍ରସ୍ତୁତ ବଟଲ, ଚା'ସେଟ୍, ଉଡେନ୍ ସିଲ୍ଭର ୱାର୍କ ଟ୍ରେ ଏବଂ ସହ ଅନ୍ୟାନ୍ୟ ଉପହାର ଦେବା ଭଳି ଉତ୍ପାଦ ରହିଛି। ଏ ଅବସରରେ ଚାନ୍ଦି ଭଣ୍ଡାର ପକ୍ଷରୁ ସ୍ୱତନ୍ତ୍ର ଅଫର ମଧ୍ୟ ଘୋଷଣା କରାଯାଇଛି। ମେ' ୧୬ ପର୍ଯ୍ୟନ୍ତ ଗହଣାର ଗଢ଼ା ମଜୁରି ଉପରେ ୨୦% ରିହାତି ପ୍ରଦାନ କରାଯାଉଛି। ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କୁହନ୍ତି, ଚାନ୍ଦି ଭଣ୍ଡାରରେ ମହିଳାଙ୍କ ସୌନ୍ଦର୍ଯ୍ୟ, ସ୍ଥିରତା ଏବଂ ସ୍ୱତନ୍ତ୍ର ପରିଚୟକୁ ପାଳନ କରିବା ପାଇଁ ପ୍ରତ୍ୟେକ ଡିଜାଇନ୍କୁ ପ୍ରସ୍ତୁତ କରାଯାଇଥାଏ। ପ୍ରତିଟି ଡିଜାଇନ ମାଧ୍ୟମରେ ମହିଳାଙ୍କ ଅନନ୍ୟ ଭୂମିକାକୁ ଆମେ ସମ୍ମାନିତ କରୁଛୁ ।



# ପତଞ୍ଜଳି ଓ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମ୍ଓୟୁ



ଭୁବନେଶ୍ୱର, ୪।୫(ଅନୁରାଧା ମହାରଣା)

ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନ ଏବଂ ଅଷ୍ଟ୍ରେଲିଆର ପ୍ରସିଦ୍ଧ ସଦର୍ନ କ୍ରସ୍ ୟୁନିଭର୍ସିଟି ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗ ପାରମ୍ପରିକ ଜ୍ଞାନ ଓ ଆଧୁନିକ ବିଜ୍ଞାନର ମିଶ୍ରଣ ମାଧ୍ୟମରେ ବୈଶ୍ୱିକ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜର ସମାଧାନ ପାଇଁ ଏକ ଶକ୍ତିଶାଳୀ ପ୍ଲାଟଫର୍ମ ପ୍ରସ୍ତୁତ କରିବ। ଏହି ଅବସରରେ ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି, ପତଞ୍ଜଳି ଆୟୁର୍ବେଦ, ପ୍ରାକୃତିକ ଚିକିତ୍ସା ଓ ଆଧୁନିକ ବୈଜ୍ଞାନିକ ଅନୁସନ୍ଧାନର ସମନ୍ୱୟରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ଭାରତର ଅସୀମ ସମ୍ଭାବନାକୁ ବିଶ୍ୱ ମଞ୍ଚରେ ପ୍ରତିଷ୍ଠିତ କରିବାର ସାମର୍ଥ୍ୟ ପତଞ୍ଜଳି ପାଖରେ ରହିଛି । ଆୟୁର୍ବେଦକୁ କେବଳ ଏକ ଚିକିତ୍ସା ପଦ୍ଧତି ନୁହେଁ, ବରଂ ଜୀବନ ଜୀବନ କରିବାର ଏକ ବିଜ୍ଞାନ ବୋଲି ସେ ଉଲ୍ଲେଖ କରିଛନ୍ତି। ସଦର୍ନ କ୍ରସ୍ ୟୁନିଭର୍ସିଟିର ପ୍ରୋ-ଭାଇସ୍ ଚାନ୍ସେଲର (ରିସର୍ଚ୍ଚ ଏଣ୍ଡ ଏଜୁକେଶନ୍ ଇମ୍ପାକ୍ଟ) ପ୍ରଫେସର ବେନ୍ ରୋଶ୍ କହିଛନ୍ତି, ଅନୁସନ୍ଧାନ, ଶିକ୍ଷା ଓ ଛାତ୍ରୀଛାତ୍ର ବିନିମୟ କ୍ଷେତ୍ରରେ ସହଯୋଗ ବଢ଼ାଇବା ଏହି ବୁଝାମଣାର ଉଦ୍ଦେଶ୍ୟ। ସଦର୍ନ କ୍ରସ୍ ୟୁନିଭର୍ସିଟିର ନ୍ୟାଶନାଲ୍ ସେଣ୍ଟର ଫର୍ ନ୍ୟାଚୁରୋପ୍ୟାଥିକ୍ ମେଡିସିନ୍ର ଫାଉଣ୍ଡେଶନ୍ ଡାଇରେକ୍ଟର ପ୍ରଫେସର ଜନ୍ ୱାର୍ଡଲ୍ କହିଛନ୍ତି, ଅନ୍ତର୍ଜାତୀୟ ସହଯୋଗ ହେଉଛି ଆଧୁନିକ ଶିକ୍ଷା ଓ ଅନୁସନ୍ଧାନର ଆଧାର ଶିଳା। ଉଭୟ ପ୍ରତିଷ୍ଠାନ ଯୌଥ ଅନୁସନ୍ଧାନ ପ୍ରକଳ୍ପ, ସରକାରୀ ଅନୁଦାନ ପାଇଁ ଆବେଦନ ଏବଂ ଅନ୍ତର୍ଜାତୀୟ ପ୍ରକାଶନକୁ ପ୍ରୋତ୍ସାହିତ କରିବେ। ପତଞ୍ଜଳିର ପ୍ରମୁଖ ବୈଜ୍ଞାନିକ ଡ. ଅନୁରାଗ ବାର୍ଷ୍ଣେୟ କହିଛନ୍ତି, ପାରମ୍ପରିକ ଜ୍ଞାନକୁ ବୈଜ୍ଞାନିକ ପ୍ରମାଣ ସହିତ ଉପସ୍ଥାପନ କରିବା ବର୍ତ୍ତମାନ ସମୟର ଆବଶ୍ୟକତା ରହିଛି।

# ଓଡ଼ିଶାରେ ସ୍ଥିତି ସୁଦୃଢ଼ କରୁଛି ଆକ୍ସିସ୍ ବ୍ୟାଙ୍କ

ଭୁବନେଶ୍ୱର, ୪।୫(ଅନୁରାଧା ମହାରଣା)

ଆକ୍ସିସ୍ ବ୍ୟାଙ୍କ ଓଡ଼ିଶାରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଡିଜିଟାଲ୍ ସଶକ୍ତୀକରଣ ଏବଂ ଏମ୍ଏସ୍ଏମ୍ଇ ଅଭିବୃଦ୍ଧି ଉପରେ ବିଶେଷ ଧ୍ୟାନ ଦେଇ ନିଜର ଉପସ୍ଥିତି ସୁଦୃଢ଼ କରୁଛି। ରାଜ୍ୟର ସମସ୍ତ ୩୦ ଜିଲାରେ ବ୍ୟାଙ୍କର ୨୫୮ଟି ଶାଖା କାର୍ଯ୍ୟରତ ରହିଛି, ଯାହା ମଧ୍ୟରୁ ଭୁବନେଶ୍ୱରରେ ୩୫ଟି ଶାଖା ଅଛି। ଏହା ସହିତ ୩୦୦ ଏଟିଏମ୍ ମଧ୍ୟ ରହିଛି। ମୋଟ ଶାଖାର ୭୪%ରୁ ଅଧିକ ଗ୍ରାମୀଣ ଓ ଅର୍ଦ୍ଧ-ସହରାଞ୍ଚଳ ଅଞ୍ଚଳରେ ଥିବାରୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ବ୍ୟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏମ୍ଏସ୍ଏମ୍ଇ, ଖୁଚୁରା ଓ କର୍ପୋରେଟ୍ କ୍ଷେତ୍ରରେ ଦୃଢ଼ ଗତି ରଖି ବ୍ୟାଙ୍କ ଫିଜିଟାଲ୍ ମଡେଲ୍ ମାଧ୍ୟମରେ ଡିଜିଟାଲ୍ ସେବାକୁ ପ୍ରୋତ୍ସାହିତ କରୁଛି। ସାଧାରଣ ଡିଜିଟାଲ୍ ଭିତ୍ତିଭୂମିର ଏହି ମୂଳଦୁଆ ଉପରେ ଆଧାର କରି ବ୍ୟାଙ୍କ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ 'ଡିଜିଟାଲ୍ ହୁଣ୍ଡି ସମର୍ପଣ' ପ୍ଲାଟଫର୍ମ ଭଳି ପଦକ୍ଷେପ ମଧ୍ୟ ଆରମ୍ଭ କରିଛି ଯାହା ସୁରକ୍ଷିତ ଡିଜିଟାଲ୍ ନବସୃଜନ ସହିତ ସାଂସ୍କୃତିକ ପ୍ରାସଙ୍ଗିକତାକୁ ଏକତ୍ରିତ କରିବା ଉପରେ ଏହାର ଧ୍ୟାନକୁ ପ୍ରତିଫଳିତ କରୁଛି। ଏହାସହ ପ୍ରାୟ ୭୫% ଶାଖା କାରବାର ଏବେ ଡିଜିଟାଲ୍ ଚ୍ୟାନେଲ୍ ମାଧ୍ୟମରେ ହେଉଛି। ୟୁପିଆଇ ପେମେଣ୍ଟରେ ବ୍ୟାଙ୍କ ୩୯% ବଜାର ଅଂଶ ସହ ଅଗ୍ରଣୀ ସ୍ଥାନରେ ରହିଛି। କଟକ, ରାଉରକେଲା, ଅନୁଗୋଳ, ଗଞ୍ଜାମ ପରି ପ୍ରମୁଖ ଅର୍ଥନୈତିକ କ୍ଲଷ୍ଟରଗୁଡ଼ିକୁ ସମର୍ଥନ କରିବା ସହ ଓଡ଼ିଶା ସରକାରଙ୍କ ସହ ସହଯୋଗରେ ଟ୍ରେଜେରି ଓ ଓଡ଼ିଶା ୱାନ୍ ପୋର୍ଟାଲ୍ ପରି ପ୍ରକଳ୍ପରେ ସକ୍ରିୟ ରହିଛି। ଆକ୍ସିସ୍ ବ୍ୟାଙ୍କର ସଭାପତି ରେନୋଲ୍ଡ ଡି'ସୁଜା କହିଛନ୍ତି ଯେ, ସୁଦୃଢ଼ ସହଭାଗିତା ଓ ନବସୃଜନ ମାଧ୍ୟମରେ ଓଡ଼ିଶାର ଦୀର୍ଘକାଳୀନ ବିକାଶରେ ବ୍ୟାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେବ।

# ଟ୍ରିମ୍ସ ଏବଂ ଓୟୁଟିଆର୍ ମଧ୍ୟରେ ଏମ୍ଓୟୁ

ଭୁବନେଶ୍ୱର, ୪।୫(ଅନୁରାଧା ମହାରଣା)




କଟକସ୍ଥିତ ଟ୍ରିମ୍ସ ବିଶ୍ୱବିଦ୍ୟାଳୟ ଏବଂ ଭୁବନେଶ୍ୱରସ୍ଥିତ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) ମଧ୍ୟରେ ସୋମବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଶିକ୍ଷା ବିକାଶ ଓ ଗବେଷଣା, ଶିକ୍ଷକ ପ୍ରଶିକ୍ଷଣ, ଶିକ୍ଷକ ଛାତ୍ର ବିନିମୟ, ଜାତୀୟ ଓ ଅନ୍ତର୍ଜାତୀୟ କର୍ମଶାଳା ଆୟୋଜନ, ପାଠ୍ୟକ୍ରମ ଓ ଭିତ୍ତିଭୂମି ବିକାଶଭିତ୍ତିକ ଉତ୍କର୍ଷ କେନ୍ଦ୍ର ସୁବିଧା, ପ୍ରକଳ୍ପ ପ୍ରସ୍ତୁତି ତଥା ନୂତନ ଜ୍ଞାନକୌଶଳର ଆଦାନ ପ୍ରଦାନ ଇତ୍ୟାଦି ବିଷୟକୁ ଆଧାର କରି ଏହି ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ଅନୁଷ୍ଠିତ ବିଶେଷ କାର୍ଯ୍ୟକ୍ରମରେ ଟ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ଡିନ୍ ପ୍ରଫେସର ଡ. ବିଶ୍ୱରଞ୍ଜନ ମହାନ୍ତି, ମେକାନିକାଲ ଇଂଜିନିୟରିଂ ବିଭାଗର ସହକାରୀ ପ୍ରଫେସର ଡ. ଚନ୍ଦନ କୁମାର ସେଠୀ ଏବଂ ଓୟୁଟିଆର ପକ୍ଷରୁ କୁଳପତି ପ୍ରଫେସର ଡ. ବିଭୂତି ଭୂଷଣ ବିଶ୍ୱାଳ, ରେଜିଷ୍ଟ୍ରାର ପ୍ରଫେସର ମୀରା ବିଶ୍ୱବନ୍ଧ୍ୟ, ମେକାନିକାଲ ଇଂଜିନିୟରିଂ ବିଭାଗ ମୁଖ୍ୟ ପ୍ରଫେସର ସୁଧାଂଶୁ ଶେଖର ସାହୁ ଓ ପ୍ରଫେସର ପ୍ରମୋଦ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ସହଭାଗିତା ଫଳରେ ବୈଷୟିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ହାସଲ ସହିତ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ନିମନ୍ତେ ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ଟ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଏବଂ ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ କହିଛନ୍ତି।

# ସିକ୍ୟୁରିଟାଇଜେଶନ୍ ନିୟମରେ ପରିବର୍ତ୍ତନ କରିବ ସେବି

ଭୁବନେଶ୍ୱର, ୪।୫(ଅନୁରାଧା ମହାରଣା)

ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଋଣକୁ ବିନିଯୋଗରେ ପରିଣତ କରୁଥିବା ସିକ୍ୟୁରିଟାଇଜେଶନ୍ ନିୟମକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ସହ ସମାନ କରିବା ପାଇଁ ପ୍ରସ୍ତାବ ଦେଇଛି। ଏହି ନୂଆ ନିୟମ ଅନୁଯାୟୀ ବ୍ୟାଙ୍କ ଓ ଏନ୍ବିଏଫ୍ସି ଏକକ ବୃହତ୍ ଋଣକୁ ମଧ୍ୟ ପ୍ୟାକେଜ୍ କରି ନିବେଶକଙ୍କୁ ବିକ୍ରି କରିପାରିବେ। ପୂର୍ବର ୨୫% ଋଣ ସୀମାରୁ ରିହାତି ମିଳିବ। ସର୍ଭିସର ସିଧାସଳଖ ନିବେଶକଙ୍କୁ ରିପୋର୍ଟ ଦେବେ ଏବଂ ପ୍ରତି ତ୍ରୈମାସିକରେ ଅଡିଟର୍ ସାର୍ଟିଫିକେଟ୍ ଦାଖଲ କରିବେ। ଟ୍ରଷ୍ଟ ଓ ଗଭର୍ନାନ୍ସରେ ମଧ୍ୟ ସୁଧାର ଆଣି ଏସ୍ପିଭିରେ ଋଣଦାତା କମ୍ପାନୀର ପ୍ରଭାବ କମ୍ ହୋଇଛି। ଏକା ଗ୍ରୁପ୍ କମ୍ପାନୀ ମଧ୍ୟରେ ଡିଲ୍ କରିବାକୁ ମଧ୍ୟ ଅନୁମତି ମିଳିପାରେ। ଏହି ପ୍ରସ୍ତାବ ଉପରେ ୨୦୨୬ ମେ ୨୫ ପର୍ଯ୍ୟନ୍ତ ପରାମର୍ଶ ଆହ୍ୱାନ କରାଯାଇଛି। ଏହା ଋଣ ବଜାରରେ ଲିକ୍ୱିଡିଟି ବଢ଼ାଇବ ଏବଂ ନିବେଶକଙ୍କ ପାଇଁ ନୂଆ ସୁରକ୍ଷିତ ବିନିଯୋଗ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

# ଅତ୍ୟାଧୁନିକ ପାୱାର ସିଷ୍ଟମ ସିମୁଲେଶନ ଲାବରେଟୋରି ଉଦ୍ଘାଟିତ

ଭୁବନେଶ୍ୱର, ୪।୫(ଅନୁରାଧା ମହାରଣା)




ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ସୋମବାର ଚନ୍ଦକାସ୍ଥିତ ପାୱାର ଟ୍ରେନିଂ ସେଣ୍ଟର (ପିଟିସି)ଠାରେ ଏକ ଅତ୍ୟାଧୁନିକ ପାୱାର ସିଷ୍ଟମ ସିମୁଲେଶନ ଲବରେଟୋରୀ ସ୍ଥାପନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଓପିଟିସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଶର୍ମା ଏହାର ଉଦ୍ଘାଟନ କରିଛନ୍ତି। ଏହି ନୂତନ ଲାବରେଟୋରୀଟି ଓପିଟିସିଏଲ୍ର ବୈଷୟିକ ଦକ୍ଷତା, ଗ୍ରୀଡ୍ ପରିଚାଳନା ଏବଂ କାର୍ଯ୍ୟ ବିଶ୍ୱସନୀୟତାକୁ ସୁଦୃଢ଼ କରିବା ପାଇଁ ପରିକଳ୍ପନା କରାଯାଇଛି। ଅତ୍ୟାଧୁନିକ ସିମୁଲେଶନ ଉପକରଣ ଦ୍ୱାରା ସଜ୍ଜିତ ଏହି ଲାବ୍ ଇଞ୍ଜିନିୟରମାନଙ୍କୁ ଜଟିଳ ଗ୍ରୀଡ୍ ପରିସ୍ଥିତିର ମଡେଲିଂ କରିବା, ଲୋଡ୍ ଫ୍ଲୋ ବିଶ୍ଳେଷଣ କରିବା ଏବଂ ବାସ୍ତବ ସମୟରେ ବିଦ୍ୟୁତ ସଙ୍କଟ ବା ତ୍ରୁଟିପୂର୍ଣ୍ଣ ଅବସ୍ଥାର ଅନୁକରଣ କରିବାରେ ସାହାଯ୍ୟ କରିବ। ଏହାଦ୍ୱାରା ଓଡ଼ିଶାର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ ହେବା ସହ ଅକ୍ଷୟ ଶକ୍ତିର ସଂଯୋଗୀକରଣ ପାଇଁ ଏକ ସୁଦୃଢ଼ ତଥା ଭବିଷ୍ୟତ-ଉପଯୋଗୀ ଟ୍ରାନ୍ସମିଶନ ନେଟ୍ୱର୍କ ନିଶ୍ଚିତ ହୋଇପାରିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି, ଏକ ଶକ୍ତିଶାଳୀ ଶକ୍ତି ପରିବହନ ନେଟ୍ୱର୍କ ହିଁ ବିକଶିତ ଓଡ଼ିଶାର ମେରୁଦଣ୍ଡ। ଏହି ପାୱାର ସିଷ୍ଟମ ସିମୁଲେଶନ ଲାବରେଟୋରୀ ଆମ ଇଞ୍ଜିନିୟରମାନଙ୍କୁ ଆଗାମୀ ଆହ୍ୱାନଗୁଡ଼ିକର ପୂର୍ବାନୁମାନ କରିବା ସହ ଶିଳ୍ପ, କୃଷି ତଥା ଘରୋଇ ଗ୍ରାହକଙ୍କୁ ୨୪ ଘଣ୍ଟିଆ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାରେ ସହାୟତା କରିବ। ଓପିଟିସିଏଲ୍ର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ଭାସ୍କର ଶର୍ମା କହିଛନ୍ତି, ଏହି ଲାବ୍ ଦକ୍ଷତା ବୃଦ୍ଧି, ଗବେଷଣା ଏବଂ ନୂତନତ୍ୱ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହା ଓପିଟିସିଏଲ୍ ଏବଂ ଏସ୍ଏଲ୍ଡିସି ଇଞ୍ଜିନିୟରମାନଙ୍କୁ ପ୍ରାୟୋଗିକ ତାଲିମ ପ୍ରଦାନ କରିବା ସହ ତଥ୍ୟଭିତ୍ତିକ ନିଷ୍ପତ୍ତି ନେବାରେ ସହାୟକ ହେବ। ଉତ୍ସବରେ ଏସ୍ଏଲ୍ଡିସିର ନିର୍ଦ୍ଦେଶକ ବି.ବି. ମେହେଟ୍ଟା, ନିର୍ଦ୍ଦେଶକ(ଅପରେଶନ) ପ୍ରଶାନ୍ତ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ(ପ୍ରକଳ୍ପ) ପ୍ରଦୀପ କୁମାର ଦାଶ, ନିର୍ଦ୍ଦେଶକ(ଅର୍ଥ) ଶ୍ରୀକାନ୍ତ କୁମାର ସାହୁ ଏବଂ ମୁଖ୍ୟ ମହା ପ୍ରବନ୍ଧକ (ମାନବ ସମ୍ବଳ ବିକାଶ) ଅନିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ଟ୍ରେନ୍ ସେବାରେ ସମ୍ପ୍ରସାରଣ

ଭୁବନେଶ୍ୱର, ୪।୫
(ଅନୁରାଧା ମହାରଣା)

ଯାତ୍ରୀମାନଙ୍କୁ ସୁବିଧାଜନକ ଯାତ୍ରା ସୁଯୋଗ ଯୋଗାଇଦେବା ଏବଂ ଗ୍ରୀଷ୍ମଋତୁରେ ବୃଦ୍ଧି ପାଉଥିବା ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି କେତେକ ସ୍ୱତନ୍ତ୍ର ଟ୍ରେନ୍ର ଚଳାଚଳ ଅବଧିକୁ ବୃଦ୍ଧି କରାଯାଇଛି। ଏହି ଟ୍ରେନଗୁଡ଼ିକ ସେମାନଙ୍କର ପୂର୍ବ ନିର୍ଦ୍ଧାରିତ ସମୟ ଏବଂ ରହଣି ସହିତ ଚଳାଚଳ ଜାରି ରଖିବେ। ସମ୍ପ୍ରସାରିତ ସ୍ୱତନ୍ତ୍ର ଟ୍ରେନ୍ଗୁଡିକ ମଧ୍ୟରେ ୦୭୬୭୯ ଚର୍ଲାପାଲ୍ଲୀ-ଖଡ଼ଗପୁର ସ୍ପେଶାଲ୍ ଟ୍ରେନ୍ର ଅବଧି ଜୁଲାଇ ୨୯ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୦୭୬୮୦ ଖଡ଼ଗପୁର-ଚର୍ଲାପାଲ୍ଲୀ ସ୍ପେଶାଲ୍ ଟ୍ରେନର ଅବଧି ଜୁଲାଇ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୦୭୬୯୯ ଚର୍ଲାପାଲ୍ଲୀ-ସାନ୍ତ୍ରାଗାଛି ସ୍ପେଶାଲ୍ ଟ୍ରେନର ଅବଧି ଜୁଲାଇ ୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୦୭୭୦୦ ସାନ୍ତ୍ରାଗାଛି - ଚର୍ଲାପାଲ୍ଲୀ ସ୍ପେଶାଲ୍ ଟ୍ରେନର ଅବଧି ଜୁଲାଇ ୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

# ଆଜି ବୟନିକାର ୭୦ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୪।୫(ଅନୁରାଧା ମହାରଣା)

ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିମିଟେଡ୍ (ବୟନିକା), ୧୯୫୬ ମସିହାରେ ଓଡ଼ିଶା ସରକାରଙ୍କ ପ୍ରୟାସରେ ସ୍ଥାପିତ ହୋଇଥିବାବେଳେ ବର୍ତ୍ତମାନ ଭାରତର ହସ୍ତତନ୍ତ ପରିଦୃଶ୍ୟରେ ଏକ ଗୌରବମୟ ଓ ପ୍ରତିଷ୍ଠିତ ସଂସ୍ଥା ଭାବେ ପରିଚିତ। ବୟନିକା ମଙ୍ଗଳବାର ଏହାର ୭୦ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ଗ୍ରାମୀଣ ଓଡ଼ିଶାର ହସ୍ତତନ୍ତକୁ ଦେଶ ଓ ବିଶ୍ୱ ବଜାର ସହିତ ସଂଯୋଗ କରି, ବୁଣାକାରମାନଙ୍କର ଜୀବିକା ଓ ମର୍ଯ୍ୟାଦାକୁ ବୟନିକା ସୁରକ୍ଷିତ କରିଆସିଛି। ଯେତେବେଳେ ପାରମ୍ପରିକ ବୁଣାକାର ଶିଳ୍ପୀମାନେ ବଜାର ଅଭାବ, ମଧ୍ୟସ୍ଥଙ୍କ ନିର୍ଭରତା ଓ ହ୍ରାସ ପାଉଥିବା ପ୍ରତିଷ୍ଠା ଆଦି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ ସେତେବେବେଳେ ବୟନିକା ପ୍ରତିଷ୍ଠା ହୋଇଥିଲା। ବୟନିକା ଏକ ବିଶ୍ୱସନୀୟ ଓ ସଂଗଠିତ ମଞ୍ଚ ଭାବେ ଆଗକୁ ଆସି ନ୍ୟାୟ ସଙ୍ଗତ ବ୍ୟବସାୟ, ପାରଦର୍ଶିତା, ସ୍ଥିରଜୀବିକାର ପଥ ଓ ଆର୍ଥିକ ସୁଯୋଗ ସୃଷ୍ଟି କରିଥିଲା। ସୀମିତ ସମ୍ପଦ ଓ ଛୋଟ ପରିସରରୁ ଆରମ୍ଭ କରିଥିବା ଏହି ସଂସ୍ଥା ଆଜି ଏକ ସଶକ୍ତ ଓ ବହୁମୁଖୀ ସଂଗଠନରେ ପରିଣତ ହୋଇଛି। ବୟନିକା ଓଡିଶା ସହିତ ନୂଆଦିଲ୍ଲୀ ଓ କୋଲକାତା ପର୍ଯ୍ୟନ୍ତ ୪୦ଟି ବିକ୍ରୟ କେନ୍ଦ୍ର ଚାଳନା କରୁଛି। ଏହି କେନ୍ଦ୍ରଗୁଡିକ କେବଳ ବିକ୍ରୟସ୍ଥଳ ନୁହେଁ, ବରଂ ଓଡିଶାର ସାଂସ୍କୃତିକ ପରିଚୟର ଜୀବନ୍ତ ପ୍ରତୀକ, ଯେଉଁଠାରେ ପ୍ରତ୍ୟେକ ବସ୍ତ୍ର ଏକ ଐତିହ୍ୟ, କୌଶଳ ଓ ମାଟିର ସ୍ପର୍ଶକୁ ବହନ କରେ। ୨୦୨୫-୨୬ ଆର୍ଥିକ ବର୍ଷରେ ବୟନିକା ୨୩୩ କୋଟିର ବ୍ୟବସାୟ କରିଥିବାବେଳେ ୨୦୨୬-୨୭ ପାଇଁ ୮୦କୋଟିର ଲକ୍ଷ୍ୟ ଧାରଣ କରିଛି। ଇ-କମର୍ସ ମାଧ୍ୟମରେ ଏହା ଓଡିଶାର ହସ୍ତତନ୍ତ ବସ୍ତ୍ରକୁ ଦେଶ ଓ ବିଶ୍ୱର ଗ୍ରାହକଙ୍କ ଦ୍ୱାରପ୍ରାନ୍ତରେ ପହଞ୍ଚାଇଛି। ସେହିପରି, ଇଆର୍ପି ପ୍ରଣାଳୀର ପ୍ରୟୋଗ ସଂସ୍ଥାର ପରିଚାଳନା, ଭଣ୍ଡାର ବ୍ୟବସ୍ଥାପନା ଓ ଆର୍ଥିକ ପ୍ରକ୍ରିୟାକୁ ଅଧିକ ସୁସଂଗଠିତ ଓ ପାରଦର୍ଶୀ କରିଛି। ବୟନିକା ବି-ଟୁ-ବି ବିକ୍ରୟ କ୍ଷେତ୍ରର ସୁଦୃଢ଼ୀକରଣ କରିଛି। ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାଙ୍କର ଆବଶ୍ୟକତା ପୂରଣ କରିବା ସହିତ ଜାତୀୟ ଓ ରାଜ୍ୟସ୍ତରର ପ୍ରଦର୍ଶନୀ, ମେଳା, ଏବଂ କ୍ରେତାବିକ୍ରେତା ସମ୍ମିଳନୀରେ ସକ୍ରିୟ ଅଂଶଗ୍ରହଣ କରିଥାଏ। ବୟନିକାର ସମ୍ବଲପୁରୀ, ବମକାଇ, ବ୍ରହ୍ମପୁରୀ, ଖଣ୍ଡୁଆ କୋଟପାଡ଼ ପରି ଓଡିଶାର ଐତିହ୍ୟବାହୀ ବୁଣାକଳାକୁ ଜୀବନ୍ତ ରଖିଛି ।

# ସହଯୋଗ

"ଆଜିକାଲି ଘର କାମ ସହଜରେ ତୁଲାଇବା ପାଇଁ ଅନେକେ ଘରୋଇ ସହାୟିକା ବା ମେଡ୍‌ଙ୍କ ଉପରେ ନିର୍ଭର କରୁଛନ୍ତି। ହେଲେ ଏସବୁ କାମରେ ଘର ସଦସ୍ୟଙ୍କର ସହଯୋଗର ଆବଶ୍ୟକତା ରହିଛି। କେତେକ ସ୍ଥାନରେ ମେଡ୍‌ମାନଙ୍କ ପ୍ରତି ବ୍ୟବହାରକୁ ନେଇ ଆଲୋଚନା ହୋଇଥାଏ। ହେଲେ ସେମାନଙ୍କ ସହ ଭଲ ବ୍ୟବହାର କଲେ ସେମାନେ ଆହୁରି ଆଗ୍ରହର ସହ ନିଜ କାମକୁ ତୁଲାଇପାରିବେ।"



ବିଶେଷଭାବରେ କର୍ମଜୀବୀ ପରିବାର ମେଡ୍‌ଙ୍କ ଉପରେ ନିର୍ଭର କରିଥାଆନ୍ତି। କିନ୍ତୁ ବେଳେବେଳେ ତାଙ୍କ ସହ ଅସମ୍ମାନପୂର୍ଣ୍ଣ ଏବଂ ଅପମାନଜନକ ବ୍ୟବହାର କରାଯାଇଥାଏ। ଏହା ସମ୍ପୂର୍ଣ୍ଣ ଭାବେ ଅନୁଚିତ। ଜରୁରୀ ହେଉଛି ଆମେ ତାଙ୍କ ସହଯୋଗର ମହତ୍ତ୍ୱ ବୁଝିବା ଏବଂ ତାଙ୍କ ପ୍ରତି ଉତ୍ତମ ବ୍ୟବହାର କରିବା ଆବଶ୍ୟକ।

ଶୀତ କି ବର୍ଷା ହେଉ କି ଖରା ସବୁଦିନରେ ସେ ଘରକୁ ଆସିଥାନ୍ତି। କୌଣସି ଘରେ ୱାର୍କିଂ ପ୍ୟାରେଣ୍ଟ୍ସ ଥିଲେ ପିଲାଙ୍କୁ ସମ୍ଭାଳିବା ଲାଗି କିମ୍ବା ବୟସ୍କ ବ୍ୟକ୍ତିଙ୍କ ଦେଖାଶୁଣା ଲାଗି ମେଡ୍‌ର ଆବଶ୍ୟକ ହୋଇଥାଏ। ସେ ତାଙ୍କର କେୟାର ଟେକର ରୂପେ କାମ କରିଥାନ୍ତି। କେତେ ପ୍ରକାର ଭୂମିକା, କେତେପ୍ରକାର ଦାୟିତ୍ୱ ନେବାକୁ ପଡ଼ିଥାଏ। ଏସବୁକୁ ଦେଖିଲେ ସେମାନଙ୍କ ପ୍ରତି ସମ୍ମାନ ଦେବା ଓ ମନୋବଳ ବଢ଼ାଇବାର ଭାବନା କମ୍ ଦେଖିବାକୁ ମିଳେ। ଆଜି ବି ଅଧିକତର ମେଡ୍ ଜୀବନରେ ସହଜତା, ସୁରକ୍ଷା ଏବଂ ସକାରାତ୍ମକ ପରିବର୍ତ୍ତନ ଯାହା ଆଲୋକ ପରି ଦୃଶ୍ୟମାନ ହୋଇଥାଏ। ବ୍ୟକ୍ତିଗତ ଚିନ୍ତାଧାରାରୁ ଆରମ୍ଭ କରି ଘରୋଇ ସହଯୋଗିତା ସମସ୍ୟାକୁ ବୁଝିବା ଆବଶ୍ୟକ।

**ଅସମାନତାର ଭାବନା**

ଘରୋଇ ସହଯୋଗୀମାନେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦରମାଠୁ ଆରମ୍ଭ କରି ସମ୍ମାନଜନକ ବ୍ୟବହାର କେତେକ ମାମଲାରେ ଅସମାନତା ଦେଖିବାକୁ ମିଳିଥାଏ। ମହାନଗରରେ ରହୁଥିବା ମେଡ୍‌ମାନଙ୍କର ଜୀବନ ଅନେକ ସମସ୍ୟା ଦେଇ ଗତି କରିଥାଏ। କାହା ଘରେ ଭଲ ବ୍ୟବହାର କରାଯାଉ ନ ଥିବା ବେଳେ ତାକୁ ଶୋଷଣର ସାମ୍ନା କରିବାକୁ ପଡ଼ିଥାଏ। ବେଳେବେଳେ ଶିକ୍ଷିତ ବ୍ୟକ୍ତି ଏମିତି ବ୍ୟବହାର କରିଥାନ୍ତି ଯାହା ତାଙ୍କୁ ବହୁତ କଷ୍ଟ ଦେଇଥାଏ। ରୋଷେଇ, ଘର ସଫା କରିବା, ବାସନ ମାଜିବା, ପିଲା ସମ୍ଭାଳିବା ପାଇଁ ସେମାନଙ୍କ ପ୍ରତି ସ୍ନେହପୂର୍ଣ୍ଣ ଭାବନା ନ ଥିବାରୁ ସେମାନେ ନିଜକୁ ଅସହଜ ମନେକରିଥାନ୍ତି। ବେଳେବେଳେ କେତେକ ପରିବାର ସେମାନଙ୍କୁ ଆବଶ୍ୟକତାଠାରୁ ଅଧିକ କାମ କରିବାକୁ କୁହନ୍ତି। କିନ୍ତୁ ଏଥିଲାଗି ସମୟକୁ ଗୁରୁତ୍ୱ ଦେବା ଦରକାର। କେତେଜଣ ସେମାନଙ୍କୁ ମାସିକ ପାରିଶ୍ରମିକ ଦେବାରେ ଏପଟ ସେପଟ କରନ୍ତି। ହେଲେ ଏହାଦ୍ୱାରା ମେଡ୍‌ମାନଙ୍କର କାମ କରିବା ପ୍ରତି ସ୍ପୃହା କମିଯାଏ। ଦେହ ଅସୁସ୍ଥ ଥିଲେ ସୁଦ୍ଧା ଛୁଟି ମିଳି ନ ଥାଏ କିମ୍ବା ପେଡ୍ ଲିଭ୍ ଦିଆଯାଏନାହିଁ। କାମ ଛାଡ଼ିଯିବାର ଡର ତାଙ୍କର ପ୍ରତିଦିନ ରହିଥାଏ। ସମୟ ସହିତ ଆସୁଥିବା ବହୁ ପରିବର୍ତ୍ତନ ସୁଦ୍ଧା ଏହି ପରିଶ୍ରମ କରୁଥିବା ମେଡ୍‌କୁ ଅସମ୍ମାନ ଭାବନା ସହିବାକୁ ପଡ଼ିଥାଏ। ୱାର୍କଫୋର୍ସର ଭାଗୀଦାରି ଭଳି ଏମାନଙ୍କ ଭାଗୀଦାରିର ଚର୍ଚ୍ଚା ଏତେ ହୁଏନାହିଁ। ଯେତେବେଳେ କି ସବୁ କ୍ଷେତ୍ରରେ ଯୋଗଦାନ ଦେବା ଦ୍ୱାରା ଦେଶର ଉନ୍ନତି କ୍ଷେତ୍ରରେ କର୍ମଜୀବୀ ସାଧାରଣ ଆବଶ୍ୟକତା ତାଙ୍କର ମେଡ୍ ପୂରଣ କରିଥାଏ। ଦେଶର ପ୍ରତ୍ୟେକଟି କୋଣରେ ରହୁଥିବା କର୍ମଜୀବୀ ମହିଳା ଘର ଛାଡ଼ି ପାରିଥାନ୍ତି, କାହିଁକି ନା ଘର କାମରେ ସାହାଯ୍ୟ କରିବା ଲାଗି ମେଡ୍‌ଙ୍କଠୁ ମିଳୁଥିବା ସହଯୋଗ ତାଙ୍କ ଜବ୍ କଣ୍ଟିନ୍ୟୁ କରିବାରେ ସହଯୋଗ ରହିଥାଏ। ଘର କାମ ହେଉ କି ପିଲାଙ୍କ ଦେଖାଶୁଣା ଘରୋଇ ସହାୟିକା ଭରସାରେ ଛାଡ଼ି ଦେଇଥାନ୍ତି। ଏମାନଙ୍କ ଭରସାରେ ନିଜର ପ୍ରଫେସନାଲ ମିଟିଂ ଏବଂ ଅନ୍ୟ ସହର ଟ୍ରିପ୍ ପର୍ଯ୍ୟନ୍ତ ସବୁ କିଛି ପ୍ଲାନିଂ କରିଥାନ୍ତି। ବର୍ତ୍ତମାନ ତ ଛୋଟ ଛୋଟ ପରିବାର ବି ମେଡ୍ ଉପରେ ନିର୍ଭର କଲେଣି। ହୋମ୍‌ମେକର ରୁଟିନ ବି ମେଡ୍‌ଙ୍କ ସହଯୋଗ ଦ୍ୱାରା ସମ୍ଭାଳି ହୋଇଥାଏ। ଏମିତିରେ ଜରୁରୀ ହେଉଛି ସମସ୍ତଙ୍କ ମନରେ ସହଯୋଗୀ ସମ୍ବେଦନଶୀଳ ଭାବନାକୁ ବିକଶିତ କରିବା ଆବଶ୍ୟକ। ଠିକ୍ ସମୟରେ ସଠିକ ସାଲାରି ଦିଅନ୍ତୁ। ତାଙ୍କର ସୁରକ୍ଷାକୁ ନିଜର ଦାୟିତ୍ୱ ବୋଲି ଭାବନ୍ତୁ। କୌଣସି ଅଭିଯୋଗ ଯଦି ଥାଏ ତାଙ୍କ ପକ୍ଷର କଥା ସବୁ ଶୁଣନ୍ତୁ। ପୁଣି ସମସ୍ୟାରେ କୌଣସି ଉଚିତ ସମାଧାନ ବାହାର କରନ୍ତୁ। ଅଚାନକ ଛୁଟି ନେବାର କାରଣକୁ ବୁଝନ୍ତୁ। ପିଲା-ବଡ଼ ସମସ୍ତେ ତାଙ୍କ ପ୍ରତି ଭଲପାଇବାର ଧନ୍ୟବାଦ ଭାବନାର ବ୍ୟବହାର ମନରେ ସବୁବେଳେ ରଖନ୍ତୁ। ବଡ଼ ଯୋଜନାଠୁ କେଉଁଠି ଅଧିକ ଏମିତି ଛୋଟ ଛୋଟ ଯୋଜନାଠୁ ଅଧିକ ଛୋଟ ଛୋଟ କଥା ଘରୋଇ ସହାୟିକାର ଜୀବନରେ ବଡ଼ ପରିବର୍ତ୍ତନ ଆଣିପାରନ୍ତି।

**ପ୍ରଭାବିତ ହୋଇଥାଏ ବ୍ୟକ୍ତିଗତ ଜୀବନ**

ଦୂରଦୂରାନ୍ତରୁ ଆସି ମେଟ୍ରୋ ସିଟିରେ କାମ କରୁଥିବା ମେଡ୍ ନିଜ ପରିବାରଠାରୁ ପ୍ରାୟ ଦିନ ତମାମ ଦୂରରେ ରହିଥାଆନ୍ତି। ନିଜ ଦାୟିତ୍ୱ ତୁଲାଇବା ବେଳେ ସେମାନେ ନିଜ ପରିବାରକୁ ଆବଶ୍ୟକ ସମୟ ଦେଇପାରି ନ ଥାନ୍ତି। ମା'ଠାରୁ ଦୂରେଇ ରହୁଥିବା ପିଲା ଶୋଷଣ, କୁପୋଷଣର ଶିକାର ହେବା ଆଶଙ୍କା ରହିଥାଏ। କେତେଜଣ ମେଡ୍‌ଙ୍କ ଜୀବନସାଥୀ ବି ହିଂସାତ୍ମକ ବ୍ୟବହାର କରିବାକୁ ପଛାଇ ନ ଥାନ୍ତି। ତେବେ ମେଡ୍‌ଙ୍କ ପରିବାରରେ ଯଦି ଶାନ୍ତି ବଜାୟ ରହିଲା ତେବେ ତାହା ତାଙ୍କୁ ମାନସିକ ସ୍ତରରେ ଅନେକ ସହାୟକ ହୋଇଥାଏ। ଏହାଦ୍ୱାରା ସେମାନେ ନିଜ ପରିବାରର ଠିକ୍ ଭାବରେ ଯତ୍ନ ନେବାରେ ସମର୍ଥ ହୋଇଥାନ୍ତି।










## ଗୃହିଣୀଙ୍କ ପାଇଁ

ରୁଟି ସାଧାରଣତଃ କିଛି ସମୟ ହେଲାପରେ ଏହା ଟାଣ ହୋଇଯାଏ। ସକାଳୁ ହେଉଥିବା ରୁଟି ଖରାବେଳେ ପାମ୍ପଡ଼ ଭଳି ହୋଇଯାଏ। ସେଥିପାଇଁ ଏହାକୁ ଖାଇବାକୁ ଏତେ ଇଚ୍ଛା ହୁଏନାହିଁ। ଏମିତି କିଛି ଟିପ୍ସକୁ ଆପଣାଇଲେ ରୁଟି ଅଧିକ ସମୟ ପର୍ଯ୍ୟନ୍ତ ନରମ ରହିବ। ଜାଣନ୍ତୁ ଏ ସମ୍ପର୍କରେ....



➤ରୁଟି କରିବା ଲାଗି ଅଟାରେ ଆପଣ ପାଣି ବଦଳରେ ସେଥିରେ ଫ୍ରେଶ୍ ଦହି ଏବଂ ନଖ ଉଷୁମ ପାଣି ମିଶାଇ ଚକଟିଲେ ଏହା ତୁଳା ପରି ନରମ ହେବ। ଦହିରେ ଥିବା ଲାକ୍‌ଟିକ୍ ଏସିଡ୍ ଅଟାରେ ଥିବା ଗ୍ଲୁଟେନ୍ ରୁଟିକୁ ମୁଲାୟମ ରଖିଥାଏ।

➤ସାଧାରଣତଃ ମହିଳାମାନେ ଅଟା ଚକଟିବା ସମୟରେ ସାଦା ପାଣି ବ୍ୟବହାର କରିଥାନ୍ତି। କିନ୍ତୁ ଯଦି ଏହା ବଦଳରେ ନଖ ଉଷୁମ ପାଣି ବ୍ୟବହାର କରାଯାଏ ତେବେ ରୁଟି ନରମ ହେବ।

➤ଆପଣ ସିଧାସଳଖ ଅଟାରେ ଦହି ନ ପକାଇ ନଖ ଉଷୁମ ପାଣି ସହିତ ଦହି ମିଶାଇ ଧୀରେ ଧୀରେ ଅଟା ଚକଟନ୍ତୁ। ଏହାଦ୍ୱାରା ଦହି ଅଟା ସମାନ ରୂପରେ ମିଶିଯାଇଥାଏ। ଦହିର ସ୍ୱାଦ ଯେପରି ଖଟା ନ ହୋଇଥାଉ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।

➤ରୁଟିକୁ ମୁଲାୟମ ରଖିବାରେ ଆଞ୍ଚର ମୁଖ୍ୟ ଭୂମିକା ରହିଛି। ଯଦି ଆପଣ ରୁଟିକୁ ସିମ୍‌ରେ ସେକୁଛନ୍ତି ତେବେ ଏହା ଟାଣ ହେବ। ରୁଟି ସେକିବା ସମୟରେ ସବୁବେଳେ ମିଡିୟମ ଫ୍ଲେମ୍ ବ୍ୟବହାର କରନ୍ତୁ।

➤ରୁଟି ପ୍ରସ୍ତୁତ କରିବା ପରେ ଏହାକୁ ଷ୍ଟିଲ୍ ଡବାରେ ରଖନ୍ତୁ ନାହିଁ। ପ୍ରଥମେ ସୂତା କନାରେ ରୁଟିକୁ ଢାଙ୍କି ଦିଅନ୍ତୁ। ପୁଣି ଏହାକୁ କ୍ୟାସ୍‌ରୋଲ କିମ୍ବା ଏୟାର ଟାଇଟ୍ ଡବାରେ ରଖନ୍ତୁ। ଏହି ଉପାୟ ଦ୍ୱାରା ୬-୮ ଘଣ୍ଟା ପର୍ଯ୍ୟନ୍ତ ରୁଟି ମୁଲାୟମ ରହିବ।

## ଖରାଦିନେ ଗାର୍ଡେନର ଯତ୍ନ

ଫୁଲପ୍ରେମୀ ସବୁବେଳେ ଫୁଲଗଛର ଯତ୍ନନେବାକୁ ଭୁଲି ନ ଥାନ୍ତି, ସେ ଖରା ହେଉ କି ବର୍ଷା। ଏବେ ପ୍ରବଳ ଖରା ସାଙ୍ଗକୁ କୁଣ୍ଡରେ ଥିବା ଗଛଗୁଡ଼ିକ ଖରା ସହି ନ ପାରି ଝାଉଁଳି ପଡ଼ିଥାଏ। କିପରି କେଉଁ ସ୍ଥାନରେ ଗଛଗୁଡ଼ିକ ରଖିଲେ ଏହା ଭଲ ରହିବ ଜାଣନ୍ତୁ...



➔ଖରାଦିନରେ ମାଟିକୁ ଓଦାଳିଆ ରଖିବାକୁ ହେଲେ ଗଛ ମୂଳରେ କୋକୋପିଟ୍ ଦିଅନ୍ତୁ। ଫଳରେ ଯଦି ଆପଣ ଏଥିରେ ପାଣି ଦେବେ ତେବେ ଏହା ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ। ଏହା ଜଲ୍‌ଦି ଶୁଖି ନ ଥାଏ। ଏହାଦ୍ୱାରା ଗଛମୂଳରୁ ପାଣି ଜଲ୍‌ଦି ନ ଶୁଖି ଏହା ଫ୍ରେଶ୍ ଦେଖାଯାଏ।

➔ଯଦି ଆପଣଙ୍କୁ ବାହାରକୁ କୁଆଡ଼େ ଯିବାର ଥାଏ ଗଛରେ ଭଲଭାବେ ପାଣି ଦେଇ ଦିଅନ୍ତୁ, ଯେମିତି ଫୁଲ କୁଣ୍ଡରେ ପାଣି ଜଲ୍‌ଦି ଶୁଖିବନି। ଏହା ସହିତ ଗଛ ମୂଳରେ ଯେପରି ପାଣି ପ୍ରତିଦିନ ଟପ୍‌ଟପ୍ ହୋଇ ପଡ଼ିବ ସେ ବ୍ୟବସ୍ଥା କରନ୍ତୁ। ଫଳରେ ଗଛମୂଳରେ ପାଣି ଶୁଖିବନି ଏବଂ ଗଛ ମରିବନି, ଭଲ ରହିବ।

➔ଗଛକୁ ଅଧିକ ସୁରକ୍ଷିତ ରଖିବାକୁ ହେଲେ ଅସ୍ଥାୟୀ ସ୍ଥାନକୁ ଗଛକୁ ନେଇପାରିବେ। ଗଛକୁ ଛାଇ ହେଉଥିବା ସ୍ଥାନରେ ରଖନ୍ତୁ। ଗଛ ଉପରେ ଜାଲ କପଡ଼ା, ଛତା ଭଳି ଜିନିଷ ବ୍ୟବହାର କରନ୍ତୁ। ଅଧିକ ଖରା ହେଉ ନଥିବା ସ୍ଥାନରେ ଗଛକୁ ସୁରକ୍ଷିତ ରଖିପାରିବେ। ଯଦି ଆପଣ ନୂଆ ଗଛ ଲଗାଇବାକୁ ଚିନ୍ତା କରୁଛନ୍ତି ତେବେ ଏମିତି ଗଛ ଚୟନ କରନ୍ତୁ ଯାହା ଖରାରେ ନ ଶୁଖିଯାଉ। କମ୍ ପାଣି ଲାଗୁଥିବା ଏମିତି ଗଛ ଚୟନ କରନ୍ତୁ, ଯିଏକି କମ୍ ପାଣି ଆବଶ୍ୟକ କରୁଥିବ। ଏହା କମ୍ ଦେଖାଶୁଣାରେ ମଧ୍ୟ ଭଲ ରହିଥାଏ।



➔ଫୁଲଗଛରେ ସବୁବେଳେ ଅର୍ଗାନିକ ଖତ ପ୍ରୟୋଗ କରିପାରନ୍ତି। ଏହାଦ୍ୱାରା ଗଛଗୁଡ଼ିକ ହୃଷ୍ଟପୁଷ୍ଟ ହୋଇ ବଢ଼ିଥାଏ।

### ଖାଦ୍ୟରୁଚି

## ପୋହା କଟ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ:** ସିଝା ଆଳୁ ୨ରୁ ୩ଟି, ଭିଜା ହୋଇଥିବା ପୋହା ଅଧାକପ୍, ପିଆଜ ୨ଟି, କ୍ୟାପ୍‌ସିକମ୍ ଅଧାକପ୍, କଦ୍ଦୁକଶ କରାଯାଇଥିବା ଗାଜର ଅଳ୍ପ ପରିମାଣରେ, ଗ୍ରୀନ୍ ଚିଲି ଗୋଟେ, ଅଦା ୧/୨ଇଞ୍ଚ, ସ୍ୱାଦ ଅନୁସାରେ ଲୁଣ, ଜୀରା ପାଉଡର ଅଧା ଚାମଚ, ଧନିଆ ପାଉଡର ଅଧା ଚାମଚ ଏବଂ କଶ୍ମୀର ଚିଲି ପାଉଡର ୧ ଚାମଚ, ଗରମ ମସଲା ୧ ଚାମଚ, ଚାଟ୍ ମସଲା ୧/୨ ଚାମଚ, ଧନିଆପତ୍ର, କର୍ନଫ୍ଲୋର, ବ୍ରେଡ୍‌କମ୍ବ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସିଝା ଆଳୁରୁ ଚୋପା ଛଡ଼ାଇ ଗୋଟେ ବାଓଲରେ ରଖନ୍ତୁ, ସେଥିରେ ବତୁରାଯାଇଥିବା ପୋହାକୁ ଭଲଭାବେ ଚିପୁଡ଼ି ସାରିଲା ପରେ ଏହାକୁ ସେହି ପାତ୍ରରେ ପକାନ୍ତୁ। ଏବେ ଏଥିରେ କଟା ପିଆଜ, କ୍ୟାପ୍‌ସିକମ୍, ଗାଜର, କଞ୍ଚାଲଙ୍କା, ଧନିଆ ପାଉଡର, ଜୀରାପାଉଡର, ସ୍ୱାଦ ଅନୁସାରେ ଲୁଣ, ଗରମ ମସଲା, କଶ୍ମୀର ଚିଲି, ଧନିଆ ପତ୍ର ଆଦି ପକାଇ ଏହାକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏବେ ଏହାକୁ ହାତରେ ଛୋଟ ଛୋଟ ବାଟୁଳା କଲା ପରେ ହାତରେ ଟିକେ ଚାପି ଦିଅନ୍ତୁ। ବର୍ତ୍ତମାନ ଏହି ପୋହା କଟ୍ ଲେଟ୍‌କୁ କର୍ନଫ୍ଲୋରରେ ପକାଇ ବ୍ରେଡ୍‌କମ୍ବରେ ବୁଡ଼ାଇ ଗରମ ହୋଇଥିବା ତେଲରେ ଗୋଟିଗୋଟି ଛାଣନ୍ତୁ। ଏହାକୁ ଟମାଟୋ ସସ୍ ସହ ଲଗାଇ ଖାଇପାରିବେ।



## ପରଫ୍ୟୁମ୍ ଟିପ୍ସ

ପ୍ରଚଣ୍ଡ ଖରାରେ ଶରୀରରୁ ଝାଳ ବାହାରିବା କାରଣରୁ ଦୁର୍ଗନ୍ଧ ହୋଇଥାଏ। ଏହି ଦୁର୍ଗନ୍ଧରୁ ଶରୀରକୁ କିପରି ରକ୍ଷା କରିବେ ଜାଣନ୍ତୁ ଏ ସମ୍ପର୍କରେ...



ସବୁଠାରୁ ପ୍ରଥମ କଥା ହେଲା- ପରଫ୍ୟୁମକୁ ଯଦି ଆପଣ କପଡ଼ାରେ ନ ପକାଇ ଶରୀରରେ ପକାଇବେ ଏହା ଅଧିକ ସମୟ ପର୍ଯ୍ୟନ୍ତ ଏହାର ବାସ୍ନା ରହିଥାଏ।

➔ଏମିତି କିଛି ପରଫ୍ୟୁମ୍ ରହିଛି ଯାହା ଡ୍ରେସ୍ ଉପରେ ଦାଗ ପକାଇ ଦେଇଥାଏ। ଏଥିପାଇଁ ଭଲ ହେବ ପରଫ୍ୟୁମ୍‌କୁ ସିଧାସଳଖ ତ୍ୱଚାରେ ଲଗାନ୍ତୁ।

➔ଛାତିରେ ପରଫ୍ୟୁମ୍ ପକାଇବା ଦ୍ୱାରା ଏହା ଶରୀରର ଉପରିଭାଗରେ ସୁଗନ୍ଧ ଛାଡ଼ିଥାଏ। ପୂରା ଦିନ ହାଲ୍‌କା ହାଲ୍‌କା ବାସ୍ନା ଶରୀରରୁ ଆସିଥାଏ। ଏହି ଉପାୟ ସେଇମାନଙ୍କ ପାଇଁ ଯେଉଁମାନେ ଅଧିକ ସମୟ ପର୍ଯ୍ୟନ୍ତ ଫ୍ରେଶ୍ ଅନୁଭବ କରିବେ।

➔ଏମିତି କିଛି ସ୍ଥାନ ରହିଛି ଯେମିତିକି କହୁଣିର ଭିତର ପାଖ,ଆଣ୍ଠୁ ଭିତର ପାର୍ଶ୍ୱ ପରଫ୍ୟୁମ୍ ପକାଇବା ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ଏହାର ବାସ୍ନା ରହିଥାଏ।

➔ପରଫ୍ୟୁମ୍ ଲଗାଇବା ପୂର୍ବରୁ ସେହି ସ୍ଥାନରେ ମଶ୍ଚରାଇଜର ଲଗାନ୍ତୁ ତା' ପରେ ପରଫ୍ୟୁମ୍। ଏହାଦ୍ୱାରା ପରଫ୍ୟୁମ୍‌ର ବାସ୍ନା ଅଧିକ ସମୟ ପର୍ଯ୍ୟନ୍ତ ବଜାୟ ରହିବ।



ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମେ ୫/୨୦୨୬ Bhubaneswar, Tuesday, May 5/ 2026




# ମୁମ୍ବାଇର ସହଜ ବିଜୟ



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ରୋହିତ ଶର୍ମା।

**ମୁମ୍ବାଇ,୪।୫**

ରୋହିତ ଶର୍ମା ଓ ରିୟାନ ରିକଲଟନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଏବଂ ଶତକୀୟ ଭାଗୀଦାରି ବଳରେ ସୋମବାର ଅନୁଷ୍ଠିତ ଆଇପିଏଲ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୬ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ପରାସ୍ତ କରିଛି। ଲକ୍ଷ୍ନୌ ଦ୍ୱାରା ପ୍ରଦତ୍ତ ୨୨୯ ରନର ବିଶାଳ ଟାର୍ଗେଟକୁ ମୁମ୍ବାଇ ୧୮.୪ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ଟାର୍ଗେଟର ପିଛା କରିବା ଦୃଷ୍ଟିରୁ ଏହା ମୁମ୍ବାଇର ଅନ୍ୟତମ ବୃହତ ବିଜୟ। ଏହା ମୁମ୍ବାଇର ୩ୟ ବିଜୟ। ଏଥିଯୋଗୁ ଦଳ ୩ ବିଜୟ ଓ ୬ ପଏଣ୍ଟ ସହ ନବମ ସ୍ଥାନରେ ରହିଛି।

ଆରମ୍ଭରୁ ଜୋଶ ଇଙ୍ଗଲିସ(୧୩)ଙ୍କ ଉଇକେଟ ହରାଇଥିବା ଲକ୍ଷ୍ନୌ ପାଇଁ ମିଚେଲ ମାର୍ଶ ଓ ପୁରନ ଦ୍ୱିତୀୟ ଉଇକେଟରେ ୪୯ ବଲରେ ଦ୍ରୁତ ୯୪ ରନ ଯୋଡ଼ିଥିଲା। ପୁରନ ୨୧ ବଲରେ ୬୩ (୧ ଚୌକା ଓ ୮) ଓ ମାର୍ଶ ୨୫ ବଲରେ ୪୪ (୪ ଚୌକା ଓ ୩ ଛକା) ରନ କରି ଆଉଟ୍ ହୋଇଥିଲେ। ୮ ଓଭର ସୁଦ୍ଧା ୧୨୩/୧ ସ୍କୋର କରିଥିବା ଲକ୍ଷ୍ନୌ ୧୨.୧ ଓଭର ବେଳକୁ ୧୬୦ ରନରେ ୫ ଉଇକେଟ ହରାଇଥିଲା। ଏହିଠାରୁ ହିମତ ସିଂ ଓ ଏଡେନ ମାରକ୍ରମ ଷଷ୍ଠ ଉଇକେଟରେ ୪୭ ବଲରେ ୬୮ ରନର ପାର୍ଟନରଶିପ୍ କରି ଦଳୀୟ ସ୍କୋରକୁ ୨୨୮/୫ରେ ପହଞ୍ଚାଇଥିଲେ, ଯାହାକି ଚଳିତ ସିଜନରେ ଲକ୍ଷ୍ନୌର ସର୍ବାଧିକ ଦଳଗତ ସ୍କୋର। ହିମତ ୪୦ (୨ ଲେଖାଏ ଚୌକା ଓ ଛକା) ଓ ମାରକ୍ରମ ୩୧ (୧ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ। ମୁମ୍ବାଇ ପକ୍ଷରୁ କର୍ବିନ ବୋଶ୍ଚ ୨ ଉଇକେଟ ନେଇଥିଲେ। ଜବାବରେ ମୁମ୍ବାଇକୁ ରୋହିତ ଶର୍ମା ଓ ରିୟାନ ରିକଲଟନ ୧୦.୫ ଓଭରରେ ୧୪୩ ରନର ଶତକୀୟ ଆରମ୍ଭ ପ୍ରଦାନ କରିଥିଲେ। ରିକଲଟନ ୩୨ ବଲରେ ୮୩ (୬ ଚୌକା ଓ ୮ ଛକା) ଓ ରୋହିତ ୪୪ ବଲରେ ୮୪ (୬ ଚୌକା ଓ ୭ ଛକା) ରନ କରି ଆଉଟ୍ ହୋଇଥିଲେ। ଫଳରେ ମୁମ୍ବାଇ ୧୮.୪ ଓଭରରେ ୪ ଉଇକେଟରେ ୨୨୯ ରନ କରିଥିଲା। ଲକ୍ଷ୍ନୌ ପାଇଁ ମନିମାରନ ସିଦ୍ଧାର୍ଥ ୨ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୨୨୮/୫ (ନିକୋଲାସ ପୁରନ–୬୩, ମିଚେଲ ମାର୍ଶ–୪୪, ହିମତ ସିଂ–୪୦*, ୱିଲି ଜ୍ୟାକ୍ସ–୧/୩୪, କର୍ବିନ ବୋଶ୍ଚ–୨/୨୦)। ମୁମ୍ବାଇ ଇଣ୍ଡିଆନ୍ସ: ୧୮.୪ ଓଭରରେ ୨୨୯/୪ (ରୋହିତ ଶର୍ମା–୮୪, ରିୟାନ ରିକଲଟନ–୮୩, ମନିମାରନ ସିଦ୍ଧାର୍ଥ–୨/୪୭)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୯ | ୬ | ୨ | ୧ | ୧୩ | +୦.୮୫୫ |
| ରୟାଲ ଚ୍ୟାଲେଞ୍ଜର୍ସ | ୯ | ୬ | ୩ | ୦ | ୧୨ | +୧.୪୨୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୬ | ୪ | ୦ | ୧୨ | +୦.୬୪୪ |
| ରାଜସ୍ଥାନ ରୟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ ଟାଇଟନ୍ସ | ୧୦ | ୬ | ୪ | ୦ | ୧୨ | –୦.୧୪୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୪ | ୫ | ୦ | ୮ | +୦.୦୦୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୪ | ୫ | ୦ | ୮ | –୦.୮୯୫ |
| ନାଇଟ ରାଇଡର୍ସ | ୯ | ୩ | ୫ | ୧ | ୭ | –୦.୫୩୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୩ | ୭ | ୦ | ୬ | –୦.୬୪୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୨ | ୭ | ୦ | ୪ | –୧.୦୭୬ |

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଦିଲ୍ଲୀ ବନାମ ଚେନ୍ନାଇ
ସ୍ଥାନ: ନୂଆଦିଲ୍ଲୀ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ






TVS 3 YEAR WARRANTY
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: KISHORE TVS: 9778371171, BOLANGIR: RAJALAXMI TVS: 8260437538, BARGARH: SHUBHAMM TVS: 8860625628, ROURKELA: UNIQUE TVS: 8114372182, 8114372181, GURU GOBIND TVS: 9776280701, JHARSUGUDA: MARUTI TVS: 9124590071, 9124590070, SONEPUR: MINERVA TVS: 6370700730, 6370700732, BHAWANIPATNA: MAA BANJARI TVS: 8926220488, 8926242352, JUNAGARH: MAA BANJARI TVS: 9437939586, 7978323005. Authorised Dealers: BRAJRAJNAGAR: 9937077883, DEOGARH: 9437392892, MODIPARA: 9337016000, BAMRA: 9668005302 KUCHINDA: 9777189689, KANTAPALI: 9437096134, DHAMA: 7735079641, RAIRAKHOL: 9937503010 PATNAGARH: 9938621078, RAJ KHARIAR: 9439144433, KANTABANJI: 8596980487, GAISILAT: 7683848645 SAINTALA: 9861471371, BANGAMUNDA: 9937526500, TUSURA: 9437890955, UDANBANDH: 9437626855 LATHOR: 7008086417, TITILAGARH: 9776516666, BELPARA: 7008771977, BELPAHAR: 8249880971 NUAPARA: 9938098888, BARAGARH: 9938739550, ATTABIRA: 9583558398, PAIKAMAL: 9938119999 BHEDEN: 7008822177, GODBAGHA: 9438043220, DIPTIPUR: 9937119913, PADAMPUR: 8018570957 JAGADALPUR: 7974013864, AGALPUR: 8658048760, LAIKERA: 9938465363, BAGDEHI: 9438736989 RAJGANGPUR: 9437172724, KUTRA: 6370578102, BONAI: 9124187787, BADGAON: 9937060901 SABDEGA: 9583907310, SUNDARGARH: 7008604840, JALDA: 9437555007, DUNGRIPALLY: 9937926986 KANTAMAL: 7008225996, BIRMAHARAJPUR: 8018860710, BOUDH : 9668507569, BAUNSUNI: 9938312281 NARLA: 9437707650, KESINGA: 9437625573, CHARBAHAL: 9178236679, M. RAMPUR: 9078855864, SINAPALI: 9937906526 LADUGAON: 8594857691, DHARAMGARH: 9938883405, KALAMPUR: 7008516495.
dentsu/dha sam/04/26

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ Business queries: <advt@dharitri.com>